ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୬/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, December 26/2023 | Page 16 | ₹ 7.00
୫୦ଶ ଭାଗ ୩୩ ସଂଖ୍ୟା | www.orissaksshabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 33 | ମୂଲ୍ୟ ₹୭/-



ବଡ଼ଦିନ ଛୁଟି ଅବସରରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ୩ ନୂଆ କ୍ରିମିନାଲ ବିଲ୍‌କୁ ରାଷ୍ଟ୍ରପତିଙ୍କ ମୋହର

## ଆଇନରେ ପରିଣତ ହେଲା

ନୂଆଦିଲ୍ଲୀ, ୨୫।୧୨




ଗତ ସପ୍ତାହରେ ପାର୍ଲାମେଣ୍ଟର ଉଭୟ ସଦନରେ ପାରିତ ହୋଇଥିବା ୩ ନୂଆ କ୍ରିମିନାଲ ବିଲ୍ ଯଥା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମକୁ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୋହର ମାରିଛନ୍ତି। ଫଳରେ ଏହା ଆଇନରେ ପରିଣତ ହୋଇଛି। ବ୍ରିଟିଶ୍ ଅମଳରୁ ପ୍ରଚଳିତ ଆପରାଧିକ ଆଇନ ଇଣ୍ଡିଆନ ପେନାଲ କୋଡ୍ (ଆଇପିସି), କୋଡ୍ ଅଫ୍ କ୍ରିମିନାଲ ପୋସିଜିଓର (ସିଆର୍‌ପିସି) ଏବଂ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ପରିବର୍ତ୍ତେ ଏହି ୩ ଆଇନ ଅଣାଯାଇଛି। ଏଥିରେ ଭିଡ଼ହିଂସା, ଆତଙ୍କବାଦ ଏବଂ ଜାତୀୟ ସୁରକ୍ଷା ପ୍ରତି ଅପରାଧ ଭଳି ଅପରାଧରେ ଦଣ୍ଡକୁ ବଢ଼ାଇ ଦିଆଯାଇଛି।

ଗତ ୨୦ ତାରିଖ ଲୋକ ସଭା ଏବଂ ୨୧ ତାରିଖରେ ରାଜ୍ୟ ସଭାରେ ଦୁଇତୃତୀୟାଂଶ ବିରୋଧୀ ଏମ୍‌ପିଙ୍କ ଅନୁପସ୍ଥିତିରେ ଶାସକ ଓ ପରୋକ୍ଷରେ ସହଯୋଗ କରୁଥିବା ଅନ୍ୟ କେତୋଟି ଦଳର ସମର୍ଥନରେ ବିଲ୍‌ଗୁଡ଼ିକୁ ଗୃହୀତ କରାଯାଇଥିଲା। ବିଲ୍‌ଗୁଡ଼ିକୁ ପ୍ରଶଂସା କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ନୂଆ ଯୁଗର ଆରମ୍ଭ ହୋଇଥିବା କହିଥିଲେ। ଭାରତର ନାଗରିକଙ୍କୁ ସମୟସୀମା ମଧ୍ୟରେ ନ୍ୟାୟ ଦେବା ଲକ୍ଷ୍ୟରେ ଏବଂ ସେମାନଙ୍କ ମାନବାଧିକାରର ସୁରକ୍ଷା ଦେବା ନିମନ୍ତେ ଉପରୋକ୍ତ ୩ ବିଲ୍ ଅଣାଯାଇଥିବା ଶାହା କହିଥିଲେ।

ଆଇପିସିରେ ୫୧୧ଟି ଦଫା ଥିବାବେଳେ ଏହା ବଦଳରେ ଅଣାଯାଇଥିବା ଭାରତୀୟ ନ୍ୟାୟ ସଂହିତାରେ ୩୫୮ଟି ଦଫା ରହିଛି। ୨୦ଟି ନୂଆ ଦଫା ଯୋଡ଼ାଯାଇଛି। ୩୩ଟି ଦଫାର ଜେଲଦଣ୍ଡର ଅବଧି ବଢ଼ାଯାଇଥିବାବେଳେ ୮୩ଟିରେ ଜରିମାନା ପରିମାଣ ବଢ଼ାଯାଇଛି। ସେହିପରି ୨୩ଟି ଅପରାଧ ନିମନ୍ତେ ସର୍ବନିମ୍ନ ଦଣ୍ଡକୁ ବାଧ୍ୟତାମୂଳକ କରାଯାଇଛି। ୬ଟି ଅପରାଧ ନିମନ୍ତେ ଦଣ୍ଡ ଭାବେ ଗୋଷ୍ଠୀ ସେବା କରିବାକୁ ଏହି ନୂଆ ଆଇନରେ ବ୍ୟବସ୍ଥା କରାଯାଇଛି। ୧୯ଟି ଦଫାକୁ ବିଲ୍‌ରୁ ବାଦ୍ ଦିଆଯାଇଛି।

ସେହିପରି ୪୮୪ଟି ଦଫା ବିଶିଷ୍ଟ ସିଆର୍‌ପିସି ପରିବର୍ତ୍ତେ ଅଣାଯାଇଥିବା ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ୫୩୧ଟି ଦଫା ରହିଛି। ମୋଟ ୧୭୭ଟି ପ୍ରୋଭିଜନକୁ ପରିବର୍ତ୍ତନ କରାଯାଇଥିବାବେଳେ ୯ଟି ନୂଆ ଦଫା ଯୋଡ଼ାଯାଇଛି। ସେହିପରି ୩୯ଟି ନୂଆ ଉପ ଦଫା ସାମିଲ କରାଯାଇଛି। ୧୪ଟି ଦଫାକୁ ବିଲ୍‌ରୁ ହଟାଇ ଦିଆଯାଇଛି। ଅନ୍ୟପକ୍ଷରେ ଭାରତୀୟ ସାକ୍ଷ୍ୟ ଅଧିନିୟମରେ ୧୭୦ଟି ପ୍ରୋଭିଜନ ☞ ପୃଷ୍ଠା-୪

# ରାଉରକେଲା ପରେ ବଲାଙ୍ଗୀର

## ଝାଡ଼ାବାନ୍ତିରେ ୨ ମୃତ

ଭୁବନେଶ୍ୱର/ କଣ୍ଟାବାଞ୍ଜି, ୨୫।୧୨
(ଅସମାପିକା ସାହୁ/ଗୁରୁଦୟାଲ୍ ହଂସ)

ରାଉରକେଲା ପରେ ଏବେ ବଲାଙ୍ଗୀରରେ ଝାଡ଼ାବାନ୍ତି ଆତଙ୍କ ଦେଖାଯାଇଛି। ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରେ ଝାଡ଼ାବାନ୍ତିରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଏନେଇ ବଲାଙ୍ଗୀର ଜିଲା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. କୁବେର ଚନ୍ଦ୍ର ମହନ୍ତ ସୂଚନା ଦେଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଓ ଜଣେ ପୁରୁଷ ଥିବା ଜଣାପଡ଼ିଛି। ମୃତକ ହେଲେ ଟିଟିଲାଗଡ଼ ବ୍ଲକ ପୁଡାପଦର ଗାଁର ମୀରା ସାହୁ ଏବଂ ମୁରିବାହାଲ ବ୍ଲକ ମାଲିବାହାଲ ଗାଁର ସନ୍ତୋଷ ମାଝୀ।

ସୂଚନାନୁସାରେ, କଣ୍ଟାବାଞ୍ଜି ନିକଟସ୍ଥ ବିଭିନ୍ନ ଗାଁର ୬ ଜଣ ରୋଗୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କଣ୍ଟାବାଞ୍ଜି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ମୀରାଙ୍କ ରବିବାର ରାତିରେ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା।



ଟିଟିଲାଗଡ଼ ଉପଜିଲାପାଳ ଦୟାମୟ ପାଢ଼ୀ କଣ୍ଟାବାଞ୍ଜି ମେଡିକାଲରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

ସନ୍ତୋଷଙ୍କୁ ସୋମବାର ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବାବେଳେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଛି। ମୃତକଙ୍କ ପରିବାର ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବାବେଳେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆଉ ୨ ଜଣ ଚିକିତ୍ସାଧୀନ ଥିବା ବେଳେ ଅନ୍ୟ ୨ଜଣ ସୁସ୍ଥ ହୋଇ ଘରକୁ ଫେରିଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ରୋଗୀମାନେ ଡାଇରିଆ ଯୋଗୁ ଭର୍ତ୍ତି ହୋଇଥିବା ଡାକ୍ତର କହିଛନ୍ତି। ସୋମବାର ଅପରାହ୍ନରେ ଝାଡ଼ାବାନ୍ତିର ଶିକାର ହୋଇଥିବା ଜଣେ ଛୋଟ ପିଲା ମେଡିକାଲରେ ଭର୍ତ୍ତି ହୋଇଛି। କଣ୍ଟାବାଞ୍ଜି ଅଞ୍ଚଳର ବିଭିନ୍ନ ଗାଁରେ ଏଭଳି ଡାଇରିଆ ହେଉଥିବା ଅଭିଯୋଗ ଆସିଛି। ସେଥିପାଇଁ ଏକ ଟିମ୍ କଣ୍ଟାବାଞ୍ଜି ଡାକ୍ତରଖାନାକୁ ଆସି ଅନୁଧ୍ୟାନ କରିଛନ୍ତି। କଣ୍ଟାବାଞ୍ଜି ଡାକ୍ତରଖାନାରେ ଜିଲା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କୁବେର ଚନ୍ଦ୍ର ମହନ୍ତ, ଉପଜିଲାପାଳ ଟିଟିଲାଗଡ଼ ଦୟାମୟ ପାଢ଼ୀ, କଣ୍ଟାବାଞ୍ଜି ତହସିଲଦାର ରତନଲାଲ ମୁଣ୍ଡା, ମେଡିକାଲ ଅଫିସର ରାକେଶ ପଣ୍ଡିତ, କଣ୍ଟାବାଞ୍ଜି ସହରାଞ୍ଚଳର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ତୁରେକେଲା ସିଡିପିଓ ତଥା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ, ମୁରିବାହାଲ ଗ୍ରାମାଞ୍ଚଳ କନିଷ୍ଠ ଯନ୍ତ୍ରୀଙ୍କୁ ନେଇ ଏହି ଟିମ୍ ସମୀକ୍ଷା ବୈଠକ କରି ତଦାରଖ କରିଛି।

ସୂଚନାଯୋଗ୍ୟ, ରାଉରକେଲାରେ ଝାଡ଼ାବାନ୍ତିରେ ଏ ପର୍ଯ୍ୟନ୍ତ ୧୫ଜଣଙ୍କ ମୃତ୍ୟୁ ଘଟିସାରିଲାଣି। ୧୪୦୦ରୁ ଅଧିକ ଆକ୍ରାନ୍ତ ହୋଇ ବିଭିନ୍ନ ମେଡିକାଲ ଓ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ରାଉରକେଲାର ଛେଣ୍ଡ କଲୋନୀଠୁ ଆରମ୍ଭ କରି ସିଭିଲ୍ ଟାଉନଶିପ୍, ପାନପୋଷରୁ କୋଏଲ ନଗର ସବୁଠି ସ୍ଥିତି ଗମ୍ଭୀର ରହିଛି। ରାଉରକେଲାର ଚିନ୍ତା କମି ନ ଥିବା ବେଳେ ବଲାଙ୍ଗୀରରେ ଝାଡ଼ାବାନ୍ତିଜନିତ ମୃତ୍ୟୁ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ାଇଦେଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ଝାଡ଼ାବାନ୍ତିରେ ☞ ପୃଷ୍ଠା-୪

# ଆଜିଠୁ ରାଉରକେଲାରୁ କୋଲକାତା ସିଧାସଳଖ ବିମାନ ସେବା

ଭୁବନେଶ୍ୱର, ୨୫।୧୨
(ଅସମାପିକା ସାହୁ)

ରାଉରକେଲାରୁ କୋଲକାତାକୁ ସିଧାସଳଖ ବିମାନସେବା ମଙ୍ଗଳବାର ଆରମ୍ଭ ହେବ। ଆଲାଏନ୍ସ ଏୟାର ପକ୍ଷରୁ ଏହି ସେବା ପ୍ରଦାନ କରାଯିବ। ସପ୍ତାହକୁ ମଙ୍ଗଳବାର, ଗୁରୁବାର ଏବଂ ଶନିବାର ୩ଦିନ ଏହି ବିମାନ ଚଳାଚଳ ☞ ପୃଷ୍ଠା-୪

ଆଜିର ସମ୍ପାଦକୀୟ
ମହାକାଶ: ବର୍ଜ୍ୟର ଭଣ୍ଡାର




# ବିଷ ପିଇ ଭାଗଚାଷୀଙ୍କ ଆତ୍ମହତ୍ୟା

## ଧାନ ଫସଲ ନଷ୍ଟ କରିଦେଇଥିଲେ ହାତୀ

କୁଚିଣ୍ଡା, ୨୫।୧୨ (ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ କତରକେଲା ଗ୍ରାମର ବୀରବଲ ଦାସ(୪୬) ନାମକ ଜଣେ ଭାଗଚାଷୀ ହାତୀପଲ ଦ୍ୱାରା ଫସଲ ନଷ୍ଟ ହେବା ଦେଖି ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲା ଭିମ୍‌ସାର ମେଡିକାଲରେ ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ, ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକ କତରକେଲା ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାସହ ସରକାର ତୁରନ୍ତ ତାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି

କତରକେଲା ଗ୍ରାମର ଭୂମିହୀନ ବୀରବଲ ଚଳିତବର୍ଷ ଋଷଭ ଭୋଇଙ୍କ ୧ଏକର ଜମିରେ ଧାରକରଜ କରି ଭାଗଚାଷ କରିଥିଲେ। ଆଉ ମାତ୍ର ୨/୪ ଦିନରେ ଅମଳ କରିଥାନ୍ତେ। ବାମରା ବନ୍ୟପ୍ରାଣୀ ଡିଭିଜନ ଜମନକିରା ରେଞ୍ଜ କତରକେଲା ଅଞ୍ଚଳରେ ହାତୀପଲ ଧାନ ଫସଲ ନଷ୍ଟ କରୁଥିବାରୁ ☞ ପୃଷ୍ଠା-୪

# ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ବାଟାଲିୟନ

## ସ୍ୱତନ୍ତ୍ର ତାଲିମପ୍ରାପ୍ତ ସୁରକ୍ଷା କର୍ମୀଙ୍କ ହାତରେ ରହିବ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫।୧୨
(ଅନିଲ ଦାସ)

ଶ୍ରୀଜଗନ୍ନାଥ ମନ୍ଦିର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ସୁରକ୍ଷା ବାଟାଲିୟନ ଗଠନ କରାଯିବ। ଏହି ବାଟାଲିୟନ ଶ୍ରୀମନ୍ଦିର ସୁରକ୍ଷା ସମେତ ଜନସମାବେଶକୁ ପରିଚାଳନା କରିବା ଏବଂ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନଙ୍କ ଦର୍ଶନକୁ ସୁଗମ କରିବା ପାଇଁ କାର୍ଯ୍ୟ କରିବ। ସ୍ୱତନ୍ତ୍ର ବାଟାଲିୟନ ଗଠନ ପ୍ରସ୍ତାବକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିଭିନ୍ନ ସଂଗଠନ ଓ ସଂସ୍ଥା ସହ ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ଏହି ସ୍ୱତନ୍ତ୍ର ସୁରକ୍ଷା ବାଟାଲିୟନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ପୁରୀ ଶ୍ରୀମନ୍ଦିରକୁ ପୂର୍ଣ୍ଣ ମାତ୍ରାରେ ସୁରକ୍ଷା ଯୋଗାଇବା ସହ ଜନସମାବେଶକୁ ପରିଚାଳନା କରିବା ଏବଂ ଭକ୍ତମାନେ ଯେପରି ମହାପ୍ରଭୁଙ୍କ ଦର୍ଶନ ଶୃଙ୍ଖଳିତ ଭାବେ କରିପାରିବେ ସେସବୁର ଭାର ବାଟାଲିୟନ ଉପରେ ରହିବ। ଶ୍ରୀମନ୍ଦିର ସୁରକ୍ଷା ହେବ ବାଟାଲିୟନର ପ୍ରାଥମିକତା। ଶ୍ରୀମନ୍ଦିରକୁ ଯେପରି କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇ ପାରିବ ବାଟାଲିୟନ ଉପରେ ଏହାର ଗୁରୁ ଦାୟିତ୍ୱ ରହିବ। ☞ ପୃଷ୍ଠା-୪





ନର୍ଲା ବିଧାୟକ ଭୂପିନ୍ଦର ସିଂହ ପଡ଼ି ଯାଉଛନ୍ତି।

# ବ୍ୟାଟିଂ କରିବାକୁ ଯାଇ ପଡ଼ିଗଲେ ବିଧାୟକ

ଭବାନୀପାଟଣା, ୨୫।୧୨
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ବେଲଖଣ୍ଡିଠାରେ କ୍ରିକେଟ ଟୁର୍ନାମେଣ୍ଟକୁ ସୋମବାର ଉଦ୍‌ଘାଟନ କରିବାକୁ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂହ ଯାଇଥିଲେ। ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ନିଜେ ବ୍ୟାଟିଂ କରୁଥିଲେ। ଏହି ସମୟରେ ପଡିଯାଇ ସେ ଆହତ ହୋଇଛନ୍ତି। ବିଧାୟକଙ୍କ ମୁଣ୍ଡରେ ଆଘାତ ଲାଗିଛି। ତାଙ୍କୁ ଚିକିତ୍ସା ପାଇଁ କେସିଙ୍ଗା ଡାକ୍ତରଖାନା ପଠାଯାଇଛି।





ନିଜର ୩୨ତମ ଜନ୍ମଦିନ ପାଳନ ପରେ ହାସ୍ୟାଭିନେତା ନୀଲ୍ ନନ୍ଦଙ୍କ ପରଲୋକ ଘଟିଛି। ତାଙ୍କ ମ୍ୟାନେଜର ଗ୍ରେଗ୍ ୱେଇସ୍ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ତେବେ ତାଙ୍କ ମୃତ୍ୟୁର କାରଣ ସମ୍ପର୍କରେ କିଛି କୁହାଯାଇ ନାହିଁ। ଲସ୍ ଏଞ୍ଜେଲସ୍‌ର ଏହି ଷ୍ଟାଣ୍ଡଅପ୍ କମେଡିଆନ୍‌ଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସେ ଜଣେ ବିଚକ୍ଷଣ ହାସ୍ୟାଭିନେତା ଓ ଭଲ ଲୋକ ଥିଲେ ବୋଲି ଗ୍ରେଗ୍ କହିଛନ୍ତି।

## ସଂକ୍ଷେପରେ

### ଦେଶରେ ୬୩ ଜେଏନ୍.୧ ମାମଲା

**ନୂଆଦିଲ୍ଲୀ,୨୫।୧୨(ପି.ଟି.):** ଭାରତରେ କୋଭିଡ୍-୧୯ର ସବ୍‌ଭାରିଆଣ୍ଟ ଜେଏନ୍.୧ ସଂକ୍ରମିତଙ୍କ ସଂଖ୍ୟା ରବିବାର ସୁଦ୍ଧା ୬୩ରେ ପହଞ୍ଚିଛି। ସେଥିରୁ କେବଳ ଗୋଆରେ ୩୪ ଜଣ ଏହି ଭାରିଆଣ୍ଟରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ମହାରାଷ୍ଟ୍ରରେ ୯ ଜେଏନ୍.୧ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କର୍ଣ୍ଣାଟକରେ ୮, କେରଳରେ ୬, ତାମିଲନାଡୁରେ ୪ ଏବଂ ତେଲଙ୍ଗାନାରେ ୨ ଜଣ ଏହି ଭାରିଆଣ୍ଟରେ ସଂକ୍ରମିତ ହୋଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ବୈଜ୍ଞାନିକମାନେ ନୂଆ ଭାରିଆଣ୍ଟ ଉପରେ ଅନୁଧ୍ୟାନ ଚଳାଇଛନ୍ତି। ରାଜ୍ୟଗୁଡ଼ିକ କୋଭିଡ୍ ପରୀକ୍ଷା ବଢ଼ାଇବା ସହ ସର୍ଭିଲାନ୍ସ ବ୍ୟବସ୍ଥାକୁ ଜୋର୍‌ଦାର କରିବାକୁ ନୀତି ଆୟୋଗ ସଦସ୍ୟ(ସ୍ୱାସ୍ଥ୍ୟ) ଭି.କେ. ପଲ୍ ଗତ ସପ୍ତାହରେ କହିଥିଲେ। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୬୨୮ ନୂଆ କୋଭିଡ୍ ସଂକ୍ରମିତ ଚିହ୍ନଟ ହେବା ସହ ସକ୍ରିୟ ମାମଲା ସଂଖ୍ୟା ୪,୦୫୪କୁ ବୃଦ୍ଧି ପାଇଛି।

### ଘନ କୁହୁଡ଼ି:ପରସ୍ପରକୁ ଧକ୍କାଦେଲେ ୧୨ କାର୍

**ନୂଆଦିଲ୍ଲୀ,୨୫।୧୨:** ସୋମବାର ସକାଳେ ଘନ କୁହୁଡ଼ି ଯୋଗୁ ନୂଆଦିଲ୍ଲୀଠାରୁ ୮୬ କିଲୋମିଟର ଦୂର ଉତ୍ତରପ୍ରଦେଶର ହାପୁର-ବୁଲନ୍ଦସହର ରାଜପଥରେ ସିରିଜ୍ ଦୁର୍ଘଟଣା ଘଟିଛି। ୧୨ରୁ ଅଧିକ କାର୍ ପରସ୍ପରକୁ ଧକ୍କାଦେବା ଫଳରେ ଅନେକେ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛନ୍ତି। ହାଫିଜପୁର କୋଟ୍‌ୱାଲି ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ଜରୁରୀ ସେବା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ହସ୍ପିଟାଲ ନେଇଥିଲେ। ଉତ୍ତର ଭାରତରେ ପ୍ରବଳ ଶୀତଲହରି ଜାରି ରହିଥିବାବେଳେ ସୋମବାର ସକାଳେ ଅଧିକାଂଶ ଅଞ୍ଚଳ କୁହୁଡ଼ିର ଘନ ଆସ୍ତରଣରେ ଆବୃତ୍ତ ହୋଇ ରହିଥିଲା।

### ଅଭିନେତା କମାଲ ଖାନ୍ ଗିରଫ

**ମୁମ୍ବାଇ,୨୫।୧୨:** ୨୦୧୬ର ଏକ ମାମଲାରେ ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା କମାଲ ଆର୍ ଖାନ୍‌ଙ୍କୁ ସୋମବାର ଗିରଫ କରାଯାଇଛି। ସେ ଦୁବାଇ ଯାଉଥିବାବେଳେ ପୋଲିସ୍ ତାଙ୍କୁ ମୁମ୍ବାଇ ବିମାନବନ୍ଦରରୁ ଗିରଫ କରିଛି। ଟାଇଗର-୩ ଫିଲ୍ମ ତାଙ୍କ ପାଇଁ ଫ୍ଲପ୍ ହେଲା ବୋଲି ଅଭିନେତା ସଲ୍‌ମାନ ଖାନ୍ ଅଭିଯୋଗ ଆଣିଥିଲେ। ଥାନାରେ କିମ୍ବା ଜେଲରେ ଯଦି ତାଙ୍କର ମୃତ୍ୟୁ ଘଟେ ତେବେ ତାହାକୁ ସମସ୍ତେ ହତ୍ୟାକାଣ୍ଡ ଭାବେ ଗ୍ରହଣ କରିବାକୁ କମାଲ କହିଛନ୍ତି। ଗତବର୍ଷ ୨ଟି ଅଭିଯୋଗରେ କମାଲ ଦୁଇଥର ଗିରଫ ହୋଇଥିଲେ।



# ଇସ୍ରାଏଲ୍ ଆକ୍ରମଣରେ ୧୦୬ ମୃତ

## ଖ୍ରୀଷ୍ଟମାସ୍ ଖୁସିରୁ ପାଲେଷ୍ଟିନୀୟ ବଞ୍ଚିତ

**ଜେରୁଜେଲମ୍/ଡେଇର୍ ଅଲ୍-ବଲାହ,୨୫।୧୨**

ହମାସ୍ ଆତଙ୍କବାଦୀଙ୍କ ଆକ୍ରମଣରେ ଇସ୍ରାଏଲ୍‌ର ୧୫ ସୈନ୍ୟ ନିହତ ହେବା ପରେ ଜେରୁଜେଲମ୍ ଆକ୍ରମଣକୁ ଆହୁରି ଜୋର୍‌ଦାର କରିଛି। ରବିବାର ରାତିରେ ଇସ୍ରାଏଲୀ ସେନାର ବୋମାମାଡ଼ରେ ୧୦୬ ଜଣଙ୍କ ମୃତ୍ୟୁ ଘଟିଛି। ଗାଜାର ଡେଇର୍ ଅଲ୍-ବଲାହ ନିକଟରେ ହୋଇଥିବା ଆକ୍ରମଣରେ ୬୮ ଜଣ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରେ ୧୨ ଜଣ ମହିଳା ହୋଇଥିବାବେଳେ ୭ ଶିଶୁ ଅଛନ୍ତି। ଏହା ବ୍ୟତୀତ ଦକ୍ଷିଣ ଗାଜାର ଖାନ୍ ୟୁନିସ୍‌ରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍‌ରେ ୨୩ ଜଣ ନିହତ ହୋଇଛନ୍ତି। ସୈନ୍ୟଙ୍କ ମୃତ୍ୟୁର ବଡ଼ ମୂଲ୍ୟ ଦେବାକୁ ପଡ଼ିବ ବୋଲି ଇସ୍ରାଏଲ୍ କହିଛି। ଡେଇର୍ ଅଲ୍-ବାଲାହ ପୂର୍ବ ଭାଗରେ ଥିବା ମାଘାଜି ଶରଣାର୍ଥୀ ଶିବିର ଉପରେ ବୋମାମାଡ଼ ଯୋଗୁ ଶିଶୁଙ୍କ ସମେତ ଅନେକ ମୃତାହତ ହୋଇଛନ୍ତି। ଗାଜାର ଆଉ କୌଣସି ସ୍ଥାନ



ନିରାପଦ ନୁହେଁ। ଇସ୍ରାଏଲ୍ ସୈନ୍ୟଙ୍କ ଟାର୍ଗେଟରେ ସମସ୍ତେ ରହିଥିବା ଅହମଦ ଟୁରୋକମନି ନାମକ ଜଣେ ସ୍ଥାନୀୟ ବ୍ୟକ୍ତି କହିଛନ୍ତି। ସେ ତାଙ୍କ ପରିବାରର ବହୁ ସଦସ୍ୟଙ୍କୁ ଆକ୍ରମଣରେ ହରାଇଛନ୍ତି। ଖ୍ରୀଷ୍ଟମାସର ପୂର୍ବ ରାତି ଆତଙ୍କରେ ଭରିଯାଇଥିଲା। ବୋମାମାଡ଼ରେ ଆକାଶ ଧୂଆଁମୟ ହୋଇଯାଇଥିଲା। ଇସ୍ରାଏଲ୍ ବୋମାମାଡ଼ ଜାରି ରଖିଥିବାରୁ ଖ୍ରୀଷ୍ଟମାସରେ ସେମାନେ ଖୁସି ଅନୁଭବ କରୁ ନ ଥିବା ପାଲେଷ୍ଟିନୀୟମାନେ କହିଛନ୍ତି। ଆକ୍ରମଣରେ ଗାଜାର ୨୦,୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଯୁଦ୍ଧ କେବେ ଶେଷ ହେବ ତାହା କହିହେଉ ନାହିଁ। ଏପରିକି ଯିଶୁଙ୍କ ଜନ୍ମସ୍ଥାନ ୱେଷ୍ଟବ୍ୟାଙ୍କର ବେଥଲେହାମ୍ ସହରରେ ମଧ୍ୟ ଉତ୍ସବ ପାଳନ ହୋଇନାହିଁ। ସେଠାରେ ଖୁବ୍ କମ୍ ସଂଖ୍ୟାରେ ଉପାସକ ଏବଂ ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳିଛି। ସବୁବର୍ଷ ଖ୍ରୀଷ୍ଟମାସରେ ସେଠାରେ ପ୍ରବଳ ଗହଳି ହୋଇଥାଏ। ଚଳିତ ବର୍ଷ ଇସ୍ରାଏଲ୍ ଆକ୍ରମଣ ଯୋଗୁ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଭୟରେ ସେଠାକୁ ଆସି ନାହାନ୍ତି। ଫଳରେ ହୋଟେଲ, ରେଷ୍ଟୁରାଣ୍ଟଠାରୁ ଆରମ୍ଭ କରି ଦୋକାନବଜାର ଖାଁଖାଁ। ଖ୍ରୀଷ୍ଟମାସରେ ବେଥ୍‌ଲେହାମ ବନ୍ଦ ରହିବା ଦୁଃଖଦାୟକ ବୋଲି ସେଠାର ଏକ ହୋଟେଲ ମାଲିକ ଜୋଏ କାନାଭଟି କହିଛନ୍ତି।

### ଜୀବନକାଳକୁ ଆକଳନ କରିପାରିବ ଏଆଇ ମଡେଲ




**ନୂଆଦିଲ୍ଲୀ,୨୫।୧୨(ପି.ଟି.)**

ଗବେଷକମାନେ ଏଭଳି ଏକ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପକରଣ ବିକଶିତ କରିଛନ୍ତି, ଯାହା ମାନବର ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି ଓ ଆୟ ସମ୍ପର୍କିତ ଇତିହାସ ସମ୍ପର୍କରେ ଜଣାଇଦେବ। ଜଣେ ବ୍ୟକ୍ତିର ସମଗ୍ର ଜୀବନର ସବୁକିଛି ଏହା ପୂର୍ବାନୁମାନ କରିପାରିବ ବୋଲି ଗବେଷକମାନେ ଦାବି କରିଛନ୍ତି। ଚାଟ୍‌ଜିପିଟି ଭଳି ବୃହତ୍ ଭାଷା ମଡେଲ (ଏଲ୍‌ଏଲ୍‌ଏମ୍)କୁ ଚଳାଉଥିବା ଟ୍ରାନ୍ସଫର୍ମର ମଡେଲ୍‌କୁ ବ୍ୟବହାର କରି ଉକ୍ତ ଏଆଇ ମଡେଲ ପ୍ରସ୍ତୁତ ହୋଇଛି। ଲାଇଫ୍ ୨ଭିଇସି ନାମରେ ଏହି ଉପକରଣକୁ ଡେନ୍‌ମାର୍କର ମୋଟ ଜନସଂଖ୍ୟା ସମ୍ପର୍କିତ ତଥ୍ୟ ଶିକ୍ଷାଦିଆଯାଉଛି। ଏହା ଠିକ୍ ଭାବେ ଜଣେ ବ୍ୟକ୍ତିଙ୍କ ଭବିଷ୍ୟତ ବତାଇପାରିବ। ଭବିଷ୍ୟ ଆକଳନ ସମେତ ଭବିଷ୍ୟତର କାର୍ଯ୍ୟ ପାଇଁ ଏହାକୁ ଆଧାର ଭାବେ ବ୍ୟବହାର କରାଯାଇପାରିବ ବୋଲି ଗବେଷକ କହିଛନ୍ତି। ତେବେ ଏହାକୁ ଲୋକଙ୍କ ଜୀବନୀ ଉପରେ ଆକଳନ ପାଇଁ ବ୍ୟବହାର କରାଯିବା ଉଚିତ ନୁହେଁ ବୋଲି ଆମେରିକା ନର୍ଥଇଷ୍ଟର୍ନ ୟୁନିଭର୍ସିଟିର ପ୍ରଫେସର ଟିନା ଏଲିଆସି ରେଡ୍ କହିଛନ୍ତି। କାରଣ ଏକ ନିର୍ଦ୍ଦିଷ୍ଟ ଜନସଂଖ୍ୟାର ନିର୍ଦ୍ଦିଷ୍ଟ ତଥ୍ୟ ଆଧାରରେ ଉକ୍ତ ମଡେଲ ପୂର୍ବାନୁମାନ କରୁଛି, ଯାହା ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ହୋଇ ନ ପାରେ। ଉକ୍ତ ଉପକରଣ ନିର୍ମାଣ ପ୍ରକ୍ରିୟାରେ ସାମାଜିକ ବିଜ୍ଞାନୀଙ୍କୁ ସାମିଲ କରାଗଲେ ଏହା ଅଧିକ ମାନବକୈନ୍ଦ୍ରିକ ହୋଇପାରନ୍ତା ବୋଲି ସେ ମତ ଦେଇଛନ୍ତି।

## ୨୮ ନୂଆ ମନ୍ତ୍ରୀ ଶପଥ ନେଲେ

### ମଧ୍ୟପ୍ରଦେଶ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

**ଭୋପାଳ,୨୫।୧୨**

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ସୋମବାର ତାଙ୍କ କ୍ୟାବିନେଟ୍‌କୁ ସମ୍ପ୍ରସାରଣ କରିଛନ୍ତି। ୨୮ ଭାଜପା ଏମ୍‌ପି ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ୧୮ ଜଣ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଥିବାବେଳେ ୬ ଜଣ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବଂ ୪ ଜଣ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଶପଥ ନେଇଥିବା ମନ୍ତ୍ରୀମାନଙ୍କ ମଧ୍ୟରେ ଅଛନ୍ତି ପ୍ରହ୍ଲାଦ ପଟେଲ, କୈଳାସ ବିଜୟଭର୍ଗୀୟ, ସମ୍ପତିଆ ଉଇକେ, ତୁଳସୀରାମ ସିଲାୱତ୍, ଐଦଲ ସିଂ କାନ୍‌ସାନା, ଗୋବିନ୍ଦ ସିଂ ରାଜପୁତ୍, ବିଶ୍ୱାସ ସାରଙ୍ଗ, ବିଜୟ ଶାହ, କରନ ସିଂ ବର୍ମା, ରାକେଶ ସିଂ ଏବଂ ଉଦୟ ପ୍ରତାପ ସିଂ। ରାଜ୍ୟପାଳ ମଙ୍ଗୁଭାଇ ପଟେଲ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ପୂର୍ବରୁ ମୁଖ୍ୟମନ୍ତ୍ରୀ ଯାଦବଙ୍କ ସହ ରାଜେନ୍ଦ୍ର ଶୁକ୍ଳା ଏବଂ ଜଗଦୀଶ ଦେଭଡ଼ା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭାରେ ଭାଜପା ୧୬୩ ଆସନରେ ବିଜୟୀ ହୋଇ ସରକାର ଗଢ଼ିଛି।

## ଯୌନ ନିର୍ଯାତନାକାରୀଙ୍କୁ ଜାଳିଦେଲେ ୩ ନାବାଳକ

**ନୂଆଦିଲ୍ଲୀ,୨୫।୧୨**

ଯୌନ ନିର୍ଯାତନାର ପ୍ରତିଶୋଧ ନେବାକୁ ଯାଇ ଜଣେ ନାବାଳକ ତାଙ୍କର ଦୁଇ ସାଙ୍ଗ ସହ ମିଶି ଅଭିଯୁକ୍ତ ୨୫ ବର୍ଷୀୟ ଯୁବକଙ୍କୁ ଛୁରିଭୁସି ହତ୍ୟା କରିଛନ୍ତି। ସେମାନେ ନିର୍ଯାତନାକାରୀଙ୍କ ମୁହଁକୁ ପଥରରେ ଛେଚି ବିକୃତ କରିବା ପରେ ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ଜାଳିଦେଇଛନ୍ତି। ଗତ ଗୁରୁବାର ଦିଲ୍ଲୀର ଜିଜାମୁଦ୍ଦିନ ବସ୍ତିରେ ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ହତ୍ୟାକାରୀ ନାବାଳକଙ୍କ ମଧ୍ୟରୁ ୨ ଜଣଙ୍କ ବୟସ ୧୬ ବର୍ଷ ହୋଇଥିବାବେଳେ ଅନ୍ୟ ଜଣେ ୧୭ ବର୍ଷର। ସେମାନଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର ପରେ ସୁଧାର ଗୃହକୁ ପଠାଇ ଦିଆଯାଇଛି। ଆଜାଦଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଖୁସ୍ରୋ ପାର୍କ ନିକଟରୁ ମିଳିଥିଲା। ଆଜାଦ ନାବାଳକଙ୍କ ମଧ୍ୟରୁ ଜଣକୁ ଅନେକ ଥର ଯୌନ ନିର୍ଯାତନା ଦେଇଥିବା ଅଭିଯୁକ୍ତମାନେ କହିଛନ୍ତି। ପ୍ରମାଣ ନଷ୍ଟ ପାଇଁ ସେମାନେ ମୃତଦେହକୁ ଜାଳିଦେବାକୁ ଉଦ୍ୟମ କରିଥିଲେ ବୋଲି କହିଛନ୍ତି।

## ପ୍ରଥମ ଶିଳା ଖୋଦେଇ କରିଥିବା କାରିଗରଙ୍କୁ ଆମନ୍ତ୍ରଣ

### ରାମମନ୍ଦିର ଉଦ୍‌ଘାଟନ

**ଲକ୍ଷ୍ନୌ,୨୫।୧୨**

ଅଯୋଧ୍ୟାର ଭବ୍ୟ ରାମମନ୍ଦିରର ପ୍ରାଣପ୍ରତିଷ୍ଠା ଉତ୍ସବ ଜାନୁୟାରୀ ୨୨ରେ ହେବାକୁ ଥିବାବେଳେ ମନ୍ଦିର ନିର୍ମାଣ ପାଇଁ ପ୍ରଥମ ଶିଳା ଖୋଦେଇ କରିଥିବା କାରିଗର ଅନୁଭାଇ ସୋମପୁରା ଅନ୍ୟତମ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ଅନୁଭାଇଙ୍କୁ ଆମନ୍ତ୍ରଣ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷଙ୍କ ସହ ଅନୁଭାଇ ଏହି ଐତିହାସିକ ଉତ୍ସବର ସାକ୍ଷୀ ରହିବେ। ମୁଖ୍ୟ ସ୍ଥାପତ୍ୟବିଦ୍ ଚନ୍ଦ୍ରକାନ୍ତ ସୋମପୁରାଙ୍କ ସୁପାରିସକ୍ରମେ ୧୯୯୦ରେ ଅନୁଭାଇଙ୍କୁ ଅହମଦାବାଦରୁ


ଅନୁଭାଇ ସୋମପୁରା

ଅଯୋଧ୍ୟା ଅଣାଯାଇଥିଲା। ସେ ମନ୍ଦିର ପାଇଁ ଅଣାଯାଇଥିବା ଶିଳାଗୁଡ଼ିକରେ ସୂକ୍ଷ୍ମ କାରୁକାର୍ଯ୍ୟ ଖୋଦେଇରେ ନିଜକୁ ନିୟୋଜିତ କରିଥିଲେ।

## ସେନା ହାଜତରେ ୩ ନାଗରିକଙ୍କ ମୃତ୍ୟୁର ତଦନ୍ତ ଆରମ୍ଭ

**ଜମ୍ମୁ/ଶ୍ରୀନଗର,୨୫।୧୨**

■ବ୍ରିଗେଡିୟର ସ୍ତରର ଅଫିସରଙ୍କୁ ଡ୍ୟୁଟିରୁ ଅବ୍ୟାହତି
■ମେହବୁବାଙ୍କୁ ଗୃହବନ୍ଦୀ ଅଭିଯୋଗ

ଆତଙ୍କବାଦୀଙ୍କ ଆକ୍ରମଣରେ ୪ ଯବାନ ଶହୀଦ ହେବା ପରେ ସେନା ୩ ଜଣଙ୍କୁ ଜେରା ପାଇଁ ଉଠାଇନେଇଥିଲା। ସେମାନଙ୍କର ମୃତଦେହ ମିଳିବା ପରେ ସୈନ୍ୟମାନେ ସେମାନଙ୍କୁ ଜେରା ବେଳେ ମାଡ଼ ମାରି ହତ୍ୟା କରିଥିବା ବିରୋଧୀ ଅଭିଯୋଗ କରିଥିଲେ। ନାଗରିକ ହତ୍ୟା ଅଭିଯୋଗର ତଦନ୍ତ ସେନା ପକ୍ଷରୁ ଆରମ୍ଭ ହୋଇଥିବାବେଳେ ଜଣେ ବ୍ରିଗେଡିୟର ସ୍ତରର ଅଫିସରଙ୍କୁ ଡ୍ୟୁଟିରୁ ହଟାଇଦିଆଯିବା ସହ ପୁଞ୍ଛରୁ ବିଦା କରିଦିଆଯାଇଛି। ଦୁଇଟି ସେନା ଗାଡ଼ି ଉପରେ ଆତଙ୍କବାଦୀଙ୍କ ଆକ୍ରମଣ ପରେ କଶ୍ମୀରରେ ଆତଙ୍କବାଦ ନିରୋଧୀ ଅଭିଯାନକୁ ଜୋର୍‌ଦାର


ମେହବୁବା ମୁଫ୍‌ତି

କରାଯାଇଛି। ଜଙ୍ଗଲ ଅଞ୍ଚଳ ଡେରା କୀ ଗଲି ଏବଂ ବାଫ୍ଲିୟାଜ୍‌ରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯିବା ସହ ଆକାଶମାର୍ଗରୁ ନଜର ରଖାଯାଇଛି। ଏଥିସହିତ କେତେଜଣ ସେନା ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ କେତେଜଣଙ୍କୁ ବଦଳି କରାଯାଇଛି।

ସ୍ଥିତି ଅନୁଧ୍ୟାନ ପାଇଁ ସେନାମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ ଉକ୍ତ ଅଞ୍ଚଳକୁ ଯାଇଥିବାବେଳେ ଜମ୍ମୁର ନାଗ୍ରୋଟାଠାରେ ଥିବା ହ୍ୱାଇଟ୍ ନାଇଟ୍ କର୍ପସ୍ ମୁଖ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିବେ। ରାଜୌରୀ-ପୁଞ୍ଛ ଜିଲାରେ କ୍ରମାଗତ ତୃତୀୟ ଦିନ ପାଇଁ ମୋବାଇଲ ଇଣ୍ଟରନେଟ୍ ସେବା ବନ୍ଦ ରହିଛି। ଗତ ସପ୍ତାହର ଆକ୍ରମଣ ପାଇଁ ଜୈଶ-ଇ-ମହମ୍ମଦ ସହ ସମ୍ପୃକ୍ତ ପିପୁଲ୍ସ ଆଣ୍ଟି-ଫାସିଷ୍ଟ ଫ୍ରଣ୍ଟ (ପିଏଏଫ୍‌ଏଫ୍) ନିଜକୁ ଦାୟୀ କରିଛି। ଆକ୍ରମଣରେ ଅତ୍ୟାଧୁନିକ ଆମେରିକା ନିର୍ମିତ ଏମ୍୪ କାର୍ବାଇନ୍ ଅସ୍ତ୍ର ବ୍ୟବହାର କରାଯାଇଥିବାର ଫଟୋ ସେମାନେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

ସେନା ହାଜତରେ ୩ ନାଗରିକଙ୍କ ମୃତ୍ୟୁ ଘଟିଥିବା ପୁଞ୍ଛ ଜିଲାର ସୁରାନକୋଟ୍‌କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଯିବାକୁ ଥିବାବେଳେ ତାଙ୍କୁ ଗୃହବନ୍ଦୀ କରାଯାଇଥିବା ପିଡିପି ସୋମବାର ଅଭିଯୋଗ କରିଛି। ମେହବୁବା ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥାନ୍ତେ ଓ ସେଠାର ସ୍ଥିତି ଅନୁଧ୍ୟାନ କରିଥାନ୍ତେ। ଏହା ପୂର୍ବରୁ ତାଙ୍କୁ ଜୋର ଜବରଦସ୍ତ ଗୃହବନ୍ଦୀ କରି ରଖାଯାଇଥିବା ପିଡିପି ଏକ୍ସ'ରେ ପୋଷ୍ଟ କରିଛି। ସରକାରଙ୍କ ଏଭଳି ପଦକ୍ଷେପକୁ ଦଳ ନିନ୍ଦା କରିଛି।

## ଫୁରସତ୍

### ୫୦ କି.ମି. ଦୌଡ଼ିଲେ ମିଳିବ ବୋନସ

**ବେଜିଂ**

ପ୍ରତ୍ୟେକ କମ୍ପାନୀରେ କର୍ମଚାରୀଙ୍କ କାମ ଅନୁସାରେ ବୋନସ୍ ମିଳିଥାଏ। ଏଥିପାଇଁ ବିଭିନ୍ନ କମ୍ପାନୀର ଭିନ୍ନ ଭିନ୍ନ ନିୟମ ମଧ୍ୟ ରହିଛି। ତେବେ ଚାଇନାର ଏକ କମ୍ପାନୀ ତା'ର ନିୟମରେ ଏପରି ପରିବର୍ତ୍ତନ କରିଛି, ଯାହା କର୍ମଚାରୀଙ୍କୁ ଆଶ୍ଚର୍ଯ୍ୟ କରିଛି। ରିପୋର୍ଟ ମୁତାବକ, ଗୁଆଙ୍ଗଡୋନ ପ୍ରୋଭିନ୍ସ ଅଞ୍ଚଳର ଡୋଙ୍ଗପୋ ପେପର କମ୍ପାନୀ ବୋନସ ପାଇଁ କର୍ମଚାରୀଙ୍କ କାମ ନୁହେଁ ତାଙ୍କ ଫିଟ୍‌ନେସ୍ ଆଧାରରେ ନିୟମ କରିଛି। ଯଦି କେହି କର୍ମଚାରୀ ୫୦ କି.ମି. ଦୌଡିବେ ତେବେ ତାଙ୍କୁ ବୋନସ ଦିଆଯିବ। ଫଳରେ କର୍ମଚାରୀମାନେ କାମ ବଦଳରେ ଅଧିକ



ସମୟ ଦୌଡ଼ିବାରେ ନିଜକୁ ଲଗାଇ ଦେଇଛନ୍ତି। ନିକଟରେ କମ୍ପାନୀ ତା'ର ନିୟମରେ ଏପରି ପରିବର୍ତ୍ତନ କରିଛି। କର୍ମଚାରୀଙ୍କୁ ପୂରା ବୋନସ୍ ସେତେବେଳେ ମିଳିବ, ଯେତେବେଳେ ସେମାନେ ମାସରେ ୫୦ କି.ମି. ଦୌଡ଼ିବେ। ୪୦ କି.ମି. ପାଇଁ ବୋନସ୍‌ର ୬୦ ପ୍ରତିଶତ ମିଳିବ। ୩୦ କି.ମି. ପାଇଁ ୩୦ ପ୍ରତିଶତ ବୋନସ୍ ମିଳିବ। ଯଦି କେହି ମାସରେ ୧୦୦ କି.ମି. ଦୌଡ଼ିବେ, ତେବେ ତାଙ୍କୁ ବୋନସ୍ ସହ ୩୦ ପ୍ରତିଶତ ଅତିରିକ୍ତ ବୋନସ୍ ମିଳିବ। ଏହି ସ୍କିମ୍‌ରେ ପର୍ବତାରୋହଣ ଏବଂ ଦ୍ରୁତଗତି ଦୌଡ଼ ସାମିଲ କରାଯାଇଛି, ଯାହା ଏକ୍ସରସାଇଜ୍‌ର ୬୦ କିମ୍ବା ୩୦ ପ୍ରତିଶତ ହେବ। କର୍ମଚାରୀଙ୍କ ଫୋନ୍‌ରେ ଥିବା ଆପ୍ ଜରିଆରେ ସେମାନଙ୍କୁ ଟ୍ରାକ୍ କରାଯିବ। କମ୍ପାନୀ ମାଲିକ ଏହି ପଲିସି ଜରିଆରେ ତାଙ୍କ କର୍ମଚାରୀମାନଙ୍କୁ ସୁସ୍ଥ ରଖିବାକୁ ପ୍ରୟାସ କରୁଥିବା କହିଛନ୍ତି। କର୍ମଚାରୀ ମଧ୍ୟ ଏପରି ପଲିସିରେ ଖୁସିଥିବା ସେ କହିଛନ୍ତି। କାରଣ ଏଥିରେ ସେମାନେ ସୁସ୍ଥ ରହିବା ସହ ରୋଜଗାର ମଧ୍ୟ କରିପାରିବେ।

### ନିଜ ମୃତ୍ୟୁର ଭିଡିଓ ଶୁଟିଂ

**ୱାଶିଂଟନ୍**

ଜଣେ ବ୍ୟକ୍ତି ନିଜ ମୃତ୍ୟୁର ଭିଡିଓ ରେକର୍ଡ କରିଥିବା ଜଣାପଡ଼ିଛି। ସେ ପେସାରେ ଜଣେ ସ୍କାଏଡାଇଭର। ତାଙ୍କ ମୃତ୍ୟୁ ପ୍ଲେନ୍‌ରୁ ଡେଇଁବାରୁ ହୋଇଛି। ୩୫ ବର୍ଷୀୟ ଇଭାନ ମାକ୍‌ଗୁଇରି ପୂର୍ବରୁ ୮୦୦ ସଫଳ ସ୍କାଏଡାଇଭିଂ କରିଛନ୍ତି। ସେ ୧୦ ହଜାର ଫୁଟ୍ ଉଚ୍ଚରୁ ସ୍କାଏଡାଇଭିଂ କରିଥିଲେ, ଯାହା ତାଙ୍କ ଜୀବନର ଶେଷ ସ୍କାଏଡାଇଭିଂ ଥିଲା। ଏହା ୧୯୮୮ ଏପ୍ରିଲର ଘଟଣା। ସେ ଏତେ ଉଚ୍ଚରୁ ସ୍କାଏଡାଇଭିଂ କରୁଥିବାବେଳେ ଏହାକୁ ରେକର୍ଡ କରିବାକୁ ବହୁତ ଉତ୍ସାହିତ ଥିଲେ। ସେ ଆମେରିକାର ଏକ ସ୍ପୋର୍ଟ୍ସ ପାରାଚୁଟ୍ ସେଣ୍ଟରରେ ଥିଲେ। ସେ ଯେତେବେଳେ ପ୍ଲେନ୍‌ରୁ ତାଙ୍କ ଉଡ଼ାଣ ନେଲେ, ସେତେବେଳେ ସେ ତାଙ୍କ ପାରାଚୁଟ୍‌କୁ ଭୁଲି ଯାଇଥିବା ଜାଣିପାରିଲେ। ସେତେବେଳେ ତାଙ୍କ କ୍ୟାମେରାରେ ସବୁକିଛି ରେକର୍ଡ ହେଉଥିଲା। ପାରାଚୁଟ୍ ନ ଆଣିବା ଜାଣି ସେ ପୂରା ଡରିଗଲେ। ଯେତେବେଳେ ସେ ତଳେ ପହଞ୍ଚିଲେ, ସେତେବେଳେ ତାଙ୍କ ମୁହଁରୁ 'ହେ ଭଗବାନ୍- ନାଇଁ' ବୋଲି ବାହାରିଥିଲା। ପରେ ତାଙ୍କ ମୃତଦେହ ଏୟାରଫିଲ୍ଡଠାରୁ ପ୍ରାୟ ବହୁତ ଦୂର ଏକ ଜଙ୍ଗଲରୁ ମିଳିଥିଲା।



ଏହାପରେ ମାମଲାର ଯାଞ୍ଚ ଆରମ୍ଭ ହୋଇଥିଲା। ଯାଞ୍ଚ ପରେ ଏହି ମାମଲାକୁ ଏକ ଦୁର୍ଘଟଣା ବୋଲି ଧରାଗଲା।

### ଭାଉଜଙ୍କୁ ସ୍ୱାଗତ କରି ନାଚିଲେ ସଲ୍‌ମାନ

**ମୁମ୍ବାଇ**

ଅଭିନେତା ତଥା ପ୍ରଯୋଜକ ଅର୍ବାଜ୍ ଖାନ୍ ରବିବାର ବଲିଉଡ୍‌ର ମେକ୍‌ଅପ୍ ଆର୍ଟିଷ୍ଟ ଶୁରା ଖାନ୍‌ଙ୍କୁ ଦ୍ୱିତୀୟ ବିବାହ କରିଛନ୍ତି। କିଛି ଦିନ ଧରି ଦୁହେଁ ଡେଟ୍ କରୁଥିଲେ। ଅର୍ବାଜ୍ ତାଙ୍କ ଭଉଣୀ ଅର୍ପିତା ଖାନ୍‌ଙ୍କ ଘରେ ଏହି ବିବାହ କରିଛନ୍ତି। ବିବାହରେ ତାଙ୍କ ନିକଟତମ ସମ୍ପର୍କୀୟଙ୍କ ସହିତ ବନ୍ଧୁ, ପରିବାର ଉପସ୍ଥିତ ଥିଲେ। ଉଭୟଙ୍କ ବିବାହ ବେଳର ଫଟୋ ସୋସିଆଲ ମିଡିଆରେ ବହୁ ଭାଇରାଲ ହେଉଛି। ଅନେକଆଡୁ ସେମାନଙ୍କୁ ଶୁଭେଚ୍ଛାର ସୁଅ ମଧ୍ୟ ଛୁଟୁଛି। ଏହା ମଧ୍ୟରେ ଆଉ ଏକ ଭିଡିଓ ଭାଇରାଲ ହେଉଛି, ଯାହା ଦର୍ଶକଙ୍କ ମନକୁ ଛୁଇଁଛି। ଦବଙ୍ଗ ଷ୍ଟାର ସଲ୍‌ମାନ ଖାନ୍ ଭାଉଜ ଶୁରାଙ୍କ ସ୍ୱାଗତ ପାଇଁ ଗୀତ ଗାଇ ନାଚୁଥିବା ଦେଖିବାକୁ ମିଳିଛି। ତେବେ ସଲ୍‌ମାନ ତାଙ୍କ ନିଜ ଫିଲ୍ମର ଗୀତ 'ତେରେ ମସ୍ତ ମସ୍ତ ଦୋ ନେନ୍' ଓ' ଦିଲ୍ ଦିଆ ଗଲାନ୍' ଗାଇ ଶୁରାଙ୍କୁ ସ୍ୱାଗତ ଜଣାଇଛନ୍ତି। ଗାୟକ ହର୍‌ଦୀପ କୌର ଲାଇଭ୍ ଗୀତ ଗାଉଥିବାବେଳେ ସେଠାରେ ସଲ୍‌ମାନଙ୍କ ସହିତ ଭାଇ ଅର୍ବାଜ୍, ଭାଉଜ ଶୁରା ଏବଂ ଅର୍ବାଜ୍‌ଙ୍କ ପୁଅ ନାଚୁଥିବା ନଜରକୁ ଆସିଛି। ନିକଟରେ ସଲ୍‌ମାନ ଫିଲ୍ମ 'ଟାଇଗର-୩'ରେ ନଜରକୁ ଆସିଥିଲେ। ସେ ୧୯୮୮ରୁ ତାଙ୍କ ଫିଲ୍ମ ଜୀବନ ଆରମ୍ଭ କରିଥିଲେ।



# ଜୁନ୍ ୩୦ ସୁଦ୍ଧା ପୁରୁଣା ଗାଡ଼ିରେ ଭିଏଲ୍‌ଟିଡି ବାଧ୍ୟତାମୂଳକ

## ନ ଲଗାଇଲେ ଫିଟ୍‌ନେସ୍, ପରମିଟ୍ ହେବନି

ଭୁବନେଶ୍ୱର, ୨୫।୧୨
(ସୁନିତ୍ ମିଶ୍ର)

ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ପଞ୍ଜୀକୃତ ହୋଇଥିବା ଯାନଗୁଡ଼ିକୁ ୨୦୨୪ ଜୁନ୍ ୩୦ ସୁଦ୍ଧା ଭେହିକିଲ ଲୋକେଶନ ଟ୍ରାକିଂ ଡିଭାଇସ(ଭିଏଲ୍‌ଟିଡି) ଲଗାଇବାକୁ ବାଧ କରାଯାଇଛି। ନ ହେଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଯଦି ଜୁନ୍ ୩୦ ସୁଦ୍ଧା ପୁରୁଣା ଗାଡ଼ିରେ ଏଆଇଏସ୍ ୧୪୦ ଷ୍ଟାଣ୍ଡାର୍ଡର ଭିଏଲ୍‌ଡିସି ଲାଗି ନ ଥିଲେ ସେହି ଗାଡ଼ିଗୁଡିକର ଫିଟ୍‌ନେସ୍ ସାର୍ଟିଫିକେଟ, ଗାଡ଼ିର ମାଲିକାନା ପରିବର୍ତ୍ତନ ପରମିଟ୍ ଜୁଲାଇ ୧ରୁ ଆଉ ହେବ ନାହିଁ। ଏସ୍‌ଟିଏ ପକ୍ଷରୁ ଏଭଳି କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ସବୁ ଆର୍‌ଟିଓ ଏବଂ ଏଆର୍‌ଟିଓମାନଙ୍କୁ ଜଣାଇ ଦିଆଯାଇଛି। ଯୁଗ୍ମ କମିଶନର ଦୀପ୍ତି ପାତ୍ର ଏନେଇ ସୂଚନା ଦେଇଛନ୍ତି। ଏହାଛଡ଼ା ଭିଏଲ୍‌ଟିଡି ବ୍ୟବହାର କରି ନ ଥିବା ଗାଡ଼ିଗୁଡିକୁ ରାସ୍ତାରେ ଧରାଗଲେ ସେମାନଙ୍କ ବିରୋଧରେ ଚାଲାଣ ମଧ୍ୟ କରାଯିବାକୁ ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ଦିଲ୍ଲୀ ନିର୍ଭୟା ଘଟଣା ପରେ ସୁପ୍ରିମକୋର୍ଟଙ୍କ ପକ୍ଷରୁ ସମସ୍ତ ବ୍ୟବସାୟିକ ଯାନକୁ ଟ୍ରାକିଂ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ପାଳନ କରିବାକୁ ଯାଇ କେନ୍ଦ୍ର ସରକାର ଏକ ରୁଲ୍ ଆଣିବା ସହ ଭିଏଲ୍‌ଟିଡି ବ୍ୟବହାରକୁ ବାଧ୍ୟତାମୂଳକ କରିଛନ୍ତି। ହେଲେ ଏହାକୁ ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କୁ ଦୀର୍ଘଦିନ ସମୟ ଲାଗିଗଲାଣି। ଏହାକୁ ଲାଗୁ କରାଯିବ ବୋଲି ପରିବହନ ବିଭାଗ ପକ୍ଷରୁ ଏକାଧିକ ତାରିଖ ସ୍ଥିର ହେଉଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ କରାଯାଇପାରି ନାହିଁ। ତେବେ ଗତ ସପ୍ତାହରେ ସମସ୍ତ ନୂଆ ଏବଂ ପୁରୁଣା ଗାଡ଼ିଗୁଡିକରେ ଭିଏଲ୍‌ଟିଡି ଲଗାଇବା ବାଧ୍ୟତାମୂଳକ କରାଯିବା ନେଇ ଏସ୍‌ଟିଏ ପକ୍ଷରୁ



ଚିଠି କରାଯାଇଛି। ଏହାସହ ପାଖପାଖି ୨୩ଟି କମ୍ପାନୀ ମଧ୍ୟରୁ ୧୧ଟି କମ୍ପାନୀ ଏଆଇଏସ୍ ୧୪୦ ଷ୍ଟାଣ୍ଡାର୍ଡ ରଖିଥିବା ଭିଏଲ୍‌ଟିଡି ମେଶିନ ପରୀକ୍ଷା ଦେଇ ସଫଳ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ପରୀକ୍ଷାମୂଳକ ଭାବେ ଉକ୍ତ ୧୧ କମ୍ପାନୀ ଏହି ମେଶିନ ଲଗାଇପାରିବେ। ଦୁଇଚକିଆ, ତିନିଚକିଆ ଏବଂ ରିକ୍ସାରେ ଏହା ଲଗାଇବା ବାଧ୍ୟତାମୂଳକ କରାଯାଇନାହିଁ। ହେଲେ ଜାତୀୟ ପରମିଟ୍ ରଖିଥିବା ଜିନିଷପତ୍ର ବୋହୁଥିବା ଗାଡ଼ିରେ ଏହା ବାଧ୍ୟତାମୂଳକ ରହିବ। ଏହାସହ ଏକ୍ସପ୍ଲୋସିଭ ନେଉଥିବା ଗାଡ଼ିରେ ମଧ୍ୟ ଏହାକୁ ବାଧ୍ୟତାମୂଳକ କରାଯାଇଛି। ଆସନ୍ତା ୧ ତାରିଖଠାରୁ ପଞ୍ଜୀକୃତ ହେବାକୁ ଥିବା ଗାଡ଼ିରେ ଭିଏଲ୍‌ଟିଡି ମେଶିନ ପ୍ରଥମେ ଲଗାଇବା ପାଇଁ ବାଧ୍ୟତାମୂଳକ ରଖାଯାଇଛି। ବିନା ଭିଏଲ୍‌ଟିଡିରେ ଗାଡି ପଞ୍ଜୀକୃତ ହୋଇପାରିବ ନାହିଁ। ଏହିସବୁ ଗାଡିରେ ପ୍ୟାନିକ୍ ବଟନ୍‌ର ବ୍ୟବସ୍ଥା ମଧ୍ୟ ରହିବା ବାଧ୍ୟତାମୂଳକ। ଏହି ବଟନ୍ ରଖିବାର ଉଦ୍ଦେଶ୍ୟ ହେଉଛି, ଯଦି କୌଣସି ଯାତ୍ରୀ କେଉଁଆଡ଼େ ଯିବା ସମୟରେ କୌଣସି ସମସ୍ୟାର ସମ୍ମୁଖୀନ ହୁଅନ୍ତି ତେବେ ସଙ୍ଗେ ସଙ୍ଗେ ଏହାକୁ ଦବାଇବା ଦ୍ୱାରା ନିକଟସ୍ଥ ଥାନାକୁ ଏକ ମେସେଜ ଚାଲିଯିବ, ଯଦ୍ୱାରା କିଛି ଅଘଟଣ ଘଟିବା ପୂର୍ବରୁ ତାହାକୁ ରୋକାଯାଇପାରିବ ବୋଲି ଦୀପ୍ତି ପାତ୍ର କହିଛନ୍ତି। ମୁଖ୍ୟତଃ ବସ୍, ଶିକ୍ଷାନୁଷ୍ଠାନରେ ବ୍ୟବହୃତ ଗାଡ଼ି, ଲକ୍‌ଜୁରି କାର୍, ମୋଟର କ୍ୟାବ୍, ଓମିନି ବସ୍, ଘରୋଇ ସେବା ଯୋଗାଉଥିବା ଗାଡ଼ିରେ ପ୍ୟାନିକ୍ ବଟନ୍ ରହିବ। କେନ୍ଦ୍ର ସରକାରଙ୍କ ଦ୍ୱାରା ମଞ୍ଜୁରୀପ୍ରାପ୍ତ ଯେକୌଣସି ଭିଏଲ୍‌ଟିଡି ପ୍ରସ୍ତୁତକାରୀ କମ୍ପାନୀଠାରୁ ଏହା ନେଇପାରିବେ। କିନ୍ତୁ ଭିଏଲ୍‌ଟିଡି ନ ଲଗାଇଲେ ଆସନ୍ତା ୧ତାରିଖ ପରଠାରୁ କିଣା ହେବା ଗାଡ଼ି ପଞ୍ଜୀକୃତ ହୋଇପାରିବ ନାହିଁ।

# କରୋନା ଭୟ: ଆତଙ୍କିତ ନ ହେବାକୁ ପରାମର୍ଶ

ଭୁବନେଶ୍ୱର, ୨୫।୧୨(ଅସମାପିକା ସାହୁ)

ରାଜ୍ୟରେ ଏବେ ଚିନ୍ତା ବଢ଼ାଇଛି କୋଭିଡ୍ ସଂକ୍ରମଣ। କିଛିଦିନର ବ୍ୟବଧାନ ପରେ ଗତ ଦୁଇଦିନ ହେଲା ଲଗାତର ସଂକ୍ରମିତ ଚିହ୍ନଟ ହୋଇଥିବାରୁ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ତେବେ ଏହାକୁ ନେଇ ଆତଙ୍କିତ ନ ହେବା ପାଇଁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ପରାମର୍ଶ ଦେଇଛନ୍ତି। ରାଜ୍ୟରେ କୋଭିଡ୍ ସ୍ଥିତିକୁ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ରାଜ୍ୟରେ ଦୁଇଜଣ କୋଭିଡ୍ ରୋଗୀ ଚିହ୍ନଟ ହୋଇଛନ୍ତି। ହେଲେ ଏହାକୁ ନେଇ ଆତଙ୍କିତ ହେବାର ନାହିଁ। ସେମାନଙ୍କ ଭିତରେ ଲକ୍ଷଣ ବହୁତ କମ୍ ଅଛି। ଦୁହେଁ ଘରେ ରହି ଚିକିତ୍ସିତ ହେଉଛନ୍ତି। ଜେନମ ସିକ୍ୱେନ୍ସି ପାଇଁ ପଠାଯାଇଛି। ସେମାନଙ୍କର କଣ୍ଟାକ୍ଟ ଟ୍ରେସିଂ ଏବଂ କୋଭିଡ୍ ସମୟରେ ଯାହା କରାଯାଏ ତାହା ହୋଇଛି। ତେବେ ଯାହାର ଲକ୍ଷଣ ଦେଖାଯାଉଛି, ସେମାନେ ପରୀକ୍ଷା କରନ୍ତୁ ଓ ଘରେ ରୁହନ୍ତୁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

ସୂଚନଯୋଗ୍ୟ, ଏବେ ବିଶ୍ୱରେ କୋଭିଡ୍-୧୯ର ନୂଆ ସବ୍‌ଭାରିଆଣ୍ଟ ଜେଏନ୍.୧ ଚିନ୍ତା ବଢ଼ାଇଥିବାବେଳେ ୨୦ଦିନ ପରେ ଓଡ଼ିଶାରୁ ଗତ ଶନିବାର ଓ ରବିବାର ଦୁଇଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହାପୂର୍ବରୁ ଅର୍ଥାତ୍ ଗତ ୩ ତାରିଖରେ ଶେଷଥର ପାଇଁ ଜଣେ ପଜିଟିଭ୍ ବାହାରିଥିଲେ। ଏବେ ଚିହ୍ନଟ ହୋଇଥିବା କରୋନା ଆକ୍ରାନ୍ତ ଦ୍ୱୟ ଜେଏନ୍.୧ ସବ୍‌ଭାରିଆଣ୍ଟ କି ନାହିଁ ତାହା ଜଣାପଡ଼ିନାହିଁ। ତଥାପି ରାଜ୍ୟ ସରକାର ଏହାର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତ ରହିବା ସହ ରାଜ୍ୟବାସୀଙ୍କୁ ସତର୍କ କରାଇଛନ୍ତି।




# ଅସୁସ୍ଥ ହାତୀର ଚିକିତ୍ସା ଆରମ୍ଭ

## ୫ ଦିନ ଧରି କାଞ୍ଚନପୁର କାଜୁ ଜଙ୍ଗଲରେ ବୁଲୁଥିଲା

ରଣପୁର, ୨୫।୧୨
(ସୁକାନ୍ତ କିଶୋର ଡାକୁଆ)


ଅସୁସ୍ଥ ହାତୀର ଚିକିତ୍ସା କରାଯାଉଛି।

ନୟାଗଡ଼ ଜିଲା ରଣପୁର ବନ ବିଭାଗ ଅଧୀନରେ ଥିବା କାଞ୍ଚନପୁର କାଜୁ ଜଙ୍ଗଲରେ ଏକ ଅସୁସ୍ଥ ଦନ୍ତା ହାତୀ ଗତ ୫ ଦିନ ହେବ ବୁଲୁଥିଲା। ଏ ନେଇ ସ୍ଥାନୀୟ ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ। ସୋମବାର ବନ ବିଭାଗ ପକ୍ଷରୁ ଅସୁସ୍ଥ ହାତୀର ଚିକିତ୍ସା ଆରମ୍ଭ କରାଯାଇଛି। ରଣପୁର ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ସହିତ ନନ୍ଦନକାନନରୁ ଆସିଥିବା ସ୍ୱତନ୍ତ୍ର ବିଶେଷଜ୍ଞ ଦଳ ରବିବାର ରାତିରୁ କାଜୁ ଜଙ୍ଗଲରେ ଡେରା ପକାଇଥିଲେ। ରାତିସାରା ରଣପୁର ରେଞ୍ଜର ୨ ଟିମ୍ ଅସୁସ୍ଥ ଦନ୍ତାକୁ କାଜୁ ଜଙ୍ଗଲରେ ଖୋଜିବା ଆରମ୍ଭ କରିଥିଲେ। ହାତୀର ସନ୍ଧାନ ମିଳିବା ପରେ ସୋମବାର ସକାଳୁ ଟାଙ୍କୁଲାଇଜ୍ କରି ଚିକିତ୍ସା ଆରମ୍ଭ କରାଯାଇଥିଲା। ହାତୀର ଗୋଡ଼ରେ ଗଭୀର କ୍ଷତ ଯୋଗୁ ସଂକ୍ରମଣ ହୋଇଯାଇଛି। ଚିକିତ୍ସା ପରେ ସେଥିରେ ଉନ୍ନତି ଆସିଛି ବୋଲି ରଣପୁର ରେଞ୍ଜର ସୁଶାନ୍ତ ଦଳେଇ କହିଛନ୍ତି।

କୌଣସି ଶିକାରୀଙ୍କ ଗୁଳିମାଡ଼ରେ ହାତୀର ଆଗ ବାମ ଗୋଡ଼ରେ କ୍ଷତ ସୃଷ୍ଟି ହୋଇଥିଲା। ଆବଶ୍ୟକ ଚିକିତ୍ସା ଅଭାବରୁ ତାହା ସଂକ୍ରମଣ ହୋଇଥିଲା। ଫଳରେ ହାତୀଟି ଠିକ୍‌ରେ ଚାଲି ପାରୁ ନ ଥିବା ସ୍ଥାନୀୟ ଲୋକମାନେ କହିଥିଲେ। ହେଲେ ଶିକାରୀଙ୍କ ଗୁଳିମାଡ଼ ଘଟଣାକୁ ବନ ବିଭାଗ ଖଣ୍ଡନ କରିଛି। ଅନ୍ୟପକ୍ଷେ ହାତୀ ଅସୁସ୍ଥ ଥିବା ଜଣାପଡ଼ିବା ପରେ ଗ୍ରାମବାସୀ ହାତୀକୁ ଦେଖିବାକୁ କାଜୁ ଜଙ୍ଗଲରେ ଭିଡ଼ ଜମାଇଥିଲେ। ଫଳରେ ହାତୀଟି ଜଙ୍ଗଲ ଭିତରକୁ ଚାଲିଯାଇଥିଲା। ଫଳରେ ହାତୀକୁ ଚିକିତ୍ସା କରିବା ପାଇ ବନ ବିଭାଗକୁ କସରତ କରିବାକୁ ପଡିଥିଲା।



**ଆଜିର ମନ୍ତବ୍ୟ**

"ସମାଜ ପ୍ରତି ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଅବଦାନକୁ ଭାରତ ଗର୍ବର ସହ ସ୍ୱୀକାର କରିଆସିଛି। ଗରିବ ଓ ଅବହେଳିତଙ୍କ ସେବାରେ ସେମାନେ ସବୁବେଳେ ଆଗରେ। – ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଚ୍ଛାକୁ ରଙ୍କୁଣୀ ଫୁଲୁଛି**
**ଗୋଦର ଗୋ ଲୁହା ଶିକୁଳି**
**ଗାଆଁ ଚାରି ପାଖେ ବୁଲୁଛି।**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ କିଛି ବ୍ୟକ୍ତି ତୁଚ୍ଛାକୁ ଫୁଲି ଉଠନ୍ତି ବା ବାହ୍ୟ ଆଡମ୍ବର ଦେଖେଇ ହୁଅନ୍ତି, ଯାହାକି ଅନ୍ୟ ଆଖିରେ ନିହାତି ଅସୁନ୍ଦର ଲାଗିଥାଏ। ବେଢଙ୍ଗିଆ ନାରୀ ବେଶପଟା ହୋଇ ଚାରିଆଡେ ବୁଲି ନିଜକୁ ଦେଖେଇ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଥିଲା ହାତ ସଲସଲ**
**ନ ଥିଲା ହାତ କଲବଲ।**

ହାତରେ ଅର୍ଥ ବା ଧନ ଥିଲେ ସବୁକିଛି ହାସଲ କରାଯାଇପାରେ। କିନ୍ତୁ ଧନ ସରିଗଲେ ବା ନ ଥିଲେ ବ୍ୟକ୍ତିର ବ୍ୟସ୍ତତା ବହୁ ପରିମାଣରେ ବଢିଯାଉଥିବାର ଦେଖିବାକୁ ମିଳିଥାଏ। ତେଣୁ ଅର୍ଥ ହିଁ ସବୁକିଛି ହୋଇଥିବା ବେଳେ ଅଭାବକୁ ହନ୍ତସନ୍ତ ହେବା ହିଁ ସାର ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ଶ୍ରୀମନ୍ଦିରକୁ ଧସେଇ ପଶିଲେ ଭକ୍ତ



- ବ୍ୟାରିକେଡ୍ ଠେଲିଦେଲେ, ଉପରେ ଚଢ଼ିଗଲେ
- ଭିଡ଼ ନିୟନ୍ତ୍ରଣରେ ବିଫଳ ହେଲା ପୋଲିସ

ପୁରୀ, ୨୫ା୧୨ (ଅଜିତ୍ ମହାନ୍ତି)

ବଡ଼ଦିନ ଅବସରରେ ସୋମବାର ଶ୍ରୀକ୍ଷେତ୍ରରେ ପ୍ରବଳ ଗହଳି ହୋଇଥିଲା। ବଡ଼ଦାଣ୍ଡଠୁ ବେଳାଭୂମି ପର୍ଯ୍ୟନ୍ତ ସବୁଠି ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ମହାପ୍ରଭୁଙ୍କ ଦର୍ଶନ କରିବାକୁ ଲକ୍ଷାଧିକ ଭକ୍ତ ବଡ଼ଦାଣ୍ଡର ବ୍ୟାରିକେଡ୍‌ରେ ଦୀର୍ଘ ସମୟ ଧରି ଲମ୍ବାଧାଡ଼ିରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ତେବେ ମାତ୍ରାଧିକ ଭିଡ଼ ଏବଂ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ଭକ୍ତମାନେ ସିଂହଦ୍ୱାର ସମ୍ମୁଖସ୍ଥ ବ୍ୟାରିକେଡ୍ ଠେଲି ଶ୍ରୀମନ୍ଦିରକୁ ଧସେଇ ପଶିଥିଲେ। ସେଠାରେ ନିୟୋଜିତ ଥିବା ପୋଲିସ କର୍ମଚାରୀମାନେ ସେମାନଙ୍କୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ।

ସୂଚନା ଅନୁଯାୟୀ, ମହାପ୍ରଭୁଙ୍କ ଦର୍ଶନ ସାଙ୍ଗକୁ ବେଳାଭୂମି ବୁଲିବାକୁ ପୁରୀରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ଭକ୍ତମାନେ ଦାରୁବିଗ୍ରହଙ୍କ ଦର୍ଶନ କରିବା ପାଇଁ ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟାରିକେଡ୍‌ରେ ଧାଡ଼ିବାନ୍ଧି ଠିଆହୋଇଥିଲେ। ତେବେ ଦୀର୍ଘସମୟ ଧରି ଠିଆହେବା ଯୋଗୁ ଅନେକଙ୍କ ଧୈର୍ଯ୍ୟଚ୍ୟୁତି ଘଟିଥିଲା। ଭକ୍ତଙ୍କ ମଧ୍ୟରେ ଠେଲାପେଲା ଲାଗିଥିଲା। ଶେଷରେ ଭକ୍ତମାନେ ସିଂହଦ୍ୱାର ସମ୍ମୁଖରେ ସେବାୟତ ଓ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟାରିକେଡ୍ ଉପରେ ଚଢ଼ି ଏବଂ ବ୍ୟାରିକେଡ୍ ଠେଲି ଶ୍ରୀମନ୍ଦିର ଭିତରକୁ ଧସେଇ ପଶିଥିଲେ। ଏହି ସମୟରେ ସେଠାରେ ଦାୟିତ୍ୱରତ ପୋଲିସ କର୍ମଚାରୀମାନେ ଅସହାୟ ହୋଇପଡ଼ିଥିଲେ। ପରେ ବରିଷ୍ଠ ପୋଲିସ ଅଧିକାରୀ ଓ ସେବାୟତଙ୍କ ଦ୍ୱାରା ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ଭିଡ଼ ନିୟନ୍ତ୍ରଣରେ ପୋଲିସ ବିଫଳ ହୋଇଥିଲା। ଆଗକୁ ଇଂଲିଶ ନୂଆବର୍ଷ ଆସୁଥିବାରୁ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତେଣୁ ଏବେଠାରୁ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ ନ କଲେ ନୂଆବର୍ଷରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ ବୋଲି ବହୁ ଜଗନ୍ନାଥପ୍ରେମୀ ମତବ୍ୟକ୍ତ କରିଛନ୍ତି। ଏହି ଘଟଣାକୁ ନେଇ ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର କହିଛନ୍ତି, ସମ୍ପ୍ରତି ବଡ଼ଦିନ ଓ ନୂଆବର୍ଷ ପାଇଁ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ତେବେ ମହାପ୍ରଭୁଙ୍କ ନୀତିକାନ୍ତି ନିମନ୍ତେ ବେଳେବେଳେ ଭକ୍ତଙ୍କୁ ବ୍ୟାରିକେଡ୍‌ରେ କିଛି ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ସେବାୟତ ଓ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍‌ରେ କେତେଜଣ ଲୋକ ଏବଂ ଗୁମାସ୍ତା ଆସିଯିବାରୁ ଏପରି ଘଟଣା ଘଟିଛି। ଅଯଥା ଗହଳି କରୁଥିବାରୁ ସେମାନଙ୍କୁ ସେଥିରୁ ନିବୃତ୍ତ ରହିବାକୁ କୁହାଯାଇଛି। ସେଭଳି କୌଣସି ବଡ଼ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ଭକ୍ତମାନେ ଯେପରି ଶୃଙ୍ଖଳିତ ଦର୍ଶନ କରିପାରିବେ ସେ ନେଇ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ୫୫ ସେକ୍ସନ ଫୋର୍ସ ସହ ୨୫ରୁ ଊର୍ଦ୍ଧ୍ୱ ପୋଲିସ ଅଧିକାରୀ ମୁତୟନ ରହିଛନ୍ତି। ବର୍ତ୍ତମାନ ଚାଲିଥିବା ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କେନ୍ଦ୍ରର ନିର୍ମାଣ କାମ ଶେଷ ହୋଇଗଲେ ଭକ୍ତଙ୍କୁ ବିଶେଷ ସମସ୍ୟା ହେବ ନାହିଁ। ଅନ୍ୟପକ୍ଷରେ ବେଳାଭୂମିରେ ପର୍ଯ୍ୟଟକମାନେ ସୌନ୍ଦର୍ଯ୍ୟ ଉପଭୋଗ କରୁଥିବା ଓ ସମୁଦ୍ର ସ୍ନାନର ମଜା ନେଉଥିବା ଦେଖିବାକୁ ମିଳିଥିଲା। ପ୍ରବଳ ଗହଳି ଯୋଗୁ ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ଉପୁଜିବାରୁ ଲୋକଙ୍କୁ ହଇରାଣ ହେବାକୁ ପଡ଼ିଥିଲା।

# ସାମାଜିକ ଏକତା ଅର୍ଥନୈତିକ ବିକାଶରେ ସହାୟକ ହେବ

**ବିଂଶତିତମ କୁବେର ମହାସଭା ଉଦ୍‌ଯାପିତ**

ବଲାଙ୍ଗୀର, ୨୫ା୧୨ (ବୀରେନ୍ଦ୍ର ଝାଙ୍କର)

ପଶ୍ଚିମାଞ୍ଚଳ ଓଡିଶା ଏବଂ ଛତିଶଗଡ କୁବେର ସମାଜର ଦୁଇଦିନିଆ ବିଂଶତିତମ ମହାସଭା ବଲାଙ୍ଗୀର ନଟରାଜ ପ୍ୟାଲେସରେ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ସଭାପତି ପ୍ରଦୀପ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମହାସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ସମାଜିକ ଏକତା ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ସତ୍ୟଭୂଷଣ ସାହୁ କୁବେର ସମାଜର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଗାମୀ ଦିନ କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ନୃସିଂହ ମନ୍ଦିରରୁ ଭବ୍ୟ କଳସ ଶୋଭାଯାତ୍ରାରେ ସହସ୍ରାଧିକ କୁବେର ସମାଜ ମହିଳ, ପୁରୁଷ ସହର ପରିକ୍ରମା କରି ପ୍ରଥମେ ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର ଏବଂ ଅନ୍ୟ ମନ୍ଦିର ଦର୍ଶନ କରି ନଟରାଜ ପ୍ୟାଲେସରେ ପହଞ୍ଚିଥିଲେ। ସେଠାରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ସଭା ଆରମ୍ଭ ହୋଇଥିଲା। ଏହି ସଭାରେ କଳାହାଣ୍ଡି ଜିଲା ଜୁନାଗଡର ସଫଳ ଯୁବ ଉଦ୍ୟୋଗୀ ସନ୍ତୋଷ କୁମାର ସାହୁଙ୍କୁ ଅତିଥିମାନେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଥମ ଦିବସରେ କୁନି କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଦ୍ୱିତୀୟ ଦିବସରେ ଯୁବମଞ୍ଚ ସଭାପତି ଲିଙ୍ଗରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୁବାମଞ୍ଚ ଉପସଭାପତି ବଳରାମ ସାହୁ, ଡା ଲଳିତ କୁମାର ସାହୁ ଓ ନରେନ୍ଦ୍ର କୁମାର ସାହୁ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଆଦିବାସୀ କଳା ଉପରେ ଚିତ୍ରଶିଳ୍ପୀ ନମିତା ସାହୁଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହାସଭା ସଭାପତି ଲକ୍ଷ୍ମଣ ସାହୁ, ଉପସଭାପତି ଗଜିନ୍ଦ୍ର ସାହୁ, ସମ୍ପାଦକ ରମେଶ ସାହୁ, କୋଷାଧକ୍ଷ ନିତ୍ୟାନନ୍ଦ ସାହୁ, କୁବେର ଯୁବାମଞ୍ଚ ସଭାପତି ଲିଙ୍ଗ ସାହୁ, ମହିଳା ସଭାପତି ରଶ୍ମିତା ସାହୁ ମଞ୍ଚାସୀନ ଥିଲେ।

## ରାଉରକେଲା ପରେ...

**ପ୍ରଥମ ପୃଷ୍ଠାରୁ...**

ଆକ୍ରାନ୍ତ ହୋଇ ୬ଜଣଙ୍କୁ ରବିବାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରବିବାର ରାତିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସୋମବାର ଜଣଙ୍କ ମୃତ୍ୟୁ ଘଟିଛି। କାରଣ ସ୍ପଷ୍ଟଭାବେ ଜଣାପଡ଼ିନାହିଁ। ସିଡିଏମ୍‌ଓଙ୍କ ଟିମ୍ ସେଠାକୁ ଯାଇଛନ୍ତି। ଟିମ୍ ଫେରିଲା ପରେ ତା'ର କାରଣ ଜଣାପଡ଼ିବ। ତବେ ଏହି ଘଟଣାକୁ ରାଉରକେଲାର ଘଟଣା ସହିତ ଲିଙ୍କ୍ କରିବା ଉଚିତ୍ ନୁହେଁ। ବଲାଙ୍ଗୀର ସୋର୍ସ କ'ଣ ଥିଲା ତାହା ଦେଖିବାକୁ ପଡ଼ିବ। ସେମାନେ ଗୋଟିଏ ପରିବାର କିମ୍ବା ଏକାଧିକ ପରିବାରରୁ ହୋଇଛି କି ନାହିଁ, ସେମାନଙ୍କ ପାଣିର ଉତ୍ସ କ'ଣ ଥିଲା ଏବଂ ବାହାରେ କୁଆଡ଼େ ଯାଇଥିଲେ କି, ଏସବୁ ଦିଗକୁ ତର୍ଜମା କଲାପରେ ଜଣାପଡ଼ିବ ବୋଲି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ତେବେ ଏହା ପାଣି କିମ୍ବା ଖାଦ୍ୟରୁ ହୋଇଥାଏ। ତେଣୁ ଲୋକେ ସ୍ୱଚ୍ଛ ପାଣି ପିଇବା ଏବଂ ଭଲ ଖାଦ୍ୟ ଖାଇବା ଉଚିତ। ପଚାଶଢ଼ା କିମ୍ବା ବାହାର ଖାଦ୍ୟ ଖାଇବେ ନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ହାତ ସବୁବେଳେ ସଫା ରଖିବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

## ୩ ନୂଆ କ୍ରିମିନାଲ...

ରହିଛି। ପୂର୍ବର ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟରେ ୧୬୭ଟି ପ୍ରୋଭିଜନ ରହିଥିଲା। ମୋଟ ୨୪ଟି ପ୍ରୋଭିଜନକୁ ପରିବର୍ତ୍ତନ କରାଯାଇଛି। ୨ ନୂଆ ପ୍ରୋଭିଜନ ଏବଂ ୬ଟି ସବ୍-ପ୍ରୋଭିଜନକୁ ଯୋଡ଼ାଯାଇଛି। ୬ଟି ପ୍ରୋଭିଜନକୁ ବିଲ୍ ବାଦ୍ ଦିଆଯାଇଛି। ନୂଆ ଆଇନରେ ଭିଡ଼ହିଂସା ଅପରାଧ ପାଇଁ ମୃତ୍ୟୁଦଣ୍ଡ ବ୍ୟବସ୍ଥା ରହିଛି। ସେହିପରି ପୋଲିସକୁ ଅଧିକ ଉତ୍ତରଦାୟୀ କରିବା ପାଇଁ ବ୍ୟବସ୍ଥା ହୋଇଛି। ନୂଆ ଆଇନ ଅନୁଯାୟୀ ଗିରଫ ବ୍ୟକ୍ତିଙ୍କ ସବିଶେଷ ବିବରଣୀ ପ୍ରତି ଥାନାରେ ରେକର୍ଡ ହେବ ଏବଂ ଦାୟିତ୍ୱରେ ଥିବା ପୋଲିସ ଅଫିସର ଉକ୍ତ ରେକର୍ଡ ପରିଚାଳନା କରିବେ। ସେହିପରି ମାନବ ଚାଲାଣକୁ ନିୟନ୍ତ୍ରଣ କରିବା ପାଇଁ ଥିବା ଆଇନକୁ ଲିଙ୍ଗଗତ ନିରପେକ୍ଷ କରାଯାଇଛି। ୧୮ ବର୍ଷରୁ କମ୍ ବୟସର ନାବାଳିକାଙ୍କୁ ବଳାତ୍କାର କ୍ଷେତ୍ରରେ ସ୍ୱତଃ ପୋକ୍ସୋ ଆଇନର ଧାରା ଲାଗୁ ହେବା ବ୍ୟବସ୍ଥା ନୂଆ ଆଇନରେ ରହିଛି।

## ଆଜିଠୁ ରାଉରକେଲାରୁ...

କରିବ। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ କୋଲକାତାରୁ ପ୍ରଥମ ବିମାନଟି ବାହାରି ରାଉରକେଲାରେ ଅପରାହ୍ନ ସାଢ଼େ ୧୨ଟାରେ ପହଞ୍ଚିବ। ସେହିଭଳି ରାଉରକେଲାରୁ ଅପରାହ୍ନ ୩ଟା ୫୦ରେ ବାହାରି କୋଲକାତାରେ ଅପରାହ୍ନ ୫ଟା ୨୦ରେ ପହଞ୍ଚିବ। ଏହି ବିମାନ ସେବା ପାଇଁ ଟିକେଟ୍ ଦର ୧,୯୯୯ ରହିଥିବା ଜଣାପଡ଼ିଛି।

ସେହିଭଳି ଭୁବନେଶ୍ୱରରୁ ଝାରସୁଗୁଡ଼ା ସିଧାସଳଖ ଯାତ୍ରା କରିବ ଆଲାଏନ୍ସ ଏୟାର ବିମାନ। ଏହି ବିମାନ ସେବା ୨୭ ତାରିଖରେ ଆରମ୍ଭ ହେବ। ତେବେ ଏହି ବିମାନ ସପ୍ତାହରେ ୪ଦିନ ଅର୍ଥାତ୍ ସୋମବାର, ବୁଧବାର, ଶୁକ୍ରବାର ଏବଂ ରବିବାର ଚଳାଚଳ କରିବ। ବିମାନଟି ଭୁବନେଶ୍ୱରରୁ ଅପରାହ୍ନ ୪ଟା ୧୫ରୁ ଯାତ୍ରା ଆରମ୍ଭ କରି ଝାରସୁଗୁଡ଼ାରେ ଅପରାହ୍ନ ୫ଟା ୩୦ ମିନିଟରେ ପହଞ୍ଚିବ। ଝାରସୁଗୁଡ଼ାରୁ ଅପରାହ୍ନ ୫ଟା ୫୫ରୁ ଉଡ଼ାଣ ଭରି ଭୁବନେଶ୍ୱରରେ ୭ଟା ୫ରେ ପହଞ୍ଚିବ। ତେବେ ଏହି ସମସ୍ତ ବିମାନ ଉଡ଼ାଣର ଆର୍ଥିକ ସହାୟତା ରାଜ୍ୟ ସରକାର ବହନ କରିବେ ବୋଲି ସୂଚନା ମିଳିଛି।

## ଶ୍ରୀମନ୍ଦିର ପାଇଁ...

ବାଟାଲିୟନ ସୁରକ୍ଷା କର୍ମୀମାନେ ସ୍ୱତନ୍ତ ତାଲିମପ୍ରାପ୍ତ ହେବେ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ଯେପରି ବିନା ବାଧାରେ ଶୃଙ୍ଖଳାର ସହ ଦର୍ଶନ କରି ଫେରିବେ ସେ ଦିଗରେ ବାଟାଲିୟନ ଦୃଷ୍ଟି ଦେବ। ଏହି ବାଟାଲିୟନରେ ମୋଟ ୧୧୯୦ ସୁରକ୍ଷା କର୍ମୀ ନିଯୁକ୍ତ ହେବେ। ଏହି ବାଟାଲିୟନ ପୁରୀ ଏସ୍‌ପିଙ୍କ ନିୟନ୍ତ୍ରଣରେ ରହିବ। ହିନ୍ଦୁମାନଙ୍କର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ମନ୍ଦିରକୁ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତ ଆସୁଛନ୍ତି। କୋଭିଡ୍ ପରେ ଶ୍ରୀମନ୍ଦିରକୁ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଦୈନିକ ପ୍ରାୟ ୫୦ ହଜାର ଭକ୍ତଙ୍କ ଆଗମନ ହେଉଛି। ସପ୍ତାହ ଶେଷ ବେଳକୁ କିମ୍ବା ପର୍ବପର୍ବାଣି ସମୟରେ ଭକ୍ତଙ୍କ ସଂଖ୍ୟା ୨ କିମ୍ବା ୩ ଗୁଣା ବଢ଼ି ଯାଉଛି। ୫-ଟି ଅଧୀନରେ ନୂତନ ଐତିହ୍ୟ କରିଡର-ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପରେ ପୁରୀକୁ ବହୁ ସଂଖ୍ୟାରେ ଲୋକମାନଙ୍କର ଆଗମନ ହେବ। ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବା ସମ୍ଭାବନା ରହିଛି। ଏସବୁକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ସୁରକ୍ଷା ବାଟାଲିୟନ ଗଠନ କରାଯାଇଛି।

## ବିଷ ପିଇ ଭାଗ...

ବୀରବଲ ଗାଁ ଲୋକଙ୍କ ସହ ନିଜ ଫସଲ ଜଗିବାକୁ ବିଲକୁ ଯାଉଥିଲେ। ମାତ୍ର ଶୁକ୍ରବାର ଓ ଶନିବାର ଧାନ ଜଗିବାକୁ ଯାଇ ନ ଥିବାରୁ ୨୦ରୁ୨୫ଟିକିଆ ହାତୀପଲ ତାଙ୍କ ଧାନ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଥିଲେ। ରବିବାର ସକାଳେ ହାତୀପଲ ଦ୍ୱାରା ଫସଲ ନଷ୍ଟ ହୋଇଥିବା ଦେଖି ସେ ଭାଙ୍ଗି ପଡିଥିଲେ। ସ୍ତ୍ରୀ ସୁଭଦ୍ରା କାମ କରିବାକୁ ଚାଲିଯିବା ପରେ ବୀରବଲ ନିଜକୁ ସମ୍ଭାଳି ନ ପାରି ବିଷ ପିଇ ଦେଇଥିଲେ। ସୁଭଦ୍ରା ଘରକୁ ଫେରି ସ୍ୱାମୀଙ୍କ ମୁହଁରୁ ଫେଣ ବାହାରୁଥିବା ଦେଖି ଗ୍ରାମବାସୀଙ୍କ ସହାୟତାରେ କୁଚିଣ୍ଡା ମେଡିକାଲକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବୁର୍ଲା ଭିମସାର ମେଡିକାଲକୁ ରେଫର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ହିଁ ସେ ମୃତ୍ୟୁବରଣ କରିଥିଲେ। ଖବରପାଇ ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ସମ୍ବଲପୁର ଜିଲା ଭାଜପା ସାଧାରଣ ସମ୍ପାଦକ ଶୁଶିଳ କର କୁଚିଣ୍ଡା ମେଡିକାଲରେ ପହଞ୍ଚି ବୀରବଲଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଜମନକିରା ରେଞ୍ଜର ଲକ୍ଷ୍ମୀକାନ୍ତ ନାଏକଙ୍କ ମତାମତ ନିଆଯିବାରେ ବୀରବଲ ଦାସଙ୍କ ସମ୍ପର୍କରେ ସେ କୌଣସି ସୂଚନା ପାଇ ନାହାନ୍ତି ବୋଲି କହି ଫରେଷ୍ଟର ଓ ଫରେଷ୍ଟଗାର୍ଡ ଏସବୁ ଖବର ରଖିବା କଥା କହି ତାଙ୍କ ଉପରେ ଦୋଷ ଲଦିଛନ୍ତି।

## ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ

ମାଲକାନଗିରି, ୨୫ା୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ପୋଲିସ ପକ୍ଷରୁ ମାଓବାଦୀ ଦମନ ସର୍ଚ୍ଚ ଅପରେଶନ ବେଳେ ସୋମବାର ମାଓବାଦୀ ଲୁଚାଇ ରଖିଥିବା ବିପୁଳ ସାମଗ୍ରୀକୁ ଯବାନମାନେ ଜବତ କରିଛନ୍ତି। ମାଲକାନଗିରି ଏସ୍‌ପି ନୀତେଶ ୱାଧୱାନିଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବିଶେଷ ସୂତ୍ରରୁ ଖବର ପାଇ ଡିଏଭିଏଫ୍ ଓ ଏସ୍‌ଓଜି ଯବାନଙ୍କ ପକ୍ଷରୁ କାଲିମେଳା ଥାନା ଅନ୍ତର୍ଗତ କୁର୍ମାନୁର ଗ୍ରାମ ନିକଟସ୍ଥ ଜଙ୍ଗଲରେ ସର୍ଚ୍ଚ ଅପରେଶନ କରାଯାଉଥିଲା। ଏହି ସମୟରେ ମାଟି ତଳେ ମାଓବାଦୀମାନେ ଲୁଚାଇ ରଖିଥିବା ବିପୁଳ ବ୍ୟବହାର୍ଯ୍ୟ ଓ ବିସ୍ଫୋରକ ସାମଗ୍ରୀକୁ ଯବାନମାନେ ଜବତ କରିଥିଲେ। ଜବତ ସାମଗ୍ରୀ ମଧ୍ୟରେ ଗୋଟିଏ ବନ୍ଧୁକ, ୧୬ ଟିଫିନ ବୋମା, ୩୯ ଜିଲୋଟିନ ଷ୍ଟିକ୍ ଆଦି ରହିଛି।




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ମୁଖଭାବରେ ଚନ୍ଦ୍ର ପ୍ରଭାବରୁ ହସି କଥା କହିବେ। ଅଭାବ ଅନଟନ ଦୂରେଇଯିବ ଏବଂ ପ୍ରତ୍ୟେକ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟିହେବ। ପରିବହନ, ବାଣିଜ୍ୟରେ ପ୍ରତିବନ୍ଧକ ଯୋଗୁ ସମସ୍ୟାର ସମ୍ମୁଖୀନ ହେବେ। ସଭାସମିତି ଓ ସଙ୍ଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ, କିନ୍ତୁ ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବ।

**ବୃଷ** – ତୃତୀୟାଧିପତି ରାଶିର ଉଚ୍ଚାଂଶରେ ଥିବାରୁ ଭାଇ, ବନ୍ଧୁ, ପଡ଼ୋଶୀଙ୍କ ଆଦରଣୀୟ ରହିବେ। ଘର ସକାଶେ, ଜମିଜମା ବିଷୟରେ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ପଡ଼ିପାରେ। ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତାରେ କିମ୍ବା ଆନୁଷ୍ଠାନିକ କାମରେ କେତେକ ସମସ୍ୟାର ସୂଚନା ରହିଛି।

**ମିଥୁନ** – ବୃହସ୍ପତିଙ୍କ ଶୁଭସଂସ୍ଥାନରୁ କୌଣସି ନୂତନ ଯୋଜନାକୁ କାର୍ଯ୍ୟକାରୀ କରିପାରନ୍ତି। ଆଜି ବନ୍ଧୁଗହଣରେ କିଛି କଡ଼ା ଭାଷା ପ୍ରୟୋଗକରି ଶତ୍ରୁତା ଅର୍ଜନ କରିବେ। ଯେଉଁ କ୍ଷେତ୍ରରେ ଯାହାକି ନିଷ୍ପତ୍ତି ନେବେ ତାହା ଶେଷ ସମୟରେ ଓଲଟପାଲଟ ହୋଇଯାଇପାରେ। ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ହଠାତ୍ ମତ ବଦଳାଇ ଅସହଯୋଗ କରିପାରନ୍ତି।

**କର୍କଟ** – ଚନ୍ଦ୍ରଙ୍କ ପ୍ରତି ମଙ୍ଗଳ ଓ ଶୁକ୍ରଙ୍କ ଦୃଷ୍ଟି ବିନିମୟ ଯୋଗୁ ବୈଷୟିକ ଅଭିବୃଦ୍ଧି ସହ କାର୍ଯ୍ୟସିଦ୍ଧି ଘଟିବ। କର୍ମକ୍ଷେତ୍ରରେ ସତର୍କରେ କାମ ନ କଲେ ପରେ ଅନୁତାପ କରିବାକୁ ପଡ଼ିପାରେ। ବୁଝାମଣା ଭିତ୍ତିରେ ଚଳିଲେ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ବାଣିଜ୍ୟ, ବ୍ୟବସାୟ ଦିଗଟି ବିଶେଷ ମନ୍ଦ ହେବନାହିଁ।

**ସିଂହ** – ଚନ୍ଦ୍ରଙ୍କ ଦଶମ କେନ୍ଦ୍ରରେ ଶନି ଥିବାରୁ କର୍ମକ୍ଷେତ୍ରରେ ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ। ଆଜି ଅର୍ଥଲାଭ ଯୋଗ ରହିଛି ଅବଶ୍ୟ ଯାହାକି ଆପଣଙ୍କର ବହୁତ ପୂର୍ବରୁ ହିଁ ପାଇବାର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**କନ୍ୟା** – ଶୁକ୍ର ଓ ମଙ୍ଗଳଙ୍କ ସ୍ଥିତି ଜନିତ ସମ୍ପର୍କୀୟମାନେ ପାରିବାରିକ କ୍ଷେତ୍ରକୁ ସମସ୍ୟା ବହୁଳ କରିପାରନ୍ତି। ଯାନବାହନରେ ସତର୍କ ନ ରହିଲେ ସମସ୍ୟା ଭିତରକୁ ଟାଣିହୋଇପାରନ୍ତି। ସାଧାରଣ ଯୁକ୍ତିତର୍କରୁ ସହକର୍ମୀଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ଗଠନମୂଳକ କାର୍ଯ୍ୟରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରିନେବେ।

**ତୁଳା** – ଦୁଃସ୍ଥାନରେ କର୍ମାଧିପତି ରହିଥିବାରୁ କାର୍ଯ୍ୟ ହାସଲ ସକାଶେ ଟେନ୍‌ସନ ଲାଗିରହିବ। ଆପଣ କାହାର ମିଠା କଥାରେ ଭାସି ଯାଆନ୍ତୁ ନାହିଁ, ଯାହାକି ସମସ୍ୟାର ହେତୁ ସ୍ୱରୂପ ହୋଇପାରେ। ବନ୍ଧୁଙ୍କ ଦ୍ୱାରା କର୍ମକ୍ଷେତ୍ରରେ ଗୁଜବ ମନକୁ ଆତଙ୍କିତ କରିବ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ଏବଂ ଉଚ୍ଚ ଅଧିକାରୀଙ୍କ ଚାପ ଯୋଗୁ ଚିନ୍ତିତ ରହିବେ।

**ବିଛା** – ଆପଣଙ୍କ ସ୍ପଷ୍ଟବାଦିତା ଓ ଆତ୍ମୀୟତା ହେତୁ ଦୂରେଇ ଯାଇଥିବା ବନ୍ଧୁ ନିଜ ଭୁଲ୍ ବୁଝି ଫେରିପାରନ୍ତି। ପରିସ୍ଥିତି ଭିନ୍ନ ମୋଡ଼ ନେବା କାରଣରୁ ପ୍ରତ୍ୟେକ ପରିସ୍ଥିତି ସୁଧୁରିଯିବାର ରାସ୍ତା ଖୋଲିଯିବ। ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ହେବେ। କଳା, ସାହିତ୍ୟ, ସାମ୍ବାଦିକତାରୁ ପ୍ରଶଂସା ପାଇବେ।

**ଧନୁ** – ଚନ୍ଦ୍ରଙ୍କ ଦ୍ୱାରା ବିପରୀତ ରାଜଯୋଗ ସୃଷ୍ଟି ହେଉଥିବାରୁ ଆପଣଙ୍କ ଜନହିତକର କାମ ଲୋକପ୍ରିୟତାକୁ ବୃଦ୍ଧି କରିବ। କେତେକ ନୂତନ କାମର ପରିକଳ୍ପନା କରିବେ କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ବହୁତ ଶ୍ରମ ଓ ହଇରାଣ ହେବା ମଧ୍ୟରେ ଆନୁଷ୍ଠାନିକ କାମ ଗତିଶୀଳ ହେବ। ପାରିବାରିକ ସ୍ଥିତିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ମକର** – ଆପଣଙ୍କ ନୀରବ ସମର୍ଥନ ବନ୍ଧୁଙ୍କ ପ୍ରୀତିଭାଜନ କରାଇବ। କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ଅର୍ଥ ଓ ସମ୍ମାନ ଲାଭ କରିବାରେ ସଫଳ ହେବେ। ପରିବାରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତାକରି ଅଯଥା ବ୍ୟସ୍ତବିବ୍ରତ ହୋଇପାରନ୍ତି। ଜଣେ ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** – ଷଷ୍ଠାଧିପ ଚତୁର୍ଥଭାବରେ ଥିବାରୁ ପରିବାରରେ କଳହ, ଯାତ୍ରା ସମୟରେ ଗାଡ଼ିରେ ତ୍ରୁଟି ପରିଲକ୍ଷିତ ହୋଇପାରେ। ପିଲାମାନଙ୍କର କିଛି ସମସ୍ୟା ମନକୁ ବିଚଳିତ କରିପାରେ। ଜମିଜମା ସମସ୍ୟା, ବ୍ୟବସାୟ କିମ୍ବା ପରିବହନରେ ଟେନ୍‌ସନ ବୃଦ୍ଧି କରିବ। ଭଲସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ନିଜ ପରିସରରେ ସମାଲୋଚିତ ହୋଇପାରନ୍ତି।

**ମୀନ** – ରାଶିରେ ରାହୁ ଥିବାରୁ ଆଜିର କର୍ମକ୍ଷେତ୍ରରେ ଆପଣ କୌଶଳ ପ୍ରୟୋଗକରି କାର୍ଯ୍ୟ ହାସଲ କରିବେ। ଋଣ ପରିଶୋଧ କରିବା ସକାଶେ ଅର୍ଥ ସଂଗ୍ରହର ପ୍ରଚେଷ୍ଟା ଫଳବତୀ ହେବ। ପଡ଼ୋଶୀମାନେ ଛୋଟ କଥାକୁ କେନ୍ଦ୍ରକରି କଳହ କରିବା ସୂଚନା ରହିଛି। ଗୃହ କାମରେ ବ୍ୟସ୍ତ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କାମକୁ ପାସୋରି ଦେଇପାରନ୍ତି।

ଆଜି ମାର୍ଗଶିର ମାସର ପଣ୍ଡୁପୂର୍ଣ୍ଣିମା ମଙ୍ଗଳବାର, ଅଦ୍ୟ ପୂର୍ଣ୍ଣିମାବିହିତ ଚନ୍ଦ୍ରୋପବାସ, ଡିସେମ୍ବର ୨୬ ତାରିଖ। ରାଶି ନକ୍ଷତ୍ର: ଦିବା ଘ.୦୯ା୫୭ ମି. ପର୍ଯ୍ୟନ୍ତ ମୃଗଶିରା/ବୃଷ, ତଦନ୍ତେ ମିଥୁନ ଚନ୍ଦ୍ର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬ା୨୨ ଗତେ, ଘ.୦୭ା୦୫ ମଧ୍ୟେ, ଘ.୦୯ା୦୪ ଗତେ, ଘ.୧୧ା୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨ା୨୯ ଗତେ, ଘ.୦୩ା୫୦ ମଧ୍ୟେ ରାହୁକାଳ।

# କଳାହାଣ୍ଡି ଜିଲା: ଜଣେ ମହିଳା ପାଇଛନ୍ତି ସୁଯୋଗ

ଭବାନୀପାଟଣା,୨୫।୧୨
(ଉତ୍ତମ କୁମାର ଦାଶ)





ରୋଶନି ସିଂଦେଓ

ସ୍ୱାଧୀନତା ପରେ କଳାହାଣ୍ଡି ଜିଲାରେ କେବଳ ଜଣେ ମହିଳା ବିଧାୟିକା ହେବାର ଗୌରବ ଅର୍ଜନ କରିଛନ୍ତି। ସେ ହେଉଛନ୍ତି ପୂର୍ବତନ ମନ୍ତ୍ରୀ ତଥା ଧର୍ମଗଡ଼ ବିଧାୟକ ପୁଷ୍ପେନ୍ଦ୍ର ସିଂ ଦେଓଙ୍କ ମା' ସ୍ୱର୍ଗତା ରୋଶନି ସିଂଦେଓ। ତାଙ୍କ ସ୍ୱାମୀ ତଥା ପୂର୍ବତନ ବିଧାୟକ ଚନ୍ଦ୍ରଭାନୁ ସିଂଦେଓଙ୍କ ଦେହାନ୍ତ ପରେ ଅକସ୍ମାତ ସେ ରାଜନୀତି ମଇଦାନକୁ ଓହ୍ଲାଇଥିଲେ। ସେ ୧୯୯୫ରେ ଜନତା ଦଳରୁ ଓ ୨୦୦୦ରେ ବିଜୁ ଜନତା ଦଳ ପକ୍ଷରୁ କୋକସରା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ସଂଯୋଗବଶତଃ ରୋଶନି ବିଧାୟିକା ହୋଇଗଲେ। ତାହା ନ ହୋଇଥିଲେ କଳାହାଣ୍ଡି ମହିଳା ଏମ୍‌ପିରହିତ ଭଳି ମହିଳା ବିଧାୟକଶୂନ୍ୟ ଜିଲା ଭାବେ ପରିଗଣିତ ହୋଇଥାଆନ୍ତା। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ ଜିଲାରେ ସରପଞ୍ଚ, ସମିତିସଭ୍ୟଙ୍କଠାରୁ ଆରମ୍ଭ କରି ବିଭିନ୍ନ ବ୍ଲକ, ଏନ୍‌ଏସି ଓ ଜିଲା ପରିଷଦ ପଦରେ ମହିଳାମାନେ ରହିଛନ୍ତି। ଏହାସହ କେତେକ ରାଜନୈତିକ ଦଳର ପଦାଧିକାରୀ ଭାବେ ମଧ ମହିଳା ଅଛନ୍ତି। କିନ୍ତୁ ସେହି ସ୍ତରରୁ ଆଉ ଆଗକୁ ଯାଇପାରୁନାହାନ୍ତି। ଅର୍ଥାତ୍ ପ୍ରତିଦ୍ୱନ୍ଦ୍ୱିତା ପାଇଁ ସୁଯୋଗ ମିଳୁ ନ ଥିବାରୁ ନାରୀ ନେତ୍ରୀମାନେ ନୀତି ଓ ନିଷ୍ପତ୍ତି ନେବାର ବୃହତ୍ ମଞ୍ଚରେ ଦୃଶ୍ୟମାନ ହେଉନାହାନ୍ତି।

୧୬ଟି ବିଧାନସଭା ନିର୍ବାଚନରୁ ଜଣେ ମାତ୍ର ମହିଳା ବିଧାୟକ ହେବା ସୂଚାଉଛି ଯେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ରାଜନୀତିରେ ମହିଳାଙ୍କ ଅଂଶଗ୍ରହଣକୁ ଅଗ୍ରାଧିକାର ଦେଉନାହାନ୍ତି। ରୋଶନି ସିଂଦେଓଙ୍କ ପରଠାରୁ ଲୋକ ସଭା ଓ ବିଧାନସଭା ନିର୍ବାଚନରେ ପ୍ରାର୍ଥୀଙ୍କୁ ଦେଖିଲେ ଜଣେ ମହିଳାଙ୍କୁ ମଧ ଭାଜପା, ବିଜେଡି ଓ କଂଗ୍ରେସ ପକ୍ଷରୁ ଟିକେଟ ମିଳିନାହିଁ। କେବଳ ୨୦୦୯ରେ ଧର୍ମଗଡ ନିର୍ବାଚନ ମଣ୍ଡଳୀରେ ବହୁଜନ ସମାଜବାଦୀ ପାର୍ଟୀ (ବିଏସ୍‌ପି) ପକ୍ଷରୁ କଲ୍ୟାଣୀ ନାଏକ ଓ ସମୃଦ୍ଧ ଓଡ଼ିଶା ପକ୍ଷରୁ ସୁଶ୍ରୀ ହିରା ବାଗ୍‌ଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ଦିଆଯାଇଥିଲା। କଳାହାଣ୍ଡି ଜିଲାରେ ଗୋଟିଏ ଲୋକ ସଭା ଓ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ଜୁନାଗଡ଼, ଭବାନୀପାଟଣା, ଧର୍ମଗଡ଼, ଲାଞ୍ଜିଗଡ଼ ଓ ନର୍ଲା ରହିଛି। ହେଲେ ପ୍ରମୁଖ ରାଜନୈତିକ ଦଳ ପ୍ରାର୍ଥୀ ଚୟନ ବେଳେ ମହିଳାଙ୍କୁ ଉପେକ୍ଷା କରୁଥିବା ଦେଖିବାକୁ ମିଳୁଛି।

ଏହି ଜିଲାରେ ବର୍ତ୍ତମାନ ନାରୀନେତ୍ରୀଙ୍କ ଅଭାବ ନାହିଁ। ରାଜନୈତିକ ଦଳଗୁଡ଼ିକର ଇଚ୍ଛାଶକ୍ତି ରହିଲେ ସେମାନେ ଆଗକୁ ଯାଇପାରନ୍ତେ। କଳାହାଣ୍ଡି ଜିଲାରେ ବିଜେଡି ନେତ୍ରୀ ତଥା ରାଜ୍ୟ ସମାଜ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା କଲ୍ୟାଣୀ ନାଏକ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, ଭବାନୀପାଟଣା ପୂର୍ବତନ ପୌରାଧ୍ୟକ୍ଷା ଲଳିତା ନାଏକଙ୍କ ଭଳି ଚର୍ଚ୍ଚିତ ମହିଳା ନେତ୍ରୀ ରହିଥିବାବେଳେ ଭାଜପାରେ ମାଳବିକା ଦେବୀ, ଡ.ସୁନୀତ ମୁଣ୍ଡ, ଜିଲା ସଭାନେତ୍ରୀ ନିରୁପମା ନାଏକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଶର୍ମିଷ୍ଠା ମେହେର ଏବଂ ବିନିତା ଦାଶ ପ୍ରମୁଖ ରହିଛନ୍ତି। ସେହିପରି କଂଗ୍ରେସରେ ରାଜ୍ୟ ସାଧାରଣ ସମ୍ପାଦିକା (ଯୁବ କଂଗ୍ରେସ) ମନ୍ଦାକିନୀ ବାଣୁଆ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ସୁକାନ୍ତି ସରାଫ୍, ମାହେନ୍ଦ୍ରୀ ସାହୁ ପ୍ରମୁଖ ରହିଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ ସବୁ କ୍ଷେତ୍ରରେ ଏହି ମହିଳାଙ୍କ ଦକ୍ଷତା ଅଛି ଓ ପ୍ରମୁଖ ଦଳ ପକ୍ଷରୁ ସୁଯୋଗ ମିଳିଲେ ସେମାନଙ୍କ ମଧ୍ୟରୁ ବିଧାୟିକା ଓ ଏମ୍‌ପି ହୋଇପାରନ୍ତେ। ମହିଳା ନେତ୍ରୀମାନେ ମଧ ଏ ଦିଗରେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ତେବେ ସାଧାରଣ ନିର୍ବାଚନ ୨୦୨୪ରେ ରାଜନୈତିକ ଦଳଗୁଡ଼ିକ ଯଦି ମହିଳାଙ୍କୁ ସୁଯୋଗ ଦେଇପାରିଲେ ତେବେ କଳାହାଣ୍ଡି ତା' ବିଧାୟକ ଓ ଏମ୍‌ପି ତାଲିକାରେ ନାରୀ ବିଜୟିନୀଙ୍କ ନାମକୁ ସ୍ଥାନିତ କରି ଇତିହାସ ରଚିପାରନ୍ତା ବୋଲି କୁହାଯାଇପାରେ।

# ବାଜପେୟୀଙ୍କ ସହ ଲୋକ ସଭା ସଦସ୍ୟ ରହିବା ସୌଭାଗ୍ୟର ବିଷୟ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୫।୧୨(ସୁନିତ୍ ମିଶ୍ର)



୨୦୦୪ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସହ ଥରେ ଲୋକ ସଭାର ସଦସ୍ୟ ରହିବା ସୌଭାଗ୍ୟର ବିଷୟ। ତାଙ୍କୁ ଅତି ନିକଟରୁ ଦେଖିବା ସହ ବିଚାରରେ ବେଶ୍ ପ୍ରଭାବିତ ହୋଇଥିଲି ବୋଲି ତାଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଦେବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଆଧୁନିକ ଭାରତର ପ୍ରଭାବଶାଳୀ ନେତୃତ୍ୱ, ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଦେଶ ପାଇଁ ସମର୍ପିତ ଥିଲା। ଜନତା ଓ ତୃଣମୂଳସ୍ତର ସହ ଜଡ଼ିତ ଜନନେତା ଅଟଳଜୀ ନିଜର ଆଦର୍ଶ, ମୂଲ୍ୟବୋଧ ଓ ନୀତି ବଳରେ ଭାରତୀୟ ରାଜନୀତିରେ ଏକ ଅବିସ୍ମରଣୀୟ ଛାପ ଛାଡ଼ିଯାଇଛନ୍ତି। ସେ ଭାରତରେ ଶିକ୍ଷା, ବିକାଶ, ସୁଶାସନ ଏବଂ ଗରିବଙ୍କ କଲ୍ୟାଣର ଏକ ନୂତନ ଯୁଗ ଆରମ୍ଭ କରିଥିଲେ। ଦେଶ ପାଇଁ ଉତ୍ସର୍ଗୀକୃତ ତାଙ୍କ ଜୀବନ ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠା ଆମ ସମସ୍ତଙ୍କ ପାଇଁ ଅନନ୍ତ ପ୍ରେରଣାର ଉତ୍ସ। ମୂଲ୍ୟବୋଧ, ଉତ୍ତରଦାୟିତ୍ୱ, ପାରଦର୍ଶିତା ଓ ସୁଶାସନର ପ୍ରତୀକ ଅଟଳଜୀ ସମସ୍ତଙ୍କ ପାଇଁ ପ୍ରେରଣା ହୋଇ ରହିବେ। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମୋଦି ଲୋକକଲ୍ୟାଣ ଓ ବିକାଶର ରାଜନୀତି ମାଧ୍ୟମରେ ଅଟଳଜୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଅଙ୍ଗୀକାରବଦ୍ଧ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ନିର୍ବାଚନ ମଣ୍ଡଳୀ, ବ୍ଲକ, ମ୍ୟୁନିସିପାଲିଟିରେ ପାଳନ ହେବ

ଭୁବନେଶ୍ୱର,୨୫।୧୨(ଅନିଲଦାସ)

**ଆଜି ବିଜେଡି ପ୍ରତିଷ୍ଠା ଦିବସ**

ବିଜୁ ଜନତା ଦଳର ୨୭ ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହେବ। ଏହି ଦିବସକୁ ରାଜ୍ୟର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ, ବ୍ଲକ ଓ ପୌରାଞ୍ଚଳଗଡିକରେ ପାଳନ କରିବାକୁ ଦଳ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ବିଜେଡି ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସକାଳ ୮ଟାରୁ କଟକ ଆନନ୍ଦ ଭବନରୁ ଏକ ବିଶାଳ ସାଇକେଲ ର୍ୟାଲି ବାହାରି ବିଜୁ ପଟ୍ଟନାୟକ ବିମାନବନ୍ଦର ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିବ। ଏହା ପରେ ଶଙ୍ଖ ଭବନ ଠାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବ। ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଫରେଷ୍ଟ ପାର୍କ ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲ୍ୟାର୍ପଣ କରିବେ।

ପ୍ରତିଷ୍ଠା ଦିବସ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ, ବ୍ଲକ ଓ ପୌରାଞ୍ଚଳଗୁଡ଼ିକରେ ପାଳନ କରିବାକୁ ସମସ୍ତ ରାଜ୍ୟ କର୍ମକର୍ତ୍ତା, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ, ଜିଲା ପର୍ଯ୍ୟବେକ୍ଷକ,ଏମପି, ଏମପି ପ୍ରାର୍ଥୀ, ବିଧାୟିକା, ବିଧାୟକ, ବିଧାୟକ ପ୍ରାର୍ଥୀ, ଜିଲା ସଭାପତ, ସାମ୍ମୁଖ୍ୟ ସଙ୍ଗଠନ ମାନଙ୍କର ରାଜ୍ୟ ଓ ଜିଲା ସଭାପତି, ଜିଲାପରିଷଦ ସଭାପତି, ଉପ-ସଭାପତି, ପୌରାଞ୍ଚଳ ମେୟର, ଡେପୁଟି ମେୟର, ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ବ୍ଲକ ଓ ନଗର ସଭାପତିଙ୍କୁ ବିଜେଡି ସଭାପତି ଡିସେମ୍ବର ୧୪ ତାରିଖରେ ଚିଠି ଲେଖି ଜଣାଇଥିଲେ। ପ୍ରତିଷ୍ଠା ଦିବସ ଅବସରରେ ଗଣଦୌଡ଼, ସଭା ସହ ରକ୍ତଦାନ ଓ ବୃକ୍ଷରୋପଣ ଭଳି କାର୍ଯ୍ୟକ୍ରମ କରିବାକୁ କୁହାଯାଇଛି । ଏହି ପ୍ରତିଷ୍ଠା ଦିବସରେ ଶ୍ରୀଜଗନ୍ନାଥ ଚେତନା ମୂଳାଧାରରେ ସଫଳ ବିକାଶ ଯାତ୍ରାକୁ ପୂର୍ଣ୍ଣ ବିକଶିତ ଓଡ଼ିଶା ଗଠନ ପାଇଁ ପୁନଃ ଅଙ୍ଗୀକାରବଦ୍ଧ ହେବାକୁ ମୁଖ୍ୟମନ୍ତ୍ରୀ ଦଳୀୟ ନେତା ଓ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି ଆସନ୍ତା ବିଜେଡି ୨୬ ବର୍ଷ ପୂରଣ କରି ୨୭ ବର୍ଷରେ ପଦାର୍ପଣ କରିବ। ଗତ ୨୬ ବର୍ଷ ଧରି ଦଳ ଉତ୍ସର୍ଗୀକୃତ ମନୋଭାବ ନେଇ ନିଷ୍ଠାପର ଭାବେ ଜନଗଣଙ୍କ ପାଇଁ ନିରବଚ୍ଛିନ୍ନ କାର୍ଯ୍ୟ କରି ଆସୁଛି । ଏହି ୨୬ ବର୍ଷ ଧରି ଲୋକଙ୍କ ସେବା ଏବଂ ଓଡ଼ିଶାର ବିକାଶ କରି ଆସୁଥିବା ଏହି ଦଳ ରାଜନୈତିକ କାର୍ଯ୍ୟକ୍ରମ ସହିତ ତା'ର ସାମାଜିକ ଅଙ୍ଗୀକାରବଦ୍ଧତା ପାଇଁ ଅନ୍ୟ ସର୍ବଭାରତୀୟ ଦଳ ଓ ଆଞ୍ଚଳିକ ଦଳଗୁଡିକ ଭିତରେ ବିଜେଡିକୁ ଏକ ପ୍ରଶଂସନୀୟ ପରିଚିତି ଆଣିଦେଇଛି ବୋଲି ନବୀନ କହିଛନ୍ତି।

## ବିଜେଡି ପ୍ରତିଷ୍ଠା ଦିବସରେ ଶପଥ ନେବେ ଦଳୀୟ କର୍ମୀ

ଭୁବନେଶ୍ୱର,୨୫।୧୨(ଅନିଲ ଦାସ)

ବିଜୁ ଜନତା ଦଳ ମଙ୍ଗଳବାର ୨୭ ବର୍ଷରେ ପଦାର୍ପଣ କରିବ। ଦଳ ପକ୍ଷରୁ ନିର୍ବାଚନମଣ୍ଡଳୀ, ବ୍ଲକ୍ ଓ ପୌରାଞ୍ଚଳରେ ଦଳର ପ୍ରତିଷ୍ଠା ଦିବସ ଆୟୋଜନ ହେବ। ଲୋକମାନଙ୍କ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରତିଷ୍ଠା ଦିବସ ଅବସରରେ ଓଡିଶାର ସ୍ୱାର୍ଥ ରକ୍ଷା ପାଇଁ ରାଜ୍ୟବାସୀଙ୍କ ସେବାରେ ନିଜକୁ ପୁନଃ ଉତ୍ସର୍ଗ କରିବା ସହ ଏକ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନ 'ନବୀନ ଓଡିଶା' ଗଠନ ପାଇଁ ବ୍ରତୀ ହେବାକୁ ଦଳର ସଦସ୍ୟମାନେ ଶପଥ ନେବେ ବୋଲି କୁହାଯାଇଛି।

## ଅଟଳ ବିହାରୀ ଭାରତର ବିକାଶଧାରା ଆରମ୍ଭ କରିଥିଲେ: ମନମୋହନ

ଭୁବନେଶ୍ୱର, ୨୫।୧୨(ସୁନିତ୍ ମିଶ୍ର):

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଭାରତରେ ବିକାଶର ଧାରା ଆରମ୍ଭ କରିଥିଲେ। ଏହାକୁ ଆଧାରକରି ବର୍ତ୍ତମାନ ଦେଶ ଅଗ୍ରଗତି କରିଛି। ବାଜପେୟୀ କେବଳ ଭାଜପାର ନୁହନ୍ତି, ଦେଶର ନେତା ଥିଲେ। ସେ ଏକାଧାରରେ ଜଣେ କବି, ରାଜନେତା, ଦାର୍ଶନିକ, ଶିକ୍ଷକ, ଶ୍ରେଷ୍ଠ ବୈଦେଶିକ ମନ୍ତ୍ରୀ, ଶ୍ରେଷ୍ଠ ପ୍ରଧାନମନ୍ତ୍ରୀ, ଜଣେ ବିଚକ୍ଷଣ କୂଟନୀତିଜ୍ଞ, ପ୍ରଚଣ୍ଡ ରାଷ୍ଟ୍ରଭକ୍ତ ସାଙ୍ଗକୁ କୁଶଳୀ ସଙ୍ଗଠକ ଥିଲେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରାଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ପଣ୍ଡିତ ଦୀନଦୟାଲଜୀଙ୍କ ମହାନ୍ ବିଚାର 'ଅନ୍ତ୍ୟୋଦୟ'କୁ ଅଟଳଜୀ ପ୍ରଥମେ କାର୍ଯ୍ୟକାରୀ କରିଥିଲେ ଏବଂ ବର୍ତ୍ତମାନ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଶତପ୍ରତିଶତ କାର୍ଯ୍ୟକାରୀ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ସୁଶାସନ କ'ଣ ତା'ର ଦୃଷ୍ଟାନ୍ତ ଓ ଉଦାହରଣ ଇତ୍ୟାଦି ବାଜପେୟୀଙ୍କ ଶାସନ କାଳରେ ଦେଖିବାକୁ ମିଳିଥିଲା। ସରକାରକୁ ଆସିବା ପରେ ୧୩୫ ନମ୍ବରରେ ଥିବା ଦେଶକୁ ସେ ୬ ନମ୍ବର ରାଷ୍ଟ୍ରରେ ପରିଣତ କରିଥିଲେ ବୋଲି ମନମୋହନ କହିଛନ୍ତି।

**ରାଜ୍ୟ ଖବର**

## ସାନଭାଇଙ୍କୁ ହତ୍ୟା: ଥାନାରେ ଆତ୍ମସମର୍ପଣ କଲେ ବଡ଼

ଭବାନୀପାଟଣା,୨୫।୧୨
(ଉତ୍ତମ କୁମାର ଦାଶ)


ବଡ଼ ଭାଇ ମହେନ୍ଦ୍ର

କଳାହାଣ୍ଡି ଜିଲା ଭବାନୀପାଟଣା ସହର ବିବିସିପଡ଼ାରେ ବଡ଼ଭାଇ ମହେନ୍ଦ୍ର ବାଗ ସାନଭାଇ ଗଣେଶଙ୍କୁ ହତ୍ୟା କରିଛନ୍ତି। ସୋମବାର ସକାଳେ ମହେନ୍ଦ୍ର ଭବାନୀପାଟଣା ଟାଉନ ଥାନାକୁ ଆସି ଆତ୍ମସମର୍ପଣ କରିବା ପରେ ପୋଲିସ ଅଟକ ରଖି ପଚରାଉଚରା କରୁଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରବିବାର ବିଳମ୍ବିତ ରାତିରେ କୌଣସି କଥାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ମହେନ୍ଦ୍ର ଉତ୍ତେଜିତ ହୋଇ ପାଖରେ ପଡ଼ିଥିବା ପେଚ୍‌କସ୍ ସାହାଯ୍ୟରେ ଗଣେଶଙ୍କ ଛାତି ଓ ପେଟକୁ ଆକ୍ରମଣ କରିଥିଲେ। ସେ ଗୁରୁତର ହେବାରୁ ପରିବାରବର୍ଗ ତାଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଗଣେଶଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଭବାନୀପାଟଣା ଟାଉନ ଥାନାରେ ଏକ ମାମଲା (ନଂ.୫୩୩/୨୦୨୩) ରୁଜୁ ହୋଇଛି।

## ୨ଦିନ ଘନ କୁହୁଡ଼ି

**କୋରାପୁଟରେ ୬.୫ ଡିଗ୍ରୀ ସେଲ୍‌ସିୟସ**

ଭୁବନେଶ୍ୱର,୨୫।୧୨(ଅନିଲ ଦାସ)

ରାଜ୍ୟରେ ଶୀତ କମି ଯାଇଛି। ସର୍ବନିମ୍ନ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ଆସନ୍ତା ୨୯ ତାରିଖରୁ ଶୀତ ଆହୁରି କମିବ। ବଙ୍ଗୋପସାଗରରୁ ସ୍ଥଳଭାଗକୁ ବାୟୁ ପ୍ରବାହ ହେବ। ଏହାର ପ୍ରଭାବରେ ଉତ୍ତର ଉତ୍ତର ପଶ୍ଚିମ ଦିଗରୁ ପ୍ରବାହିତ ହେଉଥିବା ଥଣ୍ଡା ବାୟୁ ରାଜ୍ୟକୁ ପ୍ରବେଶ କରିପାରିବ ନାହିଁ। ଶୀତ କମିବା ସହ ରାଜ୍ୟରେ କୁହୁଡ଼ି ବଢ଼ିବ।

ଆସନ୍ତା ଦୁଇଦିନ ରାଜ୍ୟରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ମଙ୍ଗଳବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଯାଜପୁର, ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି, କୋରାପୁଟ ଜିଲାରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ସେହିପରି ୨୭ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଜିଲାରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋଓ୍ୱାର୍ନିଂ ଜାରି କରାଯାଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ କୋରାପୁଟରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡ଼ି ୮, ଫୁଲବାଣୀ ୧୦, ସୁନ୍ଦରଗଡ଼ ୧୦, ବୌଦ୍ଧ ୧୦.୫, ଅନୁଗୋଳ ୧୧, ନବରଙ୍ଗପୁର ୧୧, ଭବାନୀପାଟଣା ୧୧, ବଲାଙ୍ଗୀର ୧୧.୫, କଟକ ୧୫.୫ ଏବଂ ଭୁବନେଶ୍ୱରରେ ୧୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

## ବାହାର ଧାନ ବେପାରୀଙ୍କ ଉପରେ ନଜର

ଭୁବନେଶ୍ୱର,୨୫।୧୨(ଅନିଲ ଦାସ)

**ସିଲ୍ ପଏଣ୍ଟ କରି ଚେକିଂ କଡ଼ାକଡ଼ି କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ**

ରାଜ୍ୟ ବାହାର ବେପାରୀ ଓଡ଼ିଶା ଚାଷୀଙ୍କଠାରୁ କମ୍ ମୂଲ୍ୟରେ ଧାନ କିଣି ନେଇ ଯାଉଥିବା ଅଭିଯୋଗ ହେଉଛି। ଧାନ ମଣ୍ଡି ଖୋଲିବା ବିଳମ୍ବ ହେବା ସହ ଅଭାବୀ ବିକ୍ରି ହେଉଥିବାରୁ ଚାଷୀମାନେ ନିଜର ଧାନକୁ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)ରୁ କମ୍ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ମଣ୍ଡିରେ ବିକିବା ବେଳେ ୨ରୁ ୪ କିଲୋ କଟନୀ ଛଟନୀ ପାଇଁ ଚାଷୀମାନେ ରାଜ୍ୟ ବାହାର ବେପାରୀଙ୍କୁ ଧାନ ବିକି ଦେଉଥିବା ଅଭିଯୋଗ ହେଉଛି। ଏଭଳି ଅଭିଯୋଗ ଆସିବା ପରେ ରାଜ୍ୟ ସରକାର ବାହାର ବେପାରୀଙ୍କ ଉପରେ ନଜର ରଖିବାକୁ ଜିଲା ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଛତିଶଗଡ଼, ତେଲଙ୍ଗାନା ଓ ଆନ୍ଧ୍ର ସୀମାକୁ ଲାଗିଥିବା ଜିଲାଗୁଡ଼ିକରେ ସିଲ୍ ପଏଣ୍ଟ କରି ଚେକିଂ କଡ଼ାକଡ଼ି କରିବାକୁ ସମବାୟ ବିଭାଗ ପକ୍ଷରୁ ସମସ୍ତ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

# ତିନିଦିନିଆ ଅବିଭକ୍ତ ସମ୍ବଲପୁର ଜିଲା ଗସ୍ତରେ ରାଜ୍ୟପାଳ

ସମ୍ବଲପୁର,୨୫।୧୨(ପ୍ରମୋଦ ବହିଦାର):

- ଧନକଉଡ଼ା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ
- ଧାନ ସଂଗ୍ରହ ପ୍ରସଙ୍ଗରେ ଚାଷୀଙ୍କ ସହ ଆଲୋଚନା


ଧନକଉଡ଼ା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା ।

ଓଡ଼ିଶା ରାଜ୍ୟପାଳ ରଘୁବର ଦାସ ତିନିଦିନିଆ ଅବିଭକ୍ତ ସମ୍ବଲପୁର ଜିଲା ଗସ୍ତରେ ଆସି ସୋମବାର ସକଳେ ସମ୍ବଲପୁରରେ ପହଞ୍ଚିଛନ୍ତି। ସେ ଭୁବନେଶ୍ୱରରୁ ବିମାନ ଯୋଗେ ଆସି ସମ୍ବଲପୁର ଜମାଦାରପାଲିରେ ପହଞ୍ଚିବା ପରେ ସେଠାରୁ ସିଧାସଳଖ ଯାଇ ଧନକଉଡ଼ା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ତଥା ଭିତ୍ତିଭୂମି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ସାହୁ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଦୀପ କୁମାର ହୋତାଙ୍କ ଉପସ୍ଥିତିରେ ଉକ୍ତ ଚିକିତ୍ସାଳୟରେ ଚିକିତ୍ସକ, ସ୍ୱାସ୍ଥ୍ୟକର୍ମୀ ଓ ଆଶାଦିଦିଙ୍କ ସହ ଆଲୋଚନା କରିଥିଲେ। ପରେ ସେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିବା ରୋଗୀମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ମିଳୁଥିବା ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରି ବୁଝିଥିଲେ। କେତେଜଣ ଗର୍ଭବତୀ ମହିଳାଙ୍କ ସହ ଆଲୋଚନା କରି ସେମାନଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେଠାରୁ ରାଜ୍ୟପାଳ ଦାସ ପରମାଣପୁର ଯାଇ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସହ ଭାବ ବିନିୟମ କରିଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହ ମଧ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଏହାବାଦ କୁଦୋପାଲିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାକାରିତା ସମୀକ୍ଷା କରିବା ସହ ହିତାଧିକାରୀମାନଙ୍କୁ ଭେଟି ସେମାନଙ୍କ ସୁବିଧାଅସୁବିଧା ପଚାରି ବୁଝିଥିଲେ। ଏହି ଅବସରରେ ଅଞ୍ଚଳର ଚାଷୀଙ୍କ ସହ ଧାନ ସଂଗ୍ରହ ନେଇ ଆଲୋଚନା କରିଥିଲେ। ଚାଷୀମାନେ ଧାନ ବିକ୍ରୟ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ନେଇ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସେ ବୁର୍ଲାସ୍ଥିତ ଅଶୋକ ନିବାସରେ ମଧ୍ୟାହ୍ନ ଭୋଜନ ଗ୍ରହଣ କରି ଜିଲାସ୍ତରୀୟ ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସନ୍ଧ୍ୟା ୫ଟାରେ ରାଜ୍ୟପାଳ ସମ୍ବଲପୁରର ଆରାଧ୍ୟ ଦେବୀ ମା' ସମଲେଶ୍ୱରୀଙ୍କ ପୀଠ ପରିଦର୍ଶନ କରି ମା'ଙ୍କ ଦର୍ଶନ ପୂର୍ବକ ଆଶୀର୍ବାଦ ଗ୍ରହଣ କରିଥିଲେ। ଅଶୋକ ନିବାସରେ ରାତ୍ର ରହଣି ପରେ ମଙ୍ଗଳବାର ସେ ବରଗଡ଼ ଜିଲା ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି।

## ୪ରୁ ପ୍ରାଣୀ ଚିକିତ୍ସକଙ୍କ ସମୂହ ଛୁଟି

ଭୁବନେଶ୍ୱର, ୨୫।୧୨
(ଅସମାପିକା ସାହୁ)

ପ୍ରାଣୀ ଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣର ଆବଶ୍ୟକତା ନେଇ ରାଜ୍ୟ ସରକାରଙ୍କୁ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ପକ୍ଷରୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ କୌଣସି ଫଳପ୍ରଦ ହେଉନାହିଁ। ଫଳରେ ପ୍ରାଣୀ ଚିକିତ୍ସକମାନେ ଆନ୍ଦୋଳନକୁ ଆପଣାଇବାକୁ ଯାଉଛନ୍ତି। ଆସନ୍ତା ୪ ତାରିଖରୁ ସେମାନେ ସମୂହ ଛୁଟିରେ ଯିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସୋମବାର ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ କର୍ମକର୍ତ୍ତାମାନେ କହିଛନ୍ତି, ରାଜ୍ୟରେ ପ୍ରାଣୀ ଚିକିତ୍ସକଙ୍କ ପଦବୀ ଖାଲି ପଡ଼ିଥିବା ବେଳେ ରାଜ୍ୟ ସରକାର ଏ ଦିଗରେ ଗୁରୁତ୍ୱ ଦେଉନାହାନ୍ତି। ରାଜ୍ୟର ପ୍ରାଣୀ ଚିକିତ୍ସା ସେବାରେ ନିୟୋଜିତ ୧୯୧୦ ଡାକ୍ତର ଚାକିରି କ୍ଷେତ୍ରରେ ପଦୋନ୍ନତିର ସୁବିଧା ପାଉ ନ ଥିବାରୁ ସେମାନେ ହତୋତ୍ସାହିତ ହୋଇପଡିଛନ୍ତି। ଦୀର୍ଘ ୨୨-୨୩ ବର୍ଷ ସେମାନଙ୍କୁ ଗୋଟିଏ ଦରମାରେ କାର୍ଯ୍ୟ କରିବାକୁ ପଡୁଛି। ୪୦ପ୍ରତିଶତ ପଦବୀ ଖାଲି ପଡ଼ିଥିବାରୁ ପ୍ରାଣୀଚିକିତ୍ସକଙ୍କ ଉପରେ ଚାପ ପଡୁଛି। ଆବଶ୍ୟକ କ୍ୟାଡର ପୁନର୍ଗଠନ ସହ ସଂଘ ସରକାରଙ୍କ ନିକଟରେ ଏକାଧିକ ଦାବି ରଖିଛି। ୨୨-୨୩ ବର୍ଷ ଧରି ପଦୋନ୍ନତି ପାଉ ନ ଥିବା ପ୍ରାଣୀ ଚିକିତ୍ସକଙ୍କୁ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକଙ୍କ ହାରରେ ଡିଏସିପି ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ସଂଘ ତରଫରୁ ଦାବି କରାଯାଇଛି। ଦାବି ନେଇ ସରକାରଙ୍କ ସହ ବାରମ୍ବାର ଆଲୋଚନା କରାଯାଇଥିଲେ ମଧ କୌଣସି ପଦକ୍ଷେପ ନେଉନାହନ୍ତି। ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ରୂପାନ୍ତରଣକୁ ଗୁରୁତ୍ୱ ଦେଉଥିବାବେଳେ ପ୍ରାଣୀ ଚିକିତ୍ସା ସେବାକୁ ଅବହେଳା କରିବା ଦୁଃଖଦାୟକ ବୋଲି ସଂଘ କର୍ମକର୍ତ୍ତାମାନେ କହିଛନ୍ତି। ଆସନ୍ତା ୪ତାରିଖ ସୁଦ୍ଧା ଯଦି ସରକାର ଆମ ଦାବି ସମ୍ପର୍କରେ କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ରାଜ୍ୟର ସମସ୍ତ ପ୍ରାଣୀ ଚିକିତ୍ସକ ଏକକାଳୀନ ସମୂହ ଛୁଟିରେ ଯିବେ ବୋଲି ସଂଘ ସଭାପତି ଡା. ଯଦୁନାଥ ପରିଡ଼ା କହିଛନ୍ତି। ଖବରଦାତା ସମ୍ମିଳନୀରେ ସଂଘ ସମ୍ପାଦକ ଡା. ଶଙ୍କର୍ଷଣ ମାହୁନ୍ତ, କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟିର କର୍ମକର୍ତ୍ତା ଓ ଓଡ଼ିଶାର ୩୦ଟି ଜିଲାରୁ ଜିଲା ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ମହାକାଶ: ବର୍ଜ୍ୟର ଭଣ୍ଡାର

ମଣିଷ ଚନ୍ଦ୍ରରେ ପହଞ୍ଚିବା ପରେ ଏବେ ଅନ୍ୟଗ୍ରହରେ ବାସୋପଯୋଗୀ ପରିବେଶ ସନ୍ଧାନରେ ଲାଗିପଡ଼ିଛି। ଏହାସହ ସୂର୍ଯ୍ୟର ରହସ୍ୟ ଭେଦ କରିବାକୁ ଚେଷ୍ଟା କରୁଛି। ଆମେରିକା, ଜାପାନ, ଚାଇନା ଓ ୟୁରୋପୀୟ ସ୍ପେଶ ଏଜେନ୍ସି ପରେ ଭାରତ ଏ କ୍ଷେତ୍ରରେ ଆଗକୁ ବଢ଼ିଛି। ସେପ୍ଟେମ୍ବର ୨୦୨୩ରେ ମହାକାଶକୁ ପଠାଯାଇଥିବା ଯାନ ଆଦିତ୍ୟ-ଏଲ୍୧ ଜାନୁୟାରୀ ୬ରେ ଲାଗ୍ରାଙ୍ଗିଆନ ପଏଣ୍ଟ(ଏଲ-୧)ରେ ପହଞ୍ଚିବ ବୋଲି ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ)ର ଅଧ୍ୟକ୍ଷ ଏସ୍. ସୋମନାଥ କହିଛନ୍ତି। ଏହା ସୂର୍ଯ୍ୟରେ ଘଟୁଥିବା ବିଭିନ୍ନ ପରିବର୍ତ୍ତନକୁ ଅନୁଧ୍ୟାନ କରିବ। ତେବେ ମହାକାଶ ବିଜ୍ଞାନର ଇତିହାସକୁ ଦେଖିଲେ ଏହାର ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଚନ୍ଦ୍ର ଅଭିଯାନରୁ ଆରମ୍ଭ ହୋଇଥିଲା ବୋଲି କୁହାଯାଇପାରେ। ୧୯୫୦ରୁ ୧୯୬୦ ଦଶନ୍ଧି ପ୍ରାରମ୍ଭ ଯାଏ ଏଥିରେ ସୋଭିଏଟ୍ ସଂଘ ସଫଳତା ପାଇବା ପରେ ଆମେରିକା ଆସିଲା। ୨୦ ଜୁଲାଇ ୧୯୬୯ରେ ଆମେରିକାର ଆପୋଲୋ-୧୧ ମହାକାଶ ଯାନରେ ନିଲ୍ ଆର୍ମଷ୍ଟ୍ରଙ୍ଗ ଓ ସାଥୀମାନେ ଚନ୍ଦ୍ରପୃଷ୍ଠରେ ପ୍ରଥମେ ଓହ୍ଲାଇଥିଲେ। ଏହି ଐତିହାସିକ ଅଭିଯାନ ପରେ ଦୀର୍ଘ ୫୦ ବର୍ଷ ମଧ୍ୟରେ ଆମେରିକା ହେଉ କି ରୁଷିଆ ଆଉ ଚନ୍ଦ୍ରରେ ମଣିଷ ପହଞ୍ଚାଇବାକୁ ସକ୍ଷମ ହୋଇନାହାନ୍ତି। କିନ୍ତୁ ଚଳିତ ଦଶନ୍ଧିରେ ଆମେରିକା ପୁଣି ତାହା ହାସଲ କରିବାକୁ ଯୋଜନା କରି ଚନ୍ଦ୍ରରେ ଏକ ବେସ୍ ଚାହୁଁଛି। ରୁଷିଆ ଏହା କରିବାକୁ ଘୋଷଣା କରିସାରିଲାଣି। ଏହି ଦୁଇ ମହାଶକ୍ତିକୁ ବାଦ୍ ଦେଲେ ଚାଇନା, ଜାପାନ, ଦକ୍ଷିଣ କୋରିଆ, ଭାରତ, ସଂଯୁକ୍ତ ଆରବ ସଂଘ ଚନ୍ଦ୍ରଆଡ଼କୁ ମୁହାଁଇଛନ୍ତି। ବିଶ୍ୱରେ ଚନ୍ଦ୍ର ଓ ସୂର୍ଯ୍ୟ ଅଭିଯାନ ମହାକାଶ କାର୍ଯ୍ୟକ୍ରମକୁ ବହୁ ଗୁଣ ବଢ଼ାଇଛି। ଏଥିରେ ବିକଶିତ ଦେଶଗୁଡ଼ିକ ସହ ଯୋଡ଼ି ହୋଇଛନ୍ତି ସ୍ପେସ୍ଏକ୍ସ, ବ୍ଲୁ ଓରିଜିନ ଓ ଭିର୍ଜିନ ଗାଲାକ୍ଟିକ୍ ଭଳି ପ୍ରାଇଭେଟ୍ କମ୍ପାନୀ। ବହୁ ବୈଶ୍ୱିକ ସମସ୍ୟାକୁ ଅଣଦେଖା କରି ଚନ୍ଦ୍ରରେ ବସତି ସ୍ଥାପନ, ସୂର୍ଯ୍ୟର ରହସ୍ୟ ଭେଦିବା ଲାଗି ଅନେକ ଶହ ବିଲିୟନ ଡଲାର ବ୍ୟୟ କରାଯାଉଛି। ମହାକାଶ ଶିଳ୍ପ ଗତ ଦଶନ୍ଧିରେ ୭୦% ବୃଦ୍ଧି ପାଇଥିବାବେଳେ ଏହା ୨୦୪୦ ସୁଦ୍ଧା ୧ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

**ମହାକାଶ ବର୍ଜ୍ୟର ସମାଧାନ ବାଟ ବାହାର କରିବାକୁ ଯାଇ ଜାପାନର ଏରୋ ସ୍ପେସ୍ ଏକ୍ସପ୍ଲୋରେଶନ ଏଜେନ୍ସି ୨୦୨୫ରୁ ମହାକାଶ ବର୍ଜ୍ୟ ସଫା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଘୋଷଣା କରିଛି। ଏଥିରେ ୟୁରୋପୀୟ ସ୍ପେସ୍ ଏଜେନ୍ସି ଷ୍ଟାର୍ଟଅପ୍‌ଗୁଡ଼ିକୁ ମଧ୍ୟ ସାମିଲ କରିଛି।**

ଉଲ୍ଲେଖନୀୟ ଯେ, ଗତବର୍ଷ ସ୍ପେସ୍ ଏକ୍ସ ୧ ହଜାରରୁ ଊର୍ଦ୍ଧ୍ୱ ସାଟେଲାଇଟ ମହାକାଶକୁ ପଠାଇବାର ଯୋଜନା ସମ୍ପର୍କରେ ଘୋଷଣା କରିଥିଲା। ଆଗାମୀ କିଛିବର୍ଷ ମଧ୍ୟରେ ୪୫,୦୦୦ରୁ ଊର୍ଦ୍ଧ୍ୱ ସାଟେଲାଇଟ ପ୍ରେରଣ କରାଯିବ ବୋଲି ମହାକାଶ କ୍ଷେତ୍ରରେ କାର୍ଯ୍ୟକରୁଥିବା ଘରୋଇ କମ୍ପାନୀଗୁଡ଼ିକ ସ୍ପଷ୍ଟ କରିବା ସ୍ଥିତିକୁ ଆହୁରି ଗମ୍ଭୀର କରିଦେବ। ଏହା ସ୍ପଷ୍ଟ ଯେ, ଇଣ୍ଟରନ୍ୟାଶନାଲ ସ୍ପେସ ରେଗୁଲେଟୋରି ଅଥରିଟି ନ ଥିବାରୁ ଘରୋଇ କମ୍ପାନୀଗୁଡ଼ିକୁ ଆୟତ୍ତ କରାଯାଇପାରୁନାହିଁ। ଏଭଳି ପ୍ରତିଯୋଗିତା ଲାଗି ରହିଲେ ମହାକାଶ ବର୍ଜ୍ୟର ଭଣ୍ଡାର ପାଲଟିବାକୁ ବେଶି ସମୟ ଲାଗିବ ନାହିଁ। ୟୁରୋପୀୟ ସ୍ପେସ୍ ଏଜେନ୍ସି ଆକଳନ କରିଛି ଯେ, ମହାକାଶରେ ରକେଟ, ସାଟେଲାଇଟ କିମ୍ବା ଅନ୍ୟ ଯାନର ୯ ଲକ୍ଷରୁ ଊର୍ଦ୍ଧ୍ୱ ଭଗ୍ନାବଶେଷ ଘଣ୍ଟା ପ୍ରତି ୨୮,୦୦୦ କି.ମି. ବେଗରେ ପୃଥିବୀ ଚାରିପାଖରେ ୧୦୦୦ କି.ମି. ଉପରେ ଘୂରି ବୁଲୁଛନ୍ତି। ମହାକାଶ ବର୍ଜ୍ୟର ପରିଣାମ ଅତୀତରେ ଭାରତରେ ଦେଖାଯାଇଥିଲା। ୧୯୭୯ରେ ଆମେରିକାର ସ୍ପେସ୍ ଷ୍ଟେଶନ ସ୍କାଇଲାବ ଅବିଭକ୍ତ ଆନ୍ଧ୍ରପ୍ରଦେଶର କରିମ୍‌ନଗର ଜିଲାରେ ପଡ଼ିବାର ଭୟ ସୃଷ୍ଟି କରି ଏ ସମ୍ପର୍କରେ ଚିନ୍ତା କରିବାକୁ ବିଶ୍ୱକୁ ପ୍ରାରମ୍ଭିକ ସଙ୍କେତ ଦେଇଥିଲା। ଏହା ସହ ୨୦୨୧ରେ ଚାଇନାର 'ଲଙ୍ଗ ମାର୍ଚ୍ଚ-ବି' ରକେଟ ଜନବସତି ଅଞ୍ଚଳରେ ପଡ଼ିବାର ଡର ଆଣିଥିଲା। ଏଭଳି ସମ୍ଭାବ୍ୟ ଭୟ ବିଭିନ୍ନ ସମୟରେ ସାମ୍ନାକୁ ଆସୁଛି। ମହାକାଶ ବର୍ଜ୍ୟ ଅତ୍ୟଧିକ ବୃଦ୍ଧି ପାଇଲେ ତାହା ପୃଥିବୀର ପରିବେଶକୁ ମଧ୍ୟ ପ୍ରଭାବିତ କରିବାର ଆଶଙ୍କା ବଢ଼ିବ ବୋଲି ଗବେଷକମାନେ କହିଛନ୍ତି। ମହାକାଶ ବର୍ଜ୍ୟର ସମାଧାନ ବାଟ ବାହାର କରିବାକୁ ଯାଇ ଜାପାନର ଏରୋ ସ୍ପେସ୍ ଏକ୍ସପ୍ଲୋରେଶନ ଏଜେନ୍ସି ୨୦୨୫ରୁ ମହାକାଶ ବର୍ଜ୍ୟ ସଫା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଘୋଷଣା କରିଛି। ଏଥିରେ ୟୁରୋପୀୟ ସ୍ପେସ୍ ଏଜେନ୍ସି ଷ୍ଟାର୍ଟଅପ୍‌ଗୁଡ଼ିକୁ ମଧ୍ୟ ସାମିଲ କରିଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, କିନ୍ତୁ ଲୋକଙ୍କୁ ନେଇ ଚନ୍ଦ୍ରରେ ବସତି ସ୍ଥାପନ କରିବା, ମହାକାଶ କେନ୍ଦ୍ର ନିର୍ମାଣ କରିବା କିମ୍ବା ସୂର୍ଯ୍ୟର ରହସ୍ୟ ଜାଣିବା ଲାଗି ଯେଉଁ ମହାକାଶ ଦୌଡ଼ ଆରମ୍ଭ ହୋଇଛି ତାହା ଭବିଷ୍ୟତରେ ପୃଥିବୀକୁ ଅଧିକ ସଙ୍କଟ ମଧ୍ୟକୁ ଠେଲି ଦେବାର ଆଶଙ୍କା ସୃଷ୍ଟି କଲାଣି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | | | | 5 |
| | | | | 6 | | | 3 | |
| 3 | | | | | | | 7 | |
| | 5 | | | | | | | 2 |
| | 7 | | | | 3 | | | |
| | | | 5 | 4 | 1 | | | |
| | | | 6 | | | | 1 | |
| 7 | | | | 2 | | | | 9 |
| | 6 | | 1 | | | | 5 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 1 | 7 | 6 | 5 | 9 | 2 | 4 |
| 7 | 4 | 6 | 3 | 9 | 2 | 1 | 8 | 5 |
| 2 | 5 | 9 | 4 | 8 | 1 | 6 | 7 | 3 |
| 8 | 6 | 5 | 1 | 2 | 4 | 3 | 9 | 7 |
| 4 | 2 | 3 | 9 | 7 | 6 | 8 | 5 | 1 |
| 9 | 1 | 7 | 5 | 3 | 8 | 2 | 4 | 6 |
| 6 | 3 | 4 | 8 | 5 | 9 | 7 | 1 | 2 |
| 5 | 7 | 8 | 2 | 1 | 3 | 4 | 6 | 9 |
| 1 | 9 | 2 | 6 | 4 | 7 | 5 | 3 | 8 |

ଗତକାଲିର ଉତ୍ତର

# କ୍ଷମତାରୁ ଗଲାପରେ



ଅକ୍ଷୟ କୁମାର ମିଶ୍ର

ସ୍ୱାଧୀନତା ପରେ ଆମ ଦେଶରେ ଗଣତନ୍ତ୍ର ପ୍ରତିଷ୍ଠା ହେଲା। ଲୋକେ ବାଛିଲେ କାହା ହାତରେ ଶାସନ ଡୋରି ଦେବେ। ପାଞ୍ଚବର୍ଷ ବ୍ୟବଧାନରେ ଥରେ ବାଛିବାର ଅଧିକାର ଦିଆଗଲା। ଏହି କ୍ଷମତା ହାତେଇବା ପାଇଁ କେତେ କୌଶଳ, କେତେ ଫନ୍ଦି ଫିକର। ସାଦା ସିଧା ଜୀବନଶୈଳୀ, ସମସ୍ତଙ୍କୁ ଆପଣେଇ ନେଲା ଭଳି ବ୍ୟବହାର ଓ କଥାବାର୍ତ୍ତା। ନ ଡାକିଲେ ବି ସାହାଯ୍ୟ କରିବାକୁ ହାଜର। କିନ୍ତୁ କ୍ଷମତାକୁ ଆସିବା ପରେ ଦେଖାଯାଉଛି ଅଧିକାଂଶ ଲୋକପ୍ରତିନିଧିଙ୍କ ଲୋକ ଚରିତ୍ର ବଦଳି ଯାଉଛି। କ୍ଷମତା ସେମାନଙ୍କୁ ଅନ୍ଧ କରିଦେଉଛି। ସେମାନେ ଆଉ ସେବ୍ୟ ବୋଲି ନିଜକୁ ନ ଭାବି ନିଜକୁ ଲୋକଙ୍କ ରକ୍ଷକ ବୋଲି ବାହାସ୍ଫୋଟ ମାରୁଛନ୍ତି। ଜୀବନଶୈଳୀ ବଦଳି ଯାଉଛି। ଆଚାର, ବିଚାର, ଚାଲି ଚଳନ, କଥାବାର୍ତ୍ତା, ଭାବଭଙ୍ଗୀ ସବୁଥିରେ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ଆଭିଜାତ୍ୟର ଛାପ ବେଶ୍ ବାରି ହୋଇପଡୁଛି। ଲୋକେ କହୁଛନ୍ତି ଏହା କୁର୍ସୀର ଦୋଷ।

ଫାଟକ ସାମନାରେ ଝୁଲୁଛି ଗୋଟିଏ ବଡ଼ ଫଳକ – 'କୁକୁର ପ୍ରତି ସାବଧାନ।' ଦରୁଆନ୍ ଜଗୁଛି ଗେଟ୍ ପାଖରେ। ପ୍ରଥମେ ସେ ଅଟକିବ। 'ବାବୁ ଶୋଇଛନ୍ତି। ଉଠିଲେ ମୁଁ ପଚାରି ଛାଡ଼ିବି। ଅପେକ୍ଷା କର।' ବ୍ୟସ୍ତ ହୋଇପଡ଼ିଲେ ଟିକିଏ କର୍କଶ ସ୍ୱରରେ କହିବ -'ଅନ୍ୟ କେଉଁଠି ଯଦି କାମ ଅଛି କାମ ସାରି ଆସ।' ଦୁଇରୁ ତିନିଥର ନେହୁରା ହେଲେ ଚଢ଼ା ସ୍ୱରରେ ଶୁଣାଇଦେବେ 'ଧୈର୍ଯ୍ୟ ନାହିଁ ଯଦି ଚାଲିଯାଅ। ତୁମେ କ'ଣ ଏକା ଆସିଛ ? ଦେଖିପାରୁନ କେତେ ଲୋକ ଅପେକ୍ଷା କରିଛନ୍ତି ? ସେମାନେ ତୁମ ଆସିବାର ଢେର ପୂର୍ବରୁ ଆସିଛନ୍ତି।' ଏହା ଭିତରେ ଜଣେ ଦୁଇ ଜଣଙ୍କୁ ଦରୁଆନ୍ ସାଲୁଟ୍ ମାରି ଛାଡୁଥିବ। କିନ୍ତୁ ତୁମର ପୁରୁଣା ପରିଚୟ କିଛି କାମ ଦେବନି। ଅଭିଯୋଗ କଲେ କଥା ସରିଲା। ରାଗ ତମ ତମ ହୋଇ କହିବ ''ସେମାନେ ଆଉ ତୁମେ ? ସେମାନଙ୍କ ସହିତ ବାବୁଙ୍କର ସରକାରୀ ଆଲୋଚନା ଅଛି। କାହାକୁ କେତେବେଳେ କେମିତି ଛାଡ଼ିବାକୁ ହେବ ଉପରୁ ନିର୍ଦ୍ଦେଶ ଅଛି। ମୁଁ କାହାକୁ ମନକୁ ଛାଡୁଛି ନା କାହାକୁ ମନକୁ ଅଟକାଉଛି।'' ତା'ପରେ ଟିକିଏ ନରମି ଯାଇ କହିବ ''ଆଉ ଟିକିଏ ଅପେକ୍ଷା କର। ବାବୁ ଉଠିଲେଣି। ଏଥର ଗେଟ୍ ଖୋଲିଦେବି। ସମସ୍ତେ ଯାଇ ପ୍ରତୀକ୍ଷାଳୟରେ ବସିବ।'' କିଛି ସମୟପରେ ଏକ ବିକଟାଳ ଶବ୍ଦ କରି ଲୁହା ଫାଟକଟି ଖୋଲିଯିବ। ପ୍ରତୀକ୍ଷାଳୟକୁ ଯିବାକୁ ଅନୁମତି ସିନା ମିଳିବ ବାବୁଙ୍କ ଦର୍ଶନ ପାଇଁ ଆହୁରି କେତେ କ'ଣ କଟକଣା ଥିବ।

ଆଉ ଜଣେ ଲୋକ ଆସି କହିବ ''ଯେଉଁମାନେ ବାବୁଙ୍କ ସହିତ ଦେଖା କରିବାକୁ ଚାହୁଁଛନ୍ତି, କାଗଜରେ ନିଜର ନାମ, କେଉଁଠୁ ଆସିଛନ୍ତି ଲେଖିଦିଅନ୍ତୁ।'' ଏଇଟି ଦ୍ୱିତୀୟ ସୋପାନ। ଅନୁମତି ଆସିବା ପରେ ବାବୁ ଦର୍ଶନ ଦେଉଥିବା ଉଦ୍ଦିଷ୍ଟ କୋଠରି ସାମନାରେ



ଠିଆ ହେବାକୁ ପଡ଼ିବ। କୋଠରି ଆଗରେ ଆଉ ଏକ ଫଳକ ଯେଉଁଥିରେ ବାବୁଙ୍କ ନାମ ଓ ପଦବୀ ଲେଖାଯାଇ ମରା ହୋଇଥିବ। କିନ୍ତୁ କବାଟ ଦେହରେ ଲେଖାଥିବ 'ବିନା ଅନୁମତିରେ ଭିତରକୁ ପ୍ରବେଶ ନିଷେଧ।' ଯାହାହେଉ ତୃତୀୟ ସୋପାନ ପାରିହେବା ପରେ ବାବୁଙ୍କ ପ୍ରତ୍ୟକ୍ଷ ଦର୍ଶନ ମିଳିବ। ହେଲେ ବାବୁ ହୁଏତ କାହା ସହିତ ଫୋନ୍‌ରେ କଥା ହେଉଥିବେ। ଦର୍ଶନାଭିଳାଷୀ ଲୋକଟି ଯଦି ଭାବିବ ଭାଇ ଫୋନ୍‌ରେ କଥା ହେଉଛନ୍ତି, ସାରନ୍ତୁ, ମୋତେ ଚିହ୍ନିବେ, ମନର କଥା ଖୋଲି କହିବି। ତାହା ହେବ ନାହିଁ। ପାଖରେ ଛିଡ଼ା ହୋଇଥିବା ଲୋକଟି ଇସାରା ଦେଇ କହିବ 'କୁହନ୍ତୁ, ସାର୍ ଶୁଣୁଛନ୍ତି।' ବିଚରା ଲୋକଟିର ଆଉ ଚାରା କ'ଣ ? ବାବୁ ଶୁଣନ୍ତୁ ବା ନ ଶୁଣନ୍ତୁ କହିବାକୁ ବାଧ। ଫୋନ୍ ଛାଡ଼ିଲା ପରେ ବାବୁ କହିବେ ''ଯାହା କହୁଛ ଲେଖିକରି ମୋର ବ୍ୟକ୍ତିଗତ ସଚିବ ପାଖରେ ଦେଇଯାଅ, ମୁଁ ଦେଖିବି।'' ଏତିକି ବେଳକୁ ପାଖରେ ଠିଆ ହୋଇଥିବା ଲୋକଟି କହିବ ''ଚାଲ, ଚାଲ ଅନ୍ୟମାନେ ଆସିବେ। ତୁମର କାମ ହୋଇଗଲା ବୋଲି ଜାଣ।''

କଥାରେ ଅଛି 'ଆଇନ ଆଖିରେ ସଭିଏଁ ସମାନ।' କଥାଟିର ସତ୍ୟତା ଥାଉ ବା ନ ଥାଉ କ୍ଷମତା ପାଖରେ ସଭିଏ ସମାନ ଏବେ ଏହି କଥାଟିକୁ ମାନିନେବାକୁ ପଡ଼ିବ। ଭାଇ ବନ୍ଧୁ କୁଟୁମ୍ବ, ଚିହ୍ନା ପରିଚୟ ସବୁ ଅଚିହ୍ନା। ଏହି କ୍ଷମତାଧାରୀ ମଣିଷମାନଙ୍କ ମୁହଁରେ ଏକା ଧରଣର କଥା। ''ମୋର ସମୟ ନାହିଁ, ଲୋକେ ରଖେଇ ଦେଉ ନାହାନ୍ତି, ଏମିତି କି ଘରର କଥା ମଧ୍ୟ ମୁଁ ବୁଝିପାରୁ ନାହିଁ।'' କିନ୍ତୁ କ୍ଷମତାକୁ ବ୍ୟବହାର କରି ଯଦି କିଛି ହାତେଇବାର ଅଛି ତେବେ କଥାଟି ସମ୍ପୂର୍ଣ୍ଣ ବିପରୀତ। ଏହି କ୍ଷେତ୍ରରେ ଆପଣାର ଲୋକଙ୍କ ପାଇଁ ଦ୍ୱାର ଉନ୍ମୁକ୍ତ।

କୌଣସି ଅଞ୍ଚଳକୁ ଯଦି ବାବୁ ଗସ୍ତ କରନ୍ତି କ୍ଷମତାର ଉଗ୍ର ରୂପଟି ବେଶ୍ ଜଳଜଳ ହୋଇ ଦିଶେ। ଆଗରେ ଗାଡ଼ି ପଛରେ ଗାଡ଼ି ମଝିରେ ଚାଲିବ ବାବୁଙ୍କ ଗାଡ଼ି। ଏମିତି ଅବସ୍ଥା ସୁରକ୍ଷାର ବଳୟ ଭେଦକରି ପିମ୍ପୁଡ଼ିଟିଏ ମଧ୍ୟ ଭିତରକୁ ପ୍ରବେଶ କରିପାରିବ ନାହିଁ। ଆଉ ଧୂଳି ଧୂଆଁ ଉଡ଼େଇ ବାବୁଙ୍କ ଗାଡ଼ି ଯେତେବେଳେ ଛୁଟିବ ଆଗକୁ ଦୁଇ ତିନି କିଲୋମିଟର ରାସ୍ତା ପୂରା ଫାଙ୍କା ରଖାଯିବ। ନିୟମରେ ଅଛି ଆମ୍ବୁଲାନ୍ସକୁ ରାସ୍ତା ନ ଛାଡ଼ିଲେ ଦଶ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ଅଧିକାଂଶ କ୍ଷେତ୍ରରେ ଏହି ନିୟମ ଖୋଲାଖୋଲି ଉଲ୍ଲଂଘନ ହୁଏ। କ୍ଷମତାର ଅପବ୍ୟବହାରର ଏହା ଏକ ଛୋଟିଆ ଉଦାହରଣ। ସମସ୍ତ ସରକାରୀ କାର୍ଯ୍ୟାଳୟ, ଥାନା, କଚେରି ସବୁଠି ସେମାନଙ୍କୁ ମିଳେ ସ୍ୱତନ୍ତ୍ର ଚେୟାର। କାରଣ କ୍ଷମତାକୁ ଡର।

ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡାର ଥିଲେ ଏହିପରି ଜଣେ ସମ୍ରାଟ, ଯିଏ ନିଜ ଶକ୍ତି ଓ କ୍ଷମତାକୁ ନେଇ ଏତେ ଉଲ୍ଲସିତ ହୋଇ ପଡ଼ିଥିଲେ ଯେ ଲୋକଙ୍କ ସମ୍ମୁଖରେ ନିଜକୁ ଦେବତା ବୋଲି ଘୋଷଣା କରିବାକୁ ପଛେଇ ନ ଥିଲେ। ଲୋକମାନେ ମଧ୍ୟ ନତଜାନୁ ହୋଇ ଏହାକୁ ଗ୍ରହଣ କରିନେଇଥିଲେ। କେବଳ ସ୍ପାର୍ଟା ନଗରର ଅଧିବାସୀମାନେ ସାମାନ୍ୟ ତୀର୍ଯ୍ୟକ୍ ସମାଲୋଚନା କରି କହିଥିଲେ ''ସିକନ୍ଦର ଯଦି ଦେବତା ହେବାକୁ ଇଚ୍ଛୁକ ତେବେ ହୁଅନ୍ତୁ। ପ୍ରତିବାଦ କରୁଛି କିଏ ?'' ଦୂତଙ୍କଠାରୁ ଏହା ଶୁଣି ସିକନ୍ଦର ସେଦିନ କ୍ରୋଧରେ ଗର୍ଜନ କରି କହିଥିଲେ, ''ଅସି ମୁନରେ ସେମାନଙ୍କୁ ବୁଝାଇଦେବି ଆଲେକ୍‌ଜାଣ୍ଡାର ମଣିଷ ନୁହେଁ ଦେବତା। ମୁଁ ଏହି ଅଳ୍ପ ଦିନରେ ଯାହା କରିଛି ସାଧାରଣ ମଣିଷ ପକ୍ଷରେ ଏହା ସମ୍ଭବ ନୁହେଁ।'' କିନ୍ତୁ କ'ଣ ହେଲା ? ରୋଗଶଯ୍ୟାରେ ପଡ଼ିଲା ପରେ କ୍ଷମତା ଯେତେବେଳେ ଅସାର ପାଲଟି ଗଲା, ମୃତ୍ୟୁ ଆସନ୍ନ ପ୍ରାୟ, ଚେତନା ଶକ୍ତି ଯେତେବେଳେ କ୍ଷୀଣରୁ କ୍ଷୀଣତର ସେତେବେଳେ ଦିଗ୍‌ବିଜୟୀ ବୀରଙ୍କ ଶେଷ ଅସ୍ପଷ୍ଟ ଇଚ୍ଛା: ଶବାଧାର ତଳକୁ ମୋର ଦୁଇଟି ହାତ ଝୁଲାଇ ରଖିବ। ସମସ୍ତେ ଦେଖିବେ, ସିକନ୍ଦର ଫେରି ଯାଉଛି ଶୂନ୍ୟ ହସ୍ତରେ।

ମଣିଷ ବୁଝିବା ଆବଶ୍ୟକ, କ୍ଷମତା କ୍ଷଣସ୍ଥାୟୀ। ଆଜି ଅଛି କାଲି ନାହିଁ। କ୍ଷମତା ଚାଲିଗଲା ପରେ ଲୋକମାନେ ମଧ୍ୟ ଦୂରେଇ ଯାଆନ୍ତି। ଯେଉଁ ଘରେ ରାତି ପାହିବା ବେଳକୁ ଶହ ଶହ ଲୋକଙ୍କ ଭିଡ଼ ଜମୁଥିଲା, କ୍ଷମତାରୁ ଚାଲିଗଲା ପରେ କେହି ଆସନ୍ତିନି। ଖାଁ ଖାଁ ଲାଗେ। କିଛି ଦିନ ଦରୁଆନ୍ ଗେଟ୍ ପାଖରେ ବସି ଢୋଳାଏ। ତା'ପରେ ଅନାବଶ୍ୟକ ଭାବି ଛଟେଇ କରିଦେବାକୁ ପଡ଼େ। ସବୁ ଫଳକ ଆପଣାଛାଏଁ ଉଭେଇ ଯାଏ। ଯେଉଁମାନେ ପ୍ରଶଂସାରେ ପୋତି ପକାଉଥିଲେ ସେମାନେ ବିରୋଧରେ କହିବାକୁ କୁଣ୍ଠାବୋଧ କରନ୍ତି ନାହିଁ। ଯେଉଁମାନେ କ୍ଷମତାକୁ ଉପଭୋଗ କରନ୍ତି ଏବଂ କ୍ଷମତାର ଦୁରୁପଯୋଗ କରନ୍ତି ସେମାନେ ଏହି ଦଶା ଭୋଗନ୍ତି। ଆଉ ଯାହା ପାଇଁ କ୍ଷମତା ଆସିବା ଓ ଚାଲିଯିବା ସମାନ କଥା ଏବଂ ଯିଏ କ୍ଷମତାର ସଦୁପଯୋଗ କରେ ତାକୁ ଏମିତି ଶୋଚନୀୟ ପରିସ୍ଥିତି ଭିତରକୁ ଯିବାକୁ ପଡ଼େ ନାହିଁ। ମନେରଖିବା ଉଚିତ କ୍ଷମତାର ଅପବ୍ୟବହାର ଦ୍ୱାରା ଧନ, ସମ୍ପତ୍ତି, ପ୍ରତିପତ୍ତି ଅର୍ଜନ କରାଯାଇପାରେ, କିନ୍ତୁ ନାମ, ଯଶ, ଖ୍ୟାତି ନୁହେଁ।

**ସଭାପତି, ଓଷ୍ଟା**
**ମୋ : ୯୯୩୮୭୬୩୨୩୭**

# ନିଷିଦ୍ଧ ଜୀବିକା



ସତ୍ୟବ୍ରତ ପାଣିଗ୍ରାହୀ

ଗୋଟିଏ ଜାତିର ଜୀବନ ଜୀବିକା ସହ ଯୋଡ଼ି ହୋଇଥାଏ ଅନେକ କଥା ଓ ପ୍ରଥା, ଆଉ ତା'ସହ ସମ୍ମାନର ପ୍ରଶ୍ନ ଓ ସାମାଜିକ ଦର୍ଶନ। କର୍ମଭିତ୍ତିକ ଜାତିରୁ ଜାତିଭିତ୍ତିକ କର୍ମରେ ପରିଣତ ହେବା ଯାଏ ଭାରତୀୟ ସମାଜ ବ୍ୟବସ୍ଥାରେ ପରିବର୍ତ୍ତନ ଘଟିଛି। ଯୁଗଧର୍ମ ସହ ତାଳ ଦେଇ କିଛି ଜୀବିକା ଆଗକୁ ବଢ଼ିଛି, କିଛି କାଳଗର୍ଭରେ ହଜିଯାଇଛି। ଆଉ କିଛି ଜୀବିକା ନିଷିଦ୍ଧ ହୋଇଛି। ସେହିଭଳି ଗୋଟିଏ ନିଷିଦ୍ଧ ଜୀବିକାରେ ଗୁଜୁରାଣ ମେଣ୍ଟାଏ ମେହେନ୍ତର। ଭାରତର କିଛି ରାଜ୍ୟରେ ବାଲ୍ମୀକି, ଭାଙ୍ଗି ସମ୍ପ୍ରଦାୟର ଲୋକେ ପେଟପାଟଣା ପାଇଁ ଏହି ବୃତ୍ତି କରନ୍ତି। କିନ୍ତୁ ନିଜ ଶ୍ରମର ସମ୍ମାନ ସେମାନେ ପାଆନ୍ତି ନାହିଁ। ବରଂ ସମାଜରେ ତଥାକଥିତ ଉଚ୍ଚ ବର୍ଗଙ୍କ ସାମ୍ନାରେ ଘୃଣାର ପାତ୍ର ହୁଅନ୍ତି ଏବଂ ଅସ୍ପୃଶ୍ୟତା, ଛୁଆଁ-ଅଛୁଆଁ ଭେଦଭାବର ଶିକାର ହୁଅନ୍ତି। ଆବର୍ଜନା ସଫା କରୁଥିବାରୁ ଅନେକ ସମୟରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ସେମାନେ ପୀଡ଼ିତ ହୁଅନ୍ତି। ତେଣୁ ୧୯୯୩ରେ ସଂସଦରେ ପାରିତ ଆଇନ ଅନୁଯାୟୀ ମାନବ ସଫେଇ ବା 'ମାନୁଆଲ ସ୍କାଭେଞ୍ଜିଂ' କାମକୁ ନିଷିଦ୍ଧ କରାଯାଇଛି। ତଥାପି ଏବେବି କିଛି ରାଜ୍ୟରେ ଏହି ବୃତ୍ତି ବନ୍ଦ ହୋଇନାହିଁ। ଚଳିତବର୍ଷର ସରକାରୀ ତଥ୍ୟ ମୁତାବକ ଦେଶର ୨୪୬ଟି ଜିଲାରେ ମାନବ ଦ୍ୱାରା ମଳ ସଫେଇ କାମ ପ୍ରଚଳିତ ଅଛି। ୨୦୧୩ ଓ ୨୦୧୮ର ସରକାରୀ ସର୍ଭେରୁ ପାଖାପାଖି ୫୮ ହଜାର ମେହେନ୍ତର ଚିହ୍ନଟ ହୋଇଛନ୍ତି। ସେହି ନିଷିଦ୍ଧ ଜୀବିକାକୁ ନେଇ ଓଡ଼ିଶାରେ ଏକ ସାମାଜିକ ସଂସ୍କାରଧର୍ମୀ କାହାଣୀ ରହିଛି; ଯାହା ଓଡ଼ିଶାର ପୁରପଲ୍ଲୀରେ ଘରେ ଘରେ ପ୍ରଚଳିତ ଏକ ପରମ୍ପରାର ମାନ୍ୟତା ପାଇଛି। ସଫେଇ କର୍ମଚାରୀ ଆନ୍ଦୋଳନର ଆବାହକ ବେଜୱାଡ଼ା ୱିଲସନଙ୍କ କହିବା ଅନୁସାରେ ଜାତିପ୍ରଥା, ଅଛୁଆଁ ମନୋଭାବ ଓ ଅସମାନତା ଭଳି ଦିଗଗୁଡ଼ିକୁ ବିଚାର ନ କରି ମାନବ ସଫେଇ ବୃତ୍ତିରେ ଥିବା ସମସ୍ୟାର ସମାଧାନ କରାଯାଇପାରିବ ନାହିଁ।

ତେଣୁ ସାଧୀନତା ପରବର୍ତ୍ତୀ ଭାରତରେ ସାମ୍ବିଧାନିକ ସ୍ତରରେ ମଧ୍ୟ ଅସ୍ପୃଶ୍ୟତା ନିବାରଣ ଓ ଅସମାନତା ଦୂରୀକରଣ ପାଇଁ ପ୍ରୟାସ କରାଯାଇଛି। ଭାରତୀୟ ଗଣତନ୍ତ୍ରର ତିନୋଟି ଆଧାର ସ୍ତମ୍ଭ ସ୍ୱତନ୍ତ୍ରତା, ସମାନତା ଓ ଭ୍ରାତୃତ୍ୱଭାବ। ଅଷ୍ଟାଦଶ ଶତାବ୍ଦୀରେ ଯେଉଁ ଫରାସୀ ବିପ୍ଳବର ସୂତ୍ରପାତ ହୋଇଥିଲା, ସେଥିରେ ଏହି ଗଣତାନ୍ତ୍ରିକ ମୂଲ୍ୟବୋଧର ବୀଜ ଅଙ୍କୁରୋଦଗମ ହୋଇଥିଲା। ଏହା ଥିଲା ୟୁରୋପୀୟ ଜ୍ଞାନୋଦୟ ଯୁଗର କଥା। ତେବେ ଜ୍ଞାନୋଦୟ ପରେ ଏହାକୁ କାର୍ଯ୍ୟକାରୀ କରି ନ ଥିଲା ମାନବଜାତି। ବରଂ ପୃଥିବୀର ସର୍ବତ୍ର ଖେଳିଯାଇଥିଲା ଉପନିବେଶବାଦ ଓ ସାମ୍ରାଜ୍ୟବାଦ। ପୂର୍ବପଶ୍ଚିମ ଦିଗନ୍ତବିସ୍ତାରି ବିଶାଳ ଭୂଖଣ୍ଡକୁ କରାଭୂତ କରିଥିଲେ ୟୁରୋପୀୟ ରାଷ୍ଟ୍ରସମୂହ। ଏସିଆ ଓ ଆଫ୍ରିକା ମହାଦେଶରେ ସବୁଠାରୁ ଘୃଣ୍ୟ କ୍ରୀତଦାସ ପ୍ରଥାର ମଧ୍ୟ ଆରମ୍ଭ ହୋଇସାରିଥିଲା। ତେବେ ଅନେକ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ଦାର୍ଶନିକଙ୍କ ତ୍ୟାଗପୂତ ସାଧନା ବଳରେ ବିଂଶଶତାବ୍ଦୀର ମଧ୍ୟଭାଗରେ ଅନେକାଂଶରେ ଉପନିବେଶବାଦର ବିଲୋପ ଘଟିଥିଲା। ଫରାସୀ ବିପ୍ଳବ ଏବଂ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଆଦର୍ଶସମୂହକୁ ଆଧାର କରି



ଅନେକ ରାଷ୍ଟ୍ରରେ ଆରମ୍ଭ ହୋଇଥିଲା ଗଣତନ୍ତ୍ରର ମହାନ୍ ପର୍ବ ଏବଂ ରାଷ୍ଟ୍ରଗ୍ରନ୍ଥ ସମ୍ବିଧାନର ରଚନା ପ୍ରକ୍ରିୟା। ଭାରତରେ ଏହି ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା ୧୯୫୦ ଜାନୁୟାରୀ ୨୬ ରେ। ସମତା ଓ ସାଧୀନତା ମଧ୍ୟରେ ସନ୍ତୁଳନ ରକ୍ଷାକାରୀ ଯୋଗସୂତ୍ରରୂପେ ସମ୍ବିଧାନ ଭାରତୀୟ ନାଗରିକଙ୍କ ମୌଳିକ ଅଧିକାରକୁ ସୁରକ୍ଷା ପ୍ରଦାନ କରେ ଏବଂ ସେମାନଙ୍କ ମୌଳିକ କର୍ତ୍ତବ୍ୟ ବିଷୟରେ ସଚେତନ କରାଏ। ଏହି ମୌଳିକ ଅଧିକାର ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଧିକାର ଧାରା ୧୪ ରୁ ୧୮ ; ଅର୍ଥାତ୍ ସମାନତାର ଅଧିକାର ଯାହାର ଅଭାବରେ ରାଷ୍ଟ୍ରନିର୍ମାଣ ସମ୍ଭବପର ନୁହେଁ। ବିବିଧତାପୂର୍ଣ୍ଣ ଦେଶରେ ଜାତି, ଧର୍ମ, ବର୍ଣ୍ଣ ମଧ୍ୟରେ ଏକତାର ଅଭାବ ଯୋଗୁ ବ୍ରିଟିଶ ସରକାରଙ୍କ 'ବିଭାଜନ ଓ ଶାସନ' ନୀତିର ଶିକାର ହୋଇଥିଲା ଭାରତ। ଜାତିଗତ ଧର୍ମଗତ ବିଦ୍ୱେଷ ଓ ଅସହିଷ୍ଣୁତାକୁ ନିବାରଣ କରିବା ହେଉଛି ସମାନତା ଅଧିକାର ଆଇନର ପ୍ରୟୋଜନ। ସମାଜରେ ରହିଥିବା କିଛି କୁପ୍ରଥା ମଧ୍ୟରେ ଜାତିପ୍ରଥା ଏକ କଳଙ୍କିତ ପ୍ରଥା, ଯାହା ସମଭାବର ବିପରୀତ। ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ସ୍ୱାମୀ ବିବେକାନନ୍ଦ, ମହାତ୍ମା ଗାନ୍ଧୀ ପ୍ରମୁଖ ବ୍ୟକ୍ତିତ୍ୱ ଅସ୍ପୃଶ୍ୟତା ନିବାରଣ ପାଇଁ ଅନେକ ପ୍ରଚେଷ୍ଟା କରିଛନ୍ତି। ଭାରତୀୟ ସମ୍ବିଧାନରେ ଏହି ଧାରା ୧୭ ରୂପରେ ସ୍ଥାନିତ ହୋଇଛି।

ଏହା ଥିଲା ସ୍ୱାଧୀନତା ପରବର୍ତ୍ତୀ ଭାରତର ପଦକ୍ଷେପ। ତେବେ ଏହାର ବହୁକାଳ ପୂର୍ବରୁ ପଞ୍ଚଦଶ ଶତାବ୍ଦୀରେ ୟୁରୋପୀୟ ନବଜାଗରଣର ସମକାଳୀନ ଭାରତବର୍ଷର ଉତ୍କଳ ପ୍ରାନ୍ତରେ ଏହି ସାମ୍ୟ ଭାବନାକୁ ଉଦ୍ରେକ କରିବା ସହ ଅସ୍ପୃଶ୍ୟତା ନିବାରଣ ନିମନ୍ତେ ଏକ ଅଭିନବ ପ୍ରଚେଷ୍ଟାର ଆରମ୍ଭ ହୋଇଥିଲା। ତାହା ଥିଲା ପଞ୍ଚସଖା ଯୁଗର ଦାର୍ଶନିକ କବି ବଳରାମ ଦାସଙ୍କ ରଚିତ 'ଲକ୍ଷ୍ମୀ ପୁରାଣ'। ଭାବରୁ ଶବ୍ଦ, ଶବ୍ଦରୁ ଗ୍ରନ୍ଥ, ଗ୍ରନ୍ଥରୁ ଗଣପର୍ବ, ଗଣପର୍ବରୁ ସାମାଜିକ ଆଚାର ବ୍ୟବହାରରେ ପରିବର୍ତ୍ତନ। ଏହି ସୋପାନରେ ଜାତିପ୍ରଥାକୁ ଦୂର କରିବା ବଳରାମ ଦାସଙ୍କ ଉଦ୍ଦେଶ୍ୟ ଥିଲା। ସେଥିପାଇଁ ସେ ରଚନା କଲେ 'ଲକ୍ଷ୍ମୀ ପୁରାଣ', ସାହିତ୍ୟ ଜଗତର ଏକ ଗ୍ରନ୍ଥକୋଣାର୍କ। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶ୍ରୀୟା ଚଣ୍ଡାଳୁଣୀଙ୍କୁ ନେଇ ଲକ୍ଷ୍ମୀ ପୁରାଣର ବିଷୟବସ୍ତୁ ରଚିତ। ଦିନେ ଲକ୍ଷ୍ମୀ ଠାକୁରାଣୀ ନିଜ ଭକ୍ତଙ୍କ ମଧ୍ୟରେ ପାତରଅନ୍ତର ନ କରି ଶ୍ରୀୟା ଚଣ୍ଡାଳୁଣୀ ଘରେ ପ୍ରବେଶ କଲେ। ମା'ଲକ୍ଷ୍ମୀଙ୍କ ନିକଟରେ ନ ଥିଲା ଉଚ୍ଚନୀଚର ଭେଦଭାବ। ଶ୍ରୀୟା ତତ୍କାଳୀନ ସମାଜର ଚଣ୍ଡାଳ ଜାତିରେ ଜନ୍ମଗ୍ରହଣ କରିଥିଲେ। ଚଣ୍ଡାଳ ଜାତିର ଜୀବିକା ଥିଲା ଅଳିଆ ସଫା କରିବା, ଗାଁ ଦାଣ୍ଡ ଝାଡୁ କରିବା ଇତ୍ୟାଦି। ସେଇଥିରେ ସେମାନେ ଯାହା ଦି' ପଇସା ପାଇ ଗୁଜୁରାଣ ମେଣ୍ଟାଉଥିଲେ ସତ, କିନ୍ତୁ ସମାଜରେ ସମ୍ମାନର ସହ ଜୀବନ ଜିଇଁବାର ଅଧିକାର ପାଇ ନ ଥିଲେ। ବରଂ ପାଇଥିଲେ ଘୃଣା ଆଉ ଟାହି ଟାପରା।

ତେଣୁ ମଣିଷ ମନରେ ରହିଥିବା ଏହି ଜାତିଗତ ପାର୍ଥକ୍ୟର ପରଦାକୁ ହଟାଇ ଶ୍ରେଷ୍ଠ ମାନବ ଧର୍ମର ପ୍ରତିଷ୍ଠା କରିବାରେ ମାଧ୍ୟମ ସାଜିଥିଲା ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ'। ବର୍ତ୍ତମାନ ସମାଜରେ ଅସ୍ପୃଶ୍ୟତା, କ୍ରୀତଦାସ ପ୍ରଥା ଆଦି ବହୁ ପରିମାଣରେ ହ୍ରାସ ପାଇଛି। ତଥାପି ଏବେ ମଧ୍ୟ କିଛି କ୍ଷେତ୍ରରେ ଏସବୁ ଦୃଷ୍ଟାନ୍ତ ପରିଲକ୍ଷିତ ହେଉଛି। ଏହାକୁ ଦୂର କରିବା ପାଇଁ ଆମ ଦୃଷ୍ଟିକୋଣରେ ସଂଶୋଧନ ଜରୁରୀ। ଯଦି ଶ୍ରୀଜଗନ୍ନାଥଙ୍କ ଦରବାରରେ ଧାରା ୧୭ ପ୍ରଚଳିତ ହେବା ସହ ବାଛବିଚାର ନାହିଁ, ଭେଦଭାବ ନାହିଁ, ତେବେ ଏହି ମାନବ ସମାଜରେ ଜାତିପ୍ରଥା ତିଷ୍ଠି ରହିବା ଯଥାର୍ଥ ମନେହେଉନାହିଁ।

**ମୋ: ୬୩୭୧୬୮୪୬୯୯**

## ଏଇ ଭାରତରେ

ଛତିଶଗଡ଼ର ମାଓପ୍ରବଣ ଅଞ୍ଚଳ ବସ୍ତର ଓ ଦାନ୍ତେୱାଡାରେ ଶିକ୍ଷା ଓ ଗମନାଗମନର ସୁବିଧା କମ୍। ଦୁର୍ଗମ ଗାଁଗୁଡ଼ିକରେ ରହୁଥିବା ପିଲାମାନେ ବି ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସେଭଳି ଅଞ୍ଚଳରୁ ଭଲ ପଢ଼ି ମେଡିକାଲ ପାଇଁ ନିଟ୍ କିମ୍ବା ଜେଇଇରେ କୃତକାର୍ଯ୍ୟ ହେବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ନଗଣ୍ୟ। ଏଣୁ ଏଭଳି ପରିସ୍ଥିତିକୁ ସାମ୍ନାକରି ବସ୍ତର ଭଳି ଅନୁନ୍ନତ ଅଞ୍ଚଳରୁ ଆଇଏଏସ୍ ଅଧିକାରୀ ହୋଇଥିବା ବିନିତ ନନ୍ଦନୱାର ଗରିବ ପିଲାମାନଙ୍କୁ ଜେଇଇ ଓ ନିଟ୍ ପରୀକ୍ଷା ପାଇଁ ମାଗଣାରେ କୋଚିଂ ଦେଉଛନ୍ତି। ବସ୍ତର ଜିଲାପାଳ ଭାବେ କାର୍ଯ୍ୟରତ ବିନିତ ଏଥିପାଇଁ 'ସେକେଣ୍ଡ ଚାନ୍ସ' ଅଭିଯାନ ଆରମ୍ଭ କରିଛନ୍ତି। ଅର୍ଥାତ୍ ପ୍ରଥମ ପ୍ରୟାସରେ ଯେଉଁମାନେ ଏହିସବୁ ପରୀକ୍ଷାରେ କୃତକାର୍ଯ୍ୟ ହେଉନାହାନ୍ତି ସେମାନଙ୍କ ପାଇଁ ଆଉ ଏକ ବର୍ଷ ମାଗଣା କୋଚିଂ ଯୋଗାଇ ଦେଉଛନ୍ତି ବିନିତ। ଏହାକୁ ସେ ସରକାରୀ ଯୋଜନା 'ଟଚ୍ ଦି ସ୍କାଏ' ମାଧ୍ୟମରେ ସଞ୍ଚାଳନ କରୁଛନ୍ତି। ତାଙ୍କର ଏହି ପ୍ରୟାସ ବହୁ ଛାତ୍ରୀଛାତ୍ରଙ୍କ ଜୀବନରେ ବିରାଟ ପରିବର୍ତ୍ତନ ଆଣିପାରିଛି ଓ ପିଲାମାନଙ୍କର ଡାକ୍ତର କିମ୍ବା ଇଞ୍ଜିନିୟର ହେବା ସ୍ୱପ୍ନ ସାକାର ହୋଇପାରୁଛି। ବସ୍ତରରେ ଜିଲାପାଳ ଭାବେ ଅବସ୍ଥାପିତ ହେବା ପରେ ବିନିତ ତୁରନ୍ତ ପିଲାମାନଙ୍କ ସମସ୍ୟାକୁ ହୃଦୟଙ୍ଗମ କରିବା ସହ ଏଭଳି ସୁବିଧା ଦେଶ ଲାଗି ଯୋଗାଇବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ। କାରଣ ବିନିତଙ୍କ ପିଲାଦିନ ଅଭାବରେ କଟିଥିଲା ଓ କୋଚିଂ ନେଇ ଜଣେ ଡାକ୍ତର କିମ୍ବା ଇଞ୍ଜିନିୟର ହେବାରୁ ସେ ବଞ୍ଚିତ ହୋଇଥିଲେ। କିନ୍ତୁ ୩ଥର ଚେଷ୍ଟା କରି ସିଭିଲ ସର୍ଭିସ ପରୀକ୍ଷାରେ ସଫଳତା ପାଇଥିଲେ ବିନିତ।

## ଚିରନ୍ତନୀ

କେଉଁଠି ଝରିଲା ରକତ ସୁଅ ! କୁହରେ କୁହ !
କେଉଁ ମାଟିତଳ କଲା ସେ ଓଦା,
ନିର୍ମମ ଜାତି ! ପୋଛରେ ଲୁହ।
ଲୁଚିଗଲା କିମ୍ପା ଧରଣୀ ଉପରୁ କାହାର ମୁହଁ
ନିର୍ଲ୍ଲଜ ଆରେ ନୀରବତା ଏଡ଼ି ବଚନ କୁହ !
-(ରକ୍ତ-ସ୍ରୋତ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମହିଳାଙ୍କୁ ସୁଯୋଗ ମିଳୁ

ମହାଶୟ,

ବର୍ତ୍ତମାନ ମହିଳା ସଂରକ୍ଷଣ, ଜାତି ସଂରକ୍ଷଣ ଉପରେ ଭୋଟ ବ୍ୟାଙ୍କ ତିଆରି କରିବାକୁ ସବୁ ରାଜନୈତିକ ଦଳ ଭିତରେ ପ୍ରତିଯୋଗିତା ଚାଲିଛି। ମୋ ମତ ହେଲା ଅନେକ ଦିନ ଧରି ଉଚ୍ଚବର୍ଗର ଲୋକମାନେ ନିଜ ଜ୍ଞାନ ଓ ଦକ୍ଷତା ବଳରେ ଉଚ୍ଚ ପଦବୀରେ ରହିଆସିଛନ୍ତି, ବିଶେଷତଃ ପୁରୁଷମାନେ। ତେଣୁ ଆଗାମୀ କିଛିବର୍ଷ ପାଇଁ ସଂରକ୍ଷଣର ସିଂହଭାଗ କେବଳ ମହିଳାମାନଙ୍କୁ ଦିଆଯାଉ। ଯଦି ସମ୍ଭବ ନୁହେଁ, ତେବେ ୫୦ ପ୍ରତିଶତ ତଫସିଲଭୁକ୍ତ ଜାତି, ଜନଜାତି ଓ ଅନ୍ୟ ପଛୁଆବର୍ଗଙ୍କୁ ଏବଂ ୫୦ ପ୍ରତିଶତ କେବଳ ମହିଳାମାନଙ୍କୁ ସବୁ କ୍ଷେତ୍ରରେ ସୁଯୋଗ ଦିଆଯାଉ। ତା' ସହିତ ଆଗାମୀ ୫/୧୦ ବର୍ଷ ପାଇଁ ଦକ୍ଷତା ବିକାଶ କେନ୍ଦ୍ରଗୁଡ଼ିକରେ ସ୍ୱଚ୍ଛଳବର୍ଗର ପୁରୁଷମାନଙ୍କୁ ରୋଷେଇବାସ, ଘରକରଣା, ପିଲାର ଯତ୍ନ ସମ୍ପର୍କିତ ଜ୍ଞାନ ବିନା ମୂଲ୍ୟରେ ଯୋଗାଇ ଦିଆଗଲେ ପୁରୁଷମାନେ ଘର ସମ୍ଭାଳିବେ ଓ ମହିଳାମାନଙ୍କୁ ଦେଶର ପଦପଦବୀରେ ରଖାଗଲେ ସ୍ଥିତି ବଦଳିବ। ବର୍ଷ ବର୍ଷ ଧରି ମହିଳାମାନଙ୍କୁ ଅବହେଳା କରାଯାଉଛି ବୋଲି ବିଶିଷ୍ଟ ମହାନ୍ ନାରୀ ନେତ୍ରୀମାନେ ଚିତ୍କାର କରିଚାଲିଛନ୍ତି ଏବଂ ସେମାନଙ୍କ ପାଇଁ ଉପଯୁକ୍ତ ନ୍ୟାୟ ମିଳିପାରିବ ବୋଲି ମୋର ଆଶା ଓ ବିଶ୍ୱାସ। ମୋ ସହ ଦେଶରେ ବହୁତ ଲୋକ ଏହା ହିଁ ଚାହୁଁଥିବେ ବୋଲି ମୋର ହୃଦ୍‌ବୋଧ ହେଉଛି।

-ଡ. ରାଜୀବ ଷଡଙ୍ଗୀ, କଣ୍ଟି, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପୋଖରୀରେ ବୁଡ଼ି ୨ ନାବାଳିକା ମୃତ, ଜଣେ ଉଦ୍ଧାର**

ଫୁଲନଖରା,(ସତ୍ୟ ରଞ୍ଜନ ଦାସମହାପାତ୍ର): କଟକ ସଦର ଥାନା ଅଧୀନ କୁରାଙ୍ଗ ପ୍ରଧାନ ପଞ୍ଚାୟତ ଫଳବଗିଚାର ପୋଖରୀରେ ଗାଧୋଉଥିବାବେଳେ ବୁଡ଼ିଯାଇ ୨ ନାବାଳିକାଙ୍କ ମୃତ୍ୟୁ ହୋଇଛି। ଏଥିସହ ଜଣଙ୍କୁ ଲୋକେ ଉଦ୍ଧାର କରିଛନ୍ତି। ମୃତକମାନେ ହେଲେ ସ୍ଥାନୀୟ ରାୟପୁର ଗ୍ରାମର ଅସ୍ରଫ ମହମ୍ମଦଙ୍କ ୧୦ ବର୍ଷୀୟା ସାଫିଆ ଖାତୁମ୍ ଓ ଏହି ଗ୍ରାମରେ ରହୁଥିବା ବିହାରର ରାଜେଶ ସାହାଣୀଙ୍କ ୧୦ ବର୍ଷୀୟା ନନ୍ଦିନୀ କୁମାରୀ। ଉଦ୍ଧାର ନାବାଳିକା ଅସ୍ରଫଙ୍କ ସାନ ଝିଅ ୮ ବର୍ଷୀୟା କୁଲସୁମ୍ ଆହାରା ବୋଲି ଜଣାପଡ଼ିଛି। ଏନେଇ ପୋଲିସ ୬୩, ୩୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଯାଞ୍ଚବେଳେ ପୋଲିସକୁ ଆକ୍ରମଣ, ଅଭିନେତା ଗିରଫ, ଜେଲ୍ ଗଲେ

ଭୁବନେଶ୍ୱର,୨୫।୧୨(ସୂର୍ଯ୍ୟକାନ୍ତ ବେହେରା)

ପୋଲିସ କର୍ମଚାରୀଙ୍କୁ ଗାଳିଗୁଲଜ ସହ ଆକ୍ରମଣ ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣେ ଅଭିନେତାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ନୟାପଲ୍ଲୀରେ ରହୁଥିବା ପୁରୀର ବିରଞ୍ଚି ନାରାୟଣ ନାୟକ। ସେ ଏକାଧିକ ଓଡ଼ିଆ ଧାରାବାହିକ, ୱେବ୍ ସିରିଜ୍‌ରେ ଅଭିନୟ କରିଛନ୍ତି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରବିବାର ରାତିରେ ଭରତପୁର ଥାନାର ପାଟ୍ରୋଲିଂ ଟିମ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ କଳିଙ୍ଗ ଷ୍ଟୁଡିଓ ନିକଟରେ ରାତ୍ରିକାଳୀନ ଅବରୋଧ ଓ ଗାଡି ଯାଞ୍ଚ କରୁଥିଲେ। ରାତି ପ୍ରାୟ ୧ଟା ୧୫ରେ ଅଭିଯୁକ୍ତ ବିରଞ୍ଚି କାର ଚଳାଇ ରେଣ୍ଟାଲ ଛକ ପାର୍ଶ୍ୱରୁ କଳିଙ୍ଗ ଷ୍ଟୁଡିଓ ଛକ ଆଡକୁ ଯାଉଥିଲେ। ଏହି ସମୟରେ ପୋଲିସ ଟିମ୍ ଯାଞ୍ଚ ପାଇଁ ତାଙ୍କ କାର୍‌କୁ ଅଟକାଇଥିଲେ। ଅଭିଯୁକ୍ତ ଜଣକ କାରରୁ ବାହାରି ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀଙ୍କୁ ଗାଳି ଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏନେଇ ପୋଲିସ ମାମଲା (ନଂ.୫୭୯/୨୩) ରୁଜୁ କରି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।



# ବ୍ୟବସାୟରୁ ବିବାଦ, ଉଭୟ ପକ୍ଷର ୮ ଗିରଫ

**ଖଣ୍ଡାରେ ହାଣି ନିଜେ ହଣା ଖାଇବା ଘଟଣା**

- ଅଭିଯୁକ୍ତ ଓମ୍, ରଶ୍ମିଙ୍କୁ ଖୋଜୁଛି ପୋଲିସ
- ଗୁରୁତର ଶିବାଙ୍କ ସହଯୋଗୀ ରାକା ମଧ ଗିରଫ ହେଲେ

ଭୁବନେଶ୍ୱର,୨୫।୧୨(ସତ୍ୟଜିତ୍ ରାଉତ)



ଗିରଫ ୮ ଅଭିଯୁକ୍ତ ଓ ଜବତ ଖଣ୍ଡା।

ଭୁବନେଶ୍ୱରର ଏୟାରପୋର୍ଟ ଟ୍ରାଫିକ୍ ଛକ ନିକଟରେ ରବିବାର ଖଣ୍ଡାରେ ହାଣି ହଣା ଖାଇଥିଲେ ଅପରାଧୀ ଶିବା ଓ ରାକା। ଏହି ଆକ୍ରମଣ ଘଟଣାରେ ଏୟାରପୋର୍ଟ ଥାନା ପୋଲିସ ସୋମବାର ଉଭୟ ପକ୍ଷର ୮ଜଣଙ୍କୁ ଗିରଫ କରିଛି। ବ୍ୟବସାୟିକ ବିବାଦରୁ ଏହି ଘଟଣା ଘଟିଥିବା ପୋଲିସ ସୂଚନା ଦେଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଶିବା ଓ ରାକାଙ୍କୁ ଆକ୍ରମଣ ମାମଲା (ନଂ.୪୫୪/୨୦୨୩)ରେ ୭ଜଣ ରହିଛନ୍ତି। ସେମାନେ ହେଲେ ଅକ୍ଷୟ ବେହେରା, ଭାବଦେବ ମହାପାତ୍ର ଓରଫ ନାନା, କୃଷ୍ଣଚନ୍ଦ୍ର ବାରିକ୍ ଓରଫ କାହ୍ନା, ମହେଶ ନାୟକ ଓରଫ ବାପି, ରାଜେଶ ନାୟକ ଓରଫ ଦିନୁ, ଆଲୋକ ଦାଶ ଓରଫ ମୁନା ଓ ଶିବରାମ ପ୍ରଧାନ। ସେମାନଙ୍କ ପାଖରୁ ଏକ କାର୍ (ଓଡିଶା୩ଏଲ୍୯୮୬) ଜବତ ହୋଇଛି। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଓମ୍ ପ୍ରକାଶ ସିଂ ଓ ସହଯୋଗୀ ରଶ୍ମୀ ଫେରାର ଅଛନ୍ତି। ଅନ୍ୟପକ୍ଷରେ ପ୍ଲଟ୍ ମାଲିକ ବରିଷ୍ଠ ନାଗରିକ ପ୍ରଦୀପ କୁମାର ସିଂହଙ୍କୁ ଆକ୍ରମଣ ମାମଲା (ନଂ.୪୫୩/୨୦୨୩)ରେ ଗୁରୁତର ଶିବାଙ୍କ ସହଯୋଗୀ ରାକେଶ ଗୁରୁ ଓରଫ ରାକା ମଧ ଗିରଫ ହୋଇଛନ୍ତି। ସମସ୍ତ ୮ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ଜେଲ ଯାଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଏୟାରପୋର୍ଟ ଟ୍ରାଫିକ୍ ଛକ ଭାରତୀ ଟାୱାର ନିକଟରେ ପ୍ରଦୀପଙ୍କର ଏକ ପ୍ଲଟ ଅଛି। ତାଙ୍କ ପ୍ଲଟ୍‌କୁ ଓମ୍ ଗତ ୫ ବର୍ଷ ହେବ ଭଡ଼ାରେ ନେଇ ଗ୍ୟାରେଜ ଓ ଟ୍ରାଭେଲ ଏଜେନ୍ସି ବ୍ୟବସାୟ କରୁଛନ୍ତି। ଓମ୍ ଏବଂ ଶିବାଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ତେବେ ଓମ୍‌ଙ୍କ ବ୍ୟବସାୟ ଭଲ ହେଉଥିବାରୁ ଶିବା ଈର୍ଷା କରୁଥିଲେ। ଉକ୍ତ ଗ୍ୟାରେଜ୍‌କୁ ନେଇ ବ୍ୟବସାୟ କରିବାକୁ ଶିବା ଯୋଜନା କରୁଥିଲେ। ରବିବାର ସନ୍ଧ୍ୟାରେ ପ୍ରଦୀପଙ୍କ ଘର ନିକଟକୁ ଶିବା ଓ ରାକା ଯାଇ ଉକ୍ତ ପ୍ଲଟ ଖାଲି କରି ତାଙ୍କୁ ଦେବା ପାଇଁ ଚାପ ପକାଇଥିଲେ। ଫଳରେ ଶିବା ଓ ପ୍ରଦୀପଙ୍କ ମଧ୍ୟରେ ବଚସା ହୋଇଥିଲା। ପ୍ରଦୀପ ପୋଲିସକୁ କଲ୍ କରିବାରୁ ଶିବା ଉତ୍କ୍ଷିପ୍ତ ହୋଇ ସାଥିରେ ଆଣିଥିବା ଖଣ୍ଡାରେ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟରେ ପ୍ରଦୀପ ଆହତ ହୋଇଥିଲେ। ପରେ ଶିବା ଓ ରାକା ସ୍କୁଟି ଦ୍ୱାରା ସେଠାରୁ ଚାଲିଯାଇଥିଲେ। ତେବେ ଏହି ମାମଲାରେ ପ୍ରଦୀପ ଥାନାରେ ଏତଲା ଦେବା ପରେ ଶିବା ଓ ରାକା ରାଗିଯାଇଥିଲେ। ଉଭୟ ଏକ ଖଣ୍ଡା ନେଇ ପ୍ରଦୀପଙ୍କୁ ଧମକ ଦେବା ପାଇଁ ପୁଣି ସେଠାକୁ ଯାଇଥିଲେ। ସେପଟେ ପ୍ରଦୀପଙ୍କ ପ୍ଲଟ୍‌ରେ ଗ୍ୟାରେଜ୍ କରିଥିବା ଓମ୍ ସହଯୋଗୀ ରଶ୍ମୀ, ଅକ୍ଷୟ, କାହ୍ନା ଆଦିଙ୍କ ସହ ସେଠାରେ ଭୋଜି କରୁଥିଲେ। ଶିବା ଓ ରାକା ସେଠାରେ ଯାଇ ପ୍ରଦୀପଙ୍କୁ ପୁଣି ଗାଳିଗୁଲଜ କରିଥିଲେ। ଏଥିସହ ଓମ୍‌ଙ୍କ ଗ୍ୟାରେଜ୍ ଆଗରେ ଥିବା ରଶ୍ମୀଙ୍କ କାରକୁ ଭାଙ୍ଗି ଦେଇଥିଲେ। ଏହାକୁ ବିରୋଧ କରି ଓମ୍, ରଶ୍ମୀ ଓ ସହଯୋଗୀମାନେ ଶିବା ଓ ରାକାଙ୍କୁ ଗାଳିଗୁଲଜ କରିଥିଲେ। ଶିବା ଖଣ୍ଡାରେ ଆକ୍ରମଣ କରିବାରୁ ଅକ୍ଷୟ ଆହତ ହୋଇଥିଲେ। ଫଳରେ ଶିବା ଓ ରାକାଙ୍କୁ ସମସ୍ତେ ମିଶି ଉକ୍ତ ଖଣ୍ଡା ଛଡ଼ାଇ ଗୋଡ଼ାଇ ହାଣିଥିଲେ। ରାକା ସାମାନ୍ୟ ଆହତ ହୋଇ ଖସି ପଳାଇଥିବା ବେଳେ ଶିବା ଗୁରୁତର ହୋଇଥିଲେ।

## ଏଆଇଏସ୍‌ସିଏସ୍‌ଟିଆର୍‌ଇଏର କର୍ମକର୍ତ୍ତା ନିର୍ବାଚନ



**ଉମାକାନ୍ତ ସେଠୀ ସଚିବ, ତେଜରାଜ ଦେହେରୀ ସଭାପତି ନିର୍ବାଚିତ**

ଭୁବନେଶ୍ୱର, ୨୫।୧୨(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ମୁଖ୍ୟାଳୟଠାରେ ଏଆଇଏସ୍‌ସିଏସ୍‌ଟିଆର୍‌ଇଏର ଶାଖା କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତଟ ରେଳପଥର ମୁଖ୍ୟ କାର୍ମିକ ଅଧିକାରୀଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ଗଣତାନ୍ତ୍ରିକ ଉପାୟରେ ସମ୍ପନ୍ନ କରାଯାଇଥିଲା। ସଚିବ ଭାବେ ଉମାକାନ୍ତ ସେଠୀ ଓ ସଭାପତି ଭାବେ ତେଜରାଜ ଦେହେରୀ ନିର୍ବାଚିତ ହୋଇଛନ୍ତି। ସେହିଭଳି ଅନ୍ତର୍ଜାତୀୟ ମହିଳା ହକି ଖେଳାଳି ପାଉଲିନା ସୁରିନ କୋଷାଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନବ ନିର୍ବାଚିତ ସଦସ୍ୟମାନେ ଉତ୍ସାହୀ କର୍ମଚାରୀଙ୍କ ଗହଣରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏଥିସହ ସଂଗଠନ ପାଇଁ ଏକ କାର୍ଯ୍ୟାଳୟ ଗୃହ ନିମନ୍ତେ ଦାବି ଜଣାଇଥିଲେ। ରେଳ କର୍ମଚାରୀଙ୍କ ସମସ୍ୟା ସମାଧାନ କରି, କର୍ତ୍ତବ୍ୟ ପ୍ରତି ସେମାନଙ୍କୁ ଉତ୍ସାହିତ କରିବା ଆମର ଲକ୍ଷ୍ୟ ବୋଲି ସଚିବ ଉମାକାନ୍ତ ପ୍ରକାଶ କରିଥିଲେ।

## ସୁଇଟ୍ ଫ୍ୟାମିଲିର ସଙ୍ଗୀତ ସମାରୋହ



ଭୁବନେଶ୍ୱର, ୨୫।୧୨(ଅନୁରାଧା ମହାରଣା)

ସୁଇଟ୍ ଫ୍ୟାମିଲି ଅନୁଷ୍ଠାନ ପକ୍ଷରୁ ୪ର୍ଥ ସଙ୍ଗୀତ ସମାରୋହ ଗୋଡିବାରୀଠାରେ ଅନୁଷ୍ଠିତ ହୋଇଯାଇଛି। ଆଇସର ଆଞ୍ଚଳିକ ମୁଖ୍ୟ ରଞ୍ଜନ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ, ଭୁବନେଶ୍ୱର, ନୟାଗଡ଼ ଓ ବ୍ରହ୍ମପୁରର ବହୁ ପ୍ରତିଷ୍ଠିତ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ। ସଙ୍ଗୀତ ଶୁଣିବା ଓ ଗାଇବା ଦ୍ୱାରା ମାନସିକ ଚାପ ହ୍ରାସ ହୁଏ। ସଙ୍ଗୀତ ମସ୍ତିଷ୍କକୁ ଚଳଚଞ୍ଚଳ କରିବା ସହ ସୁଖନିଦ୍ରା ଭଳି ଅନେକ ସ୍ୱାସ୍ଥ୍ୟଗତ ଉପକାର କରିଥାଏ ବୋଲି ମିଶ୍ର କହିଥିଲେ।

## ଓଡ଼ିଶା କୃଷି ଓଭରସିୟର ସଂଘ ସାଧାରଣ ପରିଷଦ ବୈଠକ

ଭୁବନେଶ୍ୱର, ୨୫।୧୨(ଅନୁରାଧା ମହାରଣା)

**ତୁଷାରକାନ୍ତି ସଭାପତି, ପ୍ରମୋଦ ସାଧାରଣ ସମ୍ପାଦକ ନିର୍ବାଚିତ**

ଓଡ଼ିଶା କୃଷି ଓଭରସିୟର ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକ ଦୁଇଦିନ ଧରି ଓୟୁଏଟି ଅଧୀନ ଇମେଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ୩୦ଟି ଜିଲ୍ଲାରୁ କୃଷି ଓଭରସିୟରମାନେ ଯୋଗଦେଇଥିଲେ। ପ୍ରଥମ ଦିନରେ ମହାସଂଘର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ସଂଘକୁ କିପରି ସୁଦୃଢ଼ କରିହେବ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ସଂଘର ଏକମାତ୍ର ଦାବି କ୍ୟାଡର ପୁନର୍ଗଠନ ସମ୍ପର୍କରେ ଆଲୋଚନା ହୋଇଥିଲା। ଦ୍ୱିତୀୟ ଦିନରେ ଆଗାମୀ ଦୁଇବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ଚୟନ ପାଇଁ ନିର୍ବାଚନ କରାଯାଇଥିଲା। ନିର୍ବାଚନ ପରିଚାଳନା କାର୍ଯ୍ୟକୁ କଳିଙ୍ଗ କିଶୋର ମହାନ୍ତି, ବିଶ୍ୱନାଥ ଦେ, ବଳରାମ ଦାସ ଏବଂ ମନୋଜ ପ୍ରଧାନ ପ୍ରମୁଖ ସମ୍ପାଦନ କରିଥିଲେ। ସଂଘର ନୂତନ ସଭାପତି ଭାବେ ତୁଷାରକାନ୍ତି ମହାନ୍ତି ଓ ସାଧାରଣ ସମ୍ପାଦକ ଭାବେ ପ୍ରମୋଦ କୁମାର ପ୍ରଧାନ ନିର୍ବାଚିତ ହୋଇଥିଲେ। ସେହିପରି ଉପସଭାପତି ଭାବେ କଲ୍ୟାଣୀ ପାଣିଗ୍ରାହୀ, ସଂଗଠନ ସମ୍ପାଦକ ଭାବେ ଦିଲୀପ କୁମାର ଦାସ, କୋଷାଧ୍ୟକ୍ଷ ଭାବେ ସୁନୀଲ କୁମାର ଶତପଥୀ, ଅଫିସ୍ ସମ୍ପାଦକ ଭାବେ ନବଘନ ମୁଦୁଲି ଓ ଅଡିଟର ଭାବେ ଅଭୟ କୁମାର ରାଉତ ନିର୍ବାଚିତ ହୋଇଥିଲେ। ସୂଚନାଥାଉ କି, ରାଜ୍ୟରେ ୧୪୦୦ରୁ ଉର୍ଦ୍ଧ୍ୱ କୃଷି ଓଭରସିୟରମାନେ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଅଛନ୍ତି । ଚାଷୀଭାଇମାନଙ୍କ ପାଖରେ କିପରି ସରକାରୀ ସହାୟତା ଓ କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇପାରିବ, ସେ ବିଷୟରେ କୃଷି ଓଭରସିୟରମାନେ କାର୍ଯ୍ୟ କରିଆସୁଛନ୍ତି।

## 'ଛାତ୍ରୀଛାତ୍ର ବୃକ୍ଷରାଜି ମଧ୍ୟରୁ ଚନ୍ଦନ ଖୋଜନ୍ତୁ'




ଉତ୍ସବରେ ଅତିଥିମାନେ ଶିକ୍ଷାନୁଷ୍ଠାନର ମୁଖପତ୍ର 'ବିଜ୍ଞାନୀ'କୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୫।୧୨ (ଅନୁରାଧା ମହାରଣା)

**କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ**

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଊନବିଂଶତମ ବାର୍ଷିକ ଉତ୍ସବ ଦୁଇଦିନ ଧରି ପାଳିତ ହୋଇଯାଇଛି। ଉତ୍ସବକୁ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ପ୍ରଦୀପ କୁମାର ଚାନ୍ଦ ଉଦ୍‌ଘାଟନ କରିଥିଲେ। ସେ ଆଧୁନିକ ସମାଜର ଅବକ୍ଷୟ ଉପରେ କ୍ଷୋଭ ପ୍ରକାଶ ସହ ବୃକ୍ଷରାଜି ମଧ୍ୟରୁ ଚନ୍ଦନ ଖୋଜିବା ଆଜିର ଛାତ୍ରୀଛାତ୍ରଙ୍କ ଧ୍ୟେୟ ହେଉ ବୋଲି ମତ ପ୍ରକାଶ କରିଛନ୍ତି। ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ଭଗବାନ ପ୍ରକାଶ ଯୁବତୀଯୁବକ ଦେଶ ସୁରକ୍ଷାର ଦାୟିତ୍ୱ ନେବା, ଦେଶକୁ ବିକାଶ ଦିଗରେ ଆଗେଇନେବା, ଜ୍ଞାନ ଆହରଣ ସହ ଜ୍ଞାନ ବିତରଣ, ଜ୍ଞାନ ଆହରଣକାରୀ ଓ ଜ୍ଞାନ ସୃଷ୍ଟିକର୍ତ୍ତା ସମାଜକୁ ଆଗେଇ ନେବାରେ ସକ୍ରିୟ ଅଂଶଗ୍ରହଣ କରିବା ଉପରେ ମତ ରଖିଥିଲେ। କିଟ୍‌ର ପ୍ରତିଷ୍ଠାତା ସଭ୍ୟ ତଥା କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚେୟାରମ୍ୟାନ ଡ. ଚିତ୍ତରଞ୍ଜନ ମିଶ୍ର ସଭାପତିତ୍ୱ କରି ଗୁଣାତ୍ମକଶିକ୍ଷା, ମାନବତାବାଦ, 'ପ୍ରିୟଲୋକ ହେବା ନା ଲୋକପ୍ରିୟ ହେବା' ଉପରେ ଆଲୋକପାତ କରିବା ସହ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଉଦୟ ଶଙ୍କର ଆଚାର୍ଯ୍ୟ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନର ମୁଖପତ୍ର 'ବିଜ୍ଞାନୀ'କୁ ମଞ୍ଚାସୀନ ଅତିଥିମାନେ ଉନ୍ମୋଚନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ବିଜ୍ଞାନମେଳାରେ ଜୀବବିଜ୍ଞାନୀ ଡ. ମହେଶ୍ୱର ବେହେରା ମୁଖ୍ୟ ବିଚାରକ ରୂପେ ଯୋଗଦେଇ ସମୁଦାୟ ୧୬ଟି ପ୍ରକଳ୍ପ ମଧ୍ୟରୁ ଶ୍ରେଷ୍ଠ ୩ଟିକୁ ମାନପତ୍ର ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ଡ. ରୁଦ୍ରମୋହନ ନନ୍ଦ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ନିବେଦିତା ମିଶ୍ର ଧନ୍ୟବାଦ ଦେଇଥିଲେ।

ଉଦ୍‌ଯାପନୀ ଦିବସରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ବ୍ରହ୍ମପୁରର ପୂର୍ବତନ ଉଦ୍ଭିଦ ବିଜ୍ଞାନ ବିଶେଷଜ୍ଞ ପ୍ରଫେସର ଡ. ବାମନ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପରିବେଶ ସୁରକ୍ଷା ଉପରେ କହିଥିଲେ। ସବୁଜ ସୁନ୍ଦର ପରିପୂର୍ଣ୍ଣତାର ଆଧାର ଧରିତ୍ରୀ ମା' ତତ୍ ସହିତ ଚତୁର୍ବେଦର ମହତ୍ତ୍ୱକୁ ନିଜ ଭାଷଣରେ ଉପସ୍ଥାପନ କରିଥିଲେ। +୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କ ସମେତ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦ୍ୱିତୀୟ ବର୍ଷର ଛାତ୍ର ଆଶିଷ କୁମାର ସାହୁ ଓ ଶୁଭ୍ରଜିତ ସାହୁଙ୍କୁ ସଭାପତି ସମ୍ବର୍ଦ୍ଧିତ କରିଥିଲେ।

## ଶିଶୁ ଅନନ୍ତ ଥିଲେ କାଳଜୟୀ ସାରସ୍ୱତ ସାଧକ

ବାଲିପାଟଣା,୨୫।୧୨(ଅଭିମନ୍ୟୁ ନାୟକ)

**ସିଦ୍ଧସାଧକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ମଠ ପରିସରରେ ସିଦ୍ଧସାଧକ ଶିଶୁ ଅନନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଏକାଡେମୀ ଏବଂ ଶିଶୁ ଅନନ୍ତ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭାପତି ଅଭିମନ୍ୟୁ ନାୟକ ଅଧ୍ୟକ୍ଷତା କରିଥିଲେ। ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲୀ ଉଦ୍‌ଘାଟକ ଭାବେ ଯୋଗଦେଇ କହିଥିଲେ, ଶିଶୁଅନନ୍ତ କାଳଜୟୀ ସାଧକ ଥିଲେ। ବିଧାନସଭା ସଚିବ ଦାସରଥି ଶତପଥୀ ମୁଖ୍ୟ ଅତିଥି, ଡ.ଗୋପାଳକୃଷ୍ଣ ଦାଶ ମୁଖ୍ୟ ବକ୍ତା, ପ୍ରବଚକ ଡା. ଆଶୁତୋଷ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଶିଶୁ ଅନନ୍ତଙ୍କ ସାଧନାର ବିଭିନ୍ନ ଦିଗ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ସମ୍ପାଦିକା ତନୟାଦାସ ଗୋସ୍ୱାମୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସାଧକ ଗୋପାଳ କୃଷ୍ଣ ଦାଶଙ୍କୁ ଶିଶୁ ଅନନ୍ତ ସମ୍ମାନ, ଶପଥ ମହାପାତ୍ରଙ୍କୁ ମଧୁସୂଦନ ବାବା ସମ୍ମାନ, କବି ଓ କଥାକାର ଅଧ୍ୟାପକ ଡ. ଅଜୟ ସ୍ୱାଇଁଙ୍କୁ ଡ. ଅବଦୁଲ ଓସିଦ ଖାନ ସମ୍ମାନ, ସଂଳାପ ଲେଖକ ଡ. ରଜନୀ ରଞ୍ଜନ ଦାଶଙ୍କୁ ବାଲିପାଟଣା ଗୌରବ ସମ୍ମାନ, ଭାରତ ଭୂଷଣ ମିଶ୍ର, ଚୌଧୁରୀ ଅମିତାଭ ଦାଶଙ୍କୁ ସାମ୍ବାଦିକ ଗୌରବ ସମ୍ମାନ, ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କୁ ବଡ଼ଭାଇ ନଦିଆ ବିହାରୀ ସମ୍ମାନ ପ୍ରଦାନ କରାଯାଇଛି। ଶିଳ୍ପୀ ରବି କୁମାରଙ୍କ ସ୍ୱର ସଂଯୋଜନାରେ ଶାଶ୍ୱତୀ ଅନୁଷ୍ଠାନ ପ୍ରାରମ୍ଭିକ ଓ ଅନ୍ୟାନ୍ୟ ଭଜନ ପରିବେଷଣ କରିଥିଲେ। ପ୍ରତିଭା ଶିଶୁଗୋସ୍ୱାମୀ ମାନପତ୍ର ପାଠ କରିଥିଲେ। ଡ. ଦେବାଶିଷ ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଭଗବାନ ସାହୁ ସହଯୋଗ କରିଥିଲେ।

## ପଦ୍ମକେଶରୀପୁର ଗୋଷ୍ଠୀ ବିବାଦର ସମାଧାନ ପ୍ରୟାସ

ଭୁବନେଶ୍ୱର, ୨୫।୧୨ (ବନ୍ଦନା ସେଠୀ)

ପଟିଆ କିଲା ଆଞ୍ଚଳିକ ଶାନ୍ତି କମିଟିର ସାଧାରଣ ବୈଠକ ସୋମବାର ଇଞ୍ଜଣା ଦୁଲାଦେଈ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ନୃସିଂହ ଚରଣ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଶାନ୍ତି କମିଟିର ସମସ୍ତ ସଭ୍ୟ ଅନ୍ତର୍ଯ୍ୟାମୀ କୁଅଁର, ନୃସିଂହ ଚରଣ ରାଉତ, ସୁବାସ ଚନ୍ଦ୍ର ପାତ୍ର, ସନ୍ତୋଷ କୁମାର ନାଥ, ପବିତ୍ର ମୋହନ ସ୍ୱାଇଁ, ଇଞ୍ଜଣା ଗ୍ରାମ ମଙ୍ଗଳ କମିଟି ସଭାପତି ପ୍ରଦୀପ ଦାଶ, ସମ୍ପାଦକ ପବିତ୍ର ମୋହନ ପ୍ରଧାନ, ଗ୍ରାମର ବରିଷ୍ଠ ବ୍ୟକ୍ତିବିଶେଷ, କଲ୍ୟାଣପୁର ପଞ୍ଚାୟତ ସମିତି ସଭ୍ୟ, ଗ୍ରାମ ମଙ୍ଗଳ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ପଦ୍ମକେଶରୀପୁରର ଉଭୟ ପକ୍ଷ ମଧ୍ୟରେ ହୋଇଥିବା ବିବାଦର ସମାଧାନ କରାଯାଇଥିଲା। ଶାନ୍ତି କମିଟି ନିଷ୍ପତ୍ତିକ୍ରମେ ଭବିଷ୍ୟତରେ ନିଜନିଜ ମଧ୍ୟରେ କୌଣସି ପ୍ରକାର ବିଶୃଙ୍ଖଳା ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଶାନ୍ତି କମିଟି ସଭ୍ୟମାନଙ୍କୁ ନେଇ ଏକ କୋର୍ କମିଟି ଗଠନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## ଏଥେନା ବୁକ୍‌ସର ରୌପ୍ୟ ଜୟନ୍ତୀ

ଭୁବନେଶ୍ୱର, ୨୫।୧୨ (ବନ୍ଦନା ସେଠୀ)



ପ୍ରକାଶନୀ ସଂସ୍ଥା ଏଥେନା ବୁକ୍‌ସର ରୌପ୍ୟ ଜୟନ୍ତୀ ସମାରୋହ ସୋମବାର ସ୍ଥାନୀୟ ଶହୀଦନଗର ବିଷ୍ଣୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିତେନ୍ଦ୍ର କୁମାର ରଥଙ୍କ ଉପସ୍ଥାପନା ତଥା ବିଶିଷ୍ଟ ଜୀବନୀକାର ସତ୍ୟନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବକୁ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଅନୁବାଦିକା ଶକୁନ୍ତଳା ବଳିଆରସିଂହ ମୁଖ୍ୟ ଅତିଥି, ସମାଲୋଚକ ପ୍ରସନ୍ନ କୁମାର ନାୟକ ସମ୍ମାନିତ ଅତିଥି, ସମାଲୋଚକ ପ୍ରେମାନନ୍ଦ ମହାପାତ୍ର ମୁଖ୍ୟବକ୍ତା ଓ ସାହିତ୍ୟିକ ଶରତ କୁମାର ଜେନା ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶଶିଭୂଷଣ ମହାନ୍ତିଙ୍କ 'ଅଳସ ଆଖିର ଅଳସୀ କନ୍ୟା', ପ୍ରଦୀପ କୁମାର ସ୍ୱାଇଁଙ୍କ 'କନ୍ଧ ଆଦିବାସୀ', 'ଉତ୍କଳର ବରପୁତ୍ର ଗୋପବନ୍ଧୁ', ପ୍ରଶାନ୍ତ କୁମାର ସ୍ୱାଇଁଙ୍କ 'ଶିଶୁଶିକ୍ଷା ଓ ଶିଶୁ ସାହିତ୍ୟ ଦିଗ ଦିଗନ୍ତ' ଏବଂ ମାନମୟୀ ରଥଙ୍କ 'ଗୁଣସୂତ୍ର' ଉନ୍ମୋଚିତ ହୋଇଥିଲା। ଏଥିସହ ପ୍ରଫେସର ପ୍ରେମାନନ୍ଦ ମହାପାତ୍ରଙ୍କୁ 'ସତ୍ୟନାରାୟଣ ରାଜଗୁରୁ ସ୍ମୃତି ସମ୍ମାନ', କବି ଅଲେଖ ନନ୍ଦୀଙ୍କୁ 'ବଳଦେବ ରଥ ସ୍ମୃତି ସମ୍ମାନ', ଔପନ୍ୟାସିକ ଶଶିଭୂଷଣ ମହାନ୍ତିଙ୍କୁ 'ବ୍ରହ୍ମାନନ୍ଦ ସ୍ମୃତି ସମ୍ମାନ', ପ୍ରଦୀପ କୁମାର ସାଇଁଙ୍କୁ 'ଅନନ୍ତ ପଦ୍ମନାଭ ପଟ୍ଟନାୟକ ସ୍ମୃତି ସମ୍ମାନ' ଏବଂ ଭାସତୀ ବସୁ ଓ ବିଜୟ କୁମାର ମଣ୍ଡଳଙ୍କୁ 'ମଧୁମାଳତୀ ସମ୍ମାନ', ପବିତ୍ର ମୋହନ ଦାଶ ଓ ମାନମୟୀ ରଥଙ୍କୁ 'କେଦାର ଗୌରୀ ସମ୍ମାନ' ଏବଂ ଅମରେଶ ବିଶ୍ୱାଳ ଓ ମଧୁଲିତା ପରିଡ଼ାଙ୍କୁ 'ଯୁଗଳବନ୍ଦୀ ସମ୍ମାନ' ଦିଆଯାଇଥିଲା। ରାଜକିଶୋର ଦାସ ମଞ୍ଚ ପରିଚାଳନା ଓ ଅଭିନନ୍ଦ୍ର କର ଧନ୍ୟବାଦ ଦେଇଥିଲେ।


## ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, କଟକ

**ବିଜ୍ଞାପନ**

ପତ୍ର ସଂଖ୍ୟା–୧୪୮୪୯/ଅ. ତା.୨୨.୧୨.୨୩

No.D-ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଶ୍ରୀ ଜଗନ୍ନାଥ ବେହେରା, ପିତା–ସ୍ୱର୍ଗତ ରମାକାନ୍ତ ବେହେରା, ଗୋପୀନାଥ ମନ୍ଦିର ନିକଟ, ମାଛୁଆବଜାର, ପୋ–ବକ୍ସିବଜାର, ଥାନା–ମଙ୍ଗଳାବାଗ, ଜିଲ୍ଲା–କଟକଙ୍କ ନାମରେ କଟକ ଜିଲ୍ଲା ପଟ୍ଟାପୋଲଠାରେ ଥିବା ସରକାରୀ ଦେଶୀ ମଦ ଦୋକାନର ମାଲିକାନା ସ୍ୱତ୍ୱ ତାଙ୍କର ପୁତ୍ର ଶ୍ରୀ ଦୀପକ କୁମାର ବେହେରା, ପିତା–ଜଗନ୍ନାଥ ବେହେରା, ସା–ମାଛୁଆବଜାର, ପୋ–ବକ୍ସିବଜାର, ଥାନା–ମଙ୍ଗଳାବାଗ, ଜିଲ୍ଲା–କଟକଙ୍କ ନାମରେ ପରିବର୍ତ୍ତନ ହେବାକୁ ଯାଉଅଛି । ଏଣୁ ଏହି ନୋଟିସ୍ ଜରିଆରେ ଜଣାଇ ଦିଆଯାଉଅଛି କି ଯେ, ଶ୍ରୀ ଜଗନ୍ନାଥ ବେହେରାଙ୍କର ଏହି ଦୋକାନର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ବିରୁଦ୍ଧରେ କେହି ଦାବିଦାର ଥିଲେ, ଏହି କାର୍ଯ୍ୟାଳୟକୁ ସାତଦିନ ମଧ୍ୟରେ ଜଣାଇବେ । ଉକ୍ତ ତାରିଖ ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ।

ଜିଲ୍ଲାପାଳ, କଟକଙ୍କ ନିର୍ଦ୍ଦେଶକ୍ରମେ

OIPR-36008/11/0003/2324 ସ୍ୱା./–ଅବକାରୀ ଅଧୀକ୍ଷକ, କଟକ

## DISTRICT SPORTS OFFICE, SUNDARGARH

**(QUOTATION CALL NOTICE)**

No. 930 Date: 16.12.2023

Sealed quotations are invited from the intending Travel Agency/Car Owner for hiring of one No. of Private Vehicle (TUV-300/Bolero/Sumo Gold/Ertiga) for use in District Sports Office, Sundargarh. The details of prescribed form with term & condition (Annexure - A & B) are available in district website **www.sundargarh.nic.in** and District Sports Office, Sundargarh. The quotation should reach to the undersigned by Regd. Post only on Dated 28.12.2023 at 4 P.M. and same will be opened on the same day at 5 P.M. in the Office Chamber of ADM, Sundargarh.

**Sd./- District Sports Officer, Sundargarh**

## ZILLA PARISHAD (DRDA), BALANGIR

No. 444/ORMAS Ph. No.: 06652 (235916) Dated: 22.12.2023

**SHORT TENDER CALL NOTICE**

Zilla Parishad (DRDA), Balangir on behlaf of PR&DW Deptt., Govt. of Odisha invite proposal with certain terms & conditions from reputed & registered Tent Houses/firms/agencies/decorators/Transport agencies/security agencies having GSTIN No. may apply for the Tentage & allied works/security services/Photo & Videography/Local transportaion/printing of Flex Hoardings & Banners for the Pallishree Mela to be organized at Koshal Kalamandal Ground, Balangir for 5 days during the month of January 2024.

The tender papers only for Tentage & allied works will be available for purchase from 26th December 2023 to 3rd January 2024 during official day of office hour in the accounts section of ORMAS, Balangir. Details documents, terms & conditions on apply for tentage & allied work is mentioned in the tender paper. The sealed tenders will be received latest upto 5.00 P.M. on 03.01.2024 at Office of Zilla Parishad (DRDA), Balangir in the tender box. The tenders will be opened in the Office of Zilla Parishad (DRDA), Balangir on 04.01.2024 at 11.30 A.M. in the presence of the tenderers or their authorized representatives. If it will found that the quoted amount of L1 party will be exceed the budget limit of the particular head then the party may be called for negotiation. The undersigned reserves the right to accept or reject any or all the tenders without assigning any reason thereof.

**Sd./- CDO-cum-EO, Zilla Parishad, Balangir**

## ନିୟନ୍ତ୍ରିତ ବଜାର କମିଟି, ନରସିଂହପୁର

ବିଜ୍ଞାପନ ସଂଖ୍ୟା–୦୩ ତାରିଖ–୨୩.୧୨.୨୦୨୩

ଏତଦ୍ୱାରା କଟକ ଜିଲ୍ଲାର ଆଠଗଡ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ପଞ୍ଜୀକୃତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ଖରିଫ ବର୍ଷ ୨୦୨୩–୨୪ ପାଇଁ ରାଜ୍ୟ ସରକାର ଓ ଜିଲ୍ଲାସ୍ତରୀୟ ଧାନସଂଗ୍ରହ କମିଟି ନିଷ୍ପତ୍ତି ମୁତାବକ ଆସନ୍ତା ତା୨୭.୧୨.୨୦୨୩ ରିଖ ଠାରୁ ୭୪ ଗୋଟି ସେବା ସମବାୟ ସମିତି ଓ ୮ ଗୋଟି ଉପକ୍ରୟ କେନ୍ଦ୍ର ମାଧ୍ୟମରେ ଚାଷୀମାନଙ୍କ ଠାରୁ ସେମାନଙ୍କର ବଳକା ଧାନ କ୍ରୟ କରାଯିବ । ଚାଷୀ ଭାଇ ଓ ଭଉଣୀମାନେ ସେମାନଙ୍କର ଉତ୍ପାଦିତ ବଳକା ଧାନକୁ ଭଲଭାବରେ ଶୁଖାଇ ସଫାସୁତୁରା କରି ଧାନକ୍ରୟ କେନ୍ଦ୍ରକୁ ଆଣିବେ । ଧାନ ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗି, ସମଆକାର, ଏକ କିସମ ଯଥା (ଏଫ.ଏ.କ୍ୟୁ) ମାନର ହୋଇଥିବା ଆବଶ୍ୟକ । ସମସ୍ତ ପଞ୍ଜୀକୃତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ଗ୍ରାମାଞ୍ଚଳର ଅସାଧୁ ବ୍ୟବସାୟୀ ଓ ମଧ୍ୟସ୍ଥିମାନଙ୍କ କଥାରେ ପରିଚାଳିତ ନହୋଇ ନିକଟସ୍ଥ ସେବା ସମବାୟ ସମିତିମାନଙ୍କ ଜରିଆରେ ଧାନ ବିକ୍ରୟ କରନ୍ତୁ ଓ ଧାନର ସହାୟକ ମୂଲ୍ୟ ପ୍ରାପ୍ତ ହୁଅନ୍ତୁ ।

**ଚଳିତ ଖରିଫ ୨୦୨୩–୨୪ ବର୍ଷ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ**

| ଧାନର କିସମ | କ୍ୱିଣ୍ଟାଲ ପିଛା ଦର |
|---|---|
| ସାଧାରଣ ଧାନ (ଏଫ.ଏ.କ୍ୟୁ) | ଟ.୨,୧୮୩.୦୦ଙ୍କା |
| ଗ୍ରେଡ୍ "ଏ" ଧାନ | ଟ.୨,୨୦୩.୦୦ଙ୍କା |

**ସହାୟକ ମୂଲ୍ୟ ପାଇବା ପାଇଁ ଧାନର ହାରାହାରି ଗୁଣାତ୍ମକ ମାନ (ଏଫ୍.ଏ.କ୍ୟୁ) ନିମ୍ନମତେ ହେବା ଆବଶ୍ୟକ**

| କ୍ର.ସଂ. | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ.ଏ.କ୍ୟୁ ଧାନର ସର୍ବୋଚ୍ଚ ସୀମା |
|---|---|---|
| ୧. | ବାଲି,ମାଟି, ଗୋଡି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୨. | କାଠି, କୁଟା, ଧୂଳି, ଅଗାଡି ବା ପୋଲା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକା ଇତ୍ୟାଦି *ଖରାପ, ପାଣିଫୁଲା ଓ ପୋକା ୪% ମଧ୍ୟରେ ସୀମିତ ରହିବା ଦରକାର । | ୫.୦% |
| ୪. | ଅପରିପକ୍ୱ, କଂଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ଗ୍ରେଡ୍ ଏ ସରୁଧାନରେ ମିଶିଥିବା ମୋଟା ଧାନର ପରିମାଣ | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

ଧାନ କ୍ରୟ ବିକ୍ରୟ ବାବଦରେ କୌଣସି ଅଭିଯୋଗ ଦରଜ କରିବାକୁ ଚାହିଁଲେ ନିଃଶୁଳ୍କ ହେଲ୍ପଲାଇନ୍ ନମ୍ବର ୧୯୬୭ କିମ୍ବା ଜିଲ୍ଲା ଯୋଗାଣ ବିଭାଗର କଂଟ୍ରୋଲରୁମ୍ (ଫୋନ୍ ନମ୍ବର–(୦୬୭୧) ୨୫୦୮୩୮୮/୨୫୦୭୬୫୪ରେ ଯୋଗାଯୋଗ କରିପାରିବେ ।

**ନିବେଦକ–ଉପଜିଲ୍ଲାପାଳ, ଆଠଗଡ଼–ତଥା–ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନରସିଂହପୁର**

## ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

ଇ–ଟେଣ୍ଡର ବିଜ୍ଞପ୍ତି ନଂ. ଏନ୍‌ଆଇଟି/୧୪/୨୩/୬୨, ତାରିଖ: ୧୯।୧୨।୨୦୨୩

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ବନ୍ଦ/ ଖୋଲାଯିବାର ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୨୨୩୧୮୫୭ | ବୁଲ୍ ଗିୟର୍ ୧୦୭ ଟିଥ୍ | ୦୮।୦୧।୨୦୨୪ ୧୦.୩୦ ଘଣ୍ଟିକା | ୧୪ ଗୋଟି |
| ୨ | ୦୩୨୩୩୨୫୭ବି | ସାଇଡ୍ ବଡି ଷ୍ଟାଣ୍ଡିୟନ୍ କମ୍ପ୍ଲିଟ୍ | ୦୮।୦୧।୨୦୨୪ ୧୦.୩୦ ଘଣ୍ଟିକା | ୨୦୧ ଗୋଟି |
| ୩ | ୦୬୨୩୦୦୯୮ | ୧ ମିଟର ଲମ୍ବ ଫିଶ୍ ପ୍ଲେଟ୍ ୬୦ କିଗ୍ରା ରେଳ ପାଇଁ | ୦୮।୦୧।୨୦୨୪ ୧୦.୩୦ ଘଣ୍ଟିକା | ୨୨୨୯ ସେଟ୍ |
| ୪ | ୦୬୨୩୦୧୦୦ | ଜଗଲ୍ଡ ଫିଶ୍ ପ୍ଲେଟ୍ ୬୦ କିଗ୍ରା ରେଳ ପାଇଁ | ୧୨।୦୧।୨୦୨୪ ୧୦.୩୦ ଘଣ୍ଟିକା | ୨୩୮୩ ସେଟ୍ |
| ୫ | ୦୨୨୩୩୯୮୪ | ଇଣ୍ଟରମିଡିଏଟ୍ ଓଭରହଲିଂ (ଆଇଓଏଚ୍) ରିପ୍ଲେସମେଣ୍ଟ କିଟ୍ | ୧୭।୦୧।୨୦୨୪ ୧୦.୩୦ ଘଣ୍ଟିକା | ୫୫ ସେଟ୍ |
| ୬ | ୦୬୨୩୦୦୮୦ | ମେଟାଲ୍ ଲାଇନର୍ (ଟି–୩୬୪୦) | ୧୭।୦୧।୨୦୨୪ ୧୦.୩୦ ଘଣ୍ଟିକା | ୧୨୩୪୫୮୮ ଗୋଟି |
| ୭ | ୦୨୨୩୩୯୬୧ଏ | ମାଇକ୍ରୋପ୍ରୋସେସର୍ ଆଧାରିତ ଏନର୍ଜି ତଥା ସ୍ପିଡ୍ ମନିଟରିଂ ସିଷ୍ଟମ୍ | ୨୨।୦୧।୨୦୨୪ ୧୦.୩୦ ଘଣ୍ଟିକା | ୧୫ ସେଟ୍ |
| ୮ | ୦୬୨୩୦୦୯୦ | ମେଟାଲ୍ ଲାଇନର୍ (ଟି–୮୬୧୬ ଓ ଟି–୮୬୧୭) | ୨୩।୦୧।୨୦୨୪ ୧୦.୩୦ ଘଣ୍ଟିକା | ୧୫୮୧୮୧ ଗୋଟି |
| ୯ | ୦୬୨୩୦୦୮୮ | ଜିଏଫ୍ଏନ୍ ଲାଇନର୍ (ଟି–୩୭୦୬) | ୨୯।୦୧।୨୦୨୪ ୧୦.୩୦ ଘଣ୍ଟିକା | ୯୭୩୯୦୧ ଗୋଟି |
| ୧୦ | ୦୬୨୩୦୦୯୪ | ଓମ୍ପ୍ରୁଭଡ ସୁଇଚ୍ ଏକ୍ସପାନ୍ସନ୍ ଜଏଣ୍ଟ–୬୦ | ୦୫।୦୨।୨୦୨୪ ୧୦.୩୦ ଘଣ୍ଟିକା | ୫୯ ସେଟ୍ |
| ୧୧ | ୦୬୨୩୦୦୮୨ | ୧୦୧୨୫ ମିମି କର୍ଭଡ୍ ସୁଇଚ୍‌ର ନିର୍ମାଣ ଓ ଯୋଗାଣ | ୧୨।୦୨।୨୦୨୪ ୧୦.୩୦ ଘଣ୍ଟିକା | ୨୮ ସେଟ୍ |

ଟେଣ୍ଡର ପାଇଁ ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ । ଶୁଦ୍ଧିପତ୍ର ଏବଂ ବିକ୍ରେତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଲିଙ୍କ୍ **www.ireps.gov.in**ରେ ଦେଖାଯାଇପାରିବ ।

**ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ ଦ.ପୂ.ମ. ରେଳପଥ, ବିଳାସପୁର**

CPR/10/351

# ଉଠୁନି ଅଳିଆ, ପର୍ଯ୍ୟଟକ ଅସନ୍ତୁଷ୍ଟ

ଖୋର୍ଦ୍ଧା,୨୫।୧୨(ପ୍ରଭାତ ପାଣିଗ୍ରାହୀ)

ଚାଲିଛି ପର୍ଯ୍ୟଟନ ଋତୁ। ଖୋର୍ଦ୍ଧା ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ବରୁଣେଇ ପୀଠରେ ଏବେ ପର୍ଯ୍ୟଟକଙ୍କ ଗହଳି ରହୁଛି। ମା'ବରୁଣେଇ ଓ କରୁଣେଇଙ୍କ ଦର୍ଶନ ସହ ଏଠାକାର ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ତେବେ ବରୁଣେଇ ପୀଠର ଚାରିଆଡ଼େ ଅଳିଆ ଆବର୍ଜନା ପଡ଼ିରହିଛି। ଯାହାକୁ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ସତ୍ତ୍ୱେ ଏଠାରେ ପର୍ଯ୍ୟଟକଙ୍କ ଲାଗି କୌଣସି ବ୍ୟବସ୍ଥା ନାହିଁ। ଶୌଚାଳୟକୁ ବାଦ୍ ଦେଲେ ଅନ୍ୟ କୌଣସି ସୁବିଧା ଉପଲବ୍ଧ ନାହିଁ। ପର୍ଯ୍ୟଟକଙ୍କ ଲାଗି ଉଦ୍ଦିଷ୍ଟ ପାନୀୟଜଳ ବ୍ୟବସ୍ଥା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବରୁଣେଇ ପୀଠ ପରିସରରେ ପଡ଼ିରହିଥିବା ପଲିଥିନ, ପ୍ଲାଷ୍ଟିକ ବୋତଲ, ପ୍ଲାଷ୍ଟିକ ପ୍ଲେଟ ଆଦି ଉଠାଯାଉନାହିଁ। ଏହାକୁ ଉଠାଇବା ଲାଗି ମଧ୍ୟ ପୌର ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉନାହିଁ।



ବରୁଣେଇ ପୀଠ ପରିସରରେ ପଡ଼ିରହିଥିବା ଅଳିଆ ଆବର୍ଜନା।

ଦୀର୍ଘଦିନ ଧରି ଅଳିଆ ପଡି ରହିବା ଫଳରେ ପରିବେଶ ଦୂଷିତ ହେଉଛି। ଫଳରେ ଏଠାକୁ ଆସୁଥିବା ପର୍ଯ୍ୟଟକ ଅଳିଆ ଆବର୍ଜନାକୁ ଦେଖି ଅସନ୍ତୋଷ ପ୍ରକାଶ କରିଛନ୍ତି। ପିକନିକ୍ ଲାଗି ଭୁବନେଶ୍ୱର ଏକ ଘରୋଇ କଲେଜରୁ ଏଠାକୁ ଆସିଥିବା କେତେଜଣ ଛାତ୍ରୀଛାତ୍ର କୁହନ୍ତି, ଏହାର ପ୍ରାକୃତିକ ପରିବେଶ ଆମକୁ ଏଠାକୁ ଟାଣି ଆଣେ। ପାହାଡ଼ରେ ବୁଲାବୁଲି ସହ ବଣଭୋଜିର ମଜା ନେବାକୁ ଆସିଛୁ। ତେବେ ବରୁଣେଇ ପୀଠରେ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ପାନୀୟଜଳର କୌଣସି ବ୍ୟବସ୍ଥା ନାହିଁ। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି। ସେହିପରି ଏଠାକୁ ଆସିଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଅନୁରୂପଭାବେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ବରୁଣେଇ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ହୋଇଥିବା ବେଳେ ଏହାର ରକ୍ଷଣାବେକ୍ଷଣ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ ବୋଲି ଛାତ୍ରନେତା ସୌମ୍ୟରଞ୍ଜନ ବରାଳ କହିଛନ୍ତି। ସେହିପରି ଐତିହ୍ୟ ଗବେଷକ ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ କହିଛନ୍ତି, ବରୁଣେଇ ପୀଠର ଗୌରବମୟ ଇତିହାସ ରହିଛି। ଖୋର୍ଦ୍ଧାର ଐତିହ୍ୟକୀର୍ତ୍ତିରାଜୀ ସଂରକ୍ଷଣ ଲାଗି ସରକାର ଗୁରୁତ୍ୱ ଦେବା ଆବଶ୍ୟକ। ଔଷଧୀୟ ଗୁଳ୍ମ ଏବଂ ଚତୁଃପାର୍ଶ୍ୱରେ ଘେରି ରହିଥିବା ପାହାଡର ସଂରକ୍ଷଣ ନିତାନ୍ତ ଜରୁରୀ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି କହିଛନ୍ତି, ବରୁଣେଇ ପୀଠର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହେଉଥିବା ବେଳେ ପର୍ଯ୍ୟଟକଙ୍କୁ ସମସ୍ତ ସୁବିଧା ଉପଲବ୍ଧ ପ୍ରତି ଚେଷ୍ଟା ଜାରି ରହିଛି। ଏହାର ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯିବ। ଧୀରେ ଧୀରେ ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଛି। ପାନୀୟଜଳ ସମସ୍ୟା ସମାଧାନ ଲାଗି ଗୁରୁତ୍ୱ ଦିଆଯିବ।

# ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ



ଉପଜିଲାପାଳ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

ଖୋର୍ଦ୍ଧା,୨୫।୨୩(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏବଂ ଜିଲା ପ୍ରଶାସନ ସହଯୋଗରେ ରାଜ୍ୟରେ ଚିତ୍ରକଳାର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଏକାଡେମୀ ଦ୍ୱାରା ସଂଗୃହୀତ ଚିତ୍ରକଳାଗୁଡ଼ିକୁ ନେଇ ଏକ ଭ୍ରାମ୍ୟମାଣ ପ୍ରଦର୍ଶନୀ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଲଳିତ କଳାର ବହୁଳ ପ୍ରଚାର ଓ ପ୍ରସାର ପାଇଁ ତଥା ଶିଳ୍ପୀମାନଙ୍କ କଳାକୃତି ରାଜ୍ୟର ଜନସାଧାରଣ, ଅନ୍ୟାନ୍ୟ ଶିଳ୍ପୀ ତଥା ଛାତ୍ରୀଛାତ୍ରମାନେ ଦେଖିବାର ସୁଯୋଗ ପାଇପାରିବେ। ଓଡ଼ିଶାର ସବୁ ଜିଲାରେ ଚିତ୍ରକଳାର ପ୍ରଚାର ଓ ପ୍ରସାର କିପରି ଅଧିକ ହୋଇପାରିବ ସେଥିପାଇଁ ଏକାଡେମୀ ପକ୍ଷରୁ ଏହି ପ୍ରୟାସ କରାଯାଇଛି। ଏହି ପ୍ରଦର୍ଶନୀକୁ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଉଦ୍‌ଘାଟନ କରିଥିଲେ। ଉକ୍ତ ପ୍ରଦର୍ଶନୀରେ ଓ ଖ୍ୟାତନାମା ଦିବଂଗତ ଓ ବରିଷ୍ଠ ଚିତ୍ରଶିଳ୍ପୀ ବିଧାଧର ବର୍ମା, ବସନ୍ତ ପଣ୍ଡା, ଅନନ୍ତ ପଣ୍ଡା, ଯତୀନ ଦାସ, ଅଜିତ କେଶରୀ ରାୟ, ବିଭୁତି କାନୁନ୍‌ଗୋ, ରବିନାରାୟଣ ନାୟକଙ୍କ ସହ ବହୁ ଯୁବ ଚିତ୍ରଶିଳ୍ପୀଙ୍କ ମୋଟ୍ ୪୦ଟି ଚିତ୍ରକଳା ସ୍ଥାନ ପାଇଛି। ଉକ୍ତ ପ୍ରଦର୍ଶନୀ ୨୭ ଡିସେମ୍ବର ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଦର୍ଶନୀ ଅବସରରେ ଜିଲାର ବହୁ ଶିଳ୍ପୀ, କଳାପ୍ରେମୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଓଡ଼ିଶା ଲଳିତ କଳା ଏକାଡେମୀ ସଚିବ ପଞ୍ଚାନନ ସାମଲ, ପୂର୍ବତନ ସଚିବ ଗଜେନ୍ଦ୍ର ସାହୁ, ଚିତ୍ର ଶିଳ୍ପୀ ଲଲାଟ କିଶୋର ପ୍ରଧାନ, ଚିତ୍ର ଶିଳ୍ପୀ ଜ୍ଞାନରଞ୍ଜନ ଦାଶ, ବିରଞ୍ଚି ନାରାୟଣ ଚହଟରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗାଡ଼ି ଜବତ, ୫ ଗୋରୁ ଉଦ୍ଧାର

ବେଗୁନିଆ,୨୫।୧୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ପୋଲିସ ସୋମବାର ଏକ ବେଆଇନ ଗୋରୁ ବୋଝେଇ ଗାଡ଼ି ଜବତ କରିଛି। ସେଥିରେ ଥିବା ୫ଟି ଗୋରୁଙ୍କୁ ଉଦ୍ଧାର କରିବା ସହ ଏକ ମାମଲା (ନଂ.୪୪୩/୨୩) ରୁଜୁକରି ପୋଲିସ ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ.ଜାତୀୟ ରାଜପଥରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିଲା। ଚକାପଦା ବଜାର ନିକଟରେ ଗୋଟିଏ ଗୋରୁ ବୋଝେଇ ଗାଡି କଡବ ଗ୍ରାମକୁ ଯାଉଥିବା ବେଳେ ପୋଲିସ ହାବୁଡ଼ରେ ପଡ଼ିଥିଲା। ହେଲେ ଚାଳକ ଜଣକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ।

### ସାମ୍ବାଦିକ ରବି ନାରାୟଣ ସାହୁଙ୍କ ପରଲୋକ

ଖୋର୍ଦ୍ଧା,୨୫।୧୨ (ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧାର ବରିଷ୍ଠ ସାମ୍ବାଦିକ ରବି ନାରାୟଣ ସାହୁଙ୍କ ବୁଢ଼ିବଗିଚାସ୍ଥିତ ବାସଭବନରେ ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୫୧ବର୍ଷ ବୟସ ହୋଇଥିଲା। ସେ କିଛିଦିନ ହେବ ଯକୃତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଏକାଧିକ ସାମ୍ବାଦିକ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପ୍ରକାଶ ଯେ, ରବି ନାରାୟଣ ଦୀର୍ଘ ବର୍ଷ ଧରି ସାମ୍ବାଦିକତା ସହ ଜଡିତ ଥିଲେ। ବିଭିନ୍ନ ଗଣମାଧ୍ୟମରେ ସାମ୍ବାଦିକତା କରି ସୁନାମ ଅର୍ଜନ କରିଥିଲେ। ସାମ୍ବାଦିକତା ସହ ସାମାଜିକ ଅନୁଷ୍ଠାନରେ ମଧ୍ୟ ଜଡ଼ିତ ଥିଲେ। ବୁଢ଼ିବଗିଚା ଗଜଲକ୍ଷ୍ମୀ ପୂଜା, ସାଇ ମନ୍ଦିର ପ୍ରତିଷ୍ଠା ଆଦି ଉନ୍ନୟନମୂଳକ କାର୍ଯ୍ୟରେ ତାଙ୍କର ସକ୍ରିୟ ଭୂମିକା ରହିଥିଲା। ତାଙ୍କ ବିୟୋଗରେ ଓୟୁଜେ, ଓୟୁଡବ୍ଲୁଜେ, ଉତ୍କଳ ସାମ୍ବାଦିକ ସଂଘ, ଜିଲା ପ୍ରେସ କ୍ଲବ ସଦସ୍ୟମାନେ ଶୋକ ପ୍ରକାଶ କରିଛନ୍ତି।

### ଚିଲିକା ଆଞ୍ଚଳିକ ସେବା ପରିଷଦର କାର୍ଯ୍ୟକାରିଣୀ ବୈଠକ

ଟାଙ୍ଗୀ,୨୫।୧୨(ରଘୁନାଥ ସାହୁ)

ଚିଲିକା ଆଞ୍ଚଳିକ ସେବା ପରିଷଦର କାର୍ଯ୍ୟକାରିଣୀ ବୈଠକ କାଳୁପଡାଘାଟ କେଦାରେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ରମାକାନ୍ତ ବଳିୟାରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶିକ୍ଷାବିତ୍ ଲକ୍ଷ୍ମୀଧର ବେହେରା, ଦେବଦତ୍ତ ମହାପାତ୍ର, ରବୀନ୍ଦ୍ର ବଳିୟାରସିଂହ ପ୍ରମୁଖ ଯୋଗଦେଇ ସ୍ୱଚ୍ଛ ଭାରତ ଅଭିଯାନ ଓ ବିଦେଶାଗତ ପକ୍ଷୀ ସୁରକ୍ଷା ସମ୍ପର୍କରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ପରିଷଦର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତିଭାବେ ଦୀପକ କୁମାର ନାଥ, ସମ୍ପାଦକ ସନ୍ତୋଷ କୁମାର ବଳିୟାରସିଂହ, ସହସମ୍ପାଦକଭାବେ ଦିଲ୍ଲୀପ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

# ଜିଲାର ସଂସ୍କୃତି, ଐତିହାସିକ ପଟଚିତ୍ର 'ପିଜାଣ୍ଟ ଶୋ'

## ୧୯ତମ ଜାମ୍ବୋରେଟ୍ ଚତୁର୍ଥ ଦିବସ

ଖୋର୍ଦ୍ଧା,୨୫।୨୩(ପ୍ରଭାତ ପାଣିଗ୍ରାହୀ)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ବରୁଣେଇ ପୀଠ ନିକଟ ରାଜ୍ୟ ତାଲିମ କେନ୍ଦ୍ର ପରିସରରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ତତ୍ତ୍ୱାବଧାନରେ ଚାଲିଥିବା ୧୯ ତମ ଜାମ୍ବୋରେଟ୍‌ର ଚତୁର୍ଥ ଦିବସରେ ପତାକା ଉତ୍ସବ ପର୍ବ ପରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଶାନ୍ତିର ବାର୍ତ୍ତାବହ, ସସ୍‌ଟେନେବୁଲ ଡେଭଲପମେଣ୍ଟ ଗୋଲ କାର୍ଯ୍ୟକ୍ରମ ଆଦିରେ ସ୍କାଉଟ୍ସ ଗାଇଡ୍ସମାନେ ନିୟୋଜିତ ହୋଇଥିଲେ। ଅପରାହ୍ନ ୩ଟା ୩୦ରେ ପ୍ରତ୍ୟେକ ଜିଲାର ସ୍କାଉଟ୍ସ ଓ ଗାଇଡ୍ସମାନଙ୍କ ଦ୍ୱାରା ଜିଲାର ସଂସ୍କୃତି, ଐତିହାସିକ ପଟଚିତ୍ର ତଥା ପୋଷାକ ପରିଚ୍ଛେଦ ଆଦିକୁ ନେଇ ଆରମ୍ଭ ହୋଇଥିଲା ଆଉ ଏକ ପ୍ରତିଯୋଗିତା 'ପିଜାଣ୍ଟ ଶୋ'। ଯାହାକି ଜିଲାର କଳା ସଂସ୍କୃତି ଚିତ୍ରକୁ ନେଇ ଆଧାରିତ। ଏହି ପ୍ରତିଯୋଗିତାରେ ପ୍ରତ୍ୟେକ ଶିବିରାର୍ଥୀ ସବୁ ଜିଲା ସଂସ୍କୃତି ବିଷୟରେ ଅବଗତ ହେବା ପାଇଁ ଏକ ସୁଯୋଗ ଲାଭ କରିଥିଲେ। ପ୍ରତ୍ୟେକ ଜିଲାର ମୁଖ୍ୟ ପର୍ବପର୍ବାଣି ତଥା ଯାତ୍ରା ଆଦିକୁ କୁଶଳତାର ସହ ପ୍ରଦର୍ଶିତ କରିଥିଲେ ସ୍କାଉଟ୍ସ ଗାଇଡ୍ସମାନେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶକ ତଥା ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ସହାୟକ କମିଶନର(ସ୍କାଉଟ୍ସ) ସନାତନ ପଣ୍ଡା, ସମ୍ମାନିତ ଅତିଥି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ଶୁଭଶ୍ରୀ ନନ୍ଦ, ଗଭର୍ନର ଅଫ ରୋଟାରୀ ଓଡ଼ିଶା ଶାଖା ଜୟଶ୍ରୀ ମହାନ୍ତି, କମାଣ୍ଡୋ ୬ ଆଇଆରବିଏନ ଖୋର୍ଦ୍ଧାର ବି.କେ.ନାୟକ ଏବଂ ସେକ୍ରେଟାରୀ ଜନ ଆମ୍ବୁଲାନ୍ସ ନିଧି କୁମାର ରାଉତରାୟ ଯୋଗଦେଇ ପିଲାମାନଙ୍କର ପିଜାଣ୍ଟ ଶୋ ଦେଖିଥିଲେ। ଏତେସଂଖ୍ୟକ ପିଲାମାନେ ପ୍ରତିଯୋଗିତାରେ ଭାଗନେଇଥିବାରୁ ଅତିଥିମାନେ ଧନ୍ୟବାଦ ଜଣାଇଥିଲେ। ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଉପସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଉଥିବାବେଳେ ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଦେଇଥିଲେ।



୧୯ତମ ରାଜ୍ୟସ୍ତରୀୟ ଜାମ୍ବୋରେଟ୍‌ର ଚତୁର୍ଥ ଦିବସରେ କଳାକାରଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ ନୃତ୍ୟ।

# ଜାତୀୟ ସେବା ସଂସ୍ଥାର ସ୍ୱତନ୍ତ୍ର ଶିବିର

## ୭ ଦିନ ତାଲିମ ଦିଆଯିବ

କୃଷ୍ଣପ୍ରସାଦ,୨୫।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ସାତପଡ଼ା ପଞ୍ଚାୟତ ଅନ୍ତର୍ଗତ ସ୍ନାତକ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶୀତକାଳୀନ ଶିବିର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରକାଶ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଗୁଆହାଟି ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡ.ମନୋଜ କୁମାର ନାୟକ, ମହାବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷାବିତ୍ କେଳୁଚରଣ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବଳଙ୍ଗା ମହାବିଦ୍ୟାଳୟ ଅଧ୍ୟାପକ ପ୍ରତ୍ୟୁଷ କୁମାର ପତି, କଣାସ ଦୟାବିହାର ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ସଂଗ୍ରାମ କେଶରୀ ପରିଡ଼ା ପ୍ରମୁଖ ଯୋଗଦେଇ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ ୭ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବାଳିକା ବିଭାଗର ଯୋଜନା ଅଧିକାରୀ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦଳାଇ, ବାଳକ ବିଭାଗର ଯୋଜନା ଅଧିକାରୀ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


## ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, କଟକ

ବିଜ୍ଞାପନ

ପତ୍ର ସଂଖ୍ୟା–୧୪୮୪୯/ଅ. ତା.୨୨.୧୨.୨୩

No.D-ଏତଦ୍ଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଶ୍ରୀ ଜଗନ୍ନାଥ ବେହେରା, ପିତା-ସ୍ୱର୍ଗତ ରମାକାନ୍ତ ବେହେରା, ଗୋପୀନାଥ ମନ୍ଦିର ନିକଟ, ମାଛୁଆବଜାର, ପୋ-ବକ୍ସିବଜାର, ଥାନା-ମଙ୍ଗଳାବାଗ, ଜିଲ୍ଲା-କଟକଙ୍କ ନାମରେ କଟକ ଜିଲ୍ଲା ପଟ୍ଟାପୋଲଠାରେ ଥିବା ସରକାରୀ ଦେଶୀ ମଦ ଦୋକାନର ମାଲିକାନା ସ୍ୱତ୍ୱ ତାଙ୍କର ପୁତ୍ର ଶ୍ରୀ ଦୀପକ କୁମାର ବେହେରା, ପିତା-ଜଗନ୍ନାଥ ବେହେରା, ସା-ମାଛୁଆବଜାର, ପୋ-ବକ୍ସିବଜାର, ଥାନା-ମଙ୍ଗଳାବାଗ, ଜିଲ୍ଲା-କଟକଙ୍କ ନାମରେ ପରିବର୍ତ୍ତନ ହେବାକୁ ଯାଉଅଛି । ଏଣୁ ଏହି ନୋଟିସ୍ ଜରିଆରେ ଜଣାଇ ଦିଆଯାଉଅଛି କି ଯେ, ଶ୍ରୀ ଜଗନ୍ନାଥ ବେହେରାଙ୍କର ଏହି ଦୋକାନର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ବିରୁଦ୍ଧରେ କେହି ଦାବିଦାର ଥିଲେ, ଏହି କାର୍ଯ୍ୟାଳୟକୁ ସାତଦିନ ମଧ୍ୟରେ ଜଣାଇବେ । ଉକ୍ତ ତାରିଖ ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ।

ଜିଲ୍ଲାପାଳ, କଟକଙ୍କ ନିର୍ଦ୍ଦେଶକ୍ରମେ

OIPR-36008/11/0003/2324 ସ୍ୱା./–ଅବକାରୀ ଅଧୀକ୍ଷକ, କଟକ

## DISTRICT SPORTS OFFICE, SUNDARGARH

(QUOTATION CALL NOTICE)

No. 930 Date: 16.12.2023

Sealed quotations are invited from the intending Travel Agency/Car Owner for hiring of one No. of Private Vehicle (TUV-300/Bolero/Sumo Gold/Ertiga) for use in District Sports Office, Sundargarh. The details of prescribed form with term & condition (Annexure - A & B) are available in district website **www.sundargarh.nic.in** and District Sports Office, Sundargarh. The quotation should reach to the undersigned by Regd. Post only on Dated 28.12.2023 at 4 P.M. and same will be opened on the same day at 5 P.M. in the Office Chamber of ADM, Sundargarh.

**Sd./- District Sports Officer, Sundargarh**


# ଶିଶୁ ଅନନ୍ତ ଥିଲେ କାଳଜୟୀ ସାରସ୍ୱତ ସାଧକ

ବାଲିପାଟଣା,୨୫।୧୨(ଅଭିମନ୍ୟୁ ନାୟକ)

ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ମଠ ପରିସରରେ ସିଦ୍ଧସାଧକ ଶିଶୁ ଅନନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଏକାଡେମୀ ଏବଂ ଶିଶୁ ଅନନ୍ତ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭାପତି ଅଭିମନ୍ୟୁ ନାୟକ ଅଧ୍ୟକ୍ଷତା କରିଥିଲେ। ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲୀ ଉଦ୍‌ଘାଟକ ଭାବେ ଯୋଗଦେଇ କହିଥିଲେ, ଶିଶୁଅନନ୍ତ କାଳଜୟୀ ସାଧକ ଥିଲେ। ବିଧାନସଭା ସଚିବ ଦାସରଥି ଶତପଥୀ ମୁଖ୍ୟ ଅତିଥି, ଡ.ଗୋପାଳକୃଷ୍ଣ ଦାଶ ମୁଖ୍ୟ ବକ୍ତା, ପ୍ରବଚକ ଡା. ଆଶୁତୋଷ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଶିଶୁ ଅନନ୍ତଙ୍କ ସାଧନାର ବିଭିନ୍ନ ଦିଗ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ସମ୍ପାଦିକା ତନୟାଦାସ ଗୋସ୍ୱାମୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସାଧକ ଗୋପାଳ କୃଷ୍ଣ ଦାଶଙ୍କୁ ଶିଶୁ ଅନନ୍ତ ସମ୍ମାନ, ଶପଥ ମହାପାତ୍ରଙ୍କୁ ମଧୁସୂଦନ ବାବା ସମ୍ମାନ, କବି ଓ କଥାକାର ଅଧ୍ୟାପକ ଡ. ଅଜୟ ସ୍ୱାଇଁଙ୍କୁ ଡ. ଅବଦୁଲ ଓସିଦ ଖାନ ସମ୍ମାନ, ସଂଳାପ ଲେଖକ ଡ. ରଜନୀ ରଞ୍ଜନ ଦାଶଙ୍କୁ ବାଲିପାଟଣା ଗୌରବ ସମ୍ମାନ, ଭାରତ ଭୂଷଣ ମିଶ୍ର, ଚୌଧୁରୀ ଅମିତାଭ ଦାଶଙ୍କୁ ସାମ୍ବାଦିକ ଗୌରବ ସମ୍ମାନ, ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କୁ ବଡ଼ଭାଇ ନଦିଆ ବିହାରୀ ସମ୍ମାନ ପ୍ରଦାନ କରାଯାଇଛି। ଶିଳ୍ପୀ ରବି କୁମାରଙ୍କ ସ୍ୱର ସଂଯୋଜନାରେ ଶାଶ୍ୱତୀ ଅନୁଷ୍ଠାନ ପ୍ରାରମ୍ଭିକ ଓ ଅନ୍ୟାନ୍ୟ ଭଜନ ପରିବେଷଣ କରିଥିଲେ। ପ୍ରତିଭା ଶିଶୁଗୋସ୍ୱାମୀ ମାନପତ୍ର ପାଠ କରିଥିଲେ। ଡ. ଦେବାଶିଷ ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ।ବାନସାହୁସହଯୋଗକରିଥିଲେ।


## ZILLA PARISHAD (DRDA), BALANGIR

No. 444/ORMAS Ph. No.: 06652 (235916) Dated: 22.12.2023

SHORT TENDER CALL NOTICE

Zilla Parishad (DRDA), Balangir on behlaf of PR&DW Deptt., Govt. of Odisha invite proposal with certain terms & conditions from reputed & registered Tent Houses/ firms/agencies/decorators/Transport agencies/security agencies having GSTIN No. may apply for the Tentage & allied works/security services/Photo & Videography/ Local transportaion/printing of Flex Hoardings & Banners for the Pallishree Mela to be organized at Koshal Kalamandal Ground, Balangir for 5 days during the month of January 2024.

The tender papers only for Tentage & allied works will be available for purchase from 26th December 2023 to 3rd January 2024 during official day of office hour in the accounts section of ORMAS, Balangir. Details documents, terms & conditions on apply for tentage & allied work is mentioned in the tender paper. The sealed tenders will be received latest upto 5.00 P.M. on 03.01.2024 at Office of Zilla Parishad (DRDA), Balangir in the tender box. The tenders will be opened in the Office of Zilla Parishad (DRDA), Balangir on 04.01.2024 at 11.30 A.M. in the presence of the tenderers or their authorized representatives. If it will found that the quoted amount of L1 party will be exceed the budget limit of the particular head then the party may be called for negotiation. The undersigned reserves the right to accept or reject any or all the tenders without assigning any reason thereof.

Sd./- CDO-cum-EO, Zilla Parishad, Balangir


# ସେମିରେ ହାଟବସ୍ତ କ୍ରିକେଟ କ୍ଲବ



ବୋଲଗଡ଼,୨୫।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଟାଙ୍ଗୀ ପଡ଼ିଆରେ ଆୟୋଜିତ ତ୍ରୟୋଦଶତମ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚ୍ ଜଟଣୀ ବଳଦେବଜୀଉ କ୍ରିକେଟ କ୍ଲବ ଓ ହାଟବସ୍ତ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ହାଟବସ୍ତ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୯ ଉଇକେଟ ବିନିମୟରେ ୧୬୧ରନ ସଂଗ୍ରହ କରିଥିଲା। ଜବାବରେ ବଳଦେବଜୀଉ ଟିମ୍ ୧୬.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୪ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ହାଟବସ୍ତ ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଅମରେଶ ଛୋଟରାୟ ଓ ସତ୍ୟ ରଞ୍ଜନ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ କଂଗ୍ରେସ ଯୁବନେତା ସଦାଶିବ ମହାପାତ୍ର, ଅତିଥିଭାବେ ସାମାଜିକ କର୍ମୀ ପ୍ରମୋଦ ସ୍ୱାଇଁ, ଗଦାଧର ଚମ୍ପତି ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବ ସଦସ୍ୟ ରାମଚନ୍ଦ୍ର ପ୍ରଧାନ, ବିକାଶ ବଳିୟାରସିଂହ, ପ୍ରମୋଦ ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ, ଶରତ ବେହେରା, ବାବୁଲା ଜଗଦେବ, ରାଜକିଶୋର ସ୍ୱାଇଁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


## ନିୟନ୍ତ୍ରିତ ବଜାର କମିଟି, ନରସିଂହପୁର

ବିଜ୍ଞାପନ ସଂଖ୍ୟା–୦୩ ତାରିଖ–୨୩.୧୨.୨୦୨୩

ଏତଦ୍ଦ୍ୱାରା କଟକ ଜିଲ୍ଲାର ଆଠଗଡ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ପଞ୍ଜୀକୃତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ଖରିଫ ବର୍ଷ ୨୦୨୩–୨୪ ପାଇଁ ରାଜ୍ୟ ସରକାର ଓ ଜିଲ୍ଲାସ୍ତରୀୟ ଧାନସଂଗ୍ରହ କମିଟି ନିଷ୍ପତ୍ତି ମୁତାବକ ଆସନ୍ତା ତା୨୭.୧୨.୨୦୨୩ ରିଖ ଠାରୁ ୭୪ ଗୋଟି ସେବା ସମବାୟ ସମିତି ଓ ୮ ଗୋଟି ଉପକ୍ରୟ କେନ୍ଦ୍ର ମାଧ୍ୟମରେ ଚାଷୀମାନଙ୍କ ଠାରୁ ସେମାନଙ୍କର ବଳକା ଧାନ କ୍ରୟ କରାଯିବ । ଚାଷୀ ଭାଇ ଓ ଭଉଣୀମାନେ ସେମାନଙ୍କର ଉତ୍ପାଦିତ ବଳକା ଧାନକୁ ଭଲଭାବରେ ଶୁଖାଇ ସଫାସୁତୁରା କରି ଧାନକ୍ରୟ କେନ୍ଦ୍ରକୁ ଆଣିବେ । ଧାନ ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗି, ସମଆକାର, ଏକ କିସମ ଯଥା (ଏଫ.ଏ.କ୍ୟୁ) ମାନର ହୋଇଥିବା ଆବଶ୍ୟକ । ସମସ୍ତ ପଞ୍ଜୀକୃତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ଗ୍ରାମାଞ୍ଚଳର ଅସାଧୁ ବ୍ୟବସାୟୀ ଓ ମଧ୍ୟସ୍ଥିମାନଙ୍କ କଥାରେ ପରିଚାଳିତ ନହୋଇ ନିକଟସ୍ଥ ସେବା ସମବାୟ ସମିତିମାନଙ୍କ ଜରିଆରେ ଧାନ ବିକ୍ରୟ କରନ୍ତୁ ଓ ଧାନର ସହାୟକ ମୂଲ୍ୟ ପ୍ରାପ୍ତ ହୁଅନ୍ତୁ ।

**ଚଳିତ ଖରିଫ ୨୦୨୩–୨୪ ବର୍ଷ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ**

| ଧାନର କିସମ | କ୍ୱିଣ୍ଟାଲ ପିଛା ଦର |
|---|---|
| ସାଧାରଣ ଧାନ (ଏଫ.ଏ.କ୍ୟୁ) | ଟ.୨,୧୮୩.୦୦ଙ୍କା |
| ଗ୍ରେଡ୍ "ଏ" ଧାନ | ଟ.୨,୨୦୩.୦୦ଙ୍କା |

**ସହାୟକ ମୂଲ୍ୟ ପାଇବା ପାଇଁ ଧାନର ହାରାହାରି ଗୁଣାତ୍ମକ ମାନ (ଏଫ୍.ଏ.କ୍ୟୁ) ନିମ୍ନମତେ ହେବା ଆବଶ୍ୟକ**

| କ୍ର.ସଂ. | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ.ଏ.କ୍ୟୁ ଧାନର ସର୍ବୋଚ୍ଚ ସୀମା |
|---|---|---|
| ୧. | ବାଲି,ମାଟି, ଗୋଡି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୨. | କାଠି, କୁଟା, ଧୂଳି, ଅଗାଡି ବା ପୋଲା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକା ଇତ୍ୟାଦି *ଖରାପ, ପାଣିଫୁଲା ଓ ପୋକା ୪% ମଧ୍ୟରେ ସୀମିତ ରହିବା ଦରକାର । | ୫.୦% |
| ୪. | ଅପରିପକ୍ୱ, କଂଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ଗ୍ରେଡ୍ ଏ ସରୁଧାନରେ ମିଶିଥିବା ମୋଟା ଧାନର ପରିମାଣ | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

ଧାନ କ୍ରୟ ବିକ୍ରୟ ବାବଦରେ କୌଣସି ଅଭିଯୋଗ ଦରଜ କରିବାକୁ ଚାହିଁଲେ ନିଃଶୁଳ୍କ ହେଲ୍ପଲାଇନ୍ ନମ୍ବର ୧୯୬୭ କିମ୍ବା ଜିଲ୍ଲା ଯୋଗାଣ ବିଭାଗର କଂଟ୍ରୋଲରୁମ୍ (ଫୋନ୍ ନମ୍ବର-(୦୬୭୧) ୨୫୦୮୩୮/୨୫୦୭୭୪୪ରେ ଯୋଗାଯୋଗ କରିପାରିବେ ।

**ନିବେଦକ–ଉପଜିଲ୍ଲାପାଳ, ଆଠଗଡ଼–ତଥା–ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନରସିଂହପୁର**

## ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏନ୍ଆଇଟି/୧୪/୨୩/୬୨, ତାରିଖ: ୧୯।୧୨।୨୦୨୩

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ବନ୍ଦ/ ଖୋଲାଯିବାର ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୨୨୩୧୮୫୭ | ବୁଲ୍ ଗିୟର୍ ୧୦୭ ଟିଥ୍ | ୦୮।୦୧।୨୦୨୪ ୧୦.୩୦ ଘଟିକା | ୧୪ ଗୋଟି |
| ୨ | ୦୩୨୩୩୨୫୭ବି | ସାଇଡ୍ ବଡି ଷ୍ଟାବ୍ରିୟନ୍ କମ୍ପ୍ଲିଟ୍ | ୦୮।୦୧।୨୦୨୪ ୧୦.୩୦ ଘଟିକା | ୨୦୧ ଗୋଟି |
| ୩ | ୦୬୨୩୦୦୯୮ | ୧ ମିଟର ଲମ୍ବ ଫିଶ୍ ପ୍ଲେଟ୍ ୬୦ କିଗ୍ରା ରେଲ ପାଇଁ | ୦୮।୦୧।୨୦୨୪ ୧୦.୩୦ ଘଟିକା | ୨୨୨୯ ସେଟ୍ |
| ୪ | ୦୬୨୩୦୧୦୦ | ଜଗଲ୍ଡ ଫିଶ୍ ପ୍ଲେଟ୍ ୬୦ କିଗ୍ରା ରେଲ ପାଇଁ | ୧୨।୦୧।୨୦୨୪ ୧୦.୩୦ ଘଟିକା | ୨୩୮୩ ସେଟ୍ |
| ୫ | ୦୨୨୩୩୯୮୪ | ଇଣ୍ଟରମିଡିଏଟ୍ ଓଭରହଲିଂ (ଆଇଓଏଚ୍) ରିପ୍ଲେସମେଣ୍ଟ କିଟ୍ | ୧୬।୦୧।୨୦୨୪ ୧୦.୩୦ ଘଟିକା | ୫୫ ସେଟ୍ |
| ୬ | ୦୬୨୩୦୦୮୦ | ମେଟାଲ୍ ଲାଇନର୍ (ଟି-୩୬୪୦) | ୧୬।୦୧।୨୦୨୪ ୧୦.୩୦ ଘଟିକା | ୧୨୩୪୫୮୮ ଗୋଟି |
| ୭ | ୦୨୨୩୩୯୬୧ଏ | ମାଇକ୍ରୋପ୍ରୋସେସର୍ ଆଧାରିତ ଏନର୍ଜି ତଥା ସ୍ପିଡ୍ ମନିଟରିଂ ସିଷ୍ଟମ୍ | ୨୨।୦୧।୨୦୨୪ ୧୦.୩୦ ଘଟିକା | ୧୫ ସେଟ୍ |
| ୮ | ୦୬୨୩୦୦୯୦ | ମେଟାଲ୍ ଲାଇନର୍ (ଟି-୮୬୧୬ ଓ ଟି-୮୬୧୭) | ୨୩।୦୧।୨୦୨୪ ୧୦.୩୦ ଘଟିକା | ୧୫୮୧୮୧ ଗୋଟି |
| ୯ | ୦୬୨୩୦୦୮୮ | ଜିଏଫ୍ଏନ୍ ଲାଇନର୍ (ଟି-୩୭୦୬) | ୨୯।୦୧।୨୦୨୪ ୧୦.୩୦ ଘଟିକା | ୯୭୩୯୦୧ ଗୋଟି |
| ୧୦ | ୦୬୨୩୦୦୯୪ | ଓମ୍ପ୍ରଭ୍ଡ ସୁଇଚ୍ ଏକ୍ସପାନ୍ସନ୍ ଜଏଣ୍ଟ-୬୦ | ୦୫।୦୨।୨୦୨୪ ୧୦.୩୦ ଘଟିକା | ୫୯ ସେଟ୍ |
| ୧୧ | ୦୬୨୩୦୦୮୨ | ୧୦୧୨୫ ମିମି କର୍ଭଡ୍ ସୁଇଚ୍ର ନିର୍ମାଣ ଓ ଯୋଗାଣ | ୧୨।୦୨।୨୦୨୪ ୧୦.୩୦ ଘଟିକା | ୨୮ ସେଟ୍ |

ଟେଣ୍ଡର ପାଇଁ ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ । ଶୁଦ୍ଧିପତ୍ର ଏବଂ ବିକ୍ରେତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ ।

ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
ଦ.ପୂ.ମ. ରେଳପଥ, ବିଲାସପୁର

CPR/10/351

# ବ୍ରଜକିଶୋରଙ୍କୁ କପିଳ ବିରଳ ସମ୍ମାନ



ଉତ୍ସବରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ବୋଧନ ଦେଉଛନ୍ତି ।




ମହୋତ୍ସବରେ ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି ।

## ୨୩ତମ ନିମାପଡ଼ା ମହୋତ୍ସବ ଉଦ୍‌ଘାଟିତ

ନିମାପଡ଼ା,୨୫।୧୨ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ମନୋରମ ଶୀତୁଆ ସନ୍ଧ୍ୟାର ବର୍ଣ୍ଣାଢ୍ୟ ପରିବେଶରେ ନିମାପଡ଼ାର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ହେଲ୍ପଲାଇନ' ନିମାପଡ଼ା ମହୋତ୍ସବ କମିଟି ଦ୍ୱାରା ଆୟୋଜିତ ୨୩ ତମ ନିମାପଡ଼ା ମହୋତ୍ସବ – ୨୦୨୩ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଶହୀଦ ଭବନ ପରିସରରେ ଥିବା ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି, ଅବକାରୀ ଓ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଗୃହ, ସୂଚନା ଓ ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ନିମାପଡ଼ା ହେଉଛି ବୀରମାଟି। ଏଠାରେ କଳା ଏବଂ ସଂସ୍କୃତି ଋଦ୍ଧିମନ୍ତ ହୋଇପାରିଛି। ନିମାପଡ଼ା ମହୋତ୍ସବକୁ ସରକାରୀ କ୍ୟାଲେଣ୍ଡରରେ ସ୍ଥାନିତ କରିବାକୁ ମୁଖ୍ୟ ଅତିଥିଙ୍କୁ ଅନୁରୋଧ କରିଥିଲେ। ମହୋତ୍ସବକୁ ସରକାରୀ କ୍ୟାଲେଣ୍ଡରରେ ସ୍ଥାନିତ କରିବାକୁ ପଦକ୍ଷେପ ନେବେ ବୋଲି ମୁଖ୍ୟ ଅତିଥି ମନ୍ତ୍ରୀ ପାତ୍ର କହିଥିଲେ। ନିମାପଡ଼ା ମହୋତ୍ସବ ଏକ ସାଂସ୍କୃତିକ ଅନ୍ୱେଷଣ। ଏହା ନିମାପଡ଼ାର ଗଣପର୍ବ ଭାବେ ପାଳିତ ହୋଇଛି ବୋଲି ମହୋତ୍ସବ କମିଟି ସଭାପତି ତଥା ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଅଭିମତ ରଖିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ନିଗମାନନ୍ଦ ସାହୁ ବିବରଣୀ ପଠ କରିଥିଲେ। ଏହି ଅବସରରେ ହେଲ୍ପଲାଇନ ସଭାପତି ଅକ୍ଷୟ ସାହୁ ଓ ମହୋତ୍ସବ କମିଟି ସଂଯୋଜକ ଅନ୍ୱେଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ପ୍ରଥମ ଚରଣରେ ଓଡ଼ିଶୀ ନୃତ୍ୟ ଶୈଳୀରେ ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀ ପକ୍ଷରୁ କଳାକାରମାନେ ଚିତାକର୍ଷକ ଓଡ଼ିଶୀ ନୃତ୍ୟ, କଲିକତାର ଆଦିନୃତ୍ୟ କଳା ଏକାଡେମୀ ପକ୍ଷରୁ କ୍ରିଏଟିଭ ନୃତ୍ୟ, କଟକର ପାୟଲ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଶୀବତାଣ୍ଡବ ନୃତ୍ୟ, ବାଙ୍କୀ ଶ୍ରୀରାମ ନାଟ୍ୟ ସଂସଦ ପକ୍ଷରୁ ପାରମ୍ପରିକ ଲଉଡ଼ି ନୃତ୍ୟ ପରିବେଷଣ କରାଯାଇଥିଲା। ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀର ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ମଞ୍ଚସ୍ଥ ଗୁରୁ ବିଷ୍ଣୁ ଚରଣ ସାସମଲ, ସୁଦେଷ୍ଣା ସାସମଲଙ୍କ ନିର୍ଦ୍ଦେଶିତ ଓଡ଼ିଶୀ ନୃତ୍ୟ, ଦୁର୍ଗାସ୍ତୁତି, ମହିଁଷାମର୍ଦ୍ଧିନୀ, ରାଧାକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ଦେଖ ଗୋ ରାଧା ମାଧବ ଚାଲି ଓ ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା, ଚାପ ଖେଳ ନୃତ୍ୟ ଦର୍ଶକଙ୍କୁ ବେଶ ବିମୋହିତ କରିଥିଲା। ମହୋତ୍ସବ ସ୍ଥଳରେ ବାଲୁକା ଶିଳ୍ପୀ ସୁରଜ୍ ମଲ୍ଲିକଙ୍କ ବାଲୁକା କଳାରେ ଶ୍ରୀରାମ ମନ୍ଦିର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆୟୋଜିତ ପଲ୍ଲିଶ୍ରୀ ମେଳା, ମୀନା ବଜାରରେ ହଜାର ହଜାର ଦର୍ଶକଙ୍କ ବେଶ ଭିଡ଼ ଜମିଥିଲା। ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ବରାଳଙ୍କୁ ଚଳିତବର୍ଷର କପିଳ ବିରଳ ସମ୍ମାନରେ ସମ୍ମାନିତ କରାଯାଇଛି। ଜାତୀୟ ଟାଇକୋଣ୍ଡୋ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ନିମାପଡ଼ା ଅଞ୍ଚଳର ଛାତ୍ରୀଛାତ୍ର ଶ୍ରୀୟାନ୍‌ସି ପ୍ରିୟୁଷ୍ଣା ଓ ଜ୍ୟୋତି ପ୍ରକାଶ ମଲ୍ଲିକ, ଜାତୀୟ ବନ୍ଧୁକ ଚାଳନା କ୍ଷେତ୍ରରେ ସଫଳତା ପାଇଁ ସୁଟର ଶ୍ରୀଜିତା ବରାଳଙ୍କୁ ପ୍ରମୁଖଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ନାଟ୍ୟ ନିର୍ଦ୍ଦେଶକ ନିରଞ୍ଜନ ପଲତା, ଶିକ୍ଷକ ପ୍ରତାପ ରାଉତ ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ। ଏହି ଅବସରରେ ଶୋଭନୀୟର 'ସମୃଦ୍ଧି ପଥେ ନିମାପଡ଼ା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରତାପ ରାଉତ ଓ ନିରଞ୍ଜନ ପଲତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ହେଲ୍ପଲାଇନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସଂକ୍ଷେପରେ

### ସେମିରେ ଗଣ୍ଡରପୁର ୟୁନାଇଟେଡ୍ କ୍ଲବ

ବଲଙ୍ଗା,୨୫।୧୨(କେଦାରେଶ୍ୱର ନନ୍ଦ)

ବଲଙ୍ଗା ମିନି ଷ୍ଟାଡିୟମରେ ହେଉଥିବା ଲଙ୍କେଶ୍ୱରୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ସୋମବାର ଫ୍ରେଣ୍ଡସ ପାରାଡାଇଜ ଜଟଣୀକୁ ହରାଇ ଗଣ୍ଡରପୁର ୟୁନାଇଟେଡ କ୍ଲବ କଟକ ସେମିରେ ପ୍ରବେଶ କରିଛି। ଫ୍ରେଣ୍ଡସ ପାରାଡାଇଜ ଜଟଣୀ କ୍ଲବକୁ ୩–୦ ଗୋଲରେ ହରାଇ ଗଣ୍ଡରପୁର ୟୁନାଇଟେଡ କ୍ଲବ କଟକ ବିଜୟୀ ହୋଇଥିଲା। କ୍ଲବର ସଭାପତି ଶରତ ବିଶ୍ୱାଳ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ବଲଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମ୍ୟାଚକୁ ରେଫରି କୀର୍ତ୍ତିରଞ୍ଜନ ସ୍ୱାଇଁ, ରାଜେନ୍ଦ୍ର ବାରିକ, ଶ୍ରୀକାନ୍ତ ପଣ୍ଡା, ସୁଶାନ୍ତ ରାଉତରାୟ ପ୍ରମୁଖ ପରିଚାଳନା କରିଥିଲେ। ମଙ୍ଗଳବାର ମ୍ୟାଚ୍ ଜଗା ୟୁନାଇଟେଡ୍ କ୍ଲବ ଭୁବନେଶ୍ୱର ଏବଂ ଭଞ୍ଜ କ୍ଲବ ଭଞ୍ଜନଗର ମଧ୍ୟରେ ଅନୁଷ୍ଠିତ ହେବ।

### ମହିଳାଙ୍କୁ ଶାଶୁଘର ଲୋକେ ପିଟି ମାରି ଦେଇଥିବା ଅଭିଯୋଗ

ଅସ୍ତରଙ୍ଗ,୨୫।୧୨(ପ୍ରଦୀପ୍ତ ଦୀକ୍ଷିତ):

ପୁରୀ ଜିଲା ଅସ୍ତରଙ୍ଗ ଥାନା ଅଧୀନ ନଗର ପଞ୍ଚାୟତ ଦିନାଡିଆ ଗ୍ରାମରେ ଜଣେ ମହିଳାଙ୍କ ମୃତ୍ୟୁ ସନ୍ଦେହ ଘେରରେ ରହିଛି। ସୂଚନା ମୁତାବକ, ଗ୍ରାମର ସଞ୍ଜୟ ବେହେରାଙ୍କୁ ଡଲି ବେହେରା ବିବାହ କରିଥିଲେ। କିନ୍ତୁ ଅନେକ ସମୟରେ ଉଭୟଙ୍କ ମଧ୍ୟରେ ପାରିବାରିକ ଗଣ୍ଡଗୋଳ ସହ ବଚସା ହେଉଥିଲା। ସୋମବାର ଡଲିଙ୍କ ମୃତ୍ୟୁ ହେବା ଫଳରେ ଡଲିଙ୍କ ମା' ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଡଲିଙ୍କୁ ତାଙ୍କ ଶାଶୁଘର ଲୋକେ ବାଡେଇ ମାରିଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି, ଯାହାକୁ ନେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଚାରିଛକ ପଠାଇଥିବାବେଳେ ଡଲିଙ୍କ ସ୍ୱାମୀ ସଞ୍ଜୟ ଫେରାର ଅଛନ୍ତି। ଅଭିଯୋଗ ପରେ ଅସ୍ତରଙ୍ଗ ପୋଲିସ ତଦନ୍ତ ଜାରି ରଖିଛି।

### ୨୭ରେ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ

ପୁରୀ, ୨୫।୧୨(ଅଜିତ ମହାନ୍ତି):

ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ୩୧ତମ ବାର୍ଷିକ ଉତ୍ସବ ଅବସରରେ ଆସନ୍ତା ୨୭ ତାରିଖରେ ୟୁଥ ହଷ୍ଟେଲରେ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ସ୍ୱତନ୍ତ୍ର ଶିଶୁ ସାହିତ୍ୟିକ ସମ୍ମାନ ପାଇଁ ଯାଜପୁରର ଶିଶୁ ସାହିତ୍ୟିକ ରତ୍ନାକର ନାୟକ ମନୋନୀତ ହୋଇଛନ୍ତି। ଏଥିସହ ହରିପ୍ରିୟା ପଟ୍ଟନାୟକ (ଭୁବନେଶ୍ୱର), ତପନ କୁମାର ସ୍ୱାଇଁ (ଜଗତ୍‌ସିଂହପୁର), ସୁଶ୍ରୀ ସଂଯୁକ୍ତା ପରିଚ୍ଛା (ବଲାଙ୍ଗୀର), ପ୍ରଭାସିନୀ ବରାଡ଼ (ନୟାଗଡ଼), ଡ. ବିଜୟା ପାତ୍ର (ଫୁଲବାଣୀ) ଏବଂ କବିତା ମିଶ୍ର (ପୁରୀ)ଙ୍କୁ ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସମାରୋହରେ ଭାଷାବିତ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଶିଶୁସାହିତ୍ୟିକ ଦାଶ ବେନହୁର, ପ୍ରାକ୍ତନ ସ୍ୱତନ୍ତ୍ର ଶାସନ ସଚିବ ଧନଞ୍ଜୟ ସ୍ୱାଇଁ ଏବଂ ଝୁମୁକା ପତ୍ରିକାର ସମ୍ପାଦକ ମାନସ ରଞ୍ଜନ ସାମଲ ଅତିଥି ରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂସଦର କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି।

## ୩୪ତମ ମଙ୍ଗଳା କପ୍ ଉଦ୍‌ଘାଟିତ

କାକଟପୁର,୨୫।୧୨(ଶୁଭଦର୍ଶନ ମିଶ୍ର)

୩୪ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପ୍ରଥମେ କ୍ରାଉନ୍ ସ୍ପୋର୍ଟିଂ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ଓଭରରେ ୭ ଉଇକେଟ ହରାଇ ୨୩୩ ରନ୍ ସଂଗ୍ରହ କରିଥିଲ। ୨୩୪ ରନ୍ ଲକ୍ଷ୍ୟ ରଖି ସୋଲାର ସ୍ପୋର୍ଟିଂ କଟକ ସମସ୍ତ ଉଇକେଟ୍ ହରାଇ ୧୩୮ ରନ୍ କରିଥିଲା। ମ୍ୟାଚ୍‌ରେ କ୍ରାଉନ୍ ସ୍ପୋର୍ଟିଂ ଭୁବନେଶ୍ୱର ୯୫ ରନ୍‌ରେ ସୋଲାର ସ୍ପୋର୍ଟିଂକୁ ହରାଇ ବିଜୟୀ ହୋଇଛି। କ୍ରାଉନ୍ ସ୍ପୋର୍ଟିଂ ପକ୍ଷରୁ ଦୀପକ ପରିଡ଼ା ସର୍ବାଧିକ ୩୮ ବଲ୍ ଖେଳି ୮୨ ରନ୍ ଓ ଜଗମୋହନ ସ୍ୱାଇଁ ୬୭ ରନ୍ କରିଥିଲେ। ଏହି ମ୍ୟାଚ୍‌ରେ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବରେ ଦୀପକ ପରିଡ଼ା ପୁରସ୍କୃତ ହୋଇଥିଲେ।

## ମଣ୍ଡି ଖୋଲିନି, ଧାନର ଅଭାବୀ ବିକ୍ରି

ଅସ୍ତରଙ୍ଗ,୨୫।୧୨(ପ୍ରଦୀପ୍ତ ଦୀକ୍ଷିତ):

ଖରିଫ ଧାନ କିଣା ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ କରିବା ଲାଗି ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ରାଜ୍ୟର ବିଭିନ୍ନ ଜିଲାରେ ଧାନକିଣା ଆରମ୍ଭ ହୋଇଥିବାବେଳେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲା ଯୋଗାଣ ବିଭାଗ ଏବଂ ମିଲର୍ସଙ୍କ ମଧ୍ୟରେ ବୁଝାବୁଝା ଅଭାବରୁ ଅସ୍ତରଙ୍ଗ ବ୍ଲକରେ ବର୍ତ୍ତମାନ ସୁଦ୍ଧା ଧାନକିଣା ଆରମ୍ଭ ହୋଇନାହିଁ। ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ଚାଷୀ ହରଡ଼ଘଣାରେ ପଡିଛି। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଧାନ ଫସଲ ଭଲ ହୋଇଛି। ତେବେ ଧାନକିଣାରେ ଅବ୍ୟବସ୍ଥାକୁ ନେଇ ଚାଷୀ ଧାନ ବିକ୍ରି କରି ନ ପାରି ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଅସ୍ତରଙ୍ଗର ବିଭିନ୍ନ ଗ୍ରାମାଞ୍ଚଳରୁ ଟ୍ରକ୍‌ରେ ଧାନ ଆନ୍ଧ୍ରପ୍ରଦେଶ ଚାଲାଣ ହେଉଛି। ସ୍ଥାନୀୟ ବେପାରୀଙ୍କୁ ହାତ କରି ଆନ୍ଧ୍ର ବେପାରୀମାନେ ଧାନ କିଣୁଛନ୍ତି। ବ୍ଲକରେ ଯୋଗାଣ ବିଭାଗ ଅବହେଳାରୁ ଧାନ ମଣ୍ଡିକୁ ଯିବା ପୂର୍ବରୁ ଆନ୍ଧ୍ରକୁ ଚାଲାଣ ହେଉଛି। ଅସ୍ତରଙ୍ଗ ବ୍ଲକର ନଗର, ଆଳଙ୍ଗପୁର, ଶିଶୁଅ, ମାଣିକି, ସରିପୁର ସହ ଅନେକ ପଞ୍ଚାୟତରୁ ସ୍ଥାନୀୟ ବେପାରୀଙ୍କ ସହାୟତାରେ ଧାନ ଉଠାଯାଉଥିବା ଜଣାପଡ଼ିଛି। ଚଳିତବର୍ଷ ଧାନକିଣା ବିଳମ୍ବ ଘଟୁଥିବାରୁ ଚାଷୀ ଏବେ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି। ଆନ୍ଧ୍ରବେପାରୀ ଚାଷୀଙ୍କଠାରୁ କମ୍ ଦାମ୍‌ରେ ଧାନ କିଣି ନେଉଥିବା ଜଣାପଡ଼ିଛି।



ସୋମବାର ପୁରୀଠାରେ ପାଣ୍ଡୁ ନୃସିଂହଙ୍କୁ ଚାରି ଆଶ୍ରମ ବିଜେ କରାଯାଉଛି ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ପିପିଲି,୨୫।୧୨(ଦୁର୍ଗା ମାଧବ ମିଶ୍ର)



ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ରମାନେ ।

ପିପିଲିସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତରୁଣପ୍ରଭା ପତି ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପିପିଲି ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ନନ୍ଦ, ମୁଖ୍ୟବକ୍ତା ଭାବେ ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଷଡ଼ଙ୍ଗୀ ଯୋଗଦେଇଥିଲେ। ଛାତ୍ରୀଛାତ୍ର ଶୃଙ୍ଖଳିତ ହେଲେ ଶିକ୍ଷା ବ୍ୟବସ୍ଥା ବିକଶିତ ହେବ, ପ୍ରତିଟି ଛାତ୍ରୀଛାତ୍ର ଜୀବନରେ ବଡ଼ ମଣିଷ ହେବା ସହ ଭଲ ମଣିଷ ହୋଇ ନିଜକୁ ଗଢି ତୋଳିବା ଦିଗରେ ମା'ମାନଙ୍କ ସହିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସାହୁ ପିଲାଙ୍କୁ ଗପ ମାଧ୍ୟମରେ ଗୁରୁମନ୍ତ୍ର ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କୁନି କୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାକୁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ। ବିଦ୍ୟାଳୟ ସମ୍ପାଦକ ସତ୍ୟବ୍ରତ ନନ୍ଦ ଧନ୍ୟବାଦ ଦେଇଥିଲେ।

## ୧୨ରେ ୧୦୦ ଜଣ ଛାତ୍ର ପ୍ରତିନିଧିଙ୍କ ଦିଲ୍ଲୀ ଚଲୋ ଡାକରା

କୋଣାର୍କ,୨୫।୧୨(ଜ୍ୟୋତିରାଜ ମହାନ୍ତି)

ଅଖିଳ ଭାରତ ଛାତ୍ର ସଂଘର ରାଜ୍ୟ ସମ୍ମିଳନୀରେ ନୂତନ ନେତୃତ୍ୱ ନିର୍ବାଚିତ ହେବା ପରେ ଆଇଏସ୍‌ଏଫ୍ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ପ୍ରଥମ ବୈଠକ କୋଣାର୍କର ଅବଧୂତ ମଠରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶାର ବିଭିନ୍ନ ଜିଲାରୁ ରାଜ୍ୟ ପରିଷଦରେ ଥିବା ନେତୃତ୍ୱମାନେ ଯୋଗଦେବା ସହିତ ପୁରୀ ଜିଲାର ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କୋଣାର୍କ ଭଗବତୀ କଲେଜ, କାକଟପୁର ବାଙ୍ଗୁରିଗାଁ କଲେଜର ଛାତ୍ର ନେତୃତ୍ୱମାନେ ଉପସ୍ଥିତ ରହିଥିଲେ। ବୈଠକରେ ଜାତୀୟ ଶିକ୍ଷାନୀତି ୨୦୨୦ର ଭୟାବହତା ସମ୍ପର୍କରେ ଆଲୋଚନା ହେବା ସହିତ ଆସନ୍ତା ଜାନୁୟାରୀ ୧୨ରେ ସର୍ବଭାରତୀୟ ଆହ୍ୱାନକ୍ରମେ ୧୦୦ ଜଣ ଛାତ୍ର ପ୍ରତିନିଧି ଦିଲ୍ଲୀ ଚଲୋର ଡାକରା ଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ମାସେ ଭିତରେ ବିଭିନ୍ନ କଲେଜ ୟୁନିଟ୍‌ର ଓ ଜିଲା ୟୁନିଟ୍‌ର ସମ୍ମିଳନୀ ସମାପ୍ତ କରିବା ସହିତ ରାଜ୍ୟବ୍ୟାପୀ ଏକ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହେବ, ଯେଉଁଥିରେ ରାଜ୍ୟର ଶିକ୍ଷାନୁଷ୍ଠାନରେ ଖାଲି ପଡ଼ିଥିବା ପଦବୀ ପୂରଣ, ରାଜ୍ୟ ବଜେଟ୍‌ରେ ୩୦ ପ୍ରତିଶତ ଶିକ୍ଷା ପାଇଁ ଖର୍ଚ୍ଚ, ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ, ଛାତ୍ର ସଂସଦ ନିର୍ବାଚନ ଆଦିକୁ ନେଇ ଏହି ଦସ୍ତଖତ ଅଭିଯାନ ଆରମ୍ଭ କରିବାକୁ ଆଲୋଚନା ହୋଇଛି। ବୈଠକରେ ରାଜ୍ୟ ସଭାପତି ସଂଘମିତ୍ରା ଜେନା, ରାଜ୍ୟ ସମ୍ପାଦକ କାହ୍ନୁ ଚରଣ ପରିଡ଼ା, ରାଜ୍ୟ ସହ ସମ୍ପାଦକ ଶୁଭ୍ରାରାଣୀ ସାହୁ, ରାଜ୍ୟ ଉପସଭାପତି ରାଜାରାମ ଦଙ୍ଗରୀ, ମନୋରଞ୍ଜନ ରାଉତ, କୋଷାଧ୍ୟକ୍ଷ ବିବେକ କୃଷ୍ଣ ଓ ପୁରୀ ଜିଲାର ସାଥୀ ପପୁ ରାଉତ, ସାଗର ପ୍ରଧାନ, ଭବାନୀ ପଣ୍ଡା, ଜ୍ୟୋତି ରଞ୍ଜନ ସାହୁ, ମାମା କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀରାମଙ୍କ ଅକ୍ଷତ କଳସକୁ ସତ୍ୟବାଦୀରେ ସ୍ୱାଗତ

ସାକ୍ଷୀଗୋପାଳ,୨୫।୧୨ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)




ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଶ୍ରୀରାମଙ୍କ ଅକ୍ଷତ କଳସକୁ ସାକ୍ଷୀଗୋପାଳ ମନ୍ଦିରକୁ ନିଆଯାଉଛି।

ଅଯୋଧ୍ୟାରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଆସନ୍ତା ୨୨ତାରିଖରେ ଅନୁଷ୍ଠିତ ହେବ। ଏହି ଉତ୍ସବର ଜନଜାଗରଣ ସୃଷ୍ଟି କରିବା ସହିତ ହିନ୍ଦୁ ଜନମାନସକୁ ନିମନ୍ତ୍ରଣ କରିବାକୁ ଅଯୋଧ୍ୟାରୁ ପୁରୀ ଆସିବା ପରେ ସେଠାରୁ ସୋମବାର ଉକ୍ତ ଅକ୍ଷତ କଳସକୁ ସତ୍ୟବାଦୀ ଅଣାଯାଇଛି। ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ଓଭରବ୍ରିଜଠାରୁ ସଙ୍ଗଠନର କର୍ମକର୍ତ୍ତା ୨୪ ଅକ୍ଷତ କଳସକୁ ସତ୍ୟବାଦୀର ୨୪ ପଞ୍ଚାୟତକୁ ନେଇଥିଲେ। ଅନ୍ୟ ଏକ କଳସକୁ କର୍ମକର୍ତ୍ତା ଓଭରବ୍ରିଜଠାରୁ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ମାତା ସୀତାଙ୍କ ବେଶରେ ସଜ୍ଜିତ ହୋଇ ସଂକୀର୍ତ୍ତନର ତାଳେ ତାଳେ ଜୟ ଶ୍ରୀରାମ ଧ୍ୱନି ଦେଇ ସାକ୍ଷୀଗୋପାଳ ବଜାର ମଧ୍ୟ ଦେଇ ସାକ୍ଷୀଗୋପୀନାଥ ମନ୍ଦିର ନିକଟରେ ପହଞ୍ଚିଥିଲେ। ମନ୍ଦିର ନିକଟରେ ଠାକୁରଙ୍କ ବରିଷ୍ଠ ସେବାୟତ କିଶୋର ମହାପାତ୍ର ଉକ୍ତ କଳସକୁ ଗ୍ରହଣ କରି ସାକ୍ଷୀଗୋପାଳଙ୍କୁ ନିମନ୍ତ୍ରଣ କରିଥିଲେ। ନିମନ୍ତ୍ରଣ କରିବା ନିମନ୍ତେ କଳସ ସହିତ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ଫଟୋଚିତ୍ର, ଏକ ପିତଳ ଥାଳିରେ ଗୁଆ, ନଡ଼ିଆ, ପାନ ଓ ଅନ୍ୟ ସାମଗ୍ରୀ ସହିତ ନିମନ୍ତ୍ରଣ ପତ୍ର ରହିଥିଲା। ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସହ ନୂତନ ମନ୍ଦିର ସ୍ଥାପନା କାର୍ଯ୍ୟକ୍ରମ ଥିବାରୁ ଉକ୍ତ ଦିନ ଗ୍ରାମର ସମସ୍ତ ମନ୍ଦିରରେ ଶ୍ରୀରାମ ଜୟ ରାମ ଜୟ ଜୟ ରାମ ବିଜୟ ମହାମନ୍ତ୍ର ସହ ସାମୂହିକ ଜପ ସଂକୀର୍ତ୍ତନ କରାଯିବ। ସନ୍ଧ୍ୟାରେ ପ୍ରତି ଘର ଦୁଆରମୁହଁରେ ଦୀପ ଜାଳି ଦୀପାବଳି ପାଳନ କରିବାକୁ ପୁରୀ ଜିଲାର ବିଶ୍ୱହିନ୍ଦୁ ପରିଷଦ ସମ୍ପାଦକ ଚିତ୍ତରଞ୍ଜନ ଆଚାର୍ଯ୍ୟ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ବ୍ଲକ ସଭାପତି ଅମିନ ଚରଣ ପ୍ରଧାନ, ଉପସଭାପତି ବିଜୟ ସ୍ୱାଇଁ, ସମ୍ପାଦକ ଭାସ୍କର ନାୟକ, ସଭ୍ୟ ଗଙ୍ଗାଧର ଛାଟୋଇ, ବିପ୍ର ଚରଣ ସ୍ୱାଇଁ, ଉଗ୍ରସେନ ମହାପାତ୍ର, ରମେଶ ପଣ୍ଡା, କାର୍ତ୍ତିକ ପ୍ରଧାନଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

## ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ମିଡିଆ ପ୍ରଶିକ୍ଷଣ ଶିବିର

କାକଟପୁର,୨୫।୧୨(ଶୁଭଦର୍ଶନ ମିଶ୍ର)



ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ କାକଟପୁର ଆଶ୍ରମଠାରେ ଏକ ମିଡିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ଓ କାକଟପୁର ବ୍ଲକ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମାଉଣ୍ଟଆବୁସ୍ଥିତ ମୁଖ୍ୟାଳୟ ମିଡିଆ ସଂଯୋଜକ ବ୍ରହ୍ମାକୁମାରୀ ଚନ୍ଦା ପ୍ରଦୀପ ପ୍ରଜ୍ୱଳନ କରି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଆଲୋଚନାଚକ୍ରରେ ପୁରୀ ସବ୍ ଜୋନ ଅର୍ଡିନେଟର ବିକେ ରବି ନାରାୟଣ, ରାଷ୍ଟ୍ରୀୟ ସଂଯୋଜକ ହାଇଦ୍ରାବାଦ ବିକେ ସାରଳା, ମିଡ଼ିଆ ମୁଖ୍ୟ ବିକେ ଶାନ୍ତନୁ, ରାଜଯୋଗୀ ବିକେ ରାମ୍ ସ୍ୱରୂପ, କାକଟପୁର ମୁଖ୍ୟ ବିକେ କୁନ୍ତଳା ପ୍ରମୁଖ ଉପସ୍ଥିତ ରହି ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଏହି ଅନୁଷ୍ଠାନ ୧୪୦ ଦେଶରେ ଏହାର ଶାଖା ଖୋଲି ସୁନ୍ଦର ପରାମର୍ଶ ଦେବା ସହ କଣ କଲେ ଆମେ ବ୍ୟକ୍ତିଗତ ଜୀବନକୁ ସୁନ୍ଦର ଭାବେ ଗଢି ତୋଳିବା ସେ ବିଷୟରେ ପରାମର୍ଶ ଦେଇଥିଲେ। ଆଉ ମଧ୍ୟ ଖବରଦାତାମାନେ, ନିଃସ୍ୱାର୍ଥ ସେବା, ସତ ଖବର ପ୍ରସାରଣ କରିବା ସହ କାହା ପାଖରେ ନତମସ୍ତକ ନ ହୋଇ କଲମ ମୁନକୁ ଶାଣିତ କରି ସମାଜକୁ ସତ୍‌ମାର୍ଗରେ ଦିଗ୍‌ଦର୍ଶନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଲୋଚନାଚକ୍ରରେ ବରିଷ୍ଠ ଖବରଦାତା ଦୁଃଶାସନ ନାୟକ, ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଶାନ୍ତ ଜେନା, ଶୁଭଦର୍ଶନ ମିଶ୍ର, ନିରଞ୍ଜନ ଦାସ, ଲୋକନାଥ ସ୍ୱାଇଁ, ତ୍ରିଲୋଚନ ବେହେରା, ଶୋଭାକର ବେହେରା, ଶଙ୍କର ଦାସ, ରମେଶ ପଣ୍ଡା, ଅକ୍ଷୟ ରାଉତ ପ୍ରମୁଖ ୨୦ରୁ ଊର୍ଦ୍ଧ୍ୱ ଖବରଦାତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


## ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, କଟକ

ବିଜ୍ଞାପନ

ପତ୍ର ସଂଖ୍ୟା–୧୪୮୪୯/ଅ. ତା.୨୨.୧୨.୨୩

No.D–ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଶ୍ରୀ ଜଗନ୍ନାଥ ବେହେରା, ପିତା–ସ୍ୱର୍ଗତ ରମାକାନ୍ତ ବେହେରା, ଗୋପୀନାଥ ମନ୍ଦିର ନିକଟ, ମାଛୁଆବଜାର, ପୋ–ବକ୍ସିବଜାର, ଥାନା–ମଙ୍ଗଳାବାଗ, ଜିଲ୍ଲା–କଟକଙ୍କ ନାମରେ କଟକ ଜିଲ୍ଲା ପଟ୍ଟାପୋଲଠାରେ ଥିବା ସରକାରୀ ଦେଶୀ ମଦ ଦୋକାନର ମାଲିକାନା ସ୍ୱତ୍ୱ ତାଙ୍କର ପୁତ୍ର ଶ୍ରୀ ଦୀପକ କୁମାର ବେହେରା, ପିତା–ଜଗନ୍ନାଥ ବେହେରା, ସା–ମାଛୁଆବଜାର, ପୋ–ବକ୍ସିବଜାର, ଥାନା–ମଙ୍ଗଳାବାଗ, ଜିଲ୍ଲା–କଟକଙ୍କ ନାମରେ ପରିବର୍ତ୍ତନ ହେବାକୁ ଯାଉଅଛି । ଏଣୁ ଏହି ନୋଟିସ୍ ଜରିଆରେ ଜଣାଇ ଦିଆଯାଉଅଛି କି ଯେ, ଶ୍ରୀ ଜଗନ୍ନାଥ ବେହେରାଙ୍କର ଏହି ଦୋକାନର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ବିରୁଦ୍ଧରେ କେହି ଦାବିଦାର ଥିଲେ, ଏହି କାର୍ଯ୍ୟାଳୟକୁ ସାତଦିନ ମଧ୍ୟରେ ଜଣାଇବେ । ଉକ୍ତ ତାରିଖ ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ।

ଜିଲ୍ଲାପାଳ, କଟକଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./–ଅବକାରୀ ଅଧୀକ୍ଷକ, କଟକ

OIPR-36008/11/0003/2324

## DISTRICT SPORTS OFFICE, SUNDARGARH

(QUOTATION CALL NOTICE)

No. 930 Date: 16.12.2023

Sealed quotations are invited from the intending Travel Agency/Car Owner for hiring of one No. of Private Vehicle (TUV-300/Bolero/Sumo Gold/Ertiga) for use in District Sports Office, Sundargarh. The details of prescribed form with term & condition (Annexure - A & B) are available in district website **www.sundargarh.nic.in** and District Sports Office, Sundargarh. The quotation should reach to the undersigned by Regd. Post only on Dated 28.12.2023 at 4 P.M. and same will be opened on the same day at 5 P.M. in the Office Chamber of ADM, Sundargarh.

**Sd./- District Sports Officer, Sundargarh**

## ZILLA PARISHAD (DRDA), BALANGIR

No. 444/ORMAS Ph. No.: 06652 (235916) Dated: 22.12.2023

**SHORT TENDER CALL NOTICE**

Zilla Parishad (DRDA), Balangir on behlaf of PR&DW Deptt., Govt. of Odisha invite proposal with certain terms & conditions from reputed & registered Tent Houses/ firms/agencies/decorators/Transport agencies/security agencies having GSTIN No. may apply for the Tentage & allied works/security services/Photo & Videography/ Local transportaion/printing of Flex Hoardings & Banners for the Pallishree Mela to be organized at Koshal Kalamandal Ground, Balangir for 5 days during the month of January 2024.

The tender papers only for Tentage & allied works will be available for purchase from 26th December 2023 to 3rd January 2024 during official day of office hour in the accounts section of ORMAS, Balangir. Details documents, terms & conditions on apply for tentage & allied work is mentioned in the tender paper. The sealed tenders will be received latest upto 5.00 P.M. on 03.01.2024 at Office of Zilla Parishad (DRDA), Balangir in the tender box. The tenders will be opened in the Office of Zilla Parishad (DRDA), Balangir on 04.01.2024 at 11.30 A.M. in the presence of the tenderers or their authorized representatives. If it will found that the quoted amount of L1 party will be exceed the budget limit of the particular head then the party may be called for negotiation. The undersigned reserves the right to accept or reject any or all the tenders without assigning any reason thereof.

**Sd./- CDO-cum-EO, Zilla Parishad, Balangir**

## ନିୟନ୍ତ୍ରିତ ବଜାର କମିଟି, ନରସିଂହପୁର

ବିଜ୍ଞାପନ ସଂଖ୍ୟା–୦୩ ତାରିଖ–୨୩.୧୨.୨୦୨୩

ଏତଦ୍ୱାରା କଟକ ଜିଲ୍ଲାର ଆଠଗଡ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ପଞ୍ଜୀକୃତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ଖରିଫ ବର୍ଷ ୨୦୨୩–୨୪ ପାଇଁ ରାଜ୍ୟ ସରକାର ଓ ଜିଲ୍ଲାସ୍ତରୀୟ ଧାନସଂଗ୍ରହ କମିଟି ନିଷ୍ପତ୍ତି ମୁତାବକ ଆସନ୍ତା ତା୨୭.୧୨.୨୦୨୩ ରିଖ ଠାରୁ ୭୪ ଗୋଟି ସେବା ସମବାୟ ସମିତି ଓ ୮ ଗୋଟି ଉପକ୍ରୟ କେନ୍ଦ୍ର ମାଧ୍ୟମରେ ଚାଷୀମାନଙ୍କ ଠାରୁ ସେମାନଙ୍କର ବଳକା ଧାନ କ୍ରୟ କରାଯିବ । ଚାଷୀ ଭାଇ ଓ ଭଉଣୀମାନେ ସେମାନଙ୍କର ଉତ୍ପାଦିତ ବଳକା ଧାନକୁ ଭଲଭାବରେ ଶୁଖାଇ ସଫାସୁତୁରା କରି ଧାନକ୍ରୟ କେନ୍ଦ୍ରକୁ ଆଣିବେ । ଧାନ ଖାଦ୍ୟ ଉପଯୋଗୀ, ଶୃଙ୍ଖଳା, ପରିଷ୍କାର, ସମରଙ୍ଗି, ସମଆକାର, ଏକ କିସମ ଯଥା (ଏଫ.ଏ.କ୍ୟୁ) ମାନର ହୋଇଥିବା ଆବଶ୍ୟକ । ସମସ୍ତ ପଞ୍ଜୀକୃତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ଗ୍ରାମାଞ୍ଚଳର ଅସାଧୁ ବ୍ୟବସାୟୀ ଓ ମଧ୍ୟସ୍ଥିମାନଙ୍କ କଥାରେ ପରିଚାଳିତ ନହୋଇ ନିକଟସ୍ଥ ସେବା ସମବାୟ ସମିତିମାନଙ୍କ ଜରିଆରେ ଧାନ ବିକ୍ରୟ କରନ୍ତୁ ଓ ଧାନର ସହାୟକ ମୂଲ୍ୟ ପ୍ରାପ୍ତ ହୁଅନ୍ତୁ ।

**ଚଳିତ ଖରିଫ ୨୦୨୩–୨୪ ବର୍ଷ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ**

| ଧାନର କିସମ | କ୍ୱିଣ୍ଟାଲ ପିଛା ଦର |
|---|---|
| ସାଧାରଣ ଧାନ (ଏଫ.ଏ.କ୍ୟୁ) | ଟ.୨,୧୮୩.୦୦ଙ୍କା |
| ଗ୍ରେଡ୍ "ଏ" ଧାନ | ଟ.୨,୨୦୩.୦୦ଙ୍କା |

**ସହାୟକ ମୂଲ୍ୟ ପାଇବା ପାଇଁ ଧାନର ହାରାହାରି ଗୁଣାତ୍ମକ ମାନ (ଏଫ୍.ଏ.କ୍ୟୁ) ନିମ୍ନମତେ ହେବା ଆବଶ୍ୟକ**

| କ୍ର.ସଂ. | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ.ଏ.କ୍ୟୁ ଧାନର ସର୍ବୋଚ୍ଚ ସୀମା |
|---|---|---|
| ୧. | ବାଲି,ମାଟି, ଗୋଡି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୨. | କାଠି, କୁଟା, ଧୂଳି, ଅଗାଡି ବା ପୋଲା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକା ଇତ୍ୟାଦି *ଖରାପ, ପାଣିଫୁଲା ଓ ପୋକା ୪% ମଧ୍ୟରେ ସୀମିତ ରହିବା ଦରକାର । | ୫.୦% |
| ୪. | ଅପରିପକ୍ୱ, କଂଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ଗ୍ରେଡ୍ ଏ ସରୁ ଧାନରେ ମିଶିଥିବା ମୋଟା ଧାନର ପରିମାଣ | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

ଧାନ କ୍ରୟ ବିକ୍ରୟ ବାବଦରେ କୌଣସି ଅଭିଯୋଗ ଦରଜ କରିବାକୁ ଚାହିଁଲେ ନିଃଶୁଳ୍କ ହେଲ୍ପଲାଇନ୍ ନମ୍ବର ୧୯୬୭ କିମ୍ବା ଜିଲ୍ଲା ଯୋଗାଣ ବିଭାଗର କଂଟ୍ରୋଲରୁମ୍ (ଫୋନ୍ ନମ୍ବର–(୦୬୭୧) ୨୫୦୮୩୮୮/୨୫୦୭୭୫୪ରେ ଯୋଗାଯୋଗ କରିପାରିବେ ।

ନିବେଦକ–ଉପଜିଲ୍ଲାପାଳ, ଆଠଗଡ଼–ତଥା–ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନରସିଂହପୁର

## ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏନ୍‌ଆଇଟି/୧୪/୨୩/୬୨, ତାରିଖ: ୧୯।୧୨।୨୦୨୩

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ବନ୍ଦ/ ଖୋଲାଯିବାର ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୨୨୩୧୮୫୭ | ବୁଲ୍ ଗିୟର୍ ୧୦୭ ଟିଥ୍ | ୦୮।୦୧।୨୦୨୪ ୧୦.୩୦ ଘଟିକା | ୧୪ ଗୋଟି |
| ୨ | ୦୩୨୩୩୨୫୭ବି | ସାଇଡ୍ ବଡି ଷ୍ଟାନ୍ସିୟନ୍ କମ୍ପ୍ଲିଟ୍ | ୦୮।୦୧।୨୦୨୪ ୧୦.୩୦ ଘଟିକା | ୨୦୧ ଗୋଟି |
| ୩ | ୦୬୨୩୦୦୯୮ | ୧ ମିଟର ଲମ୍ବ ଫିଶ୍ ପ୍ଲେଟ୍ ୬୦ କିଗ୍ରା ରେଳ ପାଇଁ | ୦୮।୦୧।୨୦୨୪ ୧୦.୩୦ ଘଟିକା | ୨୨୨୯ ସେଟ୍ |
| ୪ | ୦୬୨୩୦୧୦୦ | ଜଗଲ୍‌ଡ ଫିଶ୍ ପ୍ଲେଟ୍ ୬୦ କିଗ୍ରା ରେଳ ପାଇଁ | ୧୨।୦୧।୨୦୨୪ ୧୦.୩୦ ଘଟିକା | ୨୩୮୩ ସେଟ୍ |
| ୫ | ୦୨୨୩୩୯୮୪ | ଇଣ୍ଟରମିଡିଏଟ୍ ଓଭରହଲିଂ (ଆଇଓଏଚ୍) ରିପ୍ଲେସମେଣ୍ଟ କିଟ୍ | ୧୭।୦୧।୨୦୨୪ ୧୦.୩୦ ଘଟିକା | ୫୫ ସେଟ୍ |
| ୬ | ୦୬୨୩୦୦୮୦ | ମେଟାଲ୍ ଲାଇନର୍ (ଟି-୩୭୪୦) | ୧୭।୦୧।୨୦୨୪ ୧୦.୩୦ ଘଟିକା | ୧୨୩୪୫୮୮ ଗୋଟି |
| ୭ | ୦୨୨୩୩୯୬୧ଏ | ମାଇକ୍ରୋପ୍ରୋସେସର୍ ଆଧାରିତ ଏନର୍ଜି ତଥା ସ୍ପିଡ୍ ମନିଟରିଂ ସିଷ୍ଟମ୍ | ୨୨।୦୧।୨୦୨୪ ୧୦.୩୦ ଘଟିକା | ୧୫ ସେଟ୍ |
| ୮ | ୦୬୨୩୦୦୯୦ | ମେଟାଲ୍ ଲାଇନର୍ (ଟି-୮୬୧୬ ଓ ଟି-୮୬୧୭) | ୨୩।୦୧।୨୦୨୪ ୧୦.୩୦ ଘଟିକା | ୧୫୮୧୮୧ ଗୋଟି |
| ୯ | ୦୬୨୩୦୦୮୮ | ଜିଏଫ୍‌ଏନ୍ ଲାଇନର୍ (ଟି-୩୭୦୬) | ୨୯।୦୧।୨୦୨୪ ୧୦.୩୦ ଘଟିକା | ୯୭୩୯୦୧ ଗୋଟି |
| ୧୦ | ୦୬୨୩୦୦୯୪ | ଓମ୍ପ୍ରୁଭ୍‌ଡ ସୁଇଚ୍ ଏକ୍ସପାନ୍ସନ୍ ଜଏଣ୍ଟ-୬୦ | ୦୫।୦୨।୨୦୨୪ ୧୦.୩୦ ଘଟିକା | ୫୯ ସେଟ୍ |
| ୧୧ | ୦୬୨୩୦୦୮୨ | ୧୦୧୨୫ ମିମି କର୍ଭଡ୍ ସୁଇଚ୍‌ର ନିର୍ମାଣ ଓ ଯୋଗାଣ | ୧୨।୦୨।୨୦୨୪ ୧୦.୩୦ ଘଟିକା | ୨୮ ସେଟ୍ |

ଟେଣ୍ଡର ପାଇଁ ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ । ଶୁଦ୍ଧିପତ୍ର ଏବଂ ବିକ୍ରେତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ ।

ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
ଦ.ପୂ.ମ. ରେଳପଥ, ବିଳାସପୁର

CPR/10/351

२०२३ରେ ଜଳବାୟୁ ପରିବର୍ତ୍ତନ ମାନବ, ପଶୁପକ୍ଷୀ, ସମୁଦ୍ର, ନଈ, ଉଦ୍ଭିଦ ସମସ୍ତଙ୍କୁ ପ୍ରଭାବିତ କରିଥିଲା। କେଉଁଠି ଜଳାଭାବରୁ ମାଟି ଫାଟି ଆଁ କରିଥିଲା ତ ପୁଣି କେଉଁଠି ଗ୍ରୀଷ୍ମ ପ୍ରବାହ ଘାତକ ସାଜିଥିଲା। ସେହିପରି ଲଗାଣ ବର୍ଷା ଓ ସାମୁଦ୍ରିକ ଝଡ଼ ଯୋଗୁ ଉଚ୍ଛୁଳା ନଈର ବନ୍ୟାରେ ଘରଦ୍ୱାର, ରାସ୍ତାଘାଟ ଜଳମଗ୍ନ ହୋଇଯାଇଥିଲା। ବନାଗ୍ନି, ଭୂକମ୍ପ ଓ ବୋଟ୍‌ବୁଡ଼ିରେ ଅନେକ ହଜାର ଲୋକଙ୍କ ଜୀବନ ଯାଇଥିଲା। ଦେଖିବାକୁ ଗଲେ ପରିବର୍ତ୍ତିତ ପାଣିପାଗ ବିଶ୍ୱବାସୀଙ୍କ ପାଇଁ ପୂର୍ବାପେକ୍ଷା ସର୍ବାଧିକ ଘାତକ ସାଜିଛି ଏହି ବର୍ଷରେ।

# କମ୍ପିଲା ଭୂଖଣ୍ଡ



ଆଲୋଚ୍ୟ ବର୍ଷର ଫେବୃୟାରୀ ୬ରେ ତୁର୍କୀ ଓ ସିରିଆରେ ଆସିଥିଲା ୭.୮ ତୀବ୍ରତା ବିଶିଷ୍ଟ ଶକ୍ତିଶାଳୀ ଭୂକମ୍ପ। ବଡ଼ ବଡ଼ କୋଠା ଧରାଶାୟୀ ହୋଇଯାଇଥିଲା।

## ତୁର୍କୀ, ସିରିଆ: ୫୯ ହଜାର ମୃତ

ତୁର୍କୀ ଓ ସିରିଆରେ ଫେବୃୟାରୀ ୬ ବିଳମ୍ବିତ ରାତିରେ ଭୟାବହ ଭୂକମ୍ପ ହେବାରୁ ୫୯,୨୫୯ ଜଣ ପ୍ରାଣ ହରାଇବା ସହ ଅନେକେ ଆହତ ହୋଇଥିଲେ। କେବଳ ତୁର୍କୀରେ ୫୦ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଥିଲା। ଆଧୁନିକ ଇତିହାସରେ ଏହା ସବୁଠୁ ମରଣାନ୍ତକ ଭୂକମ୍ପ। ଏଥିରେ ବହୁ ଘର ମାଟିରେ ମିଶିଥିଲା। ରାତିରେ ହୋଇଥିବା ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୭.୮ ଥିଲା, ଯାହାର କମ୍ପନ ଗ୍ରୀନ୍‌ଲାଣ୍ଡ ଏବଂ ସାଇପ୍ରସ୍ ଦ୍ୱୀପ ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା। ଏହାର କିଛି ଘଣ୍ଟା ପରେ ଆଉ ଏକ ଭୂକମ୍ପ ହେବାରୁ ତୁର୍କୀର କେତେକ ବଡ଼ ସହର ଧ୍ୱଂସ ପାଇଥିଲା। ତୁର୍କୀରେ ଭୂକମ୍ପଜନିତ କ୍ଷୟକ୍ଷତି ପରିମାଣ ୧୪୮.୮ ବିଲିୟନ ଡଲାର ଯାହା ଦେଶର ଜିଡିପିର ୯ ପ୍ରତିଶତ ଥିଲା। ସେହିପରି ସିରିଆରେ କ୍ଷତି ପରିମାଣ ୧୪.୮ ବିଲିୟନ ଡଲାର ଆକଳନ କରାଯାଇଥିଲା।

## ମରକ୍କୋରେ ୨,୯୦୦

ମରକ୍କୋରେ ସେପ୍ଟେମ୍ବର ୮ ରାତିରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇ ୨,୯୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୧,୨୦୦ ଆହତ ହୋଇଥିଲେ। ଆଟଲାସ୍ ମାଉଣ୍ଟେନ୍ସ ଅନ୍ତର୍ଗତ ଗ୍ରାମାଞ୍ଚଳଠାରୁ ମାରାକେଶ୍ ସହର ପର୍ଯ୍ୟନ୍ତ ଅନେକ ଘର ମାଟିରେ ମିଶିଯାଇଥିଲା। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୮ ଥିଲା। ରାତିରେ ଭୂକମ୍ପ ହେବାରୁ ମୃତ୍ୟୁସଂଖ୍ୟା ଅଧିକ ହୋଇଥିଲା। କମ୍ପନ ବେଳେ ଯେଉଁମାନେ ଉଠିଥିଲେ, ସେମାନେ ଭୟରେ ଘରୁ ବାହାରି ରାସ୍ତାରେ ଧାଇଁଥିଲେ।

## ଚାଇନା: ୧୪୮ ମୃତ

ଉତ୍ତର-ପଶ୍ଚିମ ଚାଇନାର ପାର୍ବତ୍ୟାଞ୍ଚଳରେ ଡିସେମ୍ବର ୧୮ ମଧ୍ୟରାତ୍ରରେ ଅନୁଭୂତ ଭୂକମ୍ପ କିଙ୍ଗ୍‌ହାଇ ପ୍ରଦେଶ ଅନ୍ତର୍ଗତ ଗାନ୍‌ସୁକୁ ଦୋହଲାଇ ଦେଇଥିଲା। ଏଥିରେ ୧୪୮ ଜଣଙ୍କ ମୃତ୍ୟୁ ଘଟିବା ସହ ୧୦୦୦ରୁ ଅଧିକ ଆହତ ହୋଇଥିଲେ। ଭୂକମ୍ପର ତୀବ୍ରତା ୬.୨ ଥିଲା। ଉଭୟ ଗାନ୍‌ସୁ ଏବଂ କିଙ୍ଗହାଇରେ ୩୨ ଥର ପଶ୍ଚାତ୍ କମ୍ପନ ହେବାରୁ ଜିଶିଶାନ୍‌ରେ ୬,୩୮୧ ଘର କ୍ଷତିଗ୍ରସ୍ତ ହୋଇଥିଲା। ଜିଶିଶାନରେ ତାପମାତ୍ରା ବିଯୁକ୍ତ ୧୦ ଡିଗ୍ରୀ ସେଲ୍‌ସିୟସ୍‌କୁ ଚାଲିଯାଇଥିବାବେଳେ ଘରଦ୍ୱାର ହରାଇ ଖୋଲା ଆକାଶ ତଳେ ରହିଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ଆଫଗାନିସ୍ତାନ: ୨୧ ଦିନରେ ୪ ଭୂକମ୍ପ

ଲଗାତର କିଛିବର୍ଷ ଧରି ଭୂକମ୍ପରେ ଥରିଉଠୁଥିବା ଆଫଗାନିସ୍ତାନ ଆଲୋଚ୍ୟ ବର୍ଷରେ ମଧ୍ୟ ଏହି ଯନ୍ତ୍ରଣାରୁ ମୁକ୍ତି ପାଇ ନ ଥିଲା। ଅକ୍ଟୋବର ୭ରୁ ୨୮ ମଧ୍ୟରେ ହେରାତ ପ୍ରଦେଶରେ ୪ ଥର ଭୂକମ୍ପ ହୋଇଥିଲା। ଏଥିରେ ୧୫୦୦ରୁ ଊର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୫୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ।

## ଦୋହଲିଲା ନେପାଳ

ନଭେମ୍ବର ୩ରେ ନେପାଳର କର୍ନାଲି ପ୍ରଦେଶସ୍ଥିତ ଜାରାକୋଟ ଜିଲ୍ଲାକୁ ଦୋହଲାଇ ଦେଇଥିଲା ୫.୭ ତୀବ୍ରତା ବିଶିଷ୍ଟ ଭୂକମ୍ପ। ୨୦୧୫ ଭୂକମ୍ପ ପରେ ଏହା ଥିଲା ଦେଶର ସବୁଠୁ ବଡ଼ ଭୂମିକମ୍ପ। ଏଥିରେ ୧୫୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୭୫ଜଣ ଆହତ ହୋଇଥିଲେ। ୬୨ ହଜାର ଘର ଭାଙ୍ଗିଯାଇଥିଲା।


ନେପାଳ


ମରକ୍କୋ

ଚାଇନା




ହୱାଇର କିଲାଉଏ

## ଲାଭା ଓଗାଳିଲା ଆଗ୍ନେୟଗିରି

ଆଲୋଚ୍ୟ ବର୍ଷରେ ପ୍ରମୁଖ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇଥିଲା କେତେକ ପ୍ରମୁଖ ଆଗ୍ନେୟଗିରି ଉଦ୍‌ଗିରଣ। ସାରା ବିଶ୍ୱରେ ମୋଟ ୧୩୫୦ ସକ୍ରିୟ ଆଗ୍ନେୟଗିରି ଥିବାବେଳେ ସେଥିରୁ ୪୫ଟିରେ ଲାଭା ଉଦ୍‌ଗିରଣ ହୋଇଛି। ଚିଲିର ଭିଲାରିକା, ପପୁଆ ନ୍ୟୁଗିନିର ମାଉଣ୍ଟ ଉଲାଉନ୍, ଇଣ୍ଡୋନେସିଆର ମେରାପି, ଆଇସ୍‌ଲାଣ୍ଡର ଗ୍ରିଣ୍ଡାଭିକ୍ ସହର ନିକଟ ଫଗ୍ରାଡାଲ୍ସଜଲ୍, ହୱାଇର କିଲାଉଏ, ରୁଷିଆର କ୍ଲିଉଚେଭ୍‌ସ୍କଏ, ଇଟାଲୀର ମଣ୍ଟି ସାନ୍ ଲିଓ ଆଦି ପ୍ରମୁଖ ଆଗ୍ନେୟଗିରିରୁ ଲାଭା ଜନବସତି ଓ ସମୁଦ୍ର ମୁହାଁ ହୋଇଥିଲା। ଏହାର ପ୍ରଭାବ କେବଳ ମଣିଷ ନୁହେଁ, ବନ୍ୟଜନ୍ତୁ ଓ ସାମୁଦ୍ରିକ ଜୀବଙ୍କ ପାଇଁ ବିପଦ ସୃଷ୍ଟି କରିଥିଲା।



## ଉତ୍ତପ୍ତ ପୃଥିବୀ

ମାନବକୃତ ଜଳବାୟୁ ପରିବର୍ତ୍ତନ ସବୁଠୁ ବେଶି ଦୁଷ୍ପ୍ରଭାବ ମଣିଷ ଭୋଗିଛି ବିଦାୟୀ ବର୍ଷରେ। ଜନବସତି ଓ ଶିଳ୍ପ ସ୍ଥାପନ ପାଇଁ ଜଙ୍ଗଲ ସଫା କରିବା ଏବଂ କାରଖାନାଗୁଡ଼ିକର ନିର୍ଗତ ଅଙ୍ଗାରକାମ୍ଳର ମାତ୍ରା ବଢ଼ିଚାଲିଥିବାରୁ ବର୍ଷ ଆରମ୍ଭରୁ ହିଁ ଜୀବନ ଦୁର୍ବିଷହ ହୋଇପଡ଼ିଥିଲା। ଜାନୁୟାରୀ ୧ରେ ଅନ୍ୟୂନ ୮ ୟୁରୋପୀୟ ଦେଶରେ ସର୍ବକାଳୀନ ଉଚ୍ଚ ତାପମାତ୍ରା ରେକର୍ଡ କରାଯାଇଥିଲା। ଜୁନ୍ ମାସ ବେଳକୁ ଏଲ୍-ନିନୋ ପ୍ରଭାବ ଲୋକଙ୍କୁ ଅଧିକ ଦହଗଞ୍ଜ କରିଥିଲା। ତେବେ ୟୁରୋପ ମହାଦେଶରେ ୨୦୨୩ ଜୁଲାଇ ଥିଲା ଲକ୍ଷେ ୨୦ ହଜାର ବର୍ଷ ମଧ୍ୟରେ ସବୁଠୁ ଉତ୍ତପ୍ତ ଜୁଲାଇ। ତାପମାତ୍ରା ବୃଦ୍ଧି ପ୍ରଭାବରେ ଦୈନିକ ୨୦୦ କୋଟି ଲୋକ ସନ୍ତୁଳି ହୋଇଛନ୍ତି। ଦକ୍ଷିଣ ୟୁରୋପ, ଆମେରିକାର ପଶ୍ଚିମାଞ୍ଚଳ ଏବଂ ଏସିଆର ବିଭିନ୍ନ ଭାଗରେ ଅନୁରୂପ ସ୍ଥିତି ଉପୁଜିଥିଲା। ଏପରି କି ଇଟାଲୀର ଦୀର୍ଘତମ ପୋ ନଦୀ ଶୁଷ୍କ ହୋଇଯାଇଥିଲା। ତେବେ ଏହି ନୀରବଘାତକ ବିଶ୍ୱବ୍ୟାପୀ କେତେ ଲୋକଙ୍କ ଜୀବନ ନେଇଥିଲା ତାହାର ପ୍ରକୃତ ବିବରଣୀ ସାମ୍ନାକୁ ଆସିପାରିନାହିଁ। କାରଣ ଆମେରିକା ସମେତ ଅନେକ ଦେଶ ତାପମାତ୍ରା ବୃଦ୍ଧିଜନିତ ପ୍ରକୃତ ମୃତ୍ୟୁସଂଖ୍ୟାକୁ ଲୁଚାଇ ଚାଲିଛନ୍ତି।




ଇଟାଲିର ଟୁରିନ୍‌ରେ ଜଣେ ମହିଳା ରାସ୍ତାକଡ଼ ଟ୍ୟାପ୍ ପାଣିରେ ମୁହଁ ଧୋଉଛନ୍ତି।

## ଯୋଶୀମଠରେ ଫାଟ

ବିଦାୟୀ ବର୍ଷ ଆରମ୍ଭରୁ ଉତ୍ତରାଖଣ୍ଡର ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନ କ୍ଷେତ୍ର ଯୋଶୀମଠକୁ ବିପଦ ମାଡ଼ି ଆସିଥିଲା। ଜାନୁୟାରୀ ୨ରୁ ୮ ମଧ୍ୟରେ ଏହି ଭୂକମ୍ପ ଓ ଭୂସ୍ଖଳନ ପ୍ରବଣ ଅଞ୍ଚଳର ଅନେକ ଘର ଓ ରାସ୍ତାରେ ଫାଟ ସୃଷ୍ଟି ହୋଇଥିଲା। ଫଳରେ ସହରବାସୀ ଆତଙ୍କିତ ହୋଇପଡ଼ିଥିଲେ। ଜଳବିଦ୍ୟୁତ୍ ପ୍ରକଳ୍ପ ନିମନ୍ତେ ଜଳପ୍ରବାହକୁ ରୋକାଯିବା ଯୋଗୁ ମାଟି ଦବି ଏଭଳି ସ୍ଥିତି ହୋଇଥିଲା। ୨୪୫୯ ବର୍ଗ କିଲୋମିଟର ବିଶିଷ୍ଟ ସହରର ୬୫ ପ୍ରତିଶତ ଘରେ ଫାଟ ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ଯୋଶୀମଠ ଘଟଣାର ସପ୍ତାହେ ପରେ ନିକଟସ୍ଥ ଅନ୍ୟତମ ତୀର୍ଥସ୍ଥଳ କର୍ଣ୍ଣପ୍ରୟାଗରେ ମାଟି ଦବି ଘରଗୁଡ଼ିକରେ ଫାଟ ସୃଷ୍ଟି ହୋଇଥିଲା।



## ଭୟାବହ ବନାଗ୍ନି

ଚଳିତ ବର୍ଷ କାନାଡାରେ ଭୟାବହ ବନାଗ୍ନି ବହୁ ମାସ ଧରି ଜଳିଥିଲା। ମାର୍ଚ୍ଚରୁ ନିଆଁ ଲାଗିବା ଆରମ୍ଭ ହୋଇ ଜୁନ୍ ବେଳକୁ ବହୁତ ବଢ଼ିଯାଇଥିଲା। କାନାଡା ଇତିହାସରେ ଏହା ସବୁଠୁ ବଡ଼ ବନାଗ୍ନି, ଯେଉଁଥିରେ ସମସ୍ତ ୧୩ଟି ରାଜ୍ୟ କ୍ଷତିଗ୍ରସ୍ତ ହୋଇଥିଲେ। ଅକ୍ଟୋବର ୬ ବେଳକୁ ମୋଟ ୬,୫୫୧ଟି ବନାଗ୍ନିରେ ୧,୮୪,୯୬୧ ବର୍ଗ କିଲୋମିଟର ଜଙ୍ଗଲ ଜଳିଯାଇଥିଲା। ସେତେବେଳକୁ ୭୭୨ଟି ବନାଗ୍ନି ସକ୍ରିୟ ଥିବାବେଳେ ସେଥିରୁ ୩୪୬ଟି ନିୟନ୍ତ୍ରଣ ବାହାରେ ଥିଲା। ନିଆଁ ଲିଭାଇବାରେ ଅନ୍ତର୍ଜାତୀୟ ସ୍ତରରୁ ସହାୟତା ଯୋଗାଇ ଦିଆଯାଇଥିଲା। ବ୍ୟାପକ ଅଞ୍ଚଳ ଦୀର୍ଘଦିନ ଜଳିବା ଫଳରେ ଧୂଆଁ ଆଟଲାଣ୍ଟିକ୍ ଅତିକ୍ରମ କରି ୟୁରୋପରେ ପହଞ୍ଚିଥିଲା। ସେହିପରି ୟୁରୋପୀୟ ଗ୍ରୀଷ୍ମ ପ୍ରବାହ ଯୋଗୁ ଜୁଲାଇ ୧୭ରେ ଗ୍ରୀସ୍‌ର ୮୦ରୁ ଊର୍ଦ୍ଧ୍ୱ ସ୍ଥାନର ଜଙ୍ଗଲ ଜଳିଯାଇଥିଲା। ଏଥିରେ ୨୮ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହାପୂର୍ବରୁ ଜାନୁୟାରୀ ୩୦ରୁ ଫେବୃୟାରୀ ଶେଷ ପର୍ଯ୍ୟନ୍ତ ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଚିଲିର ୪୦୭ ସ୍ଥାନରେ ମୋଟ ୪ଲକ୍ଷ ୩୦ ହଜାର ହେକ୍ଟର ଜଙ୍ଗଲ ଜଳିଥିଲା। ଏଥିରେ ୨୬ ଜଣ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୨୨ଶହ ଆହତ ହୋଇଥିଲେ।

## ଲିବ୍ୟାରେ ଜଳପ୍ରଳୟ

### ବନ୍ୟାରେ ୫,୦୦୦ ମୃତ, ୧୦,୦୦୦ ନିଖୋଜ

ଉତ୍ତର ଆଫ୍ରିକୀୟ ରାଷ୍ଟ୍ର ଲିବ୍ୟାରେ ପ୍ରଳୟଙ୍କରୀ ବନ୍ୟା ତାଣ୍ଡବ ରଚିଥିଲା। ଏଥିରେ ପ୍ରାୟ ୫,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୧୦,୦୦୦ରୁ ଊର୍ଦ୍ଧ୍ୱ ନିଖୋଜ ହୋଇଥିଲେ। ସେପ୍ଟେମ୍ବର ୧୦ ରାତିରେ ଆସିଥିବା ଭୂମଧ୍ୟସାଗରୀୟ ଝଡ଼ 'ଡାନିଏଲ୍' ଲିବ୍ୟାର ପୂର୍ବାଞ୍ଚଳ ସହରଗୁଡ଼ିକୁ ଜଳମଗ୍ନ କରିଦେଇଥିଲା। ସବୁଠୁ ଅଧିକ ପ୍ରଭାବିତ ହୋଇଛି ଡେର୍ନା ସହର, ଯେଉଁଠି ଲଗାଣ ବର୍ଷାଜନିତ ବନ୍ୟା ଯୋଗୁ ଡ୍ୟାମ୍‌ଗୁଡ଼ିକ ଭୁଶୁଡ଼ିପଡ଼ିଥିଲା। ଯେଉଁଆଡ଼େ ଚାହିଁଲେ କୁଢ଼ କୁଢ଼ ମୃତଦେହ ଭାସୁଥିଲା। କେବଳ ଡେର୍ନାରେ ୩,୦୦୦ରୁ ଊର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ଘଟିଥିଲା।





## ସିକ୍କିମ୍‌ରେ ବାଦଲଫଟା ବର୍ଷା

ଅକ୍ଟୋବର ୪ରେ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ସିକ୍କିମ୍‌ରେ ବାଦଲଫଟା ବର୍ଷା ସାଙ୍ଗକୁ ହିମ ହ୍ରଦ 'ଲୋନାକ୍'ର ପାଣି ମାଡ଼ିଆସିବାରୁ ଜଳପ୍ରଳୟ ସୃଷ୍ଟି ହୋଇଥିଲା। ତିସ୍ତା ନଦୀର ଉଚ୍ଛୁଳା ପାଣି ରାସ୍ତାଘାଟ, ଘରଦ୍ୱାରକୁ ଜଳାର୍ଣ୍ଣବ କରିଦେଇଥିଲା। ଏଥିରେ ଭାରତୀୟ ସେନାର ୭ ଯବାନଙ୍କ ସତେ ୯୨ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିଥିଲା। ବହୁ ଲୋକ ନିଖୋଜ ହୋଇଯାଇଥିଲେ। ୧୫ଟି ବ୍ରିଜ୍ ଭାଙ୍ଗିଯିବା ସହ ଜଳବିଦ୍ୟୁତ୍ ଡ୍ୟାମ ଭୁଶୁଡ଼ି ପଡ଼ିଥିଲା। ୨୫ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିଲେ। ୧୯୬୮ ପରେ ଏହା ଥିଲା ସିକ୍କିମରେ ସବୁଠୁ ଘାତକ ବନ୍ୟା।

## ବର୍ଷା ବିପ୍ଳାତ

୨୦୨୩ରେ ଉତ୍ତରପଶ୍ଚିମ ମୌସୁମୀ ଜନିତ ଲଗାଣ ବର୍ଷା ଭାରତରେ ପ୍ରଳୟଙ୍କରୀ ବନ୍ୟା ଆଣିଥିଲା। ବିଶେଷକରି ହିମାଚଳପ୍ରଦେଶ, ପଞ୍ଜାବ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁଓକଶ୍ମୀର, ହରିୟାଣା, ରାଜସ୍ଥାନ ଓ ଦିଲ୍ଲୀରେ ଭୟାବହ ପରିସ୍ଥିତି ଦେଖିବାକୁ ମିଳିଥିଲା। ଜୁଲାଇରେ ହିମାଚଳପ୍ରଦେଶ, ଉତ୍ତରପ୍ରଦେଶ ଓ ଦିଲ୍ଲୀରେ ୧୦୫ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଅଗଷ୍ଟରେ ହିମାଚଳ ପ୍ରଦେଶରେ ୭୧ ଏବଂ ଉତ୍ତରାଖଣ୍ଡରେ ୧୦ଜଣଙ୍କ ଜୀବନ ନେଇଥିଲା ଲଗାଣ ବର୍ଷାଜନିତ ବନ୍ୟାବିପ୍ଳାତ। ଜୁଲାଇ ୯ରେ ରାଜଧାନୀ ଦିଲ୍ଲୀରେ ୧୫୩ ମିଲିମିଟରରୁ ଅଧିକ ବୃଷ୍ଟିପାତ ହୋଇଥିଲା, ଯାହାକି ବିଗତ ୪୦ବର୍ଷ ମଧ୍ୟରେ ଗୋଟିଏ ଦିନରେ ସବୁଠୁ ଅଧିକ ବର୍ଷା ଥିଲା। ଯମୁନା ନଦୀର ଜଳସ୍ତର ୪୫ ବର୍ଷର ବିପଦସଙ୍କେତ ରେକର୍ଡ ଭାଙ୍ଗି ଦିଲ୍ଲୀବାସୀଙ୍କ ମଧ୍ୟରେ ଆତଙ୍କ ଖେଳାଇଥିଲା। ଏପରି କି ପାର୍ଲାମେଣ୍ଟ ଓ ଲାଲକିଲ୍ଲା ପାଖକୁ ମଧ୍ୟ ଉଚ୍ଛୁଳା ପାଣି ପହଞ୍ଚିଥିଲା।


ଲାଲକିଲ୍ଲାରେ ଯମୁନା ଜଳ


କଚ୍ଛ

## ଗୁଜରାଟରେ 'ବିପର୍ଯ୍ୟୟ'

ଆରବ ସାଗରରେ ସୃଷ୍ଟ ଅତିଭୀଷଣ ବାତ୍ୟା 'ବିପର୍ଯ୍ୟୟ' ଜୁନ୍ ୧୫ରେ ଗୁଜରାଟ ପାଇଁ ଦୁଃଖ ଆଣିଦେଇଥିଲା। ଏହି ସାମୁଦ୍ରିକ ଝଡ଼ କଚ୍ଛ ଜିଲା ଜଖାଉ ବନ୍ଦର ନିକଟରେ ସ୍ଥଳଭାଗ ଛୁଇଁବା ପରେ ଅନେକ ମୃତାହତ ହୋଇଥିଲେ। ଖୁବ୍ ଜୋରରେ ପବନ ବୋହିବାରୁ ବହୁ ଘର ଭାଙ୍ଗିବା ସହ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଉପୁଡ଼ିପଡ଼ିଥିଲା। ଫଳରେ ହଜାରେରୁ ଊର୍ଦ୍ଧ୍ୱ ଗାଁ ଅନ୍ଧାରରେ ରହିଥିଲା। କଚ୍ଛ ସମେତ ସ୍ୱରାଷ୍ଟ୍ର ଅଞ୍ଚଳରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ଦେଖିବାକୁ ମିଳିଥିଲା। ଏପରି କି ଏହାର ପ୍ରଭାବ ଗିର୍ ଜଙ୍ଗଲର ସିଂହ ଓ ଅନ୍ୟ ବନ୍ୟପ୍ରାଣୀଙ୍କ ଉପରେ ପଡ଼ିଥିଲା।


ଚେନ୍ନାଇର ଏକ ଜଳାଣ୍ଡବ ଅଞ୍ଚଳରୁ ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରାଯିବାର ଦୃଶ୍ୟ।

## ମିଗଜୋମ୍

### ଆନ୍ଧ୍ରରେ ତାଣ୍ଡବ, ଚେନ୍ନାଇ ବୁଡ଼ିଲା

### ଓଡ଼ିଶାରେ ଫସଲହାନି

ସାମୁଦ୍ରିକ ଝଡ଼ 'ମିଗ୍‌ଜୋମ୍' ଡିସେମ୍ବର ୫ରେ ଆନ୍ଧ୍ରପ୍ରଦେଶର ବାପାଟଲା ନିକଟରେ ସ୍ଥଳଭାଗ ଛୁଇଁଥିଲା। ଏହାର ପ୍ରଭାବରେ ଡିସେମ୍ବର ୩ ଓ ୪ ତାରିଖରେ ଚେନ୍ନାଇ ସମେତ ତାମିଲନାଡୁର ଉପକୂଳ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ଚେନ୍ନାଇ ମହାନଗରରେ ଜଳ ନିଷ୍କାସନ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବାରୁ ବିମାନବନ୍ଦର, ରେଳଷ୍ଟେଶନ, ସ୍କୁଲ, ଅଫିସ୍, ଘରଦ୍ୱାର ବୁଡ଼ିରହିଥିଲା। ୭୦ ବିମାନ ଓ ପ୍ରାୟ ୧୫୦ ଟ୍ରେନ ଚଳାଚଳକୁ ବାତିଲ କରାଯାଇଥିଲା। ତାମିଲନାଡୁ ଏବଂ ଆନ୍ଧ୍ରର ୧୭ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଦକ୍ଷିଣ ଓଡ଼ିଶାର ଜିଲାଗୁଡ଼ିକରେ ମଧ୍ୟ ପ୍ରବଳ ବର୍ଷା ହୋଇଥିଲା। ଏଥିଯୋଗୁ ବ୍ୟାପକ ଫସଲ ହାନି ଘଟିଥିଲା।

## ସଂକ୍ଷେପରେ

### ନନ୍ଦନକାନନକୁ ଆସିଲା ୱାଲାବି, ଲିଭିଂଷ୍ଟୋନ ଟୁରାକୋ

ବାରଙ୍ଗ,୨୫।୧୨(ଲିଙ୍ଗରାଜ ରାଉତ)– ନନ୍ଦନକାନନ ଆସନ୍ତା ୨୯ରେ ୬୪ତମ ପ୍ରତିଷ୍ଠା ଦିବସ ପାଳିବାକୁ ଯାଉଛି। ନନ୍ଦନକାନନ ସବୁବର୍ଷ ପର୍ଯ୍ୟଟକଙ୍କୁ ନୂଆବର୍ଷର ଭେଟି ଦେଉଥିବାବେଳେ ଚଳିତବର୍ଷ ପ୍ରତିଷ୍ଠା ଦିବସରେ ପର୍ଯ୍ୟଟକଙ୍କୁ ନୂଆ ପ୍ରଜାତିର (କଙ୍ଗାରୁ ଜାତୀୟ)ୱାଲାବି ଭେଟି ଦେବାକୁ ଯାଉଛି। ଶୁକ୍ରବାର ରାତିରେ ହଳେ ୱାଲାବି ଓ ହଳେ ଲିଭିଂଷ୍ଟୋନ ଟୁରାକୋ ନନ୍ଦନକାନନରେ ଆସି ପହଞ୍ଚିଛି। ହାଇଦ୍ରାବାଦର ଏକ ଘରୋଇ ସଂସ୍ଥାଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କାରେ କ୍ରୟ କରାଯାଇ ୪ ଅତିଥିଙ୍କୁ ନନ୍ଦନକାନନକୁ ଅଣାଯାଇଛି। ୱାଲାବି ଆସିବା ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କ୍ୱାରେଣ୍ଟାଇନରେ ରଖାଯାଇଛି। ଏହା ପରେ ନୂଆ ହୋଇଥିବା ଏନ୍‌କ୍ଲୋଜରରେ ଛଡ଼ାଯିବ। ପ୍ରତିଷ୍ଠା ଦିବସରେ ଉକ୍ତ ଏନ୍‌କ୍ଲୋଜରର ଉଦ୍‌ଘାଟନ କରାଯିବା ପରେ ପର୍ଯ୍ୟଟକମାନେ ଏହାକୁ ଦେଖିପାରିବେ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସନତ୍ କୁମାର ନାରାୟଣ କହିଛନ୍ତି। ତେବେ ଚଳିତବର୍ଷ ପ୍ରତିଷ୍ଠା ଦିବସରେ ବଟାନିକାଲ ଗାର୍ଡେନରେ ନୂଆ କରି ହୋଇଥିବା ଜଳଜ ଉଭିଦ ଆକ୍ୱାରିୟମ, ବିଭିନ୍ନ ପ୍ରଜାତିର ବାଉଁଶକୁ ନେଇ କରାଯାଇଥିବା ବଗିଚା, ବାଘୁଣୀ ଅଙ୍କିତାର ୪ ଛୁଆଙ୍କ ନାମକରଣ କରାଯିବ ବୋଲି ଜଣାପଡ଼ିଛି।

### କବି ଜୟଦେବଙ୍କ ୧୫୦ ଫୁଟ ଉଚ୍ଚତାର ମୂର୍ତ୍ତି ସ୍ଥାପନ ଦାବି

ବାଲିଅନ୍ତା,୨୫।୧୨(ନୀଳମାଧବ ସାହୁ)– ଉତ୍ତର ଉନ୍ନୟନ ପରିଷଦର ଏକ ବୈଠକ ସୋମବାର ନହରକଣ୍ଟାସ୍ଥିତ ପରିଷଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପ୍ରଭାତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅଞ୍ଚଳର ବିକାଶ ଉପରେ ଆଲୋଚନା କରାଯାଇଥିଲା। ୮ଗୋଟି ଦାବି ଯଥା ହଂସପାଳ ଛକରେ ଏକ ବୃହତ୍ ମାର୍କେଟ ବିଲ୍ଡିଂ, ନହରକଣ୍ଟାରେ ଏକ ମୃଗ ଓ ମୟୂର ପାର୍କ, ସନ୍ଥ ତୁଳସୀ ସରୋବର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଉନ୍ନତୀକରଣ, ବାଲିଅନ୍ତା ଛକରେ ଭକ୍ତକବି ଜୟଦେବଙ୍କ ୧୫୦ ଫୁଟ ଉଚ୍ଚର ଏକ ମୂର୍ତ୍ତି ସ୍ଥାପନ, କୁଆଖାଇ, ନଦୀବନ୍ଧ ରାସ୍ତା କେନାଲର ବାମ ପାର୍ଶ୍ୱ ରାସ୍ତାର ଉନ୍ନତୀକରଣ ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସବୁ ଦାବି ନେଇ ପୂର୍ତ୍ତ ଓ ଜଳସମ୍ପଦ ବିଭାଗ ବରିଷ୍ଠ ଯନ୍ତ୍ରୀଙ୍କୁ ଏକ ପ୍ରତିନିଧି ମଣ୍ଡଳ ଭେଟିବା ପାଇଁ ସ୍ଥିର ହୋଇଥିଲା। ବୈଠକରେ ବ୍ରଜବନ୍ଧୁ ପଣ୍ଡା, ବ୍ରହ୍ମାନନ୍ଦ ପଣ୍ଡା, ସୁରେନ୍ଦ୍ର ଖୁଣ୍ଟିଆ, କେଦାରନାଥ ଶ୍ରୀଚନ୍ଦନ, ଗୋଲକଚନ୍ଦ୍ର ଜେନାଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଯୋଗ ଦେଇଥିଲେ।





ସତ୍ୟନଗରସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚ ପରିସରରେ ଜନ୍ମ ନେଇଥିବା ପ୍ରଭୁ ଯିଶୁ। ଯୁବତୀମାନେ ପ୍ରଭୁ ଯିଶୁଙ୍କୁ ଦର୍ଶନ ପରେ ଚର୍ଚ୍ଚ ପରିସରରେ ସେଲ୍ଫି ନେଉଛନ୍ତି। (ଫଟୋ– ବିକାଶ ନାୟକ)

# ଗଛ ଉପହାର ଦେଲା ସାନ୍ତାକ୍ଲଜ୍

### ବଡ଼ଦିନରେ ବକୁଳ ଫାଉଣ୍ଡେଶନ୍‌ର ନିଆରା ପ୍ରୟାସ

ଭୁବନେଶ୍ୱର, ୨୫।୧୨ (ବନ୍ଦନା ସେଠୀ)

ସର୍ବଦା ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ଆସୁଥିବା ବକୁଳ ଫାଉଣ୍ଡେଶନ୍ ଚଳିତ ବର୍ଷ ନିଆରା ଢଙ୍ଗରେ ବଡ଼ଦିନ ପାଳନ କରିଛି। ପିଲାମାନଙ୍କୁ ଏଥର ଚକୋଲେଟ୍ କିମ୍ବା ଅନ୍ୟ କୌଣସି ଉପହାର ବଦଳରେ ପ୍ରକୃତିକୁ ବଞ୍ଚାଇବା ତଥା ପରିବେଶ ସୁରକ୍ଷା ବାର୍ତ୍ତା ଦେଇ ଚାରା ବଣ୍ଟନ କରିଛି। ଏହା ମାଧ୍ୟମରେ ପିଲାମାନଙ୍କ ସହ ଅଭିଭାବକଙ୍କ ମନରେ ଗଛ ପ୍ରତି ଭଲପାଇବା ସୃଷ୍ଟି କରାଯାଇଛି। ସତ୍ୟନଗରସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚ ନିକଟରେ ଏପରି କାର୍ଯ୍ୟକ୍ରମ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିବାବେଳେ ସାନ୍ତାକ୍ଲଜ୍ ହାତରୁ ଚାରା ଉପହାର ପାଇ ପିଲା ଓ ଅଭିଭାବକମାନ ବେଶ୍ ଖୁସି ହେଉଥିବା ଦେଖିବାକୁ ମିଳିଥିଲା। ସକାଳେ ଚର୍ଚ୍ଚରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ପ୍ରାର୍ଥନା ସାରି ଚର୍ଚ୍ଚରୁ ବାହାରିବାବେଳେ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ସୁଜିତ୍ ମହାପାତ୍ରଙ୍କ ନିର୍ଦ୍ଦେଶରେ ସ୍ୱେଚ୍ଛାସେବୀମାନେ ସାନ୍ତାକ୍ଲଜ୍ ବେଶରେ ପିଲାମାନଙ୍କ ପାଇଁ ଉପହାର ଧରି ଠିଆହୋଇଥିଲେ। ହରିଣ ଦ୍ୱାରା ଟଣାଯାଇଥିବା ସ୍ଲେଜ ବଦଳରେ ଏକ ଗାଡ଼ି ରହିଥିଲା, ଯାହାକୁ ସାନ୍ତାକ୍ଲଜ୍ ବେଶରେ ଥିବା ଫାଉଣ୍ଡେଶନ୍‌ର ସ୍ୱେଚ୍ଛାସେବୀମାନେ ହାତରେ ଟାଣିଟାଣି ଆଣିଥିଲେ। ସେହିପରି ସାନ୍ତାଙ୍କ ମୁହଁରୁ ‘ଗଛ ନେବ ଗଛ, ସାନ୍ତା ଦେଉଛି ଗଛ’ ଡାକ ସହିତ ‘ସାନ୍ତା ହୋ ହୋ ହୋ’ ଗୀତ ସେଠାରେ ଯାଉଥିବା ସବୁ ଲୋକଙ୍କୁ ଆକୃଷ୍ଟ କରିଥିଲା। ଏହିସମୟରେ ତାଙ୍କ ପାଖକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସାନ୍ତା ପରିବେଶ ସଚେତନତାର ବାର୍ତ୍ତା ଦେଉଥିଲେ। ସାନ୍ତା କହିଥିଲେ, ୨୦୨୩ ବର୍ଷ ସବୁଠାରୁ ଉତ୍ତପ୍ତ ବର୍ଷ ଭାବେ ରେକର୍ଡ କରିଛି। ଏହି ଧାରା ବଜାୟ ରହିଲେ ଖୁବ୍ କମ୍ ଦିନରେ ପୃଥିବୀର ଭାରସାମ୍ୟ ଦୋହଲି ଯିବ। ଏହାର କୁପରିଣାମ ସମ୍ପୂର୍ଣ୍ଣ ଜୀବଜଗତକୁ ଭୋଗିବାକୁ ପଡିବ। ତେଣୁ ଆମର ଭବିଷ୍ୟତ ପିଢିକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ଲୋକ ଗଛ ଲଗାଇବା ଆବଶ୍ୟକ ବୋଲି ବୁଝାଇଥିଲେ। ଏହି ଅବସରରେ ଫାଉଣ୍ଡେଶନ ପକ୍ଷରୁ ପ୍ରାୟ ୨୫୦ଟି ଜାମୁକୋଳି, ସପେଟା, ଅଶୋକା ଆଦି ବିଭିନ୍ନ ପ୍ରକାର ଚାରା ଲୋକଙ୍କୁ ପ୍ରଦାନ କରାଯାଇଥିଲା। ଏନେଇ ଫାଉଣ୍ଡେଶନ ପ୍ରତିଷ୍ଠାତା ସୁଜିତ୍ କହିଛନ୍ତି, ନୂଆ ବର୍ଷ, ଜନ୍ମଦିନ ଓ ବିଭିନ୍ନ ପର୍ବପର୍ବାଣିରେ ଫୁଲତୋଡ଼ା ଉପହାର ନ ଦେଇ ଗଛ ଉପହାର ଦେବା ଆବଶ୍ୟକ। ଏହାଦ୍ୱାରା ପରିବେଶ ସୁସ୍ଥ ରହିବା ସହ ଜୀବଜଗତ ମଧ୍ୟ ସୁଖ ସ୍ୱାଚ୍ଛନ୍ଦ୍ୟରେ ବସବାସ କରି ପାରିବେ ବୋଲି ସେ କହିଛନ୍ତି।



ଖ୍ରୀଷ୍ଟମାସ ପାଳନ ଅବସରରେ ସାନ୍ତା ବେଶରେ ସ୍ୱେଚ୍ଛାସେବୀମାନେ ଶ୍ରଦ୍ଧାଳୁଙ୍କୁ ଚାରା ଉପହାର ଦେବା ସହ ପରିବେଶ ସଚେତନତା ବାର୍ତ୍ତା ଦେଉଛନ୍ତି।



ସତ୍ୟନଗର କ୍ୟାଥୋଲିକ୍ ଚର୍ଚ୍ଚରେ ତିଆରି ହୋଇଥିବା ଖ୍ରୀଷ୍ଟମାସ ଟ୍ରି।

## ବଡ଼ଦିନରେ କମିଲେ ପର୍ଯ୍ୟଟକ

ବାରଙ୍ଗ,୨୫।୧୨(ଲିଙ୍ଗରାଜ ରାଉତ)

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ରବିବାର ପ୍ରବଳ ଗହଳି ହୋଇଥିବାବେଳେ ବଡ଼ଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା କମିଯାଇଛି। ସୋମବାର ଖୋଲା ରହିବା ନେଇ ନନ୍ଦନକାନନ ପକ୍ଷରୁ ବହୁ ପ୍ରଚାର ପ୍ରସାର ସତ୍ତ୍ୱେ ଆଶାଠାରୁ ବହୁତ କମ୍ ପର୍ଯ୍ୟଟକ ଆସିଥିଲେ। ବଡ଼ଦିନରେ ନନ୍ଦନକାନନକୁ ୧୯ ହଜାର ୬୨୬ ଜଣ ପର୍ଯ୍ୟଟକ ଆସିଥିଲେ। ସେହିପରି ଗୋଡ଼ିବାରୀ ଓ ଡେରାସରେ ମଧ୍ୟ ପର୍ଯ୍ୟଟକଙ୍କ ସଂଖ୍ୟା ବଡ଼ଦିନରେ କମ୍ ରହିଛି। ବଡ଼ଦିନରେ ଛୁଟି ରହିଥିବା ସତ୍ତ୍ୱେ ରବିବାରଠାରୁ ପର୍ଯ୍ୟଟକଙ୍କ ସଂଖ୍ୟା କମ୍ ରହିଛି। ରବିବାର ଡେରାସକୁ ଆସିଥିବା ୨୭୦୦ଜଣ ପର୍ଯ୍ୟଟକଙ୍କଠାରୁ ମୋଟ ରାଜସ୍ୱ ବାବଦରେ ୧ଲକ୍ଷ ୧୫ହଜାର ଟଙ୍କା ରାଜସ୍ୱ ଆଦାୟ ହୋଇଛି। ସେହିଭଳି ଗୋଡ଼ିବାରୀକୁ ଆସିଥିବା ୩୫୦ଜଣ ପର୍ଯ୍ୟଟକଙ୍କଠାରୁ ମୋଟ ୨୭ହଜାର ଟଙ୍କା ରାଜସ୍ୱ ଆଦାୟ ହୋଇପାରିଛି। ବଡ଼ଦିନରେ ଡେରାସକୁ ଆସିଥିବା ୧୩୨୦ ଜଣ ପର୍ଯ୍ୟଟକଙ୍କଠାରୁ ମୋଟ ୭୦ହଜାର ୪୦୦ଟଙ୍କା ଓ ଗୋଡ଼ିବାରୀକୁ ବୁଲିବାକୁ ଆସିଥିବା ୩୩୦ଜଣ ପର୍ଯ୍ୟଟକଙ୍କଠାରୁ ମୋଟ ୨୨ହଜାର ଟଙ୍କା ରାଜସ୍ୱ ଆଦାୟ ହୋଇଛି।



ବଡ଼ଦିନ ଓ ଖ୍ରୀଷ୍ଟମାସ ପାଳନ ଅବସରରେ ସୋମବାର ୧୫ଜଣ ଦୃଷ୍ଟିବାଧିତ ବିଜୁ ପଟ୍ଟନାୟକ ବିମାନ ବନ୍ଦର ଭ୍ରମଣରେ ଯାଇ ସେଠାରେ ପ୍ରଦର୍ଶିତ ଡାକୋଟା ବିମାନକୁ ଛୁଇଁବା ସହ ବିଜୁବାବୁଙ୍କ ବୀରତ୍ୱର ସ୍ମୃତିଚାରଣ କରୁଛନ୍ତି। (ଫଟୋ–ସୁବାସ ଚନ୍ଦ୍ର ପ୍ରଧାନ)

## ଦୃଢ଼ ନିଷ୍ପତ୍ତି ନେବାରେ ବାଜପେୟୀ ଅନନ୍ୟ ଥିଲେ

ଭୁବନେଶ୍ୱର, ୨୫।୧୨ (ବନ୍ଦନା ସେଠୀ)

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପାୟୀଙ୍କ ୯୯ତମ ଜୟନ୍ତୀ ଏମ୍‌ସ ଭୁବନେଶ୍ୱର ପରିସର ପ୍ରତିମୂର୍ତ୍ତି ସ୍ଥଳରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ କହିଲେ, ଦୃଢ଼ ନିଷ୍ପତ୍ତି ନେବାରେ ଅଟଳ ବିହାରୀ ଜଣେ ଅନନ୍ୟ ରାଜନେତା ଥିଲେ। ଛାତ୍ର ଜୀବନରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଭ୍ୟ ହୋଇଥିଲେ। ପରେ ଜନସଂଘ ଦଳରେ ଯୋଗଦେଇ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୬ରେ ସେ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ। ସେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ସହ ସର୍ବଶିକ୍ଷା ଅଭିଯାନ, ଆଣବିକ ପରୀକ୍ଷା କରି ଦେଶର ସୁନାମ ବୃଦ୍ଧି କରିଥିଲେ। ଏଥିସହ ସେ କାର୍ଗିଲ ଯୁଦ୍ଧକୁ ମୁକାବିଲା କରି ପାକିସ୍ତାନକୁ ଉଚିତ ଜବାବ ଦେଇଥିଲେ। ଜଣେ କବି ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜାଶଙ୍କର ମହାପାତ୍ର, ହରପ୍ରିୟା ପଟ୍ଟଯୋଶୀ, ଲିପକ ମହାନ୍ତି, ଅମିତ ପାତାଳସିଂହଙ୍କ ସହିତ ୱି ଫର୍ ଭୁବନେଶର, ଜୟ ଓଡିଶା ସଭ୍ୟବୃନ୍ଦ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଦୃଷ୍ଟିବାଧିତ ପିଲାଙ୍କ ଗହଣରେ ‘ଖ୍ରୀଷ୍ଟମାସ ଫିଷ୍ଟ’ ଉତ୍ସବ



ପୁରସ୍କାର ଗ୍ରହଣ ଅବସରରେ ‘ଧରିତ୍ରୀ’ର ଡେପୁଟି ନ୍ୟୁଜ୍ ଏଡିଟର ଲାଲା ସୁନୀଲ କୁମାର ରଥଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୨୫।୧୨ (ଅନୁରାଧା ମହାରଣା)

### ବେଷ୍ଟ ସାମ୍ବାଦିକ ପୁରସ୍କାର ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ପୁରସ୍କାର ଶୁଭାରମ୍ଭ

ପବିତ୍ର ବଡ଼ଦିନ ଅବସରରେ ସୋମବାର ୱି କ୍ୟାନ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୟୁନିଟ-୩ସ୍ଥିତ ଦୃଷ୍ଟିବାଧିତଙ୍କ ବିଦ୍ୟାଳୟ ‘ଓଡ଼ିଶା ଆସୋସିଏଶନ୍ ଫର୍ ଦି ବ୍ଲାଇଣ୍ଡ୍’ ପରିସରରେ ‘ଖ୍ରୀଷ୍ଟମାସ ଫିଷ୍ଟ’ ଉତ୍ସବ ପାଳିତ ହୋଇଯାଇଛି। ଟ୍ରଷ୍ଟ ଓ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାମାନେ ଦୃଷ୍ଟିବାଧିତ ବିଦ୍ୟାର୍ଥୀଙ୍କ ଗହଣରେ ଖ୍ରୀଷ୍ଟମାସ ପାଳିବା ସହ ସେମାନଙ୍କୁ ଗୋଟିଏ ଦିନର ରନ୍ଧା ଖାଦ୍ୟ ପ୍ରଦାନ କରିଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ଚୈତାଲୀ ସୋମ୍ ପୌରୋହିତ୍ୟ କରି କହିଲେ, ନିଜ ନିଜ ପରିବାର ସହିତ ସୁଖକର ମୁହୂର୍ତ୍ତ କଟାଇବା ଏକ ଅପୂର୍ବ ବିଷୟ। ଦୃଷ୍ଟିବାଧିତ କୋମଳମତି ଛାତ୍ରୀଛାତ୍ର ଅନ୍ୟର ସ୍ନେହବୋଳା ପରଶରେ ଦୁନିଆକୁ ଖୁବ୍ ସୁନ୍ଦର ଭାବରେ ଆକଳନ କରିପାରନ୍ତି ବୋଲି ସୋମ୍ କହିଥିଲେ। ଏହି ଅବସରରେ ସେ ଦୁଇଟି ପୁରସ୍କାର ଘୋଷଣା କରିବା ସହ ଏହାର ଶୁଭାରମ୍ଭ କରିଥିଲେ। ‘ଧରିତ୍ରୀ’ର ଡେପୁଟି ନ୍ୟୁଜ୍ ଏଡିଟର ଲାଲା ସୁନୀଲ କୁମାର ରଥଙ୍କୁ ‘ବେଷ୍ଟ ସାମ୍ବାଦିକ ସମ୍ମାନ’ ଏବଂ ସାତ୍ତ୍ୱିକ ଘୋଷ, ସୁଭାଷ ମହାନ୍ତି ଓ ସନ୍ୟାସ ବେହେରାଙ୍କୁ ‘ବେଷ୍ଟ ସୋସିଆଲ ଆକ୍ଟିଭିଷ୍ଟ’ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୨୫୦ ଦୃଷ୍ଟିବାଧିତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷାନୁଷ୍ଠାନର ସଭାପତି ତଥା ସନ୍ୟାସ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାଜସେବୀ ସୁବାଷ ମହାନ୍ତି, ଶିକ୍ଷାନୁଷ୍ଠାନର କପିଳ ସ୍ୱାଇଁ, ଟ୍ରଷ୍ଟର ସାତ୍ତ୍ୱିକ ଘୋଷ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବୁଦ୍ଧେଶ୍ୱରୀ କଲୋନୀରେ ଅପରାଜିତାଙ୍କୁ ବିରୋଧ

ଭୁବନେଶ୍ୱର, ୨୫।୧୨(ସୁନିତ୍ ମିଶ୍ର)

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କଟକ ରୋଡ୍‌ସ୍ଥିତ ଲକ୍ଷ୍ମୀସାଗର ଅଞ୍ଚଳର ବୁଦ୍ଧେଶ୍ୱରୀ କଲୋନୀଠାରେ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି। ସୋମବାର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯିବା ସମୟରେ ଅପରାଜିତାଙ୍କ ଗାଡ଼ି ଆଗରେ କିଛି ମହିଳା ଏବଂ ପୁରୁଷ ରାସ୍ତାରୋକୋ କରି ତାଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ପ୍ରାୟ ୨ ଘଣ୍ଟା ଅପରାଜିତାଙ୍କୁ ସେମାନେ ବିରୋଧ କରିଥିବା ବେଳେ ସେ ତାଙ୍କ ଗାଡ଼ି ଭିତରୁ ବାହାରି ନ ଥିଲେ। ଅନ୍ୟପଟେ ଅପରାଜିତାଙ୍କ ସମର୍ଥକମାନେ ଏହା ବିଜେଡି ପକ୍ଷରୁ ପ୍ରାୟୋଜିତ କାର୍ଯ୍ୟକ୍ରମ ବୋଲି କହିଛନ୍ତି।

ବିରୋଧ କରିଥିବା ମହିଳାମାନେ ଅଭିଯୋଗ କରିଛନ୍ତି ଯେ, ଏମ୍‌ପି ଆସିବା ବେଳେ ଗତ ୫ ବର୍ଷ ଭିତରେ କ’ଣ ଭଲମନ୍ଦ ବୁଝିଛନ୍ତି ସେକଥା ପଚାରିଥାଆନ୍ତୁ। ଏତିକିବେଳେ ତାଙ୍କର ଜଣେ ପୁରୁଷ ସମର୍ଥକ ଆମର ଜଣେ ମହିଳାଙ୍କ ଦେହରେ ହାତ ମାରିଥିଲେ। ଏହାପରେ ସେଠାରୁ ଗାଡ଼ି ଦ୍ରୁତଗତିରେ ଚାଲିଗଲା। ଏହି ସମୟରେ ଉକ୍ତ ଗାଡ଼ି ଜଣେ ମହିଳାଙ୍କ ଦେହରେ ମାଡ଼ ହେଲା। ତା’ପରେ କ’ଣ ହେଲା ସେ ନ ବୁଝି ଗାଡ଼ି ଜୋର୍‌ରେ ଧରି ଚାଲିଗଲେ। ତାଙ୍କର ଆଉ ଦୁଇଜଣ ମହିଳା ସମର୍ଥକ ଆସି ଆକ୍ରମଣ କଲେ। ଯିଏ ଏମିତି କରିଛି ସେ ପ୍ରଥମେ ଆସିକି ଭୁଲ୍ ମାଗନ୍ତୁ, ତା’ପରେ ଏମ୍‌ପିଙ୍କ ଗାଡ଼ି ଛାଡ଼ିବେ ବୋଲି ସେମାନେ ଦାବି କରିଥିଲେ। ଏହାସହ ଏତେଦିନ ପରେ ଏମ୍‌ପି ହୋଇ କ’ଣ କରିଛନ୍ତି, ଆଜି କାହିଁକି ଆସିଛନ୍ତି ବୋଲି ପଚାରିବା ଲାଗି ଏଠାରେ ସେମାନେ ଥିଲେ ବୋଲି କହିଛନ୍ତି। ଏହି ସମୟରେ ଭାଜପା କର୍ମୀମାନେ ବିଜେଡି ବିରୋଧରେ ନାରାବାଜି କରୁଥିବା ଦେଖିବାକୁ ମିଳିଥିଲା। ଭାଜପାର କର୍ମୀ କହିଛନ୍ତି, ସାଢ଼େ ୪ ବର୍ଷ ହେଲା ଅପରାଜିତା କ’ଣ କରିଛନ୍ତି ସେକଥା ରାଜ୍ୟବାସୀ ଜାଣିଛନ୍ତି। ଯେଉଁମାନେ ବିରୋଧ କରିଛନ୍ତି ସେମାନେ ଭଡ଼ାରେ ଆସିଛନ୍ତି। ଏହାପରେ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଅପରାଜିତା କହିଛନ୍ତି, ୪୩ ନମ୍ବର ୱାର୍ଡର କିଛି ଲୋକଙ୍କ ସମସ୍ୟା ବାବଦରେ ଆଲୋଚନା କରିବାକୁ ଆସିଥିଲେ। ଯେଉଁମାନେ ବିରୋଧ କରୁଥିଲେ ସେମାନେ ମଧ୍ୟ ଆମ ଲୋକ। ସେମାନେ ଚାହିଁଥିଲେ ବସିକି ଆଲୋଚନା କରିପାରିଥାଆନ୍ତେ। ହେଲେ ସେମାନେ ତାଙ୍କର ୨ ଘଣ୍ଟା ସମୟ ନଷ୍ଟ କଲେ। କାହା ଦୟାରେ ସେ ଭୁବନେଶ୍ୱର ଏମ୍‌ପି ହୋଇ ନ ଥିବା ଅପରାଜିତା କହିଛନ୍ତି।



ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଗାଡି ଅଟକାଇ ରାସ୍ତାରୋକୋ ସମୟରେ ପୋଲିସ ସହ ମହିଳାମାନେ ମୁହାଁମୁହିଁ ହୋଇଛନ୍ତି।

**ସଂକ୍ଷେପରେ**

## ୧୬୦ ଜଣଙ୍କୁ ସହାୟତା ରାଶି ୨୨୦ ପାଇଲେ ନିର୍ମାଣ ଶ୍ରମିକ କାର୍ଡ

ବୋଲଗଡ଼,୨୫।୧୨(ଦେବବ୍ରତ ହୋତା)

ବୋଲଗଡ ବ୍ଲକ ଅନ୍ତର୍ଗତ ପିଚୁକୁଳି ପଞ୍ଚାୟତର କଲ୍ୟାଣୀ ମଣ୍ଡପଠାରେ ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଦ୍ୱାରା ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାର ହିତାଧିକରୀଙ୍କୁ ସୋମବାର ସହାୟତା ରାଶି ବଣ୍ଟନ କରାଯାଇଛି। ଶ୍ରମିକ କାର୍ଡଧାରୀଙ୍କୁ ରାଜ୍ୟ ସରକାରଙ୍କ ଏହି ବହୁମୁଖୀ କଲ୍ୟାଣ ଯୋଜନା ଅନ୍ତର୍ଗତ ଶିକ୍ଷା, ବିବାହ, ପ୍ରସୂତିକାଳୀନ ସହାୟତା, ଅନ୍ତ୍ୟେଷ୍ଟିକ୍ରିୟା, ଦୁର୍ଘଟଣା, ଦୁରାରୋଗ୍ୟ ବ୍ୟାଧି, ପେନସନ ଓ ପକ୍କାଘର ନିର୍ମାଣ ପାଇଁ ସହାୟତା ଯୋଗାଇ ଦିଆଯାଉଛି। ଏହି ଶିବିରରେ ଅତିଥିଭାବେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ସାହୁ, ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଯୋଗଦେଇ ୧୬୦ ହିତାଧିକାରୀଙ୍କୁ ୭୮ଲକ୍ଷ ଟଙ୍କା ସହାୟତା ରାଶି ବଣ୍ଟନ କରିବା ସହ ୨୨୦ଜଣଙ୍କୁ ନୂତନ ନିର୍ମାଣ ଶ୍ରମିକ କାର୍ଡ ପ୍ରଦାନ କରିଛନ୍ତି। ଏହି ଅବସରରେ ବୋଲଗଡ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଜିଲାପରିଷଦ ସଭ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଶୁଭକାନ୍ତ ମହାପାତ୍ର, ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପ୍ରଧାନ, ସମିତିସଭ୍ୟ ସଞ୍ଜୟ କୁମାର ଗୁମାନସିଂହ, କେସିସିବି ନିର୍ଦ୍ଦେଶକ ପବିତ୍ର ମୋହନ ମାଝି, ଶ୍ରମ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପିଚୁକୁଳି କଲ୍ୟାଣ ମଣ୍ଡପ ଉଦ୍‌ଘାଟନ ହୋଇଥିଲା।

## କଣ୍ଟାବାଡ଼ କ୍ରିକେଟ ଟୁର୍ନାମେଣ୍ଟ: ସେମିରେ କୁମାରବସ୍ତ

ବେଗୁନିଆ,୨୫।୧୨(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟର ଖେଳପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ କଣ୍ଟାବାଡ଼ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର କେନ୍ଦ୍ରାପଡ଼ାର ଗଣେଶପୁର କ୍ରିକେଟ କ୍ଲବ ଓ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଗଣେଶପୁର କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୩ ରନ ସଂଗ୍ରହ କରିଥିଲା। ଜବାବରେ କୁମାରବସ୍ତ ଟିମ୍ ୭.୨ ଓଭରରେ ୨ ଉଇକେଟ ବିନିମୟରେ ୯୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଜଗନ୍ନାଥ ଗୋଟା ୪ ଓଭରରେ ୩ଟି ଉଇକେଟ ନେଇଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରମାକାନ୍ତ ପାତ୍ର ଓ ବିନୟ ପାଇକରାୟ ମ୍ୟାଚ ପରିଚାଳନା କରିଥିବା ବେଳେ ଶଙ୍କର୍ଷଣ ମହାପାତ୍ର ରେଫରି ଦାୟିତ୍ୱ ତୁଲାଇଥିଲେ। ସଞ୍ଜୟ ପାଣିଗ୍ରାହୀ, ସିଦ୍ଧେଶ୍ୱର ବେହେରା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସ୍ଥାନୀୟ ଇଣ୍ଡିଆନ ବ୍ୟାଙ୍କ ଶାଖାର ମୁଖ୍ୟ କ୍ୟାଶିୟର ସତ୍ୟବାଦୀ ଦୋରା ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଅର୍ଥ ପାଇଁ ଶିକ୍ଷାରୁ ବଞ୍ଚିତ ୫ ଛାତ୍ର

- ସ୍ୱର ଉତ୍ତୋଳନ କଲେ ଅଭିଭାବକଙ୍କୁ ମିଳୁଛି ଧମକ
- ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ: ବିଇଓ

ନିରାକାରପୁର,୨୫।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ସରକାର ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ କରିବା ଓ ଶିକ୍ଷାର ବିକାଶ ନିମନ୍ତେ ବିଭିନ୍ନ ଯୋଜନା କରିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କେତେଜଣ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ ଏବଂ ଘରୋଇ ସ୍କୁଲର ମନମୁଖି କାର୍ଯ୍ୟ ପାଇଁ ଯୋଜନା ବାଟବଣା ହେବା ସହ ଛାତ୍ରମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏଭଳି ଘଟଣା ଖୋର୍ଦ୍ଧା ଜିଲା ଗୋଳବାଇ ପଞ୍ଚାୟତ ଅଞ୍ଚଳରେ ଦେଖିବାକୁ ମିଳିଛି। ଅଭିଯୋଗ ମୁତାବକ, ଏହି ପଞ୍ଚାୟତ ଅଞ୍ଚଳରେ କେତେକ ଅନୁସୂଚିତ ଜାତି ପରିବାର ରୁହନ୍ତି। ତେବେ ସେମାନଙ୍କ ପିଲାମାନଙ୍କୁ ମାଗଣାରେ ପାଠ ପଢ଼ିବା ସହିତ ୧୦ ହଜାର ଟଙ୍କା ଲେଖାଏ ମିଳିବ ବୋଲି ଉକ୍ତ ପଞ୍ଚାୟତରେ ଥିବା ଏକ ଘରୋଇ ବିଦ୍ୟାଳୟ ପକ୍ଷରୁ କୁହାଯାଇଥିଲା। ଏପରିକି ଅନ୍ୟାନ୍ୟ ପ୍ରଲୋଭନ ଦେଖାଇ କୋଭିଡ୍ ପୂର୍ବରୁ ଉକ୍ତ ସ୍କୁଲରେ ୫ଜଣ ପିଲାଙ୍କ ନାମ ଲେଖାଯାଇଥିଲା। କୋଭିଡ୍ କଟକଣା ଯୋଗୁ ପିଲାଙ୍କ ପାଠପଢ଼ାରେ ଡୋରି ଲାଗିଗଲା। ତେବେ କଟକଣା ହଟିବା ପରେ ଜଣେ ପିଲା ପିଛା ୧୫ହଜାର ଟଙ୍କା ସ୍କୁଲ ଫି' ଦାବି କରାଯାଇଥିଲା। ଫଳରେ ବାଧ୍ୟହୋଇ ନାମ ଲେଖାଇଥିବା ପିଲାଙ୍କ ଅଭିଭାବକମାନେ ସରକାରୀ ସ୍କୁଲରେ ପାଠ ପଢ଼ାଇବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ହେଲେ ସ୍କୁଲର ଫି' ବାବଦ ଅର୍ଥ ନ ଦେଲେ ଟ୍ରାନ୍ସଫର ସାର୍ଟିଫିକେଟ(ଟିସି) ଦିଆଯିବ ନାହିଁ ବୋଲି ସ୍କୁଲ ପକ୍ଷରୁ କୁହାଯାଇଥିଲା। ଏପରିକି ଅଭିଭାବକମାନେ ଟିସି ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ଶୁଣି ନ ଥିଲେ। ଏପରିକି ସେମାନଙ୍କୁ ଜାତିଆଣ ଆକ୍ଷେପ କରାଯିବା ସହ ମାଡ଼ ମାରିବା ପାଇଁ ଜଣେ ଶିକ୍ଷକ ଗୋଡ଼ାଇଥିଲେ ବୋଲି ଅଭିଯୋଗ କରିଛନ୍ତି। ଏନେଇ ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେ କିଛି ବୁଝୁ ନ ଥିବା ଅଭିଭାବକମାନେ କହିଛନ୍ତି। ଅନ୍ୟପଟେ ସ୍କୁଲ ଫି' ପଇଠ କରି ନ ପାରିବାରୁ ପିଲାମାନଙ୍କ ପଢ଼ାରେ ଡୋରି ଲାଗିଛି। ଏବେ ପିଲାଙ୍କ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତାରେ ରହିଛନ୍ତି। ଅନ୍ୟପକ୍ଷେ ଏନେଇ ଉକ୍ତ ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ବ୍ଲକ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ କହିଛନ୍ତି, ଏଭଳି ଅଭିଯୋଗ ମୋ ପାଖକୁ ଆସିନାହିଁ। ତଥାପି ଏହି ଘଟଣା କ'ଣ ହୋଇଛି ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ଜନସମ୍ପର୍କ ପଦଯାତ୍ରାରେ ବିଜେଡି ନେତା ଓ କର୍ମୀମାନେ।

ବେଗୁନିଆ,୨୫।୧୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସିମୋର, କଣ୍ଟାବାଡ ଓ ବାଘମାରୀ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଜୁ ଜନତା ଦଳ(ବିଜେଡି)ର ଜନ ସମ୍ପର୍କ ଅଭିଯାନ ସୋମବାର ଆରମ୍ଭ ହୋଇଛି। ଏଥିରେ କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ଖୋର୍ଦ୍ଧା ଜିଲା ସହ ପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର, ବ୍ଲକ ପର୍ଯ୍ୟବେକ୍ଷକ ରଘୁନାଥ ଲେଙ୍କା, ବିଜେଡିର ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର, ବିଜୁ ଛାତ୍ର ଜନତା ଦଳର ମହାସଚିବ ଇପ୍ସିତା ସାହୁ, ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ବେହେରା, ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ଜିଲାପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ମାନସ ରଞ୍ଜନ ବିଶାଳ, ବିଳାସ ବେହେରା, ସମିତି ସଭ୍ୟା ନଳିନୀ ପଣ୍ଡା, ନବନିତା ମହାନ୍ତି, ମାମା ନାୟକ, ଅଜୟ କୁମାର ମହାପାତ୍ର, ପ୍ରଫୁଲ୍ଲ ସାମନ୍ତରାୟ, ସରୋଜିନୀ ଖୁଣ୍ଟିଆ, ସୁଶାନ୍ତ ସାହୁ, ପ୍ରେମାନନ୍ଦ ମହାନ୍ତି, ମଧୁସୂଦନ ସୁବୁଦ୍ଧି, ବ୍ଲକସ୍ତରୀୟ ମହିଳା ମହାସଂଘ ଓ ମିଶନ ଶକ୍ତି ସଦସ୍ୟାମାନେ ଏଥିରେ ସାମିଲ ହୋଇଥିଲେ।ରାଜ୍ୟ ସରକାର ନବୀନ ପଟ୍ଟନାୟକଙ୍କ ବିକାଶର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇଥିଲେ।

# ଭାରତବର୍ଷଙ୍କୁ ଦିଗ୍‌ଦର୍ଶନ ଦେଇଛି ସାହିତ୍ୟ



କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସମାରୋହରେ ଉପସ୍ଥିତ ଅତିଥିମାନେ।

**କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସମାରୋହ**

ବେଗୁନିଆ,୨୫।୧୨(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକର ଅଗ୍ରଣୀ ସାହିତ୍ୟାନୁଷ୍ଠାନ 'ତ୍ରିଧାରା' ର ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବିତା ପାଠ ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅଗ୍ରିସ୍ଥିତ ହଟକେଶ୍ୱର ଦେବଙ୍କ ପୀଠ ପରିସରରେ ଅନୁଷ୍ଠାନର ସଭାପତି ଶ୍ରୀନିବାସ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିଳ୍ପ ବିକାଶ ଅଧିକାରୀ ସୁନୀଲ ପଟ୍ଟନାୟକ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସାହିତ୍ୟିକ ଉମାକାନ୍ତ ପଣ୍ଡା ବକ୍ତା, ଶୁଭାଶିଷ ସ୍ୱାଇଁ ଏବଂ ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସମ୍ପାଦକ ରଜନୀକାନ୍ତ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି ଅଖିଳେଶ ମହାପାତ୍ର ଏବଂ ସୁଧାକର ସେଠୀ ମଞ୍ଚ ପରିଚାଳନା କରିଥିଲେ। କଳା, ସଂସ୍କୃତି ଓ ସାହିତ୍ୟର ତ୍ରିବେଣୀ ସଂଗମରୁ ଉତ୍ପତ୍ତି ହେଉଛି ତ୍ରିଧାରା। ଏହାର ନାମ ଯେମିତି ଆଭିମୁଖ୍ୟ ମଧ୍ୟ ଠିକ୍ ସେହିଭଳି। ଗ୍ରାମାଞ୍ଚଳରେ ଅନେକ ସାହିତ୍ୟାନୁଷ୍ଠାନ ବଞ୍ଚିରହିଛି। ଏଭଳି ଅନୁଷ୍ଠାନ ରାଜ୍ୟରେ ନୁହେଁ, ସମଗ୍ର ଭାରତବର୍ଷକୁ ଦିଗ୍‌ଦର୍ଶନ ଦେଇଛି ବୋଲି ଅତିଥି ପଟ୍ଟନାୟକ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଚତୁଷ୍ପଦୀ କବିତା 'ଶୀତ ସକାଳ' ବିଷୟରେ ଉପସ୍ଥିତ କବିମାନେ ପାଠ କରିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ କବିତା ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଜମ୍ଭେଶ୍ୱର ମଙ୍ଗରାଜ, ଦିବ୍ୟଲୋଚନ ଭାରିମଲ, ଗୀତାଞ୍ଜଳି ମହାପାତ୍ର, ପ୍ରଫୁଲ୍ଲ କୁମାର ହୋତା, ରତ୍ନପ୍ରଭା ସାହୁ, ଧ୍ରୁବଚରଣ ମହାପାତ୍ର, ବସନ୍ତ କୁମାର ଉତ୍ତରକବାଟ, ଚନ୍ଦ୍ର ଶେଖର ମହାରଣା, ଦିଲୀପ ବଳିୟାରସିଂହ, ବିଶ୍ୱରଞ୍ଜନ ପଣ୍ଡା, ଚିତ୍ତରଞ୍ଜନ ତ୍ରିପାଠୀ, ବିଭୁଦତ୍ତ ଦାସ, ଭକ୍ତବନ୍ଧୁ ପଟ୍ଟନାୟକ, ପବିତ୍ର ମୋହନ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାଳ୍ପିକ ବିଭୂତି ଭୂଷଣ ହୋତା, ଯୁଧିଷ୍ଠିର ହୋତା, କଳ୍ପତରୁ ପଣ୍ଡାଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଟାଙ୍ଗୀ,୨୫।୧୨(ରଘୁନାଥ ସାହୁ)

ଟାଙ୍ଗୀ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ପରିସରରେ ଭାରତୀୟ ଶିକ୍ଷା ପରିଷଦର ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିରକୁ ମୁଖ୍ୟ ଅତିଥିଭାବେ ଖାଉଟି ଅଦାଲତର ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରିଷଦ ସଭାପତି ଯଯାତି ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସୁରେନ୍ଦ୍ର ନାରାୟଣ ସାହୁ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଓଡ଼ଗାଁ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ନାଚୁଣୀ କଲେଜ ଅଧ୍ୟାପକ ଅଶୋକ କୁମାର ବେହେରା, ଟ୍ରଷ୍ଟି ସଭ୍ୟ ମାତୃ ପ୍ରସାଦ ଦାସ, ଶିଶୁ ବାଟିକା ଶିକ୍ଷକ ବିନତୀ ଶତପଥୀ ପ୍ରମୁଖ ଶିଶୁମାନଙ୍କ ପ୍ରତିଭା ବିକାଶରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦାୟିତ୍ୱ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଏହି ଶିବିରରେ ମୁନିଗୁଡ଼ା, କଳାହାଣ୍ଡି, ଖୋର୍ଦ୍ଧା, ବଲାଙ୍ଗୀର, କଟକ, ପୁରୀ, କେନ୍ଦ୍ରାପଡାରୁ ୭୬ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ। ଗଣିତ, ସାହିତ୍ୟ, ଶିଶୁ ମନୋବିଜ୍ଞାନ, ଚିତ୍ରାଙ୍କନ ଓ ଜାତୀୟ ଶିକ୍ଷା ନୀତି ସମ୍ପର୍କରେ ଶିକ୍ଷା ପ୍ରଦାନ ନିମନ୍ତେ ପ୍ରଶିକ୍ଷକଭାବେ ଗଦାଧର ବେହୁରା, ବିରଞ୍ଚି ନାରାୟଣ ତ୍ରିପାଠୀ ଯୋଗଦେଇଥିଲେ। ଶିକ୍ଷକ ବିଶ୍ୱମ୍ବର ସୁବୁଦ୍ଧି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମୋନାଲି ଦାସ ଧନ୍ୟବାଦ ଦେଇଥିଲେ।

## ଧାନ ଅମଳ ମେଶିନରେ ଚାଷୀଙ୍କ ହାତ ପାପୁଲି କଟିଲା

ଟାଙ୍ଗୀ,୨୫।୧୨(ରଘୁନାଥ ସାହୁ)

ଟାଙ୍ଗୀ ଗ୍ରାମରେ ଧାନ ଅମଳ ମେଶିନରେ ହାତ ପାପୁଲି କଟିଯିବାରୁ ଜଣେ ଚାଷୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ପ୍ରଫୁଲ୍ଲ ଷଣ୍ଢ। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ପ୍ରଫୁଲ୍ଲ ମେଶିନରେ ଧାନ ଅମଳ କରୁଥିବା ବେଳେ ଅସାବଧାନତାବଶତଃ ତାଙ୍କ ହାତ ପାପୁଲି କଟିଯାଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତର ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ଡି ଲାୟନ୍ସ ଚାମ୍ପିୟନ



ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ଟାଙ୍ଗୀ,୨୫।୧୨(ରଘୁନାଥ ସାହୁ)

ଓରବରସିଂହ ପଞ୍ଚାୟତ ଲିଗ୍ ସିଜନ୍-୨ କ୍ରିକେଟ୍ ଟୁର୍ନାମେଣ୍ଟରେ ଡି. ଲାୟନ୍ସ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ରବିବାର ସ୍ଥାନୀୟ ଖେଳପଡ଼ିଆରେ ଏସ୍.କେ.ଫାଇଟର ଓ ଡି ଲାୟନ୍ସ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ୧୫ ଓଭର ବିଶିଷ୍ଟ ଏହି ମ୍ୟାଚରେ ଡି ଲାୟନ୍ସ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୮୧ ରନ ସଂଗ୍ରହ କରିଥିଲା। ଜବାବରେ ଏସ୍.କେ.ଫାଇଟର ଟିମ୍ ନିର୍ଦ୍ଧାରିତ ଓଭରରେ ୧୫୦ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଡି ଲାୟନ୍ସ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ସଞ୍ଜୟ ଜୟସିଂହ ଓ ଶରତ ମହାରଣା ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ରାଜ୍ୟ ବିଜୁ ମହିଳା ଜନତା ଦଳ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ କ୍ରୀଡ଼ା ମାନସିକ ସ୍ଥିରତା, ଏକାଗ୍ରତା ଏବଂ ଭାଇଚାରା ଭାବ ସୃଷ୍ଟି କରିଥାଏ ବୋଲି କହିବା ସହ ଚାମ୍ପିୟନ ଓ ରନର୍ ଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଜୟପ୍ରକାଶ ବରିଶଲ, ଯୁବରାଜ ସିଂହ, ସଚିକାନ୍ତ ପାଇକରାୟ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# କାଳିଜାଈଙ୍କ ପୀଠରେ ପର୍ଯ୍ୟଟକଙ୍କ ଭିଡ଼

କୃଷ୍ଣପ୍ରସାଦ,୨୫।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ଅନ୍ତର୍ଗତ ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା'କାଳିଜାଈଙ୍କ ପୀଠ ବଡ଼ଦିନ ପାଇଁ ଚଳଚଞ୍ଚଳ ହୋଇଉଠିଥିଲା। ସକାଳଠାରୁ ଏଠାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। କାଳିଜାଈଙ୍କ ପୀଠକୁ ପର୍ଯ୍ୟଟକଙ୍କ ଯାତାୟାତ ନିମନ୍ତେ ଡଙ୍ଗା ଓ ଲଞ୍ଚର ବ୍ୟବସ୍ଥା କରାଯାଇଥିଲା। ପର୍ଯ୍ୟଟକମାନେ କାଳିଜାଈଙ୍କ ଦର୍ଶନ ସହ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ଜଳକ୍ରୀଡ଼ା ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ। ତେବେ ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ବିଭିନ୍ନ ନିୟମ ଜାରି କରାଯାଇଥିଲା। ତେବେ ନିୟମ ନ ମାନି କେତେଜଣ ଡଙ୍ଗା ଚାଳକ ବିନା ଲାଇଫ ଜ୍ୟାକେଟରେ ଯାତ୍ରୀ ପରିବହନ କରୁଥିବା ଦେଖିବାକୁ ମିଳିଥିଲା। ପର୍ଯ୍ୟଟନ ଋତୁରେ ଭିଡ଼ ନିୟନ୍ତ୍ରଣ କରିବା ଓ ମା'ଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ



ବ୍ୟାରିକେଡ୍ କରାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ହାବିଲଦାର ନିତ୍ୟାନନ୍ଦ ପାତ୍ରଙ୍କ ନେତୃତ୍ୱରେ ପୀଠରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଚଳିତ ବର୍ଷ ୩୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ କାଳିଜାଈଙ୍କ ପୀଠକୁ ଆସିଥିବା ଜଣାପଡ଼ିଛି। ପ୍ରକାଶ ଯେ, ପ୍ରସିଦ୍ଧ ମକର ମେଳା ମହୋତ୍ସବ ନିମନ୍ତେ ଏବେଠାରୁ ଏଠାରେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଚିଲିକାରେ ଯାତ୍ରା ବେଳେ ଯାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ସେମିଫାଇନାଲରେ ଛତିଶଗଡ଼



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

**ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଟାଙ୍ଗୀ,୨୫।୧୨(ରଘୁନାଥ ସାହୁ)

କୁହୁଡ଼ି ମହାବୀର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପଞ୍ଚମ ଦିବସରେ ସୋମବାର ଭାଇଜାଗ ସିଟି କ୍ଲବ ଓ ଛତିଶଗଡ଼ ଫୁଟ୍‌ବଲ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ଛତିଶଗଡ଼ ଫୁଟ୍‌ବଲ ଟିମ୍ ୪-୩ଗୋଲରେ ବିଜୟୀ ହେବା ସହିତ ସେମିଫାଇନାଲରେ ପ୍ରବେଶ କରିଛି। ଶେଖାଓ୍ୱତ ଖାଁ, ରାକେଶ ବେହେରା, ଗୋପାଳ ସାମନ୍ତରାୟ, ଅପର୍ତ୍ତି ବେହେରା ମ୍ୟାଚ୍ ପରିଚାଳନା କରିଥିବା ବେଳେ ବିଜୟ କୁମାର ରାଉତ ମ୍ୟାଚ କମିଶନର ଥିଲେ। ଅତିଥିଭାବେ ପୂର୍ବତନ ପ୍ରଶାସକ ଦେବରାଜ ସେନାପତି, ପ୍ରିୟରଞ୍ଜନ ପାତ୍ର, ଫାଣ୍ଡି ଅଧିକାରୀ ବସନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶ୍ରେଷ୍ଠ ଖେଳାଳିଭାବେ ଛତିଶଗଡ଼ର ୧୧ନଂ. ଖେଳାଳି ଦୁର୍ଲଭ ଏବଂ ଭାଇଜାଗ ଟିମ୍‌ର ୧୫ନଂ. ଖେଳାଳି ମାଣ୍ଡିଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ମନୋଜ କୁମାର ମାନସିଂହ, ଶୁଭେନ୍ଦୁ ମାନସିଂହ, କମଳାକାନ୍ତ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ। ମଙ୍ଗଳବାର ୟୁନିୟନ ସ୍ପୋର୍ଟିଂ କୋଲକାତା ଓ ସୋନପୁର ଫୁଟ୍‌ବଲ ଏକାଡେମୀ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ: ଶବର କ୍ରୀଡ଼ା ସଂଘ ବିଜୟୀ

ଝାଁଲା,୨୫।୧୨(ବୁଲା ବାରିକ)

ରାଧାଚରଣପୁର ଖେଳପଡ଼ିଆରେ ଚାଲିଥିବା ୨୫ତମ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍ ଜାରକା ସ୍ପୋର୍ଟ୍ସ ଏକାଡେମୀ ଧର୍ମଶାଳା ଓ ଶବର କ୍ରୀଡ଼ା ସଂଘ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧର ୨୪ ମିନିଟରେ ଶବର କ୍ରୀଡ଼ା ସଂଘର ୧୩ ନମ୍ବର ଖେଳାଳି ନିଲୁ ନାୟକ ଗୋଟିଏ ଗୋଲ ଦେଇଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧର ୪୯ ମିନିଟରେ ଜାରକା ସ୍ପୋର୍ଟ୍ସ ଏକାଡେମୀର ୨ନମ୍ବର ଖେଳାଳି ସାଗର ବିଶ୍ୱାଳ ଗୋଟିଏ ଗୋଲ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାକୁ ଆଉ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ଶବର କ୍ରୀଡ଼ା ସଂଘ ୬-୫ ଗୋଲରେ ବିଜୟୀ ହୋଇଛି। ମୁନା ନାୟକ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବିଦେଶୀ ନାୟକ, ପ୍ରଫୁଲ୍ଲ ବେହେରା, ରମେଶ ପାଇକରାୟ ଓ ଆନନ୍ଦ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚରେ ଅତିଥିଭାବେ ଉତ୍କଳ ସ୍ପୋର୍ଟିଂର ମ୍ୟାନେଜର ସୁରେନ୍ଦ୍ର ମହାରଣା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ୨୭ ତାରିଖରେ ମା'ଭୁଆସୁଣୀ କ୍ଲବ ବିଡ଼ାନାସୀ କଟକ ଓ ଉତ୍କଳ ସ୍ପୋର୍ଟିଂ ଜଟଣୀ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଚାମ୍ପିୟନ

ଖୋର୍ଦ୍ଧା,୨୫।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ୨୪ତମ ରାଜ୍ୟସ୍ତରୀୟ ସବ୍ୟସାଚୀ-ଦିନେଶ ମେମୋରିଆଲ ଗିନି କପ୍ କ୍ରିକେଟ ଟୁର୍ନାମେଣ୍ଟରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ କଟକ ଚାମ୍ପିୟନ ହୋଇଛି। ରବିବାର ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଓ ସୋଲାର କ୍ଲବ ମଧ୍ୟରେ ଦୁଇ ଇନିଂସ୍ ବିଶିଷ୍ଟ ଫାଇନାଲ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ସୋଲାର କ୍ଲବ ବ୍ୟାଟିଂ କରି ପ୍ରଥମ ଇନିଂସରେ ୧୫ ଓଭରରେ ୮ ଉଇକେଟ ବିନିମୟରେ ୧୨୩ରନ ସଂଗ୍ରହ କରିଥିଲା। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ୧୫ ଓଭରରେ ୫ ଉଇକେଟ ବିନିମୟରେ ୧୩୯ରନ ସଂଗ୍ରହ କରିଥିଲା। ସେହିପରି ସୋଲାର କ୍ଲବ ଦ୍ୱିତୀୟ ଇନିଂସରେ ୭ ଉଇକେଟ ବିନିମୟରେ ୧୩୭ରନ ସଂଗ୍ରହ କରିଥିଲା। ତେବେ ୧୨୨ ରନ ଜିତିବାକୁ ଆବଶ୍ୟକ ଥିବା ବେଳେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ୧୩.୧ ଓଭରରେ ଗୋଟିଏ ଉଇକେଟ ବିନିମୟରେ ୧୨୭ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ପ୍ରୀତିରଞ୍ଜନ ବଳିୟାରସିଂ, ଚନ୍ଦ୍ରମୋହନ ବରାଳ ଓ ଅଭିନନ୍ଦନ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାଁ, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଶେଷ ସିଂହସାମନ୍ତ, ପୂର୍ବତନ କ୍ରିକେଟର ମହେଶ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୫୦ହଜାର ଟଙ୍କା ସହ ଟ୍ରଫି ଓ ରନର୍‌ଅପ ଟିମ୍‌କୁ ୩୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ସୋଲର କ୍ଲବର ଶେଷଦୀପ ପାତ୍ର, ଉଦୀୟମାନ ଖେଳାଳି ଭାବେ ସୁଜିତ ଲେଙ୍କା ଓ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ସୌଭାଗ୍ୟ ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଆସୋସିଏଶନର କର୍ମକର୍ତ୍ତା ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍‌ର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

**ରାଜ୍ୟସ୍ତରୀୟ ଗିନି କପ୍ କ୍ରିକେଟ ଟୁର୍ନାମେଣ୍ଟ**



ବଡ଼ଦିନ ଅବସରରେ ପୁରୀର କ୍ୟାଥୋଲିକ୍ ଚର୍ଚ୍ଚରେ ପ୍ରଭୁ ଯିଶୁଙ୍କ ଜନ୍ମୋତ୍ସବ ପାଳନ କରାଯାଇଛି ।



ଚର୍ଚ୍ଚ ପରିସରରେ ସାଜସଜ୍ଜା କରାଯାଇଛି ।

## ସଂକ୍ଷେପରେ

### ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା: ପୁରୀର ୨ଜଣଙ୍କୁ ପଦକ

ପୁରୀ,୨୫ା୧୨(ଅଜିତ ମହାନ୍ତି):

ୱାର୍ଲଡ ଫିଟନେସ୍ ଫେଡେରେଶନ ଓ କଳିଙ୍ଗ ବଡି ବିଲ୍ଡିଂ ଆଣ୍ଡ ଫିଟ୍‌ନେସ୍ ଆସୋସିଏଶନ ସହଭାଗିତାରେ ରାଜସ୍ଥାନରେ ମିଷ୍ଟର ଓ ମିସ୍ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ଟି ରାଜ୍ୟରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଲିଜେଣ୍ଡ ଜିମ୍ ପକ୍ଷରୁ ମହିଳା ଓ ପୁରୁଷ ବର୍ଗରୁ ଜଣେ ଲେଖାଏ ଭାଗ ନେଇ ପୁରୀ ପାଇଁ ପଦକ ଜିତିଛନ୍ତି। ପୁରୀର ଭବାନୀ ଶଙ୍କର ସ୍ୱର୍ଣ୍ଣ ଓ ଡେନିମ ମଡେଲରେ ବ୍ରୋଞ୍ଜ ପଦକ ହାତେଇଛନ୍ତି। ସେହିଭଳି ମିସ୍ ଇଣ୍ଡିଆ ଗ୍ଲାମର ଓ ଫିଗରରେ ମଧୁସ୍ମିତା ରଥ ରୌପ୍ୟ ପଦକ ଜିତିଛନ୍ତି। ଏହି କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ଅଫିସିଆଲ ଥିବାବେଳେ କଳିଙ୍ଗ ବଡି ବିଲ୍ଡିଂ ଓ ଫିଟ୍‌ନେସ୍ ଆସୋସିଏଶନର ଚିଫ ପାଟ୍ରନ୍ ଗୌରୀଶଙ୍କର ସିଂହାରୀ ଓ ୱାର୍ଲଡ ଫିଟନେସ ଫେଡେରେଶନ ଓଡ଼ିଶା ଶାଖା ସଭାପତି ରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା।

### ତ୍ରିନାଥ ମହାପ୍ରଭୁଙ୍କ ବାର୍ଷିକୋତ୍ସବ

ଚାରିଛକ,୨୫ା୧୨(ଶିଶିର ସ୍ୱାଇଁ)

ଚାରିଛକ ନିକଟ ଭିଲିଗ୍ରାମ ମଧୁର ମାର୍ଗଠାରେ ଥିବା ତ୍ରିନାଥ ମହାପ୍ରଭୁଙ୍କ ୨୦ତମ ବାର୍ଷିକୋତ୍ସବ ସୋମବାର ସନ୍ଧ୍ୟାରେ ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା। ପୂଜକ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଓ କୃଷ୍ଣଚନ୍ଦ୍ର ସୁଆର ପୂଜାକାର୍ଯ୍ୟ କରିଥିଲେ। ସନ୍ଧ୍ୟାରେ ଖଞ୍ଜଣି ଭଜନ ପରିବେଷଣ କରାଯାଇଥିଲା। ଆଖପାଖ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମର ପଦ୍ମନାଭ ସେଠୀ, ଚରଣ ପରିଡ଼ା, ପ୍ରଫୁଲ୍ଲ ଭୋଇ, କାର୍ତ୍ତିକ ସେଠୀ, ସନ୍ତୋଷ ମହାନ୍ତି, ଦାଶରଥି ଭୋଇ, ସନ୍ତୋଷ ସେନାପତି, ନରେନ୍ଦ୍ର ବେହେରା ସହଯୋଗ କରିଥିଲେ।

### ମଧୁବନ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ପୁରୀ,୨୫ା୧୨(ଅଜିତ ମହାନ୍ତି):

ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶା ଆନୁକୂଲ୍ୟରେ ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପଞ୍ଚଦଶ ବାର୍ଷିକ ଉତ୍ସବ ପୌର ସଦନ ପରିସରରେ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ସୁଧାଂଶୁ ଶେଖର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କର, ଶିକ୍ଷା ବିକାଶ ସମିତି ଖୋର୍ଦ୍ଧାର ସୁଦର୍ଶନ ମିଶ୍ର, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସୁନିଲ ଚକ୍ରବର୍ତ୍ତୀ, ସମ୍ପାଦକ ପୁରୁଷୋତ୍ତମ ନାୟକ, ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର, ବିଷ୍ଣୁପ୍ରସାଦ ପାଣି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଦଶମ ଶ୍ରେଣୀ ଛାତ୍ରୀ ପ୍ରିୟାଂଶୀ ପ୍ରିୟଦର୍ଶିନୀଙ୍କ ଅକାଳ ବିୟୋଗ ନିମନ୍ତେ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଛାତ୍ରୀ ଛାତ୍ରମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଝରଣା ସେନାପତିଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଦ୍ୟୁତ୍ ସୁରକ୍ଷା କର୍ମଶାଳା

କଣାସ,୨୫ା୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ଗଡ଼ସାନପୁଟ ଗ୍ରାମପଞ୍ଚାୟତରେ ପ୍ରତିଷ୍ଠିତ ଗଡ଼ସାନପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବିଦ୍ୟୁତ୍ ସୁରକ୍ଷା କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଟି.ଡି.ସି.ଓ.ଡି.ଏଲ୍ ଓ ପରିବର୍ତ୍ତନ କନ୍‌ସଲଟାନ୍‌ସିର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନ ଶିକ୍ଷକ ରାଜକିଶୋର ଜେନା ଏଥିରେ ସଭାପତିତ୍ୱ କରିଥିଲେ। ପରିବର୍ତ୍ତନ ଅନୁଷ୍ଠାନର ସୁରକ୍ଷା ଅଧିକାରୀ ନରେନ୍ଦ୍ର ବେହେରା ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ବିଶେଷ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟରେ କୌଣସି ବୈଦ୍ୟୁତିକ ବସ୍ତୁକୁ ଶିକ୍ଷକଙ୍କ ବିନା ପରାମର୍ଶରେ ଛୁଇଁବେନି, ଓଦା ଶରୀରରେ ବୈଦ୍ୟୁତିକ ବସ୍ତୁକୁ ଧରିବେନି, ରାସ୍ତାରେ ଗଲାବେଳେ କିଛି ବୈଦ୍ୟୁତିକ ବସ୍ତୁକୁ ସ୍ପର୍ଶ କରିବେନି, ଗ୍ରାମରେ ଗୃହପାଳିତ ପଶୁଙ୍କୁ ବୈଦ୍ୟୁତିକ ଖୁଣ୍ଟରେ ନ ବାନ୍ଧିବା ଆଦି ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରତୀକ୍ଷା ଛୋଟରାୟ ସ୍କୁଲର କୌଣସି ବୈଦ୍ୟୁତିକ ଉପକରଣ ଛୁଇଁବାକୁ ମନା କରିବା ସହିତ ବିଦ୍ୟୁତ୍ ସଞ୍ଚୟ ଉପରେ ଆଲୋକପାତ କରିଥିଲେ। ଟି.ଡି.ସି.ଓ.ଡି.ଏଲ୍. କର୍ମୀ ଉମାକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

# ‘ସମାଜର ହିତ ପାଇଁ ସାହିତ୍ୟ ସ୍ୱର ଉଠାଇବା ଉଚିତ’

## ୨୮ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଉଦ୍‌ଘାଟିତ

ପୁରୀ,୨୫ା୧୨(ଅଜିତ୍ ମହାନ୍ତି):

ଶୃଙ୍ଖଳିତ ସମାଜ ଓ ସଂସ୍କୃତିମୟ ପରିବାରର ହିତ ପାଇଁ ସାହିତ୍ୟ ସ୍ୱର ଉଠାଇବା ଉଚିତ ବୋଲି ଗୀତିକାର, ଗାଳ୍ପିକ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ପୁରୀ ଜିଲା ପ୍ରଶାସନ ଏବଂ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟିର ମିଳିତ ସହଯୋଗରେ ଶରଧାବାଲିରେ ସୋମବାର ଆୟୋଜିତ ୨୮ତମ ପୁସ୍ତକ ମେଳାକୁ ଉଦ୍‌ଘାଟନ କରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ ଏହା କହିଛନ୍ତି। ମେଳା କମିଟି ଅଧ୍ୟକ୍ଷ ଭାଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଇଚାରା ତଥା ଉତ୍କଳୀୟ ସଂସ୍କୃତି ଓ ଭାଷା-ସାହିତ୍ୟର ସୁରକ୍ଷା ପାଇଁ ସାହିତ୍ୟିକମାନେ କଲମ ଧରନ୍ତୁ




ଅତିଥିମାନେ ପୁସ୍ତକ ମେଳାର ମୁଖପତ୍ରକୁ ଉନ୍ମୋଚନ କରୁଛନ୍ତି ।

ବୋଲି ନିବେଦନ ରଖିଥିଲେ। ସମ୍ପାଦକ ଚକ୍ରଧର ମହାପାତ୍ର ପୁସ୍ତକ ମେଳାର ୨୭ ବର୍ଷର ଅବଦାନ ସମ୍ପର୍କରେ ସମ୍ପାଦକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକାରୀ ସଭାପତି ଅନାମ ଚନ୍ଦ୍ର ସାହୁ ବହିମେଳାର ସଫଳତା ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ମିଡିଆ ସମ୍ପାଦକ ବଦ୍ରି ମିଶ୍ରଙ୍କ ସଂଯୋଜନାରେ ବହିମେଳା ସ୍ମରଣିକା ବହିବିଚିତ୍ରା ସମେତ ଔପନ୍ୟାସିକା ସୁମିତା ବେହେରାଙ୍କ ଉପନ୍ୟାସ ମଧୁମତୀ, ଶ୍ରୀକାନ୍ତ ମହାନ୍ତିଙ୍କ ଅମୃତ ଅନୁଭବ, ସ୍ୱର୍ଣ୍ଣଲତା ମହାରଣାଙ୍କ ଗୀତି କବିତା ସ୍ୱର୍ଣ୍ଣପ୍ରଭା, ଜ୍ୟୋତିର୍ବିଦ୍ ଅନାମ ସାହୁଙ୍କ ଜ୍ଞାନବିଜ୍ଞାନ ବାର୍ତ୍ତା ଓ ପ୍ରବନ୍ଧ ବିଚିତ୍ରାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାପତି ଜଟାଧାରୀ ମିଶ୍ର, ରାଜକିଶୋର ମିଶ୍ର ଓ ସଙ୍ଗଠନ ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର ମଞ୍ଚାସୀନ ଥିଲେ। ବୀରେନ୍ଦ୍ର ମହାନ୍ତି, ବିପିନ୍ ଦଳାଇ, ସୁକାନ୍ତ ପଣ୍ଡା, ସ୍ୱାଧୀନ ପଣ୍ଡା, ଶ୍ରୀକାନ୍ତ ମହାନ୍ତି, ସୁନୀଲ ରଥ, ଗୀତାଞ୍ଜଳି ପଣ୍ଡା, ଭବାନୀ ବଳିୟାରସିଂହ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ସଙ୍ଗୀତ ପରିଷଦ ପକ୍ଷରୁ ସରସ୍ୱତୀ ବନ୍ଦନା ପରିବେଷଣ କରାଯାଇଥିଲା। ବହିମେଳା ୧୧ଦିନ ଧରି ଚାଲିବ। ଚଳିତ ବର୍ଷ ୬୨ ପ୍ରକାଶନ ସଂସ୍ଥା ସହ ୧୫୦ଟି ଷ୍ଟଲ ଖୋଲିଛି। ପୁରୀ ଜିଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ଜନସାଧାରଣ ବହିମେଳାରେ ଯୋଗଦେବାକୁ ସମ୍ପାଦକ ଚକ୍ରଧର ମହାପାତ୍ର ଓ ମିଡିଆ ସମ୍ପାଦକ ବଦ୍ରି ମିଶ୍ର ନିବେଦନ କରିଛନ୍ତି।

# ବିଦ୍ୟାର୍ଥୀ, ଅଭିଭାବକଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା

ପୁରୀ, ୨୫ା୧୨(ଅଜିତ୍ ମହାନ୍ତି):

ଘୋଡ଼ାବଜାର ସ୍ୱରସତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମ ଜୟନ୍ତୀ ତଥା ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ନାରାୟଣ ଦାଶ ମୁଖ୍ୟ ଅତିଥି ଓ ବିଦ୍ୟାଳୟର ପୂର୍ବ ଛାତ୍ରୀ ଶୁବାରଶ୍ମି ପ୍ରିୟଦର୍ଶିନୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାନ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶ୍ନମଞ୍ଚ, ପ୍ରକଳ୍ପ, ଫଟୋଚିତ୍ର ସଂଗ୍ରହ, ଆନୁମାନିକ ମାପ, ନୂତନ ପ୍ରୟୋଗ, ଖେଳ ଦୋକାନ, ପଣିକିଆ, କବିତା ଆବୃତ୍ତି, ଝୋଟି, ପତ୍ରିକା, ମେଳା, ଚାଟ ପ୍ରଦର୍ଶନ ଆଦି ଗଣିତର ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ସହିତ ଅଭିଭାବକମାନଙ୍କର ଖାଦ୍ୟ ପ୍ରସ୍ତୁତି ଓ ଗାଣିତିକ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୫୧୬ ଜଣ ଛାତ୍ରୀଛାତ୍ର ଓ ୧୫ ଜଣ ଅଭିଭାବକଙ୍କ ମଧ୍ୟରୁ ବିଚାରକମାନେ ଶ୍ରେଷ୍ଠ ୨୧୦ ଜଣ ପ୍ରତିଭାଗୀ ଘୋଷଣା କରିଥିଲେ। ଶୁଭଶ୍ରୀ ପରିଡ଼ା ଖାଦ୍ୟ ପ୍ରସ୍ତୁତି ଓ ରୋଜାଲିନ ବେହେରା ରଙ୍ଗୋଲି ପ୍ରତିଯୋଗିତାରେ ଶ୍ରେଷ୍ଠ ଅଭିଭାବକ ଭାବେ ଚୟନ ହୋଇଥିଲେ। ଉଦ୍‌ଯାପନୀ ପର୍ବରେ ଗଣିତ ଶିକ୍ଷକ ମାନସ ରଞ୍ଜନ ପଣ୍ଡା ଓ ରବୀନ୍ଦ୍ର କୁମାର ପୃଷ୍ଟି ଅତିଥିଭାବେ ଯୋଗଦେଇ ବିଜୟୀ ପ୍ରତିଭାଗୀମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଅଭିମନ୍ୟୁ ଭୂୟାଁ, ଉପସଭାପତି ସାଧନ କୁମାର ପ୍ରଧାନ, ସମ୍ପାଦକ ସୀମାଞ୍ଚଳ ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ଅରବିନ୍ଦ ଦାସ କାର୍ଯ୍ୟକ୍ରମଗୁଡ଼ିକୁ ସୁନ୍ଦର ଭାବେ ସମ୍ପାଦିତ କରିଥିଲେ। ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ ବିବରଣୀ ପାଠ କରିଥିଲେ। ଶେଷରେ ଆଚାର୍ଯ୍ୟ ଶ୍ରୀକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଦିବସରେ ଶିକ୍ଷାବର୍ଷ ୨୦୨୩ -୨୪ରେ ସରକାରୀ ମେଧାବୃତ୍ତି ପାଇଥିବା ଜିଜ୍ଞାସୀ ପ୍ରିୟଦର୍ଶିନୀ, ସିମ୍ରନ୍ ବଡ଼ଜେନା, ଆଦିତ୍ୟ ରାଉତରାୟ, ସାଇ ସୁଲଗ୍ନା ଯାଦବ (୩ୟ ଶ୍ରେଣୀ ପାଇଁ ) ଓ ଦିବ୍ୟ ପ୍ରସାଦ ସାଇଁ, ସୌମ୍ୟ ରଞ୍ଜନ ବଡ଼ଜେନା, ଦେବୋଜିତ୍ ଦଳାଇ (ପଞ୍ଚମ ଶ୍ରେଣୀ ପାଇଁ) ସହିତ ସେମାନଙ୍କ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

କଣାସ,୨୫ା୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡ଼ସାନପୁଟସ୍ଥିତ ଚଉଦ ମୌଜା ବିଦ୍ୟୁତ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୧୭ଦିନ ଧରି ବିଭିନ୍ନ ପ୍ରତିଯୋଗିତା, ସାମାଜିକ କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳକୁଦ ଅନୁଷ୍ଠିତ ହୋଇଥିଲା। ପରିବେଶ ସୁରକ୍ଷା, ସ୍ୱଚ୍ଛତା ରକ୍ଷା ଆଦି ସାମାଜିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ସାମନ୍ତରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବିଧାୟକ ତଥା ସାମାଜିକ କର୍ମୀ ଡ. ଦିଲୀପ ଶ୍ରୀଚନ୍ଦନ, ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡ.ଚନ୍ଦ୍ରଶେଖର ଦାସ, ସ୍ଥାନୀୟ ସରପଞ୍ଚ ଶର୍ମିଷ୍ଠା ଛୁଆଲସିଂହ, ଜିଲା ପରିଷଦ ସଭ୍ୟ ଭୀମସେନ ପାଇକରାୟ, ସମିତି ସଭ୍ୟ ବିଜୟଲକ୍ଷ୍ମୀ ପରିଡ଼ା, ନାଏବ ସରପଞ୍ଚ କନକଲତା ଖଣ୍ଡାୟତରାୟ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ର ଜଣେ ଜଣେ ଭଲ ମଣିଷ ହୋଇ ବିଦ୍ୟାଳୟର ନାମ ରଖିବାକୁ ସୂଚନା ଦେବା ସହ କୃତୀ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ନୋଡାଲ ଅଧିକାରୀ ଭାବେ ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର ସାହୁ, ରବୀନ୍ଦ୍ର ସୁନ୍ଦରାୟ ପ୍ରମୁଖ ସଭା ପରିଚାଳନା କରିଥିଲେ।




ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

# ଶିକ୍ଷକ ବିବେକାନନ୍ଦ ଦାଶଙ୍କ ଦେହାନ୍ତ

ପିପିଲି,୨୫ା୧୨(ଦୁର୍ଗାମାଧବ ମିଶ୍ର)

ଗୋବିନ୍ଦପୁର ହାଇସ୍କୁଲ ବରିଷ୍ଠ ବିଜ୍ଞାନ ଶିକ୍ଷକ ବିବେକାନନ୍ଦ ଦାଶ(୫୬)ଙ୍କ ସୋମବାର ସକାଳେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଯାଇଛି। ସେ ଦୀର୍ଘ ଦିନ ଧରି କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ସ୍ୱର୍ଗତ ଦାଶ ଜଣେ ପରୋପକାରୀ ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ ଭାବେ ବେଶ୍ ଜଣାଶୁଣା। ସେ ପ୍ରଥମେ ପିପିଲି ହାଇସ୍କୁଲ ଏବଂ ପରେ ଗୋବିନ୍ଦପୁର ହାଇସ୍କୁଲରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିଲେ। ଦେହାନ୍ତ ପରେ ତାଙ୍କ ମର ଶରୀରକୁ ପିପିଲିସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ବହୁ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଆତ୍ମୀୟ ସ୍ୱଜନ ଶେଷଦେଖା କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ବିକ୍ଷୋଭ




ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ।

ପୁରୀ,୨୫ା୧୨(ଅଜିତ୍ ମହାନ୍ତି):

ଜଗନ୍ନାଥ ସଂସ୍କୃତିକୁ ନଷ୍ଟ କରି ପୁରୀରେ ବିକାଶ ନାଁରେ ବିନାଶ ଚାଲିଛି ବୋଲି ଅଭିଯୋଗ ଆଣି ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ସୋମବାର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମଠ ଭାଙ୍ଗି ଶ୍ରୀମନ୍ଦିର କରିଡର ନାଁରେ କେବଳ ଶୌଚାଳୟ ନିର୍ମାଣ ହେଉଛି। ଗୋଭକ୍ଷୀୟ ବ୍ଲୋଗରଙ୍କୁ ଆଣି ଅଣଓଡ଼ିଆ ଶାସକ ନିଜ ପ୍ରଚାର ପ୍ରସାର କରୁଛନ୍ତି ବୋଲି ଅଭିଯାନର କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ବିକ୍ଷୋଭରେ ଚନ୍ଦ୍ରଶେଖର ମିଶ୍ର, ଶ୍ରୀକାନ୍ତ ପଣ୍ଡା, ଅକ୍ଷୟ କୁମାର ପ୍ରଧାନ, ବିଶ୍ୱଜିତ ଦାଶ, ପ୍ରହଲ୍ଲାଦ ଖୁଣ୍ଟିଆ, ପ୍ରଦ୍ୟୁମ୍ନ ମଲିକ, ଶିବରାଜ ସାହୁ, ସତ୍ୟରଞ୍ଜନ ନାୟକ, ବିଜୟ ଜଗଦେବ, ସୋମନାଥ ମହାପାତ୍ର, ବିଶ୍ୱରଞ୍ଜନ ରାହୁଲ, ଅଭିଷେକ ମେକାପ, ବିଶ୍ୱନାଥ ପଣ୍ଡା, ହେମନ୍ତ କୁମାର ମହାନ୍ତି, ତାରାପ୍ରସାଦ ଦାଶ, ଶୁଭ୍ରଜିତ ମହାନ୍ତି ଏବଂ ମିଥୁନ ମଲିକ ପ୍ରମୁଖ ସାମିଲ ଥିଲେ।

# ଭାଜପାରେ ଯୋଗଦେଲେ ୯ ବିଜେଡି କର୍ମୀ

ପିପିଲି,୨୫ା୧୨(ପ୍ରଭାତ ମହାପାତ୍ର)

ଭାଜପାରେ ମିଶିଲେ ପୂର୍ବତନ କାଉନସିଲରଙ୍କ ସହ ୯ ବିଜେଡି କର୍ମୀ। ପିପିଲି ଏନ୍‌ଏସି ଭାଜପା କାର୍ଯ୍ୟାଳୟରେ ଏହି ମିଶ୍ରଣ ପର୍ବ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସମସ୍ତ କର୍ମୀ ଭାଜପାରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ। ପୂର୍ବରୁ ଏହି କର୍ମୀମାନେ ବିଜେଡିର ବିଭିନ୍ନ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ଭାଜପାର ସ୍ୱଚ୍ଛ ଶାସନ ପାଇଁ ଦଳରେ ସାମିଲ ହୋଇଥିବା କହିଛନ୍ତି। ମିଶ୍ରଣ ପର୍ବ ଭାଜପା ମଣ୍ଡଳ ସଭାପତି ସୁକାନ୍ତ ଭଞ୍ଜଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନଙ୍କ ସହ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ। ପିପିଲି ନଗର ପୂର୍ବତନ ଯୁବ ବିଜେଡି ସଭାପତି ପ୍ରଫୁଲ୍ଲ ସାହୁ, ପୂର୍ବତନ କାଉନସିଲର ଜିତେନ୍ଦ୍ର ମହାପାତ୍ର, ଅଭିମନ୍ୟୁ ସେଠୀ, ବିଜେଡି ସକ୍ରିୟ କର୍ମୀ ନରହରି ପ୍ରଧାନ, ଅବଦୁଲ୍ ମଉସିମ୍ ଖାଁ, ସେକ୍ ବାବୁ, ସିରାଜ୍ ଉଦିନ୍ ସାହା, ସ୍ମୃତିରଞ୍ଜନ ସିହ୍ନା, କାର୍ତ୍ତିକ ବେହେରା ପ୍ରମୁଖ ବିଜେଡିର କର୍ମୀ ଦଳ ତ୍ୟାଗ କରି ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ ଓ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ନୂତନ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ପକାଇ ସ୍ୱାଗତ କରିଥିଲେ।



# ମୂଲ୍ୟବୋଧଯୁକ୍ତ ସକାରାତ୍ମକ ଖବର ଗଣମାଧ୍ୟମର ଧ୍ୟେୟ ହେଉ

## ରାଜଯୋଗ ମିଡ଼ିଆ ୱିଙ୍ଗଙ୍କୁ ସ୍ୱାଗତ

କୋଣାର୍କ,୨୫ା୧୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ହେଡ୍‌କ୍ୱାର୍ଟର ମାଉଣ୍ଟ ଆବୁରୁ ଆସିଥିବା ରାଜଯୋଗ ଶିକ୍ଷାକେନ୍ଦ୍ର ମିଡ଼ିଆ ୱିଙ୍ଗର ପଦାଧିକାରୀଙ୍କୁ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ରବିବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ରାଜଯୋଗ ଶିକ୍ଷା ମିଡ଼ିଆ ୱିଙ୍ଗର ରାଷ୍ଟ୍ରୀୟ ସଂଯୋଜକ ବ୍ରହ୍ମାକୁମାର ଡ. ଶାନ୍ତନୁ, ହେଡ୍‌କ୍ୱାର୍ଟର ସଂଯୋଜିକା ବ୍ରହ୍ମାକୁମାରୀ ଚନ୍ଦା ଓ ପଞ୍ଜାବ ଜୋନ୍‌ର ସଂଯୋଜିକା ବ୍ରହ୍ମାକୁମାରୀ ପୁନମ୍‌ଙ୍କୁ କୋଣାର୍କ ସେବାକେନ୍ଦ୍ରଠାରେ ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, କୋଣାର୍କ ପ୍ରେସ୍ କ୍ଲବ ସଭାପତି ଧନଞ୍ଜୟ ବେହେରା, କୋଣାର୍କ ସାମ୍ବାଦିକ ସଂଘ ସମ୍ପାଦକ ମନୋରଞ୍ଜନ ପଣ୍ଡା, କୋଣାର୍କ ମିଡିଆ ଫୋରମ୍ ସଭାପତି ଅବନୀ ଭୂଷଣ ବାରିକ, ଖବରଦାତା ଅଜିତ ମଲ୍ଲିକ, ସଞ୍ଜୟ ପତି, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଫୁଲତୋଡ଼ା ଓ ଉପଢୌକନ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଆଧ୍ୟାତ୍ମିକ ମୂଲ୍ୟବୋଧଯୁକ୍ତ ସକାରାତ୍ମକ ଖବର ଗଣମାଧ୍ୟମର ଧେୟ ହେଉ ବୋଲି ମିଡିଆ ୱିଙ୍ଗର ରାଷ୍ଟ୍ରୀୟ ସଂଯୋଜକ ବ୍ରହ୍ମାକୁମାର ଡ. ଶାନ୍ତନୁ କହିଥିଲେ। ନୈତିକ ମୂଲ୍ୟବୋଧଯୁକ୍ତ ସକାରାତ୍ମକ ଖବର ସ୍ୱାର୍ଥ ଓ ପରମାର୍ଥ ଉଭୟର ପରିପୁଷ୍ଟ କରିଥାଏ ବୋଲି ବ୍ରହ୍ମାକୁମାରୀ ଚନ୍ଦା ମତପୋଷଣ କରିଥିଲେ। ଡ. ଶାନ୍ତନୁଙ୍କୁ ନିକଟ ଅତୀତରେ ବିହାରର ବିକ୍ରମଶିଳା ହିନ୍ଦୀ ବିଦ୍ୟାପୀଠ ପକ୍ଷରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିବା ନେଇ କୋଣାର୍କଠାରେ ଗଣାଧମ ପ୍ରତିନିଧିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କୋଣାର୍କ ପରିଭ୍ରମଣରେ ଆସିଥିବା ଭାରତବର୍ଷର ବିଭିନ୍ନ ପ୍ରାନ୍ତରେ ପ୍ରତିଷ୍ଠିତ ରାଜଯୋଗ ଶିକ୍ଷା ଓ ଗବେଷଣା ସହିତ ସଂଶ୍ଳିଷ୍ଟ ମିଡିଆ ୱିଙ୍ଗର ୮୫ଜଣ ସଦସ୍ୟଙ୍କୁ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କୋଣାର୍କ ସେବାକେନ୍ଦ୍ର ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। କୋଣାର୍କ ସେବାକେନ୍ଦ୍ରଠାର ସଞ୍ଚାଳିକା ରାଜଯୋଗ ବିକେ ଦମୟନ୍ତୀ, ବିକେ ମଞ୍ଜୁ, ବିକେ ହୃଦାନନ୍ଦ, ବିକେ ସୁଜିତ୍, ବିକେ ବସନ୍ତ ପ୍ରମୁଖ ଅତିଥିଙ୍କୁ ସ୍ୱାଗତ କରିଥିଲେ।




କାର୍ଯ୍ୟକ୍ରମରେ ଅତିଥିମାନେ ଧରମା ପତ୍ରିକା ଉନ୍ମୋଚନ କରୁଛନ୍ତି ।

# ଅପ୍ରାକୃତିକ ଯୌନସମ୍ପର୍କ ପ୍ରଘଟ ଭୟରେ ମାରିଥିଲେ

**କଟକ,୨୫।୧୨(କାର୍ତ୍ତିକ ସାହୁ)**



ଗିରଫ ଅଭିଯୁକ୍ତ ଯୋଗେନ୍ଦ୍ର ପଣ୍ଡା ଓରଫ ବାବୁଲା ।

**ପୂର୍ବକଚ୍ଛ ନାବାଳକ ହତ୍ୟା ଘଟଣା**

■ଅଭିଯୁକ୍ତ ଗିରଫ: କାଠଫାଳିଆ, ଦା' ଜବତ

ପୂର୍ବକଚ୍ଛ ନାବାଳକ ହତ୍ୟା ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ପୂର୍ବକଚ୍ଛର ଯୋଗେନ୍ଦ୍ର ପଣ୍ଡା ଓରଫ ବାବୁଲା (୨୫)। ତାଙ୍କ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆ ଓ ଦା' ଜବତ କରିବା ସହ ଘଟଣାର ପର୍ଦ୍ଦାଫାଶ୍ କରିଛି ପୋଲିସ। ଅପ୍ରାକୃତିକ ଯୌନସମ୍ପର୍କ ପ୍ରଘଟ ଭୟରେ ଅଭିଯୁକ୍ତ ଜଣକ ନାବାଳକଙ୍କୁ ହତ୍ୟା କରିଥିବା ପୋଲିସ ତଦନ୍ତ ପରେ ସୂଚନା ଦେଇଛି।

ମାମଲାର ବିବରଣୀ ଅନୁସାରେ, ପୂର୍ବକଚ୍ଛର ମହେଶ୍ୱର ବେହେରାଙ୍କ ସାନ ଭାଇ ଜଗନ୍ନାଥ ବେହେରା ତାଙ୍କ ପୁଅଙ୍କୁ ପଢ଼ାରେ ଖରାପ ପ୍ରଦର୍ଶନ କରୁଥିବାରୁ ତାଗିଦା କରିଥିଲେ। ଏହି କାରଣରୁ ପୁଅ ଗତ ୧୬ ତାରିଖରେ କେଉଁଆଡ଼େ ପଳାଇଥିଲେ। ସନ୍ଧ୍ୟା ସୁଦ୍ଧା ନ ଫେରିବାରୁ ପରିବାର ଲୋକେ ପଡ଼ୋଶୀଙ୍କ ସହାୟତାରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ହେଲେ କେଉଁଠି ସନ୍ଧାନ ପାଇଲେ ନାହିଁ। ୧୭ ତାରିଖ ସକାଳ ୭ଟାରେ ମହେଶ୍ୱର ତାଙ୍କ ପୁତୁରାଙ୍କୁ କେହି ଧାରୁଆ ଅସ୍ତ୍ରରେ କାଟି ମାରିଦେଇଥିବା ଜାଣିବାକୁ ପାଇଥିଲେ। ହତ୍ୟାକାରୀ ମୃତଦେହକୁ ଚନ୍ଦନପୋଖରୀ ନିକଟସ୍ଥ ଧାନକିଆରି ରାସ୍ତାପାର୍ଶ୍ୱରେ ପକାଇ ଦେଇଥିବା ଦେଖିବାକୁ ପାଇଥିଲେ। ମୃତକଙ୍କ ବେକ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କଟାଦାଗ ରହିଥିବା ଓ ଚନ୍ଦନପୋଖରୀ ପାଣିରେ ରକ୍ତ ପଡ଼ିଥିବା ଦେଖାଯାଇଥିଲା। ଏନେଇ ମହେଶ୍ୱରଙ୍କ ଅଭିଯୋଗକ୍ରମେ ଜଗତପୁର ଥାନାରେ ଏକ ମାମଲା (ନଂ.୬୩୦/୨୩) ରୁଜୁ ହୋଇଥିଲା।

ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଦଳ ଗଠନ ହୋଇଥିଲା। ଏସିପି ସ୍ୱାଇଁଙ୍କ ସମେତ ଜଗତପୁର ଥାନା ଆଇଆଇସି ରବୀନ୍ଦ୍ରନାଥ ମେହେର ପୋଲିସ ଟିମ୍ ସହ ତଦନ୍ତ ଆରମ୍ଭକରି ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହାୟତାରେ ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ କରିଥିଲେ। ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ ସହ ଅସାମାଜିକ, ଅପରାଧୀ ଓ ଅଭ୍ୟାସଗତ ନିଶାଖୋର ବ୍ୟକ୍ତିଙ୍କୁ ପୋଲିସ ଡାକି ପଚରାଉଚରା କରିଥିଲା। ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇଲା ଯେ, ପୂର୍ବକଚ୍ଛରେ ଥିବା ବାତ୍ୟା ଆଶ୍ରୟସ୍ଥଳ ଛାତରେ ନାବାଳକଙ୍କୁ ହତ୍ୟା କରାଯାଇ ଚନ୍ଦନପୋଖରୀ ନିକଟରେ ଫିଙ୍ଗି ଦିଆଯାଇଛି। ବିଭିନ୍ନ ସମୟରେ ବାତ୍ୟା ଆଶ୍ରୟସ୍ଥଳରେ ଆତଯାତ ହେଉଥିବା ଲୋକଙ୍କ ଉପରେ ପୋଲିସ ତୀକ୍ଷ୍ଣ ନଜର ରଖିଥିଲା। ତେବେ ଅଭିଯୁକ୍ତ ପୂର୍ବକଚ୍ଛର ଯୋଗେନ୍ଦ୍ର ପଣ୍ଡା ଓରଫ ବାବୁଲା ସେହି ବାତ୍ୟା ଆଶ୍ରୟସ୍ଥଳ ଛାତରେ ସବୁବେଳେ ବସୁଥିବା ଓ ୨ଦିନ ଧରି ଫେରାର ଥିବା ପୋଲିସ ଜାଣିବାକୁ ପାଇଥିଲା। ଫଳରେ ପୋଲିସର ସନ୍ଦେହ ବାବୁଲାଙ୍କ ଉପରେ ଦୃଢ଼ୀଭୂତ ହୋଇଥିଲା। ୨୪ ତାରିଖ ଅପରାହ୍ଣ ୪ଟାରେ ପୋଲିସ ଅଭିଯୁକ୍ତଙ୍କୁ କାବୁ କରିଥିଲା। ତାଙ୍କୁ ପଚରାଉଚରା ପରେ ସେ ନିଜ ଦୋଷ ସ୍ୱୀକାର କରିଥିବା ପୋଲିସ ସୂଚନା ଦେଇଛି। ହତ୍ୟାକାଣ୍ଡର କାରଣ ସମ୍ପର୍କରେ ଅଭିଯୁକ୍ତ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି ଯେ, ସେ ବିସ୍କୁଟ, ଚକୋଲେଟ ସମେତ ବିଭିନ୍ନ ଖାଦ୍ୟସାମଗ୍ରୀ ଦେଇ ଗତ ଜୁଲାଇ ମାସରୁ ସମ୍ପୃକ୍ତ ନାବାଳକଙ୍କ ସହ ଅପ୍ରାକୃତିକ ଯୌନସମ୍ପର୍କ ରଖିଆସୁଥିଲେ। ଗତ ୧୬ତାରିଖରେ ଅନୁରୂପ ଭାବେ ସେ ବାତ୍ୟା ଆଶ୍ରୟସ୍ଥଳର ପ୍ରଥମ ମହଲାରେ ନାବାଳକଙ୍କୁ ଖାଦ୍ୟସାମଗ୍ରୀ ଦେଇ ଅପ୍ରାକୃତିକ ଯୌନସମ୍ପର୍କ ରଖିଥିଲେ। ହଠାତ୍ ନାବାଳକ ଜଣକ ଏ ବାବଦରେ ନିଜ ବାପାଙ୍କୁ ସବୁ କହିଦେବେ ବୋଲି ଅଭିଯୁକ୍ତଙ୍କୁ କହିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଅଭିଯୁକ୍ତ ଭୀଷଣ ଭାବେ ରାଗିଯାଇ ନିକଟରେ ପଡ଼ିଥିବା ଏକ କାଠଫାଳିଆରେ ନାବାଳକ ମୁହଁକୁ ପିଟି ଦେଇଥିଲେ। ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ଏହାପରେ ତାଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଅଭିଯୁକ୍ତ ନିଜ ଘରକୁ ଯାଇ ଏକ ଧାରୁଆ ଅସ୍ତ୍ର ଆଣିଥିଲେ। ଉକ୍ତ ଧାରୁଆ ଅସ୍ତ୍ରରେ ସେ ଅତି ନିର୍ମମ ଭାବେ ନାବାଳକଙ୍କ ବେକ ଓ ଶରୀରକୁ ବୀଭତ୍ସ ଭାବେ କାଟି ହତ୍ୟା କରିଥିଲେ।

## ସରଳ, ଉଚ୍ଚ ଚିନ୍ତନର ବ୍ୟକ୍ତି ଥିଲେ ବାଜପେୟୀ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭାଜପା ନେତୃବୃନ୍ଦ।

**କଟକ,୨୫।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଦର୍ଶିତ ପଥରେ ଆଜିର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଲିଛନ୍ତି। ବାଜପେୟୀ ଯେଉଁ ବିକଶିତ ଭାରତର ମୂଳଦୁଆ ପକାଇଥିଲେ ତାହାକୁ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ଲାଗିଛନ୍ତି। ବାଜପେୟୀଙ୍କ ଜୀବନ ଅତ୍ୟନ୍ତ ସରଳ ଓ ଉଚ୍ଚ ଚିନ୍ତନ ରହିଥିଲା। ଭାରତକୁ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିବା ସ୍ୱପ୍ନକୁ ସାର୍ଥକ କରିବା ପାଇଁ ମୋଦିଙ୍କ ହାତ ଟାଣ କରିବା ଲାଗି ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ବକ୍ତାମାନେ ନିବେଦନ କରିଛନ୍ତି। ବାଜପେୟୀଙ୍କ ଭଳି ତ୍ୟାଗପୂତ ସମର୍ପିତ ରାଜନୈତିକ ଜୀବନାଦର୍ଶରେ ଦୀକ୍ଷିତ ହୋଇ କାର୍ଯ୍ୟ କରିବା ପାଇଁ ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା କାର୍ଯ୍ୟକର୍ତ୍ତାମାନେ ସଙ୍କଳ୍ପ ନେଇଛନ୍ତି। ଭାରତ ରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୯୯ତମ ଜୟନ୍ତୀ କଟକ ନଗର ଭାଜପା ପକ୍ଷରୁ ବିଭିନ୍ନ ମଣ୍ଡଳ ସମେତ ମର୍କତନଗର, ବିଜୁ ପଟ୍ଟନାୟକ ଛକ, ମେରିଆ ବଜାର, ରାଜାବଗିଚା, ମହାନଦୀ ବିହାର, ଚୌଦ୍ୱାର ଆଦି ସ୍ଥାନରେ ପାଳନ କରାଯାଇଛି। ନଗର ଭାଜପା ସଭାପତି ଲଲାଟେନ୍ଦୁ ବଡୁ, ଚୌଦ୍ୱାର-କଟକ ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ନୂଆବଜାର ମଣ୍ଡଳ ସଭାପତି ମହିମାନନ୍ଦ ସ୍ୱାଇଁ, ମହାନଦୀ ମଣ୍ଡଳ ସଭାପତି ବିଶ୍ୱରଥି ସ୍ୱାଇଁ, କର୍ପୋରେଟର ଗୋପାଳ ବେହେରା, ଜିଲା ସାଧାରଣ ସମ୍ପାଦକ ଭାଗୀରଥି ଦଳାଇ, ବିଧାନସଭା ସଂଯୋଜକ ଚିରଞ୍ଜୀବୀ ଖଣ୍ଡାୟତରାୟ, ଓବିସି ମୋର୍ଚ୍ଚା ସଭାପତି ମହେନ୍ଦ୍ର ମହାନ୍ତି, ଗଗନ ଓଝା, ନମିତା ମିଶ୍ର, ମହମ୍ମଦ ସବୀର, ଶୁଭେନ୍ଦୁ ପାତ୍ର ପ୍ରମୁଖ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ତାଙ୍କର ସ୍ମୃତି ଚାରଣ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସହରରେ ଧୁମଧାମ୍‌ରେ ବଡ଼ଦିନ ପାଳନ

**କଟକ,୨୫।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ସହରରେ ଧୁମଧାମ୍‌ରେ ବଡ଼ଦିନ ପାଳନ ହୋଇଛି। ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିନକୁ ଖ୍ରୀଷ୍ଟ ସମ୍ପ୍ରଦାୟର ଲୋକେ କ୍ୟାରୋଲ ପ୍ରାର୍ଥନା କରି ଓ କେକ୍ କାଟି ପାଳନ କରିଛନ୍ତି। କଟକ ସହରରେ ଥିବା ପ୍ରମୁଖ ଚର୍ଚ୍ଚ ଯଥା- ବାପ୍‌ଟିଷ୍ଟ, କ୍ୟାଥୋଲିକ୍, ଓଏମ୍‌ପି ଚର୍ଚ୍ଚ, ସୂତାହାଟ ଖ୍ରୀଷ୍ଟିଆନ ସାହି ଚର୍ଚ୍ଚ, ମାଉଣ୍ଟ ହାଉସ ଚର୍ଚ୍ଚ ଅଫ୍ ଗଡ୍ ଆଦି ଚର୍ଚ୍ଚ ରଙ୍ଗିନ ଆଲୋକମାଳାରେ ସଜେଇ ହୋଇଥିବାବେଳେ ଶନିବାର ରାତ୍ରରୁ କ୍ୟାରୋଲ ପ୍ରାର୍ଥନା ଆରମ୍ଭ ହୋଇଛି। ରବିବାର ସକାଳୁ ଚର୍ଚ୍ଚଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ପ୍ରାର୍ଥନାକରି ଓ ବଡ଼ଦିନର ଶୁଭେଚ୍ଛା ପ୍ରିୟଜନଙ୍କୁ ଜଣାଇ କେକ୍ କାଟିବା ପରେ ସଙ୍ଗୀତ ଓ ନୃତ୍ୟରେ ମଜ୍ଜି ଯାଇଥିଲେ। ମସିନ ରୋଡ଼ଠାରେ ଥିବା ବାପ୍‌ଟିଷ୍ଟ ଚର୍ଚ୍ଚ ପରିସରରେ ବାରଙ୍ଗ ଅଞ୍ଚଳର ବିଜୟଲକ୍ଷ୍ମୀ ରାଉତ ଓ ତାଙ୍କ ଟିମ୍ ତିଆରି କରିଥିବା ଲିଫ୍ ଆର୍ଟରେ ସାଣ୍ଟାକ୍ଲଜ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଛି। ପ୍ରଥମକରି ଖ୍ରୀଷ୍ଟମାସ୍ ବା ବଡ଼ଦିନରେ ସାମାଜିକ ସଙ୍ଗଠନ ରୟାଲ୍ଟି ସୋସିଆଲ ସର୍ଭିସ ପକ୍ଷରୁ ବସ୍ତିର କୁନି କୁନି ଶିଶୁଙ୍କୁ ନେଇ କାର୍ଯ୍ୟକ୍ରମ, ଜୟ ଜଗନ୍ନାଥ ସେବା ସମିତି ପକ୍ଷରୁ କଟକ ଜିଲା କିଶୋରନଗର ରଟିଲୋ ମହାନଦୀ ମହାବିଦ୍ୟାଳୟଠାରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲେ। ଶିବିରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଯୋଗଦେଇ ୧ ହଜାରରୁ ଅଧିକ ଲୋକଙ୍କ ଚିକିତ୍ସା କରିଥିଲେ। ଅନ୍ୟାନ୍ୟ ସଙ୍ଗଠନ ପକ୍ଷରୁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

**ସଂକ୍ଷେପରେ**

### ସୁବାସ ଚନ୍ଦ୍ର ମହାପାତ୍ର ପାଇବେ ଆଦି ନାଟ୍ୟକାର ସମ୍ମାନ

**କଟକ,୨୫।୧୨(କାର୍ତ୍ତିକ ସାହୁ)**

ଆଦି ନାଟ୍ୟକାର ସ୍ମୃତି ସଂସଦ ପକ୍ଷରୁ ଚଳିତବର୍ଷର ଆଦି ନାଟ୍ୟକାର ସମ୍ମାନ ନାଟ୍ୟକାର ସୁବାସ ଚନ୍ଦ୍ର ମହାପାତ୍ରଙ୍କୁ ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ନାଟ୍ୟକାର ମହାପାତ୍ରଙ୍କ ରଚିତ 'ହୁସିଆର୍ ବାଘ ମାତିଛି, କରମା, କିଏ, ଜୀବନକୁ ଖୋଜୁଛି, ପରାଜିତ ପ୍ରତିଦ୍ୱନ୍ଦ୍ୱୀ, ମାଟି ନୁହେଁ ମା'ଟି, ପୁନର୍ମୂଷିକୋ ଭବ, ଏକ ଅବାସ୍ତବ କାହାଣୀ, ନିର୍ବାଣ ପଥିକ, ପ୍ରତାରିତ ଗନ୍ଧର୍ବ, ଅବୁଝା ରଜାକୁ ପାଳବିଣ୍ଡା ମନ୍ତ୍ରୀ, ମଧ୍ୟାହ୍ନରେ ସୂର୍ଯ୍ୟାସ୍ତ, ସ୍ତବ୍ଧ ନୂପୁର ଓ ଇନ୍ଦ୍ରପ୍ରସ୍ଥର ଗଳି' ପ୍ରଭୃତି ନବମୂଲ୍ୟବୋଧଭିତ୍ତିକ ନାଟକଗୁଡ଼ିକ ଓଡ଼ିଶା ତଥା ବେଙ୍ଗାଲୁରୁ, ପାଟ୍‌ନା, ବୋକାରୋ, ଭୋପାଳ ଆଦି ସ୍ଥାନରେ ମଞ୍ଚସ୍ଥ ହୋଇ ଦର୍ଶକଙ୍କ ପ୍ରିୟଭାଜନ ହୋଇପାରିଛି। ଜଣେ ଖ୍ୟାତନାମା ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଅଭିନେତା ଓ ନାଟ୍ୟ ସଙ୍ଗଠକ ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଡିସେମ୍ବର ୨୬ ସନ୍ଧ୍ୟାରେ ଶ୍ରୀରାମଚନ୍ଦ୍ର ଭବନରେ ହେବାକୁଥିବା ଆଦି ନାଟ୍ୟକାର ଜଗନ୍ମୋହନ ଲାଲଙ୍କ ୧୧୦ତମ ସ୍ମୃତି ଉତ୍ସବରେ ନାଟ୍ୟକାର ମହାପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ସ୍ମୃତି ସଂସଦର ସମ୍ପାଦକ ସୁକାନ୍ତ କୁମାର ନନ୍ଦ ଏବଂ ସହଯୋଗୀ ସମ୍ପାଦକ କମଳ ମାହୁନ୍ତ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।



କେଭିକେ ଅଡିଟୋରିୟମରେ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଓଡ଼ିଶା ପକ୍ଷରୁ ପ୍ରତିଭା ପୂଜା ଏବଂ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ପ୍ରତିଭା ପରିଚୟ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।(ଫଟୋ: ରାଜକିଶୋର ମହାନ୍ତି)

## ଅମରେନ୍ଦ୍ର ମହାନ୍ତିଙ୍କୁ ଦ୍ୱାରିକାମୋହନ ମିଶ୍ର ସ୍ମୃତି ସମ୍ମାନ

**କଟକ,୨୫।୧୨(କାର୍ତ୍ତିକ ସାହୁ)**



**ସଂଗ୍ରାମୀ ଦ୍ୱାରିକାମୋହନ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା**

ଶ୍ରମିକନେତା, ଲେଖକ ଓ ବରିଷ୍ଠ ଖବରଦାତା ସ୍ୱର୍ଗତ ଦ୍ୱାରିକାମୋହନ ମିଶ୍ରଙ୍କ ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ସୋମବାର ପାଳିତ ହୋଇଯାଇଛି। ସଂଗ୍ରାମୀ ଦ୍ୱାରିକାମୋହନ ମିଶ୍ର ସ୍ମୃତି ସଂସଦ ପକ୍ଷରୁ ସିଡିଏସ୍ଥିତ ଜୟପ୍ରକାଶ ନାରାୟଣ ପାର୍କ ଫାଟକ ସମ୍ମୁଖରେ ଆୟୋଜିତ ସଭାରେ ପୂର୍ବତନ ଆଇ.ଜି ତଥା ସାହିତ୍ୟିକ ରାଜକିଶୋର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶିଳ୍ପୀ ରବି ରଥ ଓ ମୁଖ୍ୟବକ୍ତା ଭାବେ ରେଭେନ୍‌ଶା କଲେଜର ପୂର୍ବତନ ସଭାପତି ତପନ ମିଶ୍ର ଯୋଗଦେଇ ଦ୍ୱାରିକାବାବୁଙ୍କ ଗୁଣାବଳୀ ଆଲୋଚନା କରିଥିଲେ। ଏହି ଅବସରରେ ବାମପନ୍ଥୀ ନେତା ଅମରେନ୍ଦ୍ର ମହାନ୍ତିଙ୍କୁ ଚଳିତ ବର୍ଷର ସଂଗ୍ରାମୀ ଦ୍ୱାରିକାମୋହନ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କୁ ଉପାୟନ, ପୁଷ୍ପଗୁଚ୍ଛ, ମାନପତ୍ର ଓ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱପ୍ରକାଶ ଦାଶ ମାନପତ୍ର ପାଠ, ପଣ୍ଡିତ ବେଣୁଧର ଦାଶଶର୍ମା ଓ ପଣ୍ଡିତ ହିମାଂଶୁଭୂଷଣ ରଥଶର୍ମା ମଙ୍ଗଳାଷ୍ଟକ ଓ ଶାନ୍ତିପାଠ କରିଥିଲେ। ବିକ୍ରମ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସ୍ମୃତି ସଂସଦର ମହାସଚିବ ପ୍ରଫେସର ଡ. ଜ୍ଞାନଗୁରୁ ଦାସ ଆଭିମୁଖ୍ୟ ସୂଚନା ଦେଇଥିଲେ। ପ୍ରଦୀପ ଦାସ, ଗଜେନ୍ଦ୍ରନାଥ ସାହୁ, ମହେନ୍ଦ୍ର କୁମାର ମହାପାତ୍ର, ଗଦାଧର ସାହୁ, ପ୍ରତାପ କୁମାର ନାୟକ, ବିଜୟ ଓଝା, ମୁକେଶ କୁମାର ମିଶ୍ର, ପ୍ରଫେସର ଅନନ୍ତ ଚରଣ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଶୋକ କୁମାର ସେନାପତି ଧନ୍ୟବାଦ ଦେଇଥିଲେ।

### ସଂଘର୍ଷ କ୍ଲବ ଚାମ୍ପିୟନ

**କଟକ ସଦର,୨୫।୧୨(ସୁଶାନ୍ତ ଜେନା)**

କଟକ ସଦର ବ୍ଲକ ଅଧୀନ କଳପଡ଼ା ପଞ୍ଚାୟତ କପ୍ ଦିନିକିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ସୋମବାର ଦେଉଳିସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚ୍‌ରେ ମା' ମଙ୍ଗଳା ଫୁଟବଲ ଟିମ୍ ଗୋଠପୁରକୁ ହରାଇ ଭୁବନେଶ୍ୱରର ସଂଘର୍ଷ କ୍ଲବ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମନୋଜ ନାୟକ,ବିଭୂତି ଭୂଷଣ ପରିଡ଼ା, ସରୋଜ ନାୟକ, ଶରତ ରାୟ, ମନୋରଞ୍ଜନ ମହାପାତ୍ର, ଜୀବନ ସାମନ୍ତରାୟ, ଅଶୋକ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ।



ସୋମବାର ଚୌଦ୍ୱାର ଭାଜପା ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳନ କରାଯାଉଛି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**କଟକ,୨୫।୧୨(କାର୍ତ୍ତିକ ସାହୁ)**

ବାଲୁବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ମାଣିକଘୋଷ ବଜାରସ୍ଥିତ ମାରୱାଡି କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବ୍ରଜମୋହନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ମୁଖ୍ୟବକ୍ତା ସଂସ୍କୃତ ଭାରତୀ ପୂର୍ବକ୍ଷେତ୍ର ସଂଯୋଜକ ନୃସିଂହ ଚରଣ ପଣ୍ଡା, ସମ୍ମାନିତ ଅତିଥି କଟକ ଜିଲା ସହ ପ୍ରମୁଖ ସଞ୍ଜୟ କୁମାର ଦଳେଇ ଯୋଗଦେଇ ଶିଶୁମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ଉପରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'ଜ୍ଞାନାଞ୍ଜନା' ଉନ୍ମୋଚନ ସହ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ ଅଞ୍ଜନ କୁମାର ଜେନା ଅତିଥି ପରିଚୟ, ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ଶତପଥୀ ବିବରଣୀ ପାଠ ଓ କ୍ଷୀରୋଦ ଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଆ କା ଦଳ ବିଜୟୀ

**କଟକ ସଦର,୨୫।୧୨(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ଦୀଘି ଗ୍ରାମର ବାପୁଜୀ କ୍ଲବ ଆନୁକୂଲ୍ୟରେ ରବିବାର ପ୍ରକାଶ ମେମୋରିଆଲ ଦିନିକିଆ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବାରଦା ଟିମ୍‌କୁ ଟାଏ ବ୍ରେକରରେ ଗୋଟିଏ ଗୋଲ୍‌ରେ ହରାଇ କିଶୋର ନଗରର ଆ କା ଦଳ ବିଜୟୀ ହୋଇଛି। ଆୟଉପୁର ସରପଞ୍ଚ ରାକେଶ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ପ୍ରଫୁଲ୍ଲ କୁମାର ସିଂହ, ରଜନୀକାନ୍ତ ସାହୁ, ଜ୍ୟୋତ୍ସ୍ନାରାଣୀ ରାଉତରାୟ, ମିଳି ସେଠୀ ଯୋଗଦେଇ ବିଜୟୀ ଓ ରନର୍ସ ଅଫ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ପ୍ରଶାନ୍ତ ଦାସ ଓ ସୁବୋଧ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ବିଜୟୀ ଦଳକୁ ପୁରସ୍କୃତ କରାଯାଉଛି।

## 'ସାହିତ୍ୟର ବିକାଶରେ ପ୍ରକାଶକଙ୍କ ଗୁରୁଦାୟିତ୍ୱ ରହିଛି'

**ତରୁଣକାନ୍ତି ମିଶ୍ର ପାଇଲେ ପୀତାମ୍ବର ମିଶ୍ର ସାରସ୍ୱତ ସମ୍ମାନ**

**କଟକ,୨୫।୧୨(କାର୍ତ୍ତିକ ସାହୁ)**



କାର୍ଯ୍ୟକ୍ରମରେ କଥାକାର ତରୁଣକାନ୍ତି ମିଶ୍ରଙ୍କୁ ପୀତାମ୍ବର ମିଶ୍ର ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

ପୀତାମ୍ବର ମିଶ୍ର ଫାଉଣ୍ଡେଶନ ପକ୍ଷରୁ ପ୍ରକାଶକ ତଥା ସାରସ୍ୱତ ସାଧକ ପୀତାମ୍ବର ମିଶ୍ରଙ୍କ ସ୍ମୃତି ସମାରୋହ ଶାରଳା ଭବନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ମୁଖ୍ୟ ଅତିଥି ଭାବେ ଛତିଶଗଡ଼ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ ଉଦ୍‌ଘାଟନ କରି କହିଲେ ସାହିତ୍ୟର ବିକାଶରେ ପ୍ରକାଶକଙ୍କ ଗୁରୁଦାୟିତ୍ୱ ରହିଛି। ପ୍ରକାଶକମାନେ ହେଉଛନ୍ତି ଲେଖକମାନଙ୍କ ପ୍ରେରଣାର ଉତ୍ସ। ଆଜୀବନ ଲେଖକମାନଙ୍କୁ ପ୍ରୋତ୍ସାହିତ କରୁଥିବା ପ୍ରକାଶକ ଥିଲେ ପୀତାମ୍ବର ମିଶ୍ର। ମୁଖ୍ୟବକ୍ତା ଡ. ରାମଚନ୍ଦ୍ର ବେହେରା କହିଲେ ସାହିତ୍ୟର ବିଭିନ୍ନ ବିଭାଗରେ ବହୁ ଉପାଦେୟ ପୁସ୍ତକ ପ୍ରକାଶନ କରି ପୀତାମ୍ବରବାବୁ ସାହିତ୍ୟ ଓ ସାରସ୍ୱତ ସାଧକମାନଙ୍କୁ ବଳିଷ୍ଠ କରିବାରେ ସହାୟକ ହୋଇଛନ୍ତି। ସମ୍ମାନିତ ଅତିଥି ଓଡ଼ିଶା ହାଇକୋର୍ଟର ପ୍ରାକ୍ତନ ବିଚାରପତି ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀ କହିଲେ, ଓଡ଼ିଆରେ ନିର୍ଭୁଲ ପ୍ରକାଶନ ପାଇଁ ପୀତାମ୍ବର ବାବୁ ସର୍ବଦା ଗୁରୁତ୍ୱ ଦେଉଥିଲେ। ସମ୍ମାନିତ ବକ୍ତା ଡ. ବିଜୟାନନ୍ଦ ସିଂ କହିଲେ ପ୍ରକାଶନ ଦୁନିଆରେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ ହେଉଛନ୍ତି ପୀତାମ୍ବର ମିଶ୍ର। ଏହି ଅବସରରେ ଫାଉଣ୍ଡେଶନ ପକ୍ଷରୁ କଥାକାର ତରୁଣକାନ୍ତି ମିଶ୍ରଙ୍କୁ ଚଳିତ ବର୍ଷର ପୀତାମ୍ବର ମିଶ୍ର ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କୁ ୫୦ ହଜାର ଟଙ୍କାର ଅର୍ଥ ରାଶି ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇଥିଲା। ସଭାପତି ଡ. ସ୍ୱାଇଁ ସାରଳା ମାଟିର ସୁଯୋଗ୍ୟ ସନ୍ତାନ ଭାବେ ପିତାମ୍ବରବାବୁଙ୍କୁ ବର୍ଣ୍ଣନା କରିଥିଲେ। ପ୍ରକାଶନ ଶିଳ୍ପକୁ ଶୀର୍ଷରେ ପହଞ୍ଚାଇବାରେ ତାଙ୍କର ଅଗ୍ରଣୀ ଭୂମିକା ଥିବା ସେ କହିଥିଲେ। ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଶର୍ମିଷ୍ଠା ମହାପାତ୍ର ମାନପତ୍ର ପାଠ କରିଥିଲେ। ବିଦ୍ୟାପୁରୀ ପ୍ରକାଶନ ସଂସ୍ଥାର ସ୍ୱତ୍ୱାଧିକାରୀ ଜୀବନାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଇନ୍ଦ୍ରଦ୍ୟୁମ୍ନ ପୋଖରୀରେ ସୁଡ଼ଙ୍ଗ ଠାବ ଚର୍ଚ୍ଚା

ପୁରୀ,୨୫ା୧୨(ଅଜିତ୍ ମହାନ୍ତି)



ଇନ୍ଦ୍ରଦ୍ୟୁମ୍ନ ପୋଖରୀ ପରିସରରେ ଏକ ସୁଡ଼ଙ୍ଗର ସନ୍ଧାନ ମିଳିଛି। ତେବେ ସୁଡ଼ଙ୍ଗର ପ୍ରବେଶ ପଥ ବେଶୀ ବଡ଼ ନ ଥିବାବେଳେ ବହୁ ଦୂର ପର୍ଯ୍ୟନ୍ତ ଲମ୍ବିଥିବା ଅନୁମାନ କରାଯାଉଛି। କିଛିମାସ ହେବ ଏହି ପୋଖରୀର ଉନ୍ନତୀକରଣ ପାଇଁ ପାଣି ଶୁଖାଯାଉଥିଲା। ପାଣି ଶୁଖିଯିବା ପରେ ପୋଖରୀ ଭିତରେ ଗୋଟିଏ ସୁଡ଼ଙ୍ଗ ଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ସ୍ଥାନୀୟ ବାସିନ୍ଦା ଦିଲୀପ କୁମାର ଲେଙ୍କା କହିଛନ୍ତି, ପିଲାବେଳେ ତାଙ୍କ ବାପାଙ୍କଠାରୁ ସେ ଶୁଣିବାକୁ ପାଇଥିଲେ ଯେ, ଇନ୍ଦ୍ରଦ୍ୟୁମ୍ନ ପୋଖରୀର ଉତ୍ତରପାର୍ଶ୍ୱସ୍ଥ ଯେଉଁଠାରୁ ସୁଡ଼ଙ୍ଗ ବାହାରିଛି, ସେଠାରେ ଜଣେ ସାଧୁ ପଦ୍ମାସନ କରି ଯୋଗ କରୁଥିଲେ। ହଠାତ୍ ଦିନେ ସେଇ ସୁଡ଼ଙ୍ଗ ଦେଇ ଗୋଟିଏ କୁମ୍ଭୀର ଆସି ତାଙ୍କୁ ଗିଳି ଦେଇଥିଲା। ତେଣୁ ବହୁ ପୁରାତନ କାଳରୁ ଏହି ସୁଡ଼ଙ୍ଗ ଥିବା ସ୍ଥାନୀୟ ପୁରୁଖା ଲୋକେ ଜାଣିଛନ୍ତି। ସୁଡ଼ଙ୍ଗ ନିକଟରେ ପାହାଚ ଥିଲା ଓ ସେତେବେଳେ ସ୍ଥାନୀୟ ଲୋକେ ଇନ୍ଦ୍ରଦ୍ୟୁମ୍ନ ପୋଖରୀରେ ସ୍ନାନ କରୁଥିଲେ। କାଳକ୍ରମେ ସେହି ସୁଡ଼ଙ୍ଗ ଉଜର ପାଣି ହୋଇଯିବାରୁ ଆଉ କିଛି ଦେଖିବାକୁ ଅବା ଶୁଣିବାକୁ ମିଳି ନ ଥିଲା। ବର୍ତ୍ତମାନ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ପୁନରୁଦ୍ଧାର କାର୍ଯ୍ୟ ଚାଲିବାକୁ ଥିବାରୁ ସେଥିରୁ ପାଣି ନିଷ୍କାସନ କରାଯିବା ପରେ ଏହି ସୁଡ଼ଙ୍ଗ ନଜରକୁ ଆସିଛି। ତେବେ ଏହି ସୁଡ଼ଙ୍ଗ କେତେବାଟ ଲମ୍ବିଛି ତାହା ଜଣାପଡ଼ିନାହିଁ। ଏନେଇ ଅନୁସନ୍ଧାନ ହେବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି। ପାଣି ନିଷ୍କାସନ ଯୋଗୁ ସୁଡ଼ଙ୍ଗ ବାହାରିଛି ନା ପ୍ରକୃତପକ୍ଷେ ତାହା ଗୁପ୍ତ ସୁଡ଼ଙ୍ଗ ସେ ନେଇ ଅନୁସନ୍ଧାନ ପରେ ସତ୍ୟାସତ୍ୟ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।



ବଡ଼ଦିନ ଅବସରରେ ସୋମବାର ପୁରୀ ବେଳାଭୂମିରେ ପର୍ଯ୍ୟଟକମାନେ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ସମୁଦ୍ର ସ୍ନାନର ମଜା ନେଉଛନ୍ତି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫ା୧୨ା୨୦୨୩

| ୬,୧୪,୪୧୧ ଟଙ୍କା | |
|---|---|
| ସୁନା | ୦୫.୯୦୦ ଗ୍ରାମ୍ |
| ରୁପା | ୩୮.୫୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ମାଟି ଭାଷାର ଅଷ୍ଟମ ସ୍ୱନକ୍ଷତ୍ର ଉତ୍ସବ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତୀକ ଓଡ଼ିଶୀ ନୃତ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟା ୩୦।
- ତୋଷାଳି ମେଳା, ଜନତା ମଇଦାନ, ଅପରାହ୍ନ ୨ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଧର୍ମବିହାରର ଊନତ୍ରିଂଶତମ ବାର୍ଷିକୋତ୍ସବ, ବିଦ୍ୟାଳୟ ପରିସର, ଖଣ୍ଡଗିରି, ଅପରାହ୍ନ ୪ଟା ୩୦।
- ବିୟଣ୍ଡ ବର୍ଡରର ଓଡ଼ିଆ ଏବଂ ବଙ୍ଗଳା କବିତା, ଗୀତଗୋବିନ୍ଦ ସଦନ, ଅପରାହ୍ନ ୫ଟା ୩୦।
- ୨ୟ ପ୍ରାଚୀ ନୃତ୍ୟ ଓ ସଙ୍ଗୀତ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ
- ଏଲଆର୍ ଡିଏଭି ଏବଂ ଡିଏଭି ଏସ୍‌ସିବି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନ, ଓଏସ୍‌ଏପି ଫୁଟବଲ ପଡ଼ିଆ, ଓଏମ୍‌ପି ଛକ, ପୂର୍ବାହ୍ନ ୯ଟା।
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଘାଟନ ସମାରୋହ, ଓଷ୍ଟା ପରିସର, ନୟାସଡ଼କ, ଅପରାହ୍ନ ୫ଟା।

ବଡ଼ମ୍ବା
- ରକ୍ତଦାନ ଶିବିର, ବୈକୁଣ୍ଠ ସ୍ମୃତି ସଦନ, ବଡ଼ମ୍ବା ଟେନିସ ପଡ଼ିଆ, ସକାଳ ୯ଟା।
- ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ ପାଳିତ, ସୁନାପାଳ ଦଳୀୟ କାର୍ଯ୍ୟାଳୟ, ଅପରାହ୍ନ ୧ଟା।

## ସମୁଦ୍ରରେ ବୁଡ଼ିଯାଇ ପର୍ଯ୍ୟଟକ ମୃତ

**ପୁରୀ, ୨୫ା୧୨(ଅଜିତ ମହାନ୍ତି):** ପୁରୀ ସମୁଦ୍ରରେ ସ୍ନାନ କରୁଥିବାବେଳେ ବୁଡ଼ିଯାଇ ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ତେବେ ତାଙ୍କ ପରିଚୟ ମିଳିପାରିନାହିଁ। ସୂଚନା ଅନୁଯାୟୀ, ସୋମବାର ଚକ୍ରତୀର୍ଥ ବେଳାଭୂମି ନିକଟରେ ପର୍ଯ୍ୟଟକ ଜଣକ ଗାଧୋଉଥିଲେ। ଏହି ସମୟରେ ବଡ଼ ଲହଡ଼ି ଆସିବାରୁ ସେ ସମୁଦ୍ର ଭିତରକୁ ଭାସିଯାଇ ବୁଡ଼ିଯାଇଥିଲେ। ସ୍ଥାନୀୟ ନୋଳିଆ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## କାମିୟା ବିବାଦର ଯାଞ୍ଚ ହେଉ: ଭିଏଚ୍‌ପି

**ପୁରୀ,୨୫ା୧୨(ଅଜିତ୍ ମହାନ୍ତି):** ୟୁଟ୍ୟୁବର୍ କାମିୟା ଜାନିଙ୍କ ଶ୍ରୀମନ୍ଦିର ପ୍ରବେଶକୁ ନେଇ ଉଠିଥିବା ବିବାଦର ଯାଞ୍ଚ କରିବା ପାଇଁ ରାଜ୍ୟ ସରକାରଙ୍କୁ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ଅନୁରୋଧ କରାଯାଇଛି। ସୋମବାର ପୁରୀର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱ ହିନ୍ଦୁ ପରିଷଦର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ରବୀନ୍ଦ୍ର ନାରାୟଣ ସିଂ କହିଛନ୍ତି, କାମିୟାଙ୍କ ଦ୍ୱାରା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ମହାପ୍ରସାଦର ପ୍ରଚାରପ୍ରସାରକୁ ନେଇ ବିବାଦ ଦେଖାଦେଇଛି। ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି ଯେ, କାମିୟା ଗୋମାଂସ ଭକ୍ଷଣ କରୁଛନ୍ତି, ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ଦେଖିବାକୁ ମିଳୁଛି। ତେବେ କାମିୟା ଏ ନେଇ ନିଜ ତରଫରୁ ସ୍ପଷ୍ଟୀକରଣ ରଖି ସାରିଥିବା ବେଳେ ଏହାର ସତ୍ୟତା ଯାଞ୍ଚ କରାଯିବାକୁ ସିଂ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ସେହିପରି ତୁରନ୍ତ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲା ନ ଗଲେ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଅଯୋଧ୍ୟା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସବୁ ଓଡ଼ିଆ ସାମିଲ ହେବାକୁ ପରିଷଦର ମୁଖପାତ୍ର ଦେବଜୀ ଭାଇ ରାଓ୍ୱତ ନିବେଦନ କରିଛନ୍ତି। ଉକ୍ତ ଦିନ ମନ୍ଦିରର ସମସ୍ତ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଉ ବୋଲି ସେ କହିଛନ୍ତି।

# ଲୋକୋପାଇଲଟଙ୍କୁ ତଳକୁ ଠେଲି ଇଞ୍ଜିନ୍ ଭିତରେ ପଶିଲେ ୩ ଯୁବକ

## ଡେଲାଙ୍ଗ ରେଳ ଷ୍ଟେଶନରେ ଆତଙ୍କ

### ଦେଢ଼ଘଣ୍ଟା ଅଟକିଲା ଟ୍ରେନ୍
### ଯାତ୍ରୀ ଚଢ଼ିବାକୁ ନେଇ ହୋଇଥିଲା ଗଣ୍ଡଗୋଳ

ଡେଲାଙ୍ଗ,୨୫ା୧୨(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ରେଳ ଷ୍ଟେଶନରେ ସୋମବାର ଯାତ୍ରୀ ଚଢ଼ିବାକୁ ନେଇ ଗଣ୍ଡଗୋଳରୁ ଆତଙ୍କିତ ପରିସ୍ଥିତି ସୃଷ୍ଟି ହୋଇଥିଲା। ୩ ଜଣ ଯୁବକ ଲୋକୋ ପାଇଲଟଙ୍କୁ ତଳକୁ ଠେଲି ଟ୍ରେନ୍ ଇଞ୍ଜିନ୍‌ରେ ପଶିଥିଲେ। ବଡ଼ ଅଘଟଣ ଆଶଙ୍କାରେ ପୁରୀ–ଜଳେଶ୍ୱର ଯାତ୍ରୀବାହୀ ଟ୍ରେନ୍‌ଟି ଷ୍ଟେଶନରେ ପ୍ରାୟ ଦେଢ଼ଘଣ୍ଟା ଅଟକି ରହିଥିଲା। ସମ୍ପୃକ୍ତ ଯୁବକଙ୍କୁ ଡେଲାଙ୍ଗ ଥାନା ଅଧିକାରୀ ଦେବାଶିଷ ମହାନ୍ତି କାବୁ କରି ଜିଆର୍‌ପି ପୋଲିସକୁ ହସ୍ତାନ୍ତର କରିଛନ୍ତି।

ସୂଚନା ମୁତାବକ, ପୁରୀ–ଜଳେଶ୍ୱର ଯାତ୍ରୀବାହୀ ଟ୍ରେନ୍‌ଟି ସୋମବାର ଯଥା ସମୟରେ ପୁରୀରୁ ବାହାରି ଯାତ୍ରା ଆରମ୍ଭ କରିଥିଲା। ଟ୍ରେନ୍‌ରେ ହରିୟାଣା ରାଜ୍ୟର ୩ ଜଣ ଯୁବକ ଯାତ୍ରା କରୁଥିଲେ। ଟ୍ରେନ୍‌ଟି ଡେଲାଙ୍ଗ ରେଳ ଷ୍ଟେଶନରେ ପହଞ୍ଚିବା ପରେ ରେଞ୍ଚ ପଞ୍ଚାୟତ ଅଧୀନ ବେଲେଶ୍ୱର ପାଟଣା ଗ୍ରାମର ଜଣେ ମହିଳା ତାଙ୍କ ବିବାହିତା ଝିଅ ସହିତ ଟ୍ରେନ୍‌ରେ ଚଢିବାବେଳେ ସମ୍ପୃକ୍ତ ୩ ଯୁବକ ତାଙ୍କୁ ଟ୍ରେନ୍‌ରେ ଚଢିବାକୁ ବାଟ ଛାଡ଼ି ନ ଥିଲେ। ମହିଳା ଦ୍ୱୟ ଟ୍ରେନ୍‌ରେ ଚଢିଲା ପରେ ସେମାନେ ତାଙ୍କ ସହ ପାଟିତୁଣ୍ଡ କରିଥିଲେ। ପରେ ମହିଳାଙ୍କୁ ଛାଡ଼ିବାକୁ ଆସିଥିବା ତାଙ୍କ ପୁଅ ଓ ୩ ଯୁବକଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ସେ ୩ ଜଣ ଯୁବକ ମହିଳାଙ୍କ ସମେତ ଯୁବକ ଜଣକୁ ଗାଡ଼ିରୁ ମାଡ ଓ ଧକ୍କା ମାରି ତଳକୁ ଓହ୍ଲାଇ ଦେଇଥିଲେ। ଅନ୍ୟପଟେ ଯୁବକ ଜଣକ ନିଜ ସମ୍ପର୍କୀୟଙ୍କୁ ଘଟଣା ବିଷୟରେ ଜଣାଇବା ପରେ ଗ୍ରାମରୁ ୧୫ରୁ ଊର୍ଦ୍ଧ୍ୱ ଯୁବକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ସମ୍ପୃକ୍ତ ୩ ଯୁବକ ଟ୍ରେନର ବଗିରୁ ଦୌଡି ଇଞ୍ଜିନ ଭିତରେ ପ୍ରବେଶ କରିବା ସହିତ ଲୋକୋପାଇଲଟଙ୍କୁ ଭୟଭୀତ କରାଇ ତଳକୁ ଠେଲି ଭିତରପଟୁ ଇଞ୍ଜିନର ଦୁଆର ବନ୍ଦ କରି ଦେଇଥିଲେ। ଫଳରେ ଟ୍ରେନ୍‌ଟି ଡେଲାଙ୍ଗ ରେଳ ଷ୍ଟେଶନରେ ପ୍ରାୟ ଦେଢ଼ ଘଣ୍ଟା ଅଟକି ରହିବା ଯୋଗୁ ଯାତ୍ରୀମାନେ ହନ୍ତସନ୍ତ ହୋଇଥିଲେ। ରେଳବାଇ ପୋଲିସ ପକ୍ଷରୁ ସ୍ଥାନୀୟ ଡେଲାଙ୍ଗ ଥାନାକୁ ଏନେଇ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ଡେଲାଙ୍ଗ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିଥିଲେ, ହେଲେ ସ୍ଥାନୀୟ ପୋଲିସ ଆସିବା ପରେ ମଧ୍ୟ ଯୁବକମାନେ ଇଞ୍ଜିନ ଡୋର ଖୋଲି ନ ଥିଲେ। ଘଟଣାସ୍ଥଳରେ ଜଣେ ରେଳବାଇ ପୋଲିସ ଚାଲାଖି କରି ଇଞ୍ଜିନର ପଛପଟୁ ପ୍ରବେଶ କରି ଡୋର ଖୋଲିବାରେ ସଫଳ ହୋଇଥିଲେ। ଉକ୍ତ ଯୁବକଙ୍କୁ ସ୍ଥାନୀୟ ପୋଲିସ ସହାୟତାରେ ଡେଲାଙ୍ଗ ଥାନାକୁ ଅଣାଯାଇ ଅଟକ ରଖାଯାଇଥିବାବେଳେ ସନ୍ଧ୍ୟାରେ ଥାନା ଅଧିକାରୀ ଦେବାଶିଷ ମହାନ୍ତି ୩ ଜଣ ଯୁବକଙ୍କୁ ଜିଆର୍‌ପି ପୋଲିସକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଅନ୍ୟପଟେ ମହିଳାଙ୍କ ବ୍ୟାଗରେ ଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀ, ଶିଶୁ ଖାଦ୍ୟ ଓ ଲୁଗାପଟା ନଷ୍ଟ ହୋଇଯାଇଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି।

## ଆଜିଠୁ ନିମନ୍ତ୍ରଣପତ୍ର ବାଣ୍ଟିବାକୁ ଯିବ ଟିମ୍

### ୧୭ରେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ

**ପୁରୀ, ୨୫ା୧୨(ଅଜିତ ମହାନ୍ତି):** ଜାନୁୟାରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ପୁରୀ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଲୋକାର୍ପଣ ଉତ୍ସବରେ ଯୋଗଦେବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ସମେତ ପ୍ରମୁଖ ମନ୍ଦିର, ସାଧୁସନ୍ଥଙ୍କୁ ନିମନ୍ତ୍ରଣ କରାଯିବ। ପରମ୍ପରା ଅନୁଯାୟୀ, ପ୍ରଥମ ନିମନ୍ତ୍ରଣପତ୍ର ମହାପ୍ରଭୁଙ୍କୁ ଅର୍ପଣ କରାଯିବା ପରେ ଅନ୍ୟ ଦେବଦେବୀଙ୍କୁ ନିମନ୍ତ୍ରଣ ପାଇଁ ସେବାୟତମାନେ ମଙ୍ଗଳବାର ଯାତ୍ରା ଆରମ୍ଭ କରିବେ। ସୂଚନା ଅନୁଯାୟୀ, ନିମନ୍ତ୍ରଣପତ୍ର ବାଣ୍ଟିବା ପାଇଁ ରାଜ୍ୟ ବାହାରକୁ ୧୭ଟି ଓ ରାଜ୍ୟ ଭିତରେ ୧୪ଟି ଦଳ ଯାତ୍ରା କରିବେ। ମଙ୍ଗଳବାର ଟିମ୍ ଭକ୍ତନିବାସଠାରୁ ସକାଳ ୮ଟା ୩୦ରେ ସ୍ୱତନ୍ତ୍ର ଗାଡ଼ିରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବେ। ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ ଦିଆଯିବ। ପରେ ସମସ୍ତ ଟିମ୍ ନିମନ୍ତ୍ରଣ ପାଇଁ ବିଭିନ୍ନ ସ୍ଥାନକୁ ଯାତ୍ରା ଆରମ୍ଭ କରିବେ। ପ୍ରତ୍ୟେକ ଟିମ୍‌ରେ ଜଣେ ଲେଖାଏ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିବେ।

# ଅମରେଶଙ୍କୁ ଚଉଷଠି ଯୋଗିନୀ ସାହିତ୍ୟ ସମ୍ମାନ

### ସପ୍ତଦଶ ଯୋଗିନୀ ମହୋତ୍ସବ ଉଦ୍‌ଯାପିତ

ବାଲକାଟୀ,୨୫ା୧୨(ମନୋଜ ମଣ୍ଡଳ)




ଅତିଥିମାନେ ଲେଖକ ଅମରେଶ ପଟ୍ଟନାୟକଙ୍କୁ 'ଚଉଷଠି ଯୋଗିନୀ ସାହିତ୍ୟ ସମ୍ମାନ' ଓ ଅଞ୍ଜନ ସାହୁଙ୍କୁ 'ଚିତ୍ରକଳା ସମ୍ମାନ' ପ୍ରଦାନ କରୁଛନ୍ତି।

ହୀରାପୁରସ୍ଥିତ ମହାମାୟାଙ୍କ ପୀଠରେ ୩ ଦିନ ବ୍ୟାପୀ ଚାଲିଥିବା ସପ୍ତଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ନୃତ୍ୟ ପ୍ରତିଭା ଅନୁଷ୍ଠାନ ଓ ହୀରାପୁର ଗ୍ରାମ୍ୟ ସମନ୍ୱୟ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ନୃତ୍ୟ ପ୍ରତିଭାର ସଭାପତି ଡ. ରଜନୀ ରଞ୍ଜନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟଶାଣୀ ଯୋଗଦେଇ ୧୭ ବର୍ଷ ଧରି ମହାମାୟାଙ୍କ ପୀଠରେ ଏଭଳି ଏକ ଅନ୍ତର୍ଜାତୀୟ ମହୋତ୍ସବ କରି ଆସୁଥିବା ନୃତ୍ୟ ପ୍ରତିଭା ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ପଣ୍ଡିତ ନିତ୍ୟାନନ୍ଦ ମିଶ୍ର, ଗୁରୁ ସ୍ନେହପ୍ରଭା ସାମନ୍ତରାୟ, ଜିକେସିଏମ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ (ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର) ଶିକ୍ତା ଦାଶ ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାର ସାଂସ୍କୃତିକ ପର୍ବର ପ୍ରଥମ ପ୍ରସ୍ତୁତିରେ ମୁମ୍ବାଇରୁ ଆସିଥିବା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଓଡ଼ିଶୀ ନୃତ୍ୟାଙ୍ଗନା ଉମା ଡୋ ଗ୍ରା ଓ ସାଥୀମାନେ ଦଳଗତ କଥକ ନୃତ୍ୟ ପରିବେଷଣ କରିଥିଲେ, ଯାହା ଶୀତୁଆ ରାତିରେ ଦର୍ଶକଙ୍କ ମନକୁ ବେଶ ଛୁଇଁଥିଲା। ଦ୍ୱିତୀୟ ପ୍ରସ୍ତୁତିରେ ସୁଦୂର ଆମେରିକାରୁ ଆସିଥିବା ଓଡ଼ିଶୀ ନୃତ୍ୟ ଶିଳ୍ପୀ ସୁଚିଲଗ୍ନା ପାଣିଗ୍ରାହୀ ଓ ତାପସୀ ପାଣିଗ୍ରାହୀ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ପରେ ଦଶଭୁଜା ଗୋଟିପୁଅ ପରିଷଦ, ରଘୁରାଜପୁରର କଳାକାରଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟାର ଅନ୍ତିମ ପ୍ରସ୍ତୁତିରେ ପାଇକ ଆଖଡ଼ା ନୃତ୍ୟ, ଖୋର୍ଦ୍ଧା ଜିଲା ମାନସିଂପୁର ଚିଲିକା ରାଣୀ ପାଇକ ଆଖଡ଼ା ପକ୍ଷରୁ ପରିବେଷଣ କରାଯାଇଥିଲା। ଦଳଗତ ଏହି ପାଇକ ଆଖଡ଼ା ପ୍ରଦର୍ଶନରେ କଳାକାର ଖଣ୍ଡା, ଢାଲ, ବର୍ଚ୍ଛା, ପଥରଭଙ୍ଗା, ନଡ଼ିଆ ଭଙ୍ଗା, ନିଆଁ ଆଦି ସମରକଳାକୁ ନୃତ୍ୟ ମାଧ୍ୟମରେ ବେଶ ନିଖୁଣ ଭାବେ ପ୍ରଦର୍ଶନ କରିଥିଲେ। ଚଳିତବର୍ଷ ପାଇଁ ଚଉଷଠି ଯୋଗିନୀ ସାହିତ୍ୟ ସମ୍ମାନ ପ୍ରଖ୍ୟାତ ଲେଖକ ଅମରେଶ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିବାବେଳେ, ଚିତ୍ରକଳା ସମ୍ମାନ ଚିତ୍ରଶିଳ୍ପୀ ଅଞ୍ଜନ ସାହୁଙ୍କୁ ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମଙ୍କୁ ଇଂ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଦୀପ୍ତ



@ ଦେବେନ୍ଦ୍ର



@ ପୀୟୁଷ



@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୨୭ରେ କିଟ୍ ନମ୍ବିପରୀ ଗ୍ରାଣ୍ଡ୍ ଫିନାଲେ

ଭୁବନେଶ୍ୱର, ୨୫ା୧୨
(ଅସମାପିକା ସାହୁ)

### ପୁନମ୍ ଧୀଲନ ଓ ଦୀପଶିଖା ମୁଖ୍ୟ ଆକର୍ଷଣ

କିଟ୍ ନମ୍ବିପରୀ ଲିଟିଲ୍ ମିସ୍ ଇଣ୍ଡିଆର ୨୩ତମ ସଂସ୍କରଣର ସେମିଫାଇନାଲ୍ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବାବେଳେ ଗ୍ରାଣ୍ଡ ଫିନାଲେ ୨୭ ତାରିଖରେ ହେବ। ଏଥିରେ ବିଭିନ୍ନ ଆଞ୍ଚଳିକ ଅଡିଶନ୍‌ରୁ ମନୋନୀତ ୨୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରୁ ଚୂଡ଼ାନ୍ତ ପର୍ଯ୍ୟାୟରେ ବିଭିନ୍ନ ବିଭାଗରୁ ୧୦ଜଣଙ୍କୁ ମନୋନୀତ କରାଯିବା ସହ ଶ୍ରେଷ୍ଠ ୩ଜଣଙ୍କୁ କିଟ୍ ନମ୍ବିପରୀ ଟାଇଟଲ, ପ୍ରଥମ ରନର୍ସ ଅପ୍ ଓ ଦ୍ୱିତୀୟ ରନର୍ସ ଅପ୍ ଟାଇଟଲ ପ୍ରଦାନ କରାଯିବ। ଗତ ଅଗଷ୍ଟରୁ ନଭେମ୍ବର ପର୍ଯ୍ୟନ୍ତ ଦେଶର ବିଭିନ୍ନ ରାଜ୍ୟରେ ଏଥିପାଇଁ ଆଞ୍ଚଳିକ ଅଡିଶନ୍ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷର ଫିନାଲେରେ ମୁଖ୍ୟ ଆକର୍ଷଣ ଅଛନ୍ତି ବଲିଉଡ ଅଭିନେତ୍ରୀ ପୁନମ୍ ଧୀଲନ୍ ଓ ଦୀପଶିଖା। ଗ୍ରାଣ୍ଡ୍ ଫିନାଲେରେ ସେମାନେ ଅତିଥି ଭାବେ ଯୋଗଦେଇ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବେ। ପ୍ରତିଯୋଗିତାରେ ମୋଟ ୪୧ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରଖାଯାଇଛି। ନମ୍ବିପରୀ ଟାଇଟଲ୍ ବିଜେତାଙ୍କୁ ନଗଦ ୩ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଏଥିସହ ସେ କିଟ୍‌ରେ ପାଠ ପଢ଼ିଲେ ତାଙ୍କର ଶହେ ପ୍ରତିଶତ ଫି' ଛାଡ଼ ଅର୍ଥାତ୍ ସର୍ବାଧିକ ୧୮ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି ଛାଡ଼ ହେବ। ପ୍ରଥମ ରନର୍ସ ଅପ୍‌ଙ୍କୁ ନଗଦ ୧ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବା ସହ ସେ କିଟ୍‌ରେ ପାଠ ପଢ଼ିଲେ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି' ଛାଡ଼ କରାଯିବ। ଦ୍ୱିତୀୟ ରନର୍ସ ଅପ୍ ପାଇଁ ୫୦ ହଜାର ଟଙ୍କା ନଗଦ ଅର୍ଥରାଶି ସହ ପାଠପଢ଼ିଲେ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି ଛାଡ଼ କରାଯିବ। ସେହିପରି ପ୍ରତିଯୋଗିତାର ମିସ୍ ରାପୁଞ୍ଜେଲ୍, ମିସ୍ ଫଟୋଜେନିକ୍, ମିସ୍ ସେଲ୍ଫି (ଫେସ୍‌ବୁକ୍‌ରେ ସର୍ବାଧିକ ଲାଇକ), ମିସ୍ ଫ୍ୟାଶନ ଗାର୍ଲ, ମିସ୍ ୱାଇଜ କିଡ୍, ମିସ୍ ସିଣ୍ଡ୍ରେଲା, ମିସ୍ ଉର୍ବଶୀ, ମିସ୍ କ୍ୟାଟ୍‌ୱାକ୍, ମିସ୍ ମୋନାଲିସା ଏବଂ ମିସ୍ ଆକ୍ଟିଭ୍ ଆଦି ବର୍ଗରେ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଥିବା ପ୍ରତିଯୋଗୀଙ୍କ ପାଇଁ ମଧ୍ୟ ଆର୍ଥିକ ପୁରସ୍କାର ରହିଛି।

# ଉତ୍ସବମୁଖର ହୋଟେଲ ଶିଳ୍ପ

- ଅତିଥିଙ୍କୁ ଆକୃଷ୍ଟ କରିବ ଆକର୍ଷଣୀୟ ଅଫର
- ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ
- ୧୦୦୦କୋଟିର କାରବାର ଆକଳନ

ଭୁବନେଶ୍ୱର,୨୫।୧୨ (ଅଭୟ ଦାଶ)



ପ୍ରତି ବର୍ଷ ଭଳି ଚଳିତ ବର୍ଷର ବଡ଼ଦିନ (ଖ୍ରୀଷ୍ଟମାସ)ଠାରୁ ଆରମ୍ଭ କରି ନବବର୍ଷ (୨୦୨୪ ବର୍ଷ)ର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟର ହୋଟେଲ ଶିଳ୍ପ ଉତ୍ସବ ମୁଖର ହୋଇଉଠିଛି। ଏପରିକି ଉଭୟ ବିଦେଶୀ ଓ ସ୍ୱଦେଶୀ ପର୍ଯ୍ୟଟକଙ୍କ ସହ ସ୍ଥାନୀୟ ଅତିଥିଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପ୍ରକାର ଆକର୍ଷଣୀୟ ଅଫରର ବ୍ୟବସ୍ଥା ମଧ୍ୟ କରାଯାଇଛି। ସେହିଭଳି ଗତବର୍ଷ (୨୦୨୩ ବର୍ଷ) ଅପେକ୍ଷା ଚଳିତ ବର୍ଷ (୨୦୨୪ ବର୍ଷ) ର ନବବର୍ଷର କାରବାର ୧୦୦୦ କୋଟିରୁ ଅଧିକ ହେବ ବୋଲି ଓଡ଼ିଶାର ହୋଟେଲ ଶିଳ୍ପ ସଂଘ ପକ୍ଷରୁ ଆକଳନ କରାଯାଇଛି। ବିଶେଷ ପର୍ଯ୍ୟଟକଙ୍କ ପାଇଁ ବିଶେଷ ସୁବିଧା ଓ ସ୍ୱତନ୍ତ୍ର ପ୍ୟାକେଜ ମଧ୍ୟ ବିଭିନ୍ନ ହୋଟେଲଗୁଡିକ ପକ୍ଷରୁ ଯୋଗାଇ ଦିଆଯାଉଛି। ଫଳରେ ପର୍ଯ୍ୟଟକ ସୁଲଭ ମୂଲ୍ୟରେ ସୁବିଧା ଓ ସୌନ୍ଦର୍ଯ୍ୟର ମୁହୂର୍ତ୍ତକୁ ପରିବାର ଓ ପରିଜନଙ୍କ ସହ ବିତାଇବାକୁ ନିଜ ନିଜ ପସନ୍ଦର ହୋଟେଲରେ ସମୟ ଅତିବାହିତ କରିବାକୁ ଆସୁଛନ୍ତି। ଅପରପକ୍ଷରେ ୨୦୨୩ ବର୍ଷ ଶେଷ ଓ ଖ୍ରୀଷ୍ଟମାସ ସାଙ୍ଗକୁ ନବବର୍ଷ (୨୦୨୪ ବର୍ଷ)ର ବିଶେଷ ଉତ୍ସବକୁ ପାଳନ କରିବା ପାଇଁ ରାଜ୍ୟର ପ୍ରମୁଖ ସହର ତଥା ଭୁବନେଶ୍ୱର, କଟକ, ସମ୍ବଲପୁର, ପୁରୀ , କୋଣାର୍କ, ଅନୁଗୋଳ, ବାଲେଶ୍ୱର, କେନ୍ଦୁଝର, କୋରାପୁଟ ଭଳି ୧୦୦ରୁ ଅଧିକ ଦର୍ଶନୀୟ ଓ ପର୍ଯ୍ୟଟନସ୍ଥଳୀ ନିକଟରେ ଥିବା ମେଫେୟାର ଗ୍ରୁପ୍, ସ୍ୱସ୍ତି ଗ୍ରୁପ୍, ପାଲ୍ ହାଇଟ, ମାରିଅନ, ଆଇଟିସି ଭୁବନେଶ୍ୱର, ତାଜ ବିଭାନ୍ତ, ଟ୍ରାଇଡେଣ୍ଟ, ଜିଞ୍ଜର,ସାଣ୍ଡି ଟାୱାର, ଓଟିଡିସି, ପାନ୍ଥନିବାସ ଏବଂ ରାଜ୍ୟର ୩ ତାରକା ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟଗୁଡିକରେ ବଡ଼ଦିନରୁ ଭିଡ଼ ଆରମ୍ଭ ହୋଇଯାଇଛି। ସେହିପରି ଓଡ଼ିଶା ହୋଟଲ ଶିଳ୍ପ ସଂଘର ସୂଚନା ଅନୁଯାୟୀ ୨୦୨୩ ଡିସେମ୍ବରରୁ ୨୦୨୪ ଜାନୁୟାରୀ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ସାରା ରାଜ୍ୟରେ ବଡ଼ଦିନ ଓ ନବବର୍ଷର ଉତ୍ସବ ଜାରି ରହିବ। ଏହି ପରିପ୍ରେକ୍ଷୀରେ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଶିଳ୍ପ ସହ ଟ୍ରାଭେଲ ଏଜେନ୍ସିଗୁଡିକ ପକ୍ଷରୁ ମଧ୍ୟ ବ୍ୟାପକ ସୁବିଧା ଓ ବ୍ୟବସ୍ଥା ଉଭୟ ଘରୋଇ ଓ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୧୯ ନବବର୍ଷ ପରଠାରୁ ଓଡ଼ିଶାର ସବୁ ବର୍ଗର ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଶିଳ୍ପ କୋଭିଡ୍ କାରଣରୁ ମାନ୍ଦାବସ୍ଥା ଦେଇ ଗତି କରୁଛନ୍ତି। ତଥାପି ଗତ ୨ ବର୍ଷ (୨୦୨୨ .ଏବଂ ୨୦୨୩ ) ହେବ ଶିଳ୍ପରେ ସୁଧାର ଆସିଛି। ୨୦୨୪ ବର୍ଷ ହୋଟଲ ଶିଳ୍ପ ପାଇଁ ନୂଆ ସମ୍ଭାବନା ଓ ଉନ୍ନତ କାରବାର ଆଶା ନେଇ ସବୁ ବର୍ଗର ହୋଟେଲ ଓ ରେଷ୍ଟୁରାଣ୍ଟଗୁଡିକ ପକ୍ଷରୁ ବଡ଼ଦିନ ଓ ନବବର୍ଷ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସାଙ୍ଗକୁ ଡିଜେ ନାଇଟ ଓ ମ୍ୟୁଜିକ କନ୍ସର୍ଟ ସହ ମନୋରଞ୍ଜନର ସ୍ୱତନ୍ତ୍ର ସନ୍ଧ୍ୟାର ମଧ୍ୟ ଆୟୋଜନ କରାଯାଇଛି।

# ଅମ୍ରିତା ବିଶ୍ୱ ବିଦ୍ୟାପୀଠମ୍ ସହ ଆର୍ଏନ୍ଟିବିସିଆଇର ବୁଝାମଣା



ଭୁବନେଶ୍ୱର,୨୫।୧୨

ରେନ୍ଲଟ୍ ନିଶାନ ଟେକ୍ନୋଲୋଜି ଆଣ୍ଡ ବିଜ୍ନେସ୍ ସେଣ୍ଟର ଇଣ୍ଡିଆ (ଆର୍ଏନ୍ଟିବିସିଆଇ) ଏବଂ ଅମ୍ରିତା ବିଶ୍ୱ ବିଦ୍ୟାପୀଠମ (ଏଭିଭି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ପ୍ଲେସ୍‌ମେଣ୍ଟ, ଇଣ୍ଟର୍ନଶିପ, ଇଲେକ୍ଟିଭ କୋର୍ସ, ଜଏଣ୍ଟ ରିସର୍ଚ୍ଚ ପ୍ରୋଗ୍ରାମ ଏବଂ ଦି ଏଷ୍ଟାବ୍ଲିଶ୍‌ମେଣ୍ଟ ଅଫ୍ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଓ ଲ୍ୟାବ୍‌ସ ଆଦି କ୍ଷେତ୍ରରେ ଉଭୟ ସଂସ୍ଥା ମିଳିତ ଭାବେ କାର୍ଯ୍ୟ କରିବେ। ଉଲ୍ଲେଖଯୋଗ୍ୟ, ବିଶ୍ୱବିଦ୍ୟାଳୟର କୋଏମ୍ବାଟୁର କ୍ୟାମ୍ପସଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏକ ଦ୍ୱିପାକ୍ଷିକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଏ ସମ୍ପର୍କରେ ରେନ୍ଲଟ ନିଶାନ ଟେକ୍‌ର ଏମ୍‌ଡି ଦେବାଶିଷ ବିମଳ ପ୍ରକାଶ ନେଓଗୀ କହିଛନ୍ତି, ଆମେ ଏହି ବୁଝାମଣା ପତ୍ରକୁ ନେଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଇଣ୍ଡଷ୍ଟ୍ରି ଓ ଏକାଡେମିକ ସହଭାଗିତା ଆଗାମୀ ଦିନରେ ପରିବର୍ତ୍ତନ ଆଣିବ।

# ଗୋଷ୍ଠୀ ଉନ୍ନୟନ ପ୍ରକଳ୍ପ କରିବ ଏଚ୍‌ସିସିବି

ଭୁବନେଶ୍ୱର,୨୫।୧୨

ହିନ୍ଦୁସ୍ତାନ କୋକାକୋଲା ବେଭରେଜ୍ (ଏଚ୍‌ସିସିବି) ଓ ୱାଇ୪ଡି ଫାଉଣ୍ଡେଶନର ମିଳିତ ସହଯୋଗରେ ଖୋର୍ଦ୍ଧା ଜିଲାର ୯ଟି ଗାଁରେ ପରିବର୍ତ୍ତନଶୀଳ ବିକାଶମୂଳକ ପ୍ରକଳ୍ପ ପାଇଁ ଉଭୟ ସଂସ୍ଥା ବ୍ୟାପକ ଯୋଜନା କରିଛନ୍ତି। ବିଶେଷକରି ପ୍ରାୟ ୩୨,୦୦୦ଲୋକ ଏହା ଜରିଆରେ ବେଶ୍ ଉପକୃତ ହୋଇପାରିବେ। ଏପରିକି କମ୍ପାନୀ ମଧ୍ୟ ବିଭିନ୍ନ ଅପ୍‌କମିଂ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ୨,୭୦୦ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବାକୁ ଏକ ବହୁମୁଖୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବ। ଅପରପକ୍ଷରେ ଖୋର୍ଦ୍ଧା ଜିଲାର ଟାଙ୍ଗୀବସ୍ତି, ବଧା, ଶବରସାହି, ଜେମାଦେଇ, ମୁକୁନ୍ଦପ୍ରସାଦ, ଗୁରୁଜଙ୍ଗ, କୁମାରବସ୍ତ, ତିରୁମଲ ଏବଂ ଭାଲିଆବାଡି ଗ୍ରାମରେ ଗୋଷ୍ଠୀ ଉନ୍ନୟନ ପ୍ରକଳ୍ପଗୁଡ଼ିକ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ସେହିଭଳି ଏହି ପଦକ୍ଷେପ ଦ୍ୱାରା ବାସିନ୍ଦାଙ୍କ ଜୀବନଶୈଳୀରେ ପରିବର୍ତ୍ତନ ସହ ଦୀର୍ଘସ୍ଥାୟୀ ବିକାଶ ଉପରେ ଗୁରୁତ୍ୱାରୋପ କରାଯିବ। ଏ ସମ୍ପର୍କରେ ଜନସମ୍ପର୍କ ବିଭାଗ ମୁଖ୍ୟ, ଯୋଗାଯୋଗ ଏବଂ ଦୀର୍ଘସ୍ଥାୟୀ ଅଧିକାରୀ ହିମାଂଶୁ ପ୍ରିୟଦର୍ଶୀ କହିଥିଲେ, ସାମାଜିକ-ଅର୍ଥନୈତିକ ଦୃଶ୍ୟପଟକୁ ବୃଦ୍ଧି କରିବାରେ ଶିଳ୍ପ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଖୋର୍ଦ୍ଧା ଜିଲାର ଗୋଷ୍ଠୀ ଉନ୍ନୟନ ପଦକ୍ଷେପ ସାମଗ୍ରିକ ଅଭିବୃଦ୍ଧି ପାଇଁ ଆମର ଅଦମ୍ୟ ପ୍ରତିବଦ୍ଧତାକୁ ଦୋହରାଇଛି। ଆମର ମଲ୍ଟି-ଡାଇମେନ୍ସନାଲ ଅପ୍‌ସ୍କିଲିଂ ପ୍ରୋଗ୍ରାମଗୁଡିକ ଆର୍ଥିକ ଏବଂ ଡିଜିଟାଲ କ୍ଷେତ୍ରରେ ଲିଙ୍ଗଗତ ପାର୍ଥକ୍ୟକୁ ଦୂରକରିବା ସହ ଆଜିର ଦ୍ରୁତ ବିକାଶଶୀଳ ବ୍ୟବସାୟରେ ଉତ୍କର୍ଷ ହେବା ପାଇଁ ଯୁବବର୍ଗମାନଙ୍କୁ ଅତ୍ୟାବଶ୍ୟକ ବିକ୍ରୟ ଏବଂ ମାର୍କେଟିଂ ଉପକରଣ ମଧ୍ୟ ଯୋଗାଇବ।

# କଲ୍ୟାଣର ଏଣ୍ଡ ଅଫ୍ ଦି ଇୟର ସେଲ୍‌ସ

ଭୁବନେଶ୍ୱର,୨୫।୧୨




ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ 'କଲ୍ୟାଣ ଜୁଏଲର୍ସ' ପକ୍ଷରୁ କଲ୍ୟାଣର ଏଣ୍ଡ ଅଫ୍ ଦି ଇୟର ସେଲ୍‌ସ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ସେଲ୍‌ସ ୨୦୨୩ ଡିସେମ୍ବର ୩୧ ପର୍ଯ୍ୟନ୍ତ ଦେଶର ସମସ୍ତ କଲ୍ୟାଣ ଜୁଏଲର୍ସ ଷ୍ଟୋରରେ ଉପଲବ୍ଧ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ କଲ୍ୟାଣ ଜୁଏଲର୍ସ ପକ୍ଷରୁ ଏଣ୍ଡ ଅଫ୍ ଦି ଇୟର ସେଲ୍‌ସରେ ଆକର୍ଷଣୀୟ ଅଫରର ଶୁଭାରମ୍ଭ କରାଯାଇଛି। ଏହି ଅଫର ଅନୁସାରେ ଗ୍ରାହକମାନେ ସୁନା ଅଳଙ୍କାରର କ୍ରୟ ଉପରେ ଫ୍ଲାଟ୍ ୫୦% ର ରିହାତି ସର୍ତ୍ତାବଳୀ ଅନୁଯାୟୀ ପାଇପାରିବେ। ଏପରିକି ସମସ୍ତ ସୁନାଗହଣାର ମେକିଂ ଚାର୍ଜ ଉପରେ ଏହି ସ୍ୱତନ୍ତ୍ର ରିହାତି ପ୍ରଯୁଜ୍ୟ ବୋଲି କଲ୍ୟାଣ ଜୁଏଲର୍ସ ପକ୍ଷରୁ କୁହାଯାଇଛି।

























ସୋମବାର ବଡ଼ଦିନ(ଖ୍ରୀଷ୍ଟମାସ) ଅବସରରେ ଭୁବନେଶ୍ୱର ସତ୍ୟନଗରସ୍ଥିତ କ୍ୟାଥଲିକ୍ ଚର୍ଚ୍ଚରେ ପ୍ରଭୁ ଯିଶୁଙ୍କ ନିକଟରେ କ୍ୟାଣ୍ଡେଲ୍ ଜାଳି ପୂଜାର୍ଚ୍ଚନା।



କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ କ୍ୟାଥଲିକ୍ ଚର୍ଚ୍ଚରେ ସୋମବାର ଯୁବତୀଯୁବକମାନେ ସମ୍ମିଳିତ ନୃତ୍ୟ ପରିବେଷଣ କରୁଛନ୍ତି।(ଫଟୋ: ରାଜକିଶୋର ମହାନ୍ତି)



ସତ୍ୟନଗରସ୍ଥିତ କ୍ୟାଥଲିକ୍ ଚର୍ଚ୍ଚରେ ସମବେତ ଶ୍ରଦ୍ଧାଳୁଙ୍କ ପ୍ରାର୍ଥନା। (ଫଟୋ: ବିକାଶ ନାୟକ, ମନୋରଞ୍ଜନ ମିଶ୍ର)

# ଧୁମ୍‌ଧାମ୍‌ରେ ପାଳନ ହେଲା ବଡ଼ଦିନ

ଭୁବନେଶ୍ୱର, ୨୫।୧୨
(ବନ୍ଦନା ସେଠୀ)

ଧରାବତରଣ କରିଛନ୍ତି ପ୍ରଭୁ ଯିଶୁଖ୍ରୀଷ୍ଟ। ଖ୍ରୀଷ୍ଟମାସ୍ ଡେ' ବା ବଡ଼ଦିନ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ମୁଖ୍ୟ ପର୍ବ ହୋଇଥିବାରୁ ଉତ୍ସାହ ଉଦ୍ଦୀପନା ସହ ଏହାକୁ ଧୁମ୍‌ଧାମରେ ପାଳନ କରାଯାଇଛି। ଏଥିପାଇଁ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଚର୍ଚ୍ଚରେ ସ୍ୱତନ୍ତ୍ର ଆୟୋଜନ କରାଯାଇଛି। ଝଲମଲ ଆଲୋକମାଳାରେ ସଜେଇ ହୋଇଛି ସମସ୍ତ ଚର୍ଚ୍ଚ। ଭୁବନେଶ୍ୱର ୟୁନିଟ-୩ ସତ୍ୟନଗରସ୍ଥିତ ଚର୍ଚ୍ଚ ଅଫ୍ ଖ୍ରୀଷ୍ଟ ଚର୍ଚ୍ଚରେ ଶ୍ରଦ୍ଧାଳୁମାନଙ୍କ ସୁରୁଖୁରୁ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ଏବଂ ଅପରାହ୍ନ ୩ଟା ୩୦ରୁ ୬ଟା ୩୦ ପର୍ଯ୍ୟନ୍ତ ପ୍ରାର୍ଥନା କରାଯାଇଥିଲା। ଏହାପରେ ପିଲାମାନଙ୍କ ଦ୍ୱାରା ଗୀତ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରାର୍ଥନା ପରେ ଶ୍ରଦ୍ଧାଳୁଙ୍କୁ ବଡ଼ଦିନ କାହିଁକି ପାଳନ କରାଯାଏ, ଏହାର ମହତ୍ତ୍ୱ କ'ଣ, ମାନବ ସମାଜ ପାଇଁ ଯିଶୁଙ୍କ ଅବଦାନ ସମ୍ପର୍କରେ କୁହାଯାଇଥିବା ଚର୍ଚ୍ଚର ମ୍ୟାନେଜିଂ କମିଟି ସଦସ୍ୟ ଚିନ୍ମୟ ମୁଦୁଲି କହିଛନ୍ତି। ମେଫେୟାରନଗରସ୍ଥିତ ଚର୍ଚ୍ଚ ଅଫ୍ ମାଉଣ୍ଟଜିଅନ୍‌ରେ ମଧ୍ୟ ଧୁମ୍‌ଧାମରେ ବଡ଼ଦିନ ପାଳନ କରାଯାଇଥିଲା। ଏଠାରେ ପୂର୍ବାହ୍ନ ୧୦ଟାରେ ଉଭୟ ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ପ୍ରାର୍ଥନା କରାଯାଇଥିଲା। ଛୋଟ ପିଲାଙ୍କ ଦ୍ୱାରା ଆଧ୍ୟାତ୍ମିକତା ଉପରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ଚର୍ଚ୍ଚର ଫାଦର ଏସ୍. କ୍ୟାଲେସ୍ ସୂଚନା ଦେଇଥିଲେ। ୟୁନିଟ୍-୪ସ୍ଥିତ ୟୁନିୟନ୍ ଚର୍ଚ୍ଚରେ ମଧ୍ୟ ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଥିଲା। ଏଠାରେ ଇଂଲିଶ ଏବଂ ଓଡ଼ିଆରେ ପ୍ରାର୍ଥନା ହୋଇଥିଲା। ଚର୍ଚ୍ଚଗୁଡିକରେ ଶ୍ରଦ୍ଧାଳୁମାନେ କ୍ୟାଣ୍ଡେଲ ଜାଳି ଯିଶୁଙ୍କ ପ୍ରତି ନିଜର ଭକ୍ତି ନିବେଦନ କରିଥିଲେ। ଏଥିସହ ପରସ୍ପରକୁ ବଡ଼ଦିନର ଶୁଭେଚ୍ଛା ଜଣାଇ ପ୍ରଭୁଙ୍କ ପ୍ରେମକୁ ପାଥେୟ କରି ମୁକ୍ତିର ଭାବରେ ନିଜକୁ ଭିଜାଇଥିଲେ।









## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରତୀକ୍ଷାର ଅନ୍ତ ଘଟାଇବା ଲକ୍ଷ୍ୟରେ ଭାରତ

**ସେଞ୍ଚୁରିଅନ୍, ୨୫।୧୨ (ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ମଙ୍ଗଳବାର ଆରମ୍ଭ ହେବାକୁ ଯାଉଛି। ଭାରତୀୟ ଦଳ ୩୧ ବର୍ଷ ହେବ ଦକ୍ଷିଣ ଆଫ୍ରିକାରେ ଗୋଟିଏ ବି ଟେଷ୍ଟ ସିରିଜ୍ ଜିତି ନ ଥିବା ବେଳେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଦଳ ଏହାକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରିବ। ଇନ୍ଦ୍ରଧନୁର ଦେଶ ଦକ୍ଷିଣ ଆଫ୍ରିକା ୧୯୯୨ରେ ଟେଷ୍ଟ ମାନ୍ୟତା ପାଇଥିଲା। ଇତି ମଧ୍ୟରେ ଭାରତ୯ ଥର ଦକ୍ଷିଣ ଆଫ୍ରିକା ଗସ୍ତ କରି ସାରିଛି। ତେବେ ଥରେ ମଧ୍ୟ ଦଳ ସିରିଜ୍ ବିଜୟୀ ହେବାରେ ସମର୍ଥ ହୋଇନାହିଁ। ସୁପର ସ୍ପୋର୍ଟ ପାର୍କରେ ଖେଳା ଯିବାକୁ ଥିବା ଏହି ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦୁଇ ଦିନରେ ପ୍ରବଳ ବର୍ଷା ଆଶଙ୍କା କରା ଯାଇଥିବା ବେଳେ ପେସ୍ ବୋଲରଙ୍କୁ ସହାୟତା ମିଳିବ। ଏପରି ସ୍ଥିତିରେ ଭାରତ ନିଜର ପ୍ରାଇମ ବୋଲର ମହମ୍ମଦ ଶାମିଙ୍କୁ ମିସ୍ କରିବ। ଦିନିକିଆ ବିଶ୍ୱକପର ଫାଇନାଲ ମ୍ୟାଚ୍‌ର ପରାଜୟ ପରେ ପ୍ରଥମ ଥର ପାଇଁ ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ଆକ୍ସନରେ ଦେଖିବାକୁ ମିଳିବ। ଅଧିନାୟକ ଭାବରେ ସଚିନ୍ ତେନ୍ଦୁଲକର(୧୯୯୬) ଓ ମହମ୍ମଦ ଆଝାରୁଦ୍ଦିନ ଗୋଟିଏ ବି ବିଜୟ ହାସଲ କରିପାରି ନଥିଲେ। ଅନ୍ୟ ପକ୍ଷରେ ସୌରଭ ଗାଙ୍ଗୁଲି(୨୦୦୧), ରାହୁଲ ଦ୍ରାବିଡ୍(୨୦୦୬-୦୭), ମହେନ୍ଦ୍ର ସିଂ ଧୋନୀ (୨୦୧୦-୧୧), (୨୦୧୩-୧୪) ଏବଂ ବିରାଟ କୋହଲି(୨୦୧୮-୧୯) ଓ (୨୦୨୧-୨୨)ରେ ଟେଷ୍ଟ ମ୍ୟାଚରେ ବିଜୟ ହାସଲ କରିଥିଲେ ହେଁ ସିରିଜ୍ ବିଜୟରେ ସମର୍ଥ ହୋଇ ନଥିଲେ। ଏହି ଧାରାକୁ ଭାଙ୍ଗିବାକୁ ଚାହିଁବେ ରୋହିତ ଶର୍ମା। ବିଶ୍ୱକପ ପରାଜୟକୁ ଭୁଲି ଭାରତ ସେହି ସଫଳତା ହାସଲ କରିବାକୁ ଚାହିଁବ ଯାହା ପୂର୍ବର କୌଣସି ଦଳ ହାସଲ କରି ପାରି ନାହାନ୍ତି।

ଶୁବମନ ଗିଲ୍ ଓ ଯଶସ୍ୱୀ ଜୟସ୍ୱାଲଙ୍କ ମଧ୍ୟରୁ କିଏ ଓପନ କରିବ ତାହାକୁ ନେଇ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ମିଳି ନାହିଁ।


ନେଟ୍ ସେସନ ଅବସରରେ ରୋହିତ ଶର୍ମା ଓ ଶୁବମନ ଗିଲ୍।

**ଆଜି ପ୍ରଥମ ଟେଷ୍ଟ**
ମ୍ୟାଚ୍ ସ୍ଥାନ: ସୁପରସ୍ପୋର୍ଟ୍ସ ପାର୍କ
ସମୟ: ଅପରାହ୍ନ ୧.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଉଭୟ ଖେଳାଳି ଦ୍ରୁତ ଗତିରେ ରନ୍ ସଂଗ୍ରହ କରୁଥିବା ବେଳେ ସେମାନେ ନିଜ ଖେଳିବା ଶୈଳୀରେ ପରିବର୍ତ୍ତନ କରନ୍ତୁ ନାହିଁ ବୋଲି କହିଛନ୍ତି କୋଚ୍ ରାହୁଲ ଦ୍ରାବିଡ୍। ସେହିପରି ଶ୍ରେୟସ୍ ଆୟର ଓ ଗିଲ୍ ଭାରତୀୟ ଉପ ମହାଦେଶୀୟ ପିଚ୍‌ରେ ଭଲ ବ୍ୟାଟିଂ କରିଥିବା ବେଳେ ଦକ୍ଷିଣ ଆଫ୍ରିକାର ବାଉନ୍ସି ପିଚ୍‌ରେ ଉଭୟଙ୍କ ଉପରେ ନଜର ରହିବ। ସେଞ୍ଚୁରିଅନର ପିଚ୍‌ରେ ସର୍ବଦା ବାଉନ୍ସ ଦେଖିବାକୁ ମିଳିଥାଏ। ବୋଲରଙ୍କ ଭୂସ୍ୱର୍ଗ କୁହାଯାଉଥିବା ପିଚ୍‌ରେ ଶାମିଙ୍କ ପରି ଅନୁଭବୀ ବୋଲରଙ୍କ ଅଭାବ ନିଶ୍ଚୟ ଅନୁଭୂତ ହେବ। ୱେଷ୍ଟଇଣ୍ଡିଜ୍‌ରେ ପଦାର୍ପଣ କରିଥିବା ମୁକେଶ ଏହି ଦଳ ପାଇଁ ଫେଭରିଟ୍। ତେବେ ଦିନିକିଆ ଓ ଟି୨୦ ସିରିଜ୍‌ରେ ମୁକେଶଙ୍କ ବୋଲିଂ ପ୍ରଭାବହୀନ ମନେ ହୋଇଥିଲା। ବେଙ୍ଗଲ ସିମର ୪୦ ରଣଜୀ ଟ୍ରଫି ମ୍ୟାଚ୍‌ରୁ ୧୫୧ ଉଇକେଟ ନେଇଥିବା ବେଳେ ରିଭର୍ସ ସୁଇଂ କରିବାରେ ସମର୍ଥ। ଉଇକେଟ ପିଛା ତାଙ୍କର ଆଭରେଜ ୨୧ ରହିଛି। ତେବେ ପ୍ରସିଦ୍ଧ କ୍ରିଷ୍ଣା ହେଉଛନ୍ତି ହିଟ୍ ଦ ଡେକ୍ ହାର୍ଡ ବୋଲର। ବାଉନ୍ସି ଉଇକେଟ ତାଙ୍କୁ ସାମିଲ କରିବାର ଆଉ ଏକ କାରଣ ହୋଇପାରେ। ଏକମାତ୍ର ଅନ୍ ଅଫିସିଆଲ ଟେଷ୍ଟରେ ମଧ୍ୟ ପ୍ରସିଦ୍ଧ କ୍ରିଷ୍ଣା ଚମତ୍କାର ବୋଲିଂ କରିଥିଲେ। ସେହିପରି ଭାରତ ଉଇକେଟ କିପର ବ୍ୟାଟର ଭାବରେ ରାହୁଲଙ୍କୁ ଖେଳାଇବ କି କେବଳ ବ୍ୟାଟର ରାହୁଲଙ୍କୁ ଖେଳାଇବ ତାକୁ ନେଇ ଏଯାଏ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ସେହିପରି ରବୀନ୍ଦ୍ର ଜାଡେଜାଙ୍କ ତୁଳନାରେ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଦଳରେ ସ୍ଥାନ ମିଳିବ।

ଅନ୍ୟ ପକ୍ଷରେ ଟେମ୍ବା ବଭୁମା, ଡିନ୍ ଏଲଗାର, ଏଡେନ୍ ମାରକ୍ରମ ଓ ଟୋନି ଡି ଜୋର୍ଜିଙ୍କୁ ନେଇ ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ବେଶ ସନ୍ତୁଳିତ ମନେ ହେଉଛି। ଏହା ସହିତ ବୋଲିଂରେ କାଗିସୋ ରାବାଡା, ଜେରାଲ୍ଡ କୋଜି, ମାର୍କୋ ଜାନସେନ୍‌ଙ୍କ ଉପସ୍ଥିତି ଦଳକୁ ଅଧିକ ଶକ୍ତିଶାଳୀ କରିବ। ଟସ୍ ଜିତିବା ଦଳ ପ୍ରଥମେ ବୋଲିଂ ନେବାର ସମ୍ଭାବନା ଅଧିକ।

# ପାୱାର ଇଲେଭେନ ବିଜୟୀ

**ଭୁବନେଶ୍ୱର, ୨୫।୧୨ (ବିଜୟ ରଣା)**

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୪ତମ ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ଅନୁଷ୍ଠିତ ତୃତୀୟ ଲିଗ୍ ମ୍ୟାଚରେ ଭୁବନେଶ୍ୱରର ସମରସେଟ୍ ଇଲେଭେନ ୪୧ ରନରେ ପାୱାର ଇଲେଭେନଠାରୁ ହାରିଯାଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ପାୱାର ଇଲେଭେନ ନିର୍ଦ୍ଧାରିତ ୧୨ ଓଭରରେ ୪ ଉଇକେଟ ୧୬୮ ରନ କରିଥିଲା। ଦଳର ଟପ୍ ସ୍କୋରର ଶିଖର ଦାସ ୫୨ ରନ କରିଥିଲେ। ବିପକ୍ଷ ଦଳର ସଫଳ ବୋଲର ଅଭିନାଶ ରାଉତ ୩୬ରନ ବିନିମୟରେ ୨ ଉଇକେଟ ନେଇଥିଲେ। ଜବାବରେ ସମରସେଟ୍ ଦଳ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୧୨୮ କରିବାରୁ ମ୍ୟାଚ ହାରିଯାଇଥିଲା। ଦଳ ପକ୍ଷରୁ ରାକେଶ ଜେନା ସର୍ବାଧିକ ୩୩ ରନ କରିଥିବା ବେଳେ ବିଜୟୀ ଦଳର ସୁଶାନ୍ତ ସାହୁ ୩୩ ରନ ବିନିମୟରେ ୫ ଉଇକେଟ ନେଇଥିଲେ। ସୁଶାନ୍ତ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୋମବାର ବୁଦ୍ଧ ପ୍ରକାଶ ମହାପାତ୍ର (ଏମ୍‌ଡି ଗୀତାଞ୍ଜଳି ଆୱାର୍ଡ) ମ୍ୟାଚର ମୁଖ୍ୟଅତିଥି ଥିଲେ।

**ସନ୍ତୋଷ ମେମୋରିଆଲ କ୍ରିକେଟ**


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ସୁଶାନ୍ତ।

# ସପ୍ତପୂର୍ଣ୍ଣ, ପ୍ରିୟମ୍ବଦାଙ୍କୁ ଟାଇଟଲ


ଟ୍ରଫି ସହ ବିଜୟୀ ଖେଳାଳି।

**ଭୁବନେଶ୍ୱର, ୨୫।୧୨ (ସରୋଜ ଜେନା)**

**ଅଲ ଓଡ଼ିଶା ପିକଲ ବଲ୍ ଚାମ୍ପିୟନଶିପ୍**

ହାଇୱେ ହୋଣ୍ଡା ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଅଲ ଓଡ଼ିଶା ପିକଲ ବଲ୍ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ୯ଇଭେଣ୍ଟରେ ସମୁଦାୟ ୪୮ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ବାଳକ ସିଙ୍ଗଲ୍ସରେ ସପ୍ତପୂର୍ଣ୍ଣ ଓ ବାଳିକା ବର୍ଗରେ ପ୍ରିୟମ୍ବଦା ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ୧୬ ବର୍ଷରୁ କମ୍ ବାଳକ ସିଙ୍ଗିଲ୍ସ ଇଭେଣ୍ଟରେ ସପ୍ତପୂର୍ଣ୍ଣ ଜେନା ୧୧-୨ ସେଟରେ ପ୍ରତୁଲ ବିନୋଦଙ୍କୁ ପରାସ୍ତ କରିଛନ୍ତି। ୧୬ ବର୍ଷରୁ କମ୍ ବାଳକ ଡବଲ୍ସ ଇଭେଣ୍ଟରେ ବିନାୟକ ବେହେରା ଓ ସୌମ୍ୟ ପି. ନାୟକ ୧୧-୩ରେ ସୋହମ ପଟ୍ଟନାୟକ ଓ ଅର୍ନବ ବରାଳଙ୍କୁ ହରାଇଛନ୍ତି। ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ସପ୍ତପୂର୍ଣ୍ଣ ଜେନା ୧୧-୨ ସେଟରେ ସତ୍ୟଜିତ ଦାସଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ଡବଲ୍ସ ଇଭେଣ୍ଟରେ ସପ୍ତପୂର୍ଣ୍ଣ ଜେନା ଓ ସତ୍ୟଜିତ ଦାସ ୧୧-୩ ସେଟରେ ମଳୟ କୁମାର ପାଣି ଓ ନିର୍ମାୟା ମହାପାତ୍ରଙ୍କୁ ପରାସ୍ତ କରିଛନ୍ତି। ୩୫ବର୍ଷରୁ ଅଧିକ ବୟସ ସିଙ୍ଗଲ୍ସ ବର୍ଗରେ ଅନନ୍ତ ନାୟକ ଓ ଡବଲ୍ସ ବର୍ଗରେ ଅନନ୍ତ ଓ ଆଦିତ୍ୟ ପାତ୍ରଙ୍କ ଯୋଡି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ୪୫ବର୍ଷରୁ ଅଧିକ ବୟସ ସିଙ୍ଗଲ୍ସ ବର୍ଗରେ ମଳୟ କୁମାର ପାଣି ଚାମ୍ପିୟନ ହୋଇଛନ୍ତି। ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ପ୍ରିୟମ୍ବଦା ପାତ୍ର ୧୧-୨ରେ ଅର୍ପିତା ନାୟକଙ୍କୁ ହରାଇ ଟାଇଟଲ ହାସଲ କରିଥିବା ବେଳେ ଡବଲ୍ସରେ ପ୍ରିୟମ୍ବଦା ପାତ୍ର ଓ ଅର୍ପିତା ନାୟକଙ୍କ ଯୋଡି ୧୧-୩ ସେଟରେ ସାନ୍‌ଭି ଦାସ ଓ ଅନୁଷ୍କା ସିଂଙ୍କୁ ପରାସ୍ତ କରିଛନ୍ତି।

# ଜୟଶ୍ରୀ ଭାରତୀୟ କବାଡ଼ି ମହାସଂଘର ଯୁଗ୍ମ ସମ୍ପାଦିକା

**କଟକ, ୨୫।୧୨ (ସୁପ୍ରିୟା ପ୍ରିୟଦର୍ଶିନୀ)**

ଓଡ଼ିଶାର ପ୍ରଥମ ଆନ୍ତର୍ଜାତିକ ମହିଳା କବାଡ଼ି ଖେଳାଳି ଜୟଶ୍ରୀ ସ୍ୱାଇଁ ଭାରତୀୟ କବାଡ଼ି ମହାସଂଘ (ଆମେଚର କବାଡ଼ି ଫେଡେରେଶନ୍ ଅଫ୍ ଇଣ୍ଡିଆ)ର ଯୁଗ୍ମ ସମ୍ପାଦିକା ଭାବେ ନିର୍ଦ୍ଵନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେ ଫେଡେରେଶନ୍‌ର ଏକମାତ୍ର ମହିଳା ପ୍ରାର୍ଥିନୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ଟିକେଟ ନିରୀକ୍ଷିକା ଭାବେ ଚାକିରି କରୁଥିବା ଜୟଶ୍ରୀ ବହୁବର୍ଷ ଧରି ରେଳ ବିଭାଗର ମୁଖ୍ୟ ମହିଳା କବାଡି ପ୍ରଶିକ୍ଷିକା ରହିଥିବା ବେଳେ ଜାତୀୟ ଚୟନ କମିଟି ସଦସ୍ୟା ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ସେ ଓଡ଼ିଶା କବାଡ଼ି ସଂଘର ସହସମ୍ପାଦିକା ରହିଛନ୍ତି। ରାଜ୍ୟ କବାଡ଼ି ସଂଘ ତରଫରୁ ସଭାପତି ଡ. ଶରତ କୁମାର ସାହୁ, ଉପସଭାପତି ପୃଥୀରାଜ ପଟ୍ଟନାୟକ, ସମ୍ପାଦକ ଅଜୟ କୁମାର ବେହେରା, କୋଷାଧ୍ୟକ୍ଷ ବିକ୍ରମ କୁମାର ପ୍ରଧାନ, ଯୁଗ୍ମସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି, ରେଫରି ବୋର୍ଡ ଅଧ୍ୟକ୍ଷ ପଦ୍ମଚରଣ ପ୍ରଧାନ ଓ ଚୟନ କମିଟି ଅଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ବେହେରା ପ୍ରମୁଖଙ୍କ ସହ ରାଜ୍ୟ କବାଡ଼ି ସଂଘର ସମସ୍ତ କର୍ମକର୍ତ୍ତା ଜୟଶ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବନ୍ଧୁତ୍ୱ କପ୍ କ୍ରିକେଟ : ପୋଲିସ ଟିମ୍ ଚାମ୍ପିୟନ

**କଣ୍ଟାପଡ଼ା, ୨୫।୧୨ (ସୁରନାରାୟଣ ସାହୁ)**

ଗୋବିନ୍ଦପୁରସ୍ଥିତ ମେଡିକାଲ ପଡ଼ିଆରେ ଅନୁଷ୍ଠିତ ସୀମିତ ଓଭର ବନ୍ଧୁତ୍ୱ କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଫ୍ରେଣ୍ଡ୍ସ କ୍ଲବକୁ ୩୪ ରନରେ ହରାଇ ପୋଲିସ ଟିମ୍ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂକରି ପୋଲିସ ଟିମ୍ ନିର୍ଦ୍ଧାରିତ ଓଭରରେ ୧ ଉଇକେଟ ବିନିମୟରେ ୧୦୮ ରନ୍ କରିଥିଲା। ଜବାବରେ ଫ୍ରେଣ୍ଡ୍ସ କ୍ଲବ ୭ଉଇକେଟ ହରାଇ ୭୪ ରନ କରିବାକୁ ସକ୍ଷମ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚରେ କଣ୍ଟାପଡ଼ା ପ୍ରେସ୍ ଟିମ୍‌କୁ ହରାଇ ଗୋବିନ୍ଦପୁର-ଓଲଟପୁର ପୋଲିସ ଟିମ୍ ଫାଇନାଲକୁ ସିଧା ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଗୋବିନ୍ଦପୁର ବଜାର କମିଟିକୁ ହରାଇ ଫ୍ରେଣ୍ଡ୍ସ କ୍ଲବ ସେମିରେ ପ୍ରବେଶ କରିଥିଲା। ସେହିପରି ତୃତୀୟ ମ୍ୟାଚରେ ନିଆଳି ପ୍ରେସ୍ ଟିମ୍‌କୁ ହରାଇ କଣ୍ଟାପଡ଼ା ପ୍ରେସ୍ ଟିମ୍ ସେମିରେ ପ୍ରବେଶ କରିଥିଲା। ସେମିଫାଇନାଲରେ କଣ୍ଟାପଡ଼ା ପ୍ରେସ୍ ଟିମ୍‌କୁ ହରାଇ ଫ୍ରେଣ୍ଡ୍ସ କ୍ଲବ ଫାଇନାଲରେ ପ୍ରବେଶ କରିଥିଲା। ବରିଷ୍ଠ ନାଗରିକ ଉପେନ୍ଦ୍ର ପରିଡ଼ା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ବିଜୟୀ ଦଳର ସୁରେଶଙ୍କୁ ପ୍ଲେୟର ଅଫ ଦ ମ୍ୟାଚ ଘୋଷଣା କରାଯାଇଥିଲା। ସଞ୍ଜୟ ରାଉତରାୟ ଓ ଜ୍ଞାନପୂର୍ଣ୍ଣ ବେହେରା ଧାରାବିବରଣୀ ପ୍ରଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।


ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

# ସ୍ପୋର୍ଟ୍ସ ଓଡ଼ିଶାର ସହଜ ବିଜୟ

**ଭୁବନେଶ୍ୱର, ୨୫।୧୨ (ବିଜୟ ରଣା)**

ଚଳିତ ଓଡ଼ିଶା ଓମେନ୍ସ ଲିଗ୍‌ରେ ସୋମବାର ଭୁବନେଶ୍ୱରସ୍ଥିତ ୟୁନିଟ୍-୧ ଫୁଟ୍‌ବଲ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ୭-୦ ଗୋଲ୍‌ରେ ଆର୍ଡୋର ଫୁଟ୍‌ବଲ ଏକାଡେମୀକୁ ହରାଇ ଦେଇଛି। ବିଜୟୀ ଦଳ ପ୍ରଥମାର୍ଦ୍ଧରେ ୫ଟି ଏବଂ ଦ୍ୱିତୀୟାର୍ଦ୍ଧରେ ଦୁଇଟି ଗୋଲ୍ ସ୍କୋର କରିଛି। ସସ୍ମିତା ଅମଙ୍ଗା (୩ୟ, ୨୨ତମ ଓ ୯୦ତମ ମିନିଟ) ତିନୋଟି ଗୋଲ୍ ସ୍କୋର କରିଥିବା ବେଳେ ରୂପଶ୍ରୀ ମୁଣ୍ଡା (୮ମ ଓ ୭୧ତମ) ଦୁଇଟି ଗୋଲ୍ ଦେଇଥିଲେ। ସୁହାସିନୀ ମହାକୁଲ (୧୭ତମ) ଓ ବାସନ୍ତୀ ଖେସ୍ (୨୫ତମ) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ। ଚୌଦ୍ୱାରସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ନୀତା ଫୁଟ୍‌ବଲ ଏକାଡେମୀ ୨-୦ ଗୋଲ୍‌ରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବକୁ ପରାସ୍ତ କରିଛି।

# ଭାରତୀୟ ମହିଳା ଦଳରେ ୪ ନୂଆ ମୁହଁ

**ନୂଆଦିଲ୍ଲୀ, ୨୫।୧୨ (ପି.ଟି.):** ଅଷ୍ଟ୍ରେଲିଆ ବିପକ୍ଷ ସୀମିତ ଓଭର ସିରିଜ ପାଇଁ ଭାରତୀୟ ମହିଳା କ୍ରିକେଟ ଦଳ ଘୋଷଣା କରାଯାଇଛି। ଦିନିକିଆ ଦଳରେ ୪ ନୂଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଶ୍ରେୟଙ୍କା ପାଟିଲ, ମନତ କାଶ୍ୟପ ସାଇକା ଇସାକ୍ ଓ ତିତାସ ସାଧୁ। ଭାରତୀୟ ମହିଳା ଦଳ ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଅନ୍ତର୍ଜାତୀୟ ଟି୨୦ ଖେଳିବ। ପ୍ରଥମ ଦିନିକିଆ ଡିସେମ୍ବର ୨୮ରେ ମୁମ୍ବାଇସ୍ଥିତ ୱାଙ୍ଖଡେ ଷ୍ଟାଡିୟମରେ ଖେଳାଯିବ। ପଟିଆଲାରେ ଜନ୍ମ ଗ୍ରହଣ କରିଥିବା ବାମହାତୀ ସ୍ପିନର ୨୦ ବର୍ଷୀୟା କାଶ୍ୟପ ପୂର୍ବରୁ ଇଂଲଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିଲେ ମଧ୍ୟ ଖେଳିବାର ସୁଯୋଗ ମିଳି ନ ଥିଲା। ଶ୍ରେୟଙ୍କା କିନ୍ତୁ ଚଳିତ ମାସ ପ୍ରାରମ୍ଭରେ ଇଂଲଣ୍ଡ ବିପକ୍ଷରେ ତାଙ୍କ ଅନ୍ତର୍ଜାତୀୟ ଟି୨୦ ପଦାର୍ପଣ କରିଥିଲେ। ତାଙ୍କୁ ପ୍ରଥମଥର ଦିନିକିଆ ଦଳରେ ସ୍ଥାନ ମିଳିଛି। ହିଥର ନାଇଟ୍‌ଙ୍କ ମହିଳା ଦଳ ବିପକ୍ଷରେ ଶ୍ରେୟଙ୍କା ୩ ମ୍ୟାଚ ଖେଳିଥିଲେ। ସିରିଜର ଅନ୍ତିମ ତଥା ଚୂଡ଼ାନ୍ତ ଟି୨୦ ମ୍ୟାଚ୍‌ରେ ଶ୍ରେୟଙ୍କା ୫ ଉଇକେଟ ଅକ୍ତିଆର କରି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। କାଶ୍ୟପ ଫେବୃୟାରୀରେ ୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଅଂଶବିଶେଷ ଥିଲେ। ତିତାସ ସାଧୁ ମଧ୍ୟ ଏହି ଦଳରେ ସ୍ଥାନ ପାଇଥିଲେ।


# Classified Everyday
0674-2580101, 2549949



REAL ESTATE

**SALE**

ପାହାଳ **Utkal Iconic** ନିକଟରୁ **500mtr.** ଦୂରତାରେ **yellowzone gharabari plot** ସମସ୍ତ ପ୍ରକାର ସୁବିଧା ଥାଇ ବିକ୍ରି ହେବ। **6370469894.** D-75286

Duplex sale at Bhubaneswar @57 lakhs only. Contact- 9777433701. D-75284

ଗୃହପଯୋଗୀ ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ ମୌଜାରେ ୩୦ଫୁଟ୍ ରୋଡ୍ ଓ ଇଲେକ୍ଟ୍ରି ଥାଇ ସୁଲଭ ଦରରେ ମିଳୁଛି। 8658219495. D-2093

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grand Bazar NH-16**ରୁ **1K.M.** ଏବଂ **Sum-2 Hospital**ରୁ **2K.M.** ମଧ୍ୟରେ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ କିଣନ୍ତୁ। **9658562429.** D-75287

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75083

**Relax, Refresh your body, Mind at Saikrupa Spa with best therapies. 8984068077.** D-2080

Newly open Jyoti Spa positively health benefits (Expert Therapist). 8458067955. D-75179

Newly open Spa positively health benefit with expert. Contact: 7749976301. D-2073

Spa Kerala body Massage best Therapist @ 699/- Bhubaneswar. Kajal- 9337672475. D-2097

New year special @ 1499 body Polishing/ Hammam/ Scrub/ Redwine. 9938843929. D-75180

**AFFIDAVIT**

By the virtue of an affidavit dt.21.12.2023 before the Court of Executive Magistrate, Balangir, I, Smita Dash, W/o- Pradipta Kumar Acharya, At- Kantabania, P.O.- Gambharidihi, P.S.- Sarankul, Dist.- Nayagarh have changed my name from 'Smita Dash Acharya' to 'Smita Dash' for all future purposes. D-2106

I, RASMITA VAIDYA, M/O- DEVANSH PRASAD, Son born on 01.10.2016 residing at At/ P.O.- Kamakhyanagar, P.S.- Kamakhyanagar Dist.- Dhenkanal, Odisha-759018 have changed my minor son's name to DEVANSH VAIDYA vide affidavit dated 23.11.2023 at Bhubaneswar. D-2107

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

**Ph.D. Award in Physics**



Ipsita Mohanty has been awarded Ph.D. Degree in Physics from KIIT Deemed to be University, Bhubaneswar on 23.12.2023. She has conducted her research with the title "DEGRADATION AND DEFECT MECHANISM OF METAL-HALIDE PEROVSKITE THIN FILMS: EXPERIMENTAL AND THEORETICAL STUDIES", under the supervision of Dr. Sutanu Mangal and Prof. Udai P. Singh. Her thesis has been examined by Prof. M. S. Dhaka from M. S. University, Udaipur. Dr. Ipsita Mohanty is daughter of Trilochan Mohanty, Ragini Mohanty and grand daughter-in-law of Dr. Sudhir Chandra Mohanty. She is very thankful to her entire family including her parents, grandparents, in-laws and husband Seetal Mohanty for their constant support and encouragement.
ଧ-୬୫୯୩୬

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଅନନ୍ୟା

**ଆଉ ମାତ୍ର ଦିନ କେଇଟାରେ ଆମ ଗହଣରୁ ବିଦାୟନେବ ବର୍ଷ ୨୦୨୩। ଏହି ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଅନେକ ମହିଳା ନିଜକୁ ଅନନ୍ୟ ପ୍ରମାଣିତ କରିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ସମ୍ପର୍କରେ...**


ନିର୍ମଳା ସୀତାରାମନ

## ମିସ୍ ଗ୍ଲୋବାଲ ଏସିଆ ପାସିଫିକ୍

ମିସ୍ ଗ୍ଲୋବାଲ ଏସିଆ ପାସିଫିକ୍ ୨୦୨୩ ମୁକୁଟ ପିନ୍ଧିଲେ ରେବତୀ ମହାନ୍ତି। ସେ ହେଉଛନ୍ତି କିଟ୍ ବିଶ୍ୱବିଦ୍ୟାଳୟର ଫ୍ୟାଶନ ଡିଜାଇନିଂ ବିଭାଗର ଛାତ୍ରୀ । ମାଲେସିଆର ମେଲ୍‌କାଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ୮ଟି ଦେଶରୁ ୧୮ଜଣ ପ୍ରତିଯୋଗୀ ଯୋଗଦେଇଥିଲେ ଏବଂ ଏଥିରେ ରେବତୀ ଟାଇଟଲ ହାସଲ କରିବାର ସୁଯୋଗ ପାଇଛନ୍ତି।


ରେବତୀ ମହାନ୍ତି

## ମିସ୍ ଟିନ୍ ୟୁନିଭର୍ସ ଇଣ୍ଡିଆ

ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ 'ନ୍ୟାଶନାଲ ପାଜେଣ୍ଟ ଅଫ୍ ମିସ୍ ଟିନ୍ ଦିବା' ପ୍ରତିଯୋଗିତାରେ ତ୍ରିଷ୍ଣା ରାୟ 'ମିସ୍ ଟିନ୍ ୟୁନିଭର୍ସ ଇଣ୍ଡିଆ' ଟାଇଟଲ ହାସଲ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ଫ୍ୟାଶନ ସ୍କୁଲ ଛାତ୍ରୀ ତ୍ରିଷ୍ଣା ଏହି ପ୍ରତିଯୋଗିତାରେ ବିଭିନ୍ନ ପର୍ଯ୍ୟାୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ବିଉଟି ୱିଥ୍ ବ୍ରେନ୍‌ସ, ରାମ୍ପ ୱାକ୍ ,ସ୍ୱିଚ୍ ରାଉଣ୍ଡ ଓ 'ମିସ୍ ଟିନ୍ ଇଣ୍ଡିଆ ଇଷ୍ଟ' ଆଦି ପର୍ଯ୍ୟାୟରେ ଶ୍ରେଷ୍ଠ ପ୍ରଦର୍ଶନକରି ଶେଷରେ ସେ ଏହି ଟାଇଟଲ ହାସଲ କରିଛନ୍ତି।

## ମୁଖ୍ୟ ଦାୟିତ୍ୱ

– ଭାରତୀୟ ସେନାରେ ଯୁଦ୍ଧଜାହାଜରେ ପ୍ରଥମ ଥର ପାଇଁ ମହିଳା କମାଣ୍ଡର ହୋଇଛନ୍ତି ପ୍ରେରଣା ଦେଓସ୍ଥଲୀ। ଯୁଦ୍ଧଜାହାଜ ଆଇଏନ୍‌ଏସ୍ ଚେନ୍ନାଇର ସେ ଲ୍ୟୁଟ୍‌ନାଣ୍ଟ ଦାୟିତ୍ୱରେ ଅଛନ୍ତି।

– ବାୟୁସେନାରେ ପ୍ରଥମ ଥର ପାଇଁ ମିଶାଇଲ ସ୍କ୍ୱାଡ୍ରନ୍‌ର ଦାୟିତ୍ୱ ତୁଲାଇଛନ୍ତି ଗ୍ରୁପ୍ କ୍ୟାପଟେନ୍ ଶାଲିଜା ଧାମି। ୨୦୧୯ ମସିହାରେ ସେ ଫ୍ଲାଇଟ୍ କମାଣ୍ଡର ପଦବୀକୁ ଉନ୍ନୀତ ହୋଇଥିଲେ।


ଶାଲିଜା ଧାମି

## ଚନ୍ଦ୍ରୟାନ ମିଶନ


ଡ. ରିତୁ କାରିଧଲ ଶ୍ରୀବାସ୍ତବ

ଚନ୍ଦ୍ରୟାନ–୩ ମିଶନକୁ ସଫଳ କରି ଇତିହାସ ସୃଷ୍ଟି କରିବା କ୍ଷେତ୍ରରେ ଏଥର ଭାରତୀୟ ମହିଳା ବୈଜ୍ଞାନିକଙ୍କ ଯୋଗଦାନ ବେଶ୍ ଉଲ୍ଲେଖନୀୟ ଥିଲା। ଏହି ମିଶନରେ ଇସ୍ରୋରେ ବିଭିନ୍ନ ବିଭାଗରେ କାମ କରିଥିଲେ ମୋଟ ୫୪ ଜଣ ମହିଳା ବୈଜ୍ଞାନିକ ଓ ଇଞ୍ଜିନିୟର। ସେମାନଙ୍କ ମଧ୍ୟରେ ଡେପୁଟି ଅପରେସନ୍ ଡାଇରେକ୍ଟର ଡ. ରିତୁ କାରିଧଲ ଶ୍ରୀବାସ୍ତବ, କଳ୍ପନା କେ., ବନିଥା ମୁଥୟା, ନନ୍ଦିନୀ ହରିନାଥ, ଅନୁରାଧା ଟି.କେ ଆଦି ବୈଜ୍ଞାନିକ ଅନ୍ୟତମ। ଏହି ମହିଳା ବୈଜ୍ଞାନିକମାନଙ୍କର ସକ୍ରିୟ ଯୋଗଦାନ ଓ ଅକ୍ଲାନ୍ତ ପରିଶ୍ରମ ମିଶନକୁ ସଫଳ କରିବାରେ ସାହାଯ୍ୟ କରିଥିଲା।

## ମିସ୍ ଇଣ୍ଡିଆ

ରାଜସ୍ଥାନର ୧୯ବର୍ଷୀୟା ନନ୍ଦିନୀ ଗୁପ୍ତା ୨୦୨୩ ବର୍ଷ ପାଇଁ ଫେମିନା ମିସ୍ ଇଣ୍ଡିଆ ମୁକୁଟ ଜିତିଛନ୍ତି। ଦିଲ୍ଲୀର ଶ୍ରେୟା ପୁଞ୍ଜା ପ୍ରଥମ ରନର୍ସ ଅପ୍ ହୋଇଥିବା ବେଳେ ମଣିପୁରର ଥୋଉନା ଓଜାମ୍ ଷ୍ଟ୍ରେଲା ଲୁୱାଙ୍ଗ ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ମଣିପୁର ଇମ୍ଫାଲା ଇନ୍‌ଡୋର ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜ୍‌ନେସ୍ ମ୍ୟାନେଜମେଣ୍ଟ ଡିଗ୍ରୀ ହାସଲ କରିଥିବା ନନ୍ଦିନୀଙ୍କର ବିଭିନ୍ନ ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବାରେ ଉତ୍ସର୍ଗୀକୃତ ଉଦ୍ୟମ ପାଇଁ ସେ ମିସ୍ ଇଣ୍ଡିଆ ମୁକୁଟ ଜିତିବାରେ ସଫଳ ହୋଇଛନ୍ତି।


ପ୍ରେରଣା ଦେଓସ୍ଥଲୀ

## ବେଷ୍ଟ ଆକ୍ଟ୍ରେସ୍ ଭାବେ ଓସ୍କାର ପାଇଲେ ମିଚେଲ ୟୋହ



ଚଳିତ ବର୍ଷ ବେଷ୍ଟ ଆକ୍ଟ୍ରେସ୍ ଭାବେ ଓସ୍କାର ପାଇଛନ୍ତି ମିଚେଲ ୟୋହ। ସେ ହେଉଛନ୍ତି ଏହି ପୁରସ୍କାର ପାଇଥିବା ପ୍ରଥମ ଏସୀୟ ଅଭିନେତ୍ରୀ। ମାଲେସିଆରେ ଜନ୍ମଗ୍ରହଣ କରିଥିବା ମିଚେଲ 'ଏଭ୍ରିଥିଙ୍ଗ୍ ଏଭ୍ରିହ୍ୱେର୍ ଅଲ୍ ଆଟ୍ ୱାନ୍ସ' ଫିଲ୍ମରେ ଚମତ୍କାର ଅଭିନୟ ପାଇଁ ଓସ୍କାର ପାଇ ସମଗ୍ର ଏସିଆ ପାଇଁ ଗୌରବ ଆଣି ଦେଇଛନ୍ତି।

# ଫୋର୍ବସ ତାଲିକାରେ ଭାରତୀୟ ମହିଳା


ସୋମା ମଣ୍ଡଳ

– ଭାଜପା ନେତ୍ରୀ ତଥା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏ ବର୍ଷ ମଧ୍ୟ ଫୋର୍ବସ ମାଗାଜିନ୍‌ରେ ବିଶ୍ୱର ସବୁଠୁ ଶକ୍ତିଶାଳୀ ମହିଳାଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ସୀତାରାମନ ୨୦୧୭ରୁ ୨୦୧୯ ପର୍ଯ୍ୟନ୍ତ ଭାରତର ପ୍ରତିରକ୍ଷା ମନ୍ତ୍ରୀଭାବେ ଦାୟିତ୍ୱ ତୁଲାଇଛନ୍ତି। ୨୦୧୯ରୁ ସେ କେନ୍ଦ୍ର ଅର୍ଥମନ୍ତ୍ରୀଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଫୋର୍ବସ ମାଗାଜିନ୍‌ରେ ସେ ୩୨ତମ ସ୍ଥାନରେ ଅଛନ୍ତି।

– ଭାରତର ଅନ୍ୟତମ ଧନୀ ମହିଳାଭାବେ ଫୋର୍ବସ ମାଗାଜିନ୍‌ରେ ୪୨ତମ ସ୍ଥାନରେ ଅଛନ୍ତି ରୋଶନୀ ନାଦାର। ଭାରତରେ ଆଇଟି କମ୍ପାନୀକୁ ସଫଳତାର ସହ ଆଗକୁ ନେଇ ସେ ତାଙ୍କ ଦକ୍ଷତାର ପରିଚୟ ଦେଇପାରିଛନ୍ତି।

– ସେହିପରି ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆର ମୁଖ୍ୟଭାବେ ଦାୟିତ୍ୱ ନିର୍ବାହ କରୁଥିବା ସୋମା ମଣ୍ଡଳ ଏହି ତାଲିକାର ୭୦ ତମ ସ୍ଥାନରେ ଅଛନ୍ତି। ପ୍ରଥମ ଥର ଏହି ପଦବୀରେ ମହିଳାଭାବେ ୨୦୨୧ ଜାନୁୟାରୀରୁ ସେ ଏହି ପଦବୀରେ ରହିଛନ୍ତି।


କିରଣ ମଜୁମଦାର ଶ

– ଭାରତୀୟ ଧନୀ ବ୍ୟବସାୟୀ କିରଣ ମଜୁମଦାର ଶ ଏ ବର୍ଷ ଫୋର୍ବସ ତାଲିକାର ୭୮ତମ ସ୍ଥାନରେ ଅଛନ୍ତି।

## ମିସ୍ କୁଇନ୍ ଅଫ୍ ଏସିଆ ଟାଇଟଲ ଜିତିଲେ ରାଉରକେଲା ଝିଅ



ଏସିଆ ସୁନ୍ଦରୀ ପ୍ରତିଯୋଗିତାରେ ଭାଗନେଇ ରାଉରକେଲା ସେକ୍ଟର–୪ ଅଞ୍ଚଳର ଡି.ପୂଜା ମିସ୍ କୁଇନ୍ ଅଫ୍ ଏସିଆ ଟାଇଟଲ ଜିତି ସୁନ୍ଦରଗଡ଼ ଜିଲା ତଥା ରାଉରକେଲା ପାଇଁ ଗୌରବ ଆଣିଛନ୍ତି। ବମ୍ବେର ଅନ୍ଧେରୀ ଇଷ୍ଟରେ ମିସ୍ କୁଇନ୍ ଅଫ୍ ଏସିଆ ଟାଇଟଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଏସିଆର ବିଭିନ୍ନ ଦେଶରୁ ଆସିଥିବା ୪୦ଜଣ ପ୍ରତିଯୋଗୀଙ୍କୁ ପରାସ୍ତକରି ସେ ଏହି ଟାଇଟଲ ଅର୍ଜନ କରିଥିଲେ । ଏହା ପୂର୍ବରୁ ସେ ଭୁବନେଶ୍ୱରରେ ଆୟୋଜିତ ମିସ୍ ଭୁବନେଶ୍ୱର,ମିସ୍ ପଶ୍ଚିମାଞ୍ଚଳ,ଗ୍ଲୋରି ଅଫ୍ ଇଣ୍ଡିଆ ,ଗ୍ଲୋରି ଅପ୍ ଚାର୍ମିଂ, ମିସ୍ କଳିଙ୍ଗ ଟାଇଟଲ ଜିତିଥିଲେ।

## ସିଆଚେନ୍‌ରେ ପ୍ରଥମ ମହିଳା ମେଡିକାଲ ଅଫିସର

କ୍ୟାପ୍‌ଟେନ୍ ଫାତିମା ୱାଶିମ୍ ପୃଥିବୀର ସର୍ବୋଚ୍ଚ ଗ୍ଲେସିୟର(୧୫୨୦୦ ଫୁଟ) ସିଆଚେନ୍‌ରେ ପ୍ରଥମ ମହିଳା ମେଡିକାଲ ଅଫିସର ଭାବେ ଯୋଗଦେଇ ଇତିହାସ ସୃଷ୍ଟି କରିଛନ୍ତି। ସେ ପୂର୍ବରୁ ଭାରତୀୟ ସେନାର ଫାୟାର ଆଣ୍ଡ ଫ୍ୟୁରି ବିଭାଗରେ କାର୍ଯ୍ୟରତ ଥିଲେ। ସିଆଚେନ୍ ବ୍ୟାଟେଲ ସ୍କୁଲରେ ତାଲିମ ଗ୍ରହଣ କରିବା ପରେ ସେ ସିଆଚେନ୍‌ରେ ନିଯୁକ୍ତ ହୋଇଛନ୍ତି।

## ନର୍ଗିସଙ୍କୁ ଶାନ୍ତି ପାଇଁ ନୋବେଲ

ଇରାନ୍‌ର ୫୧ ବର୍ଷୀୟା ମହିଳା ନର୍ଗିସ ମହମ୍ମଦିଙ୍କୁ ଚଳିତ ବର୍ଷ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି । ଗତ ୧୨ବର୍ଷ ଧରି ଜେଲରେ ରହି ମଧ୍ୟ ସେ ନିଜ ଦେଶରେ ମହିଳାମାନଙ୍କ ଅଧିକାର ଲାଗି ଲଢ଼େଇ କରିଆସୁଥିଲେ। ନୋବେଲ ଶାନ୍ତି ପୁରସ୍କାର ପାଇବାରେ ସେ ହେଉଛନ୍ତି ୧୯ତମ ମହିଳା ଓ ଇରାନ୍‌ର ଦ୍ୱିତୀୟ ମହିଳା। ଇରାନ୍‌ରେ ହିଜାବ୍ ବିରୋଧରେ ଚାଲିଥିବା ଦୀର୍ଘ ଆନ୍ଦୋଳନର ଜଣେ ପ୍ରମୁଖ ନାରୀବାଦୀ ନେତ୍ରୀ ହିସାବରେ ଜଣାଶୁଣା।


ନର୍ଗିସ ମହମ୍ମଦି


ଫାତିମା ୱାଶିମ୍


ରୋଶନୀ ନାଦାର



ନନ୍ଦିନୀ ଗୁପ୍ତା

ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୬/୨୦୨୩ Bhubaneswar, Tuesday, December 26/ 2023

# ପଏଣ୍ଟ ଖାତା ଖୋଲିଲା ଗୁଜରାଟ



ଗୁଜରାଟ ଜାଏଣ୍ଟ୍ସ ଓ ରାଜସ୍ଥାନ ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍। (ଫଟୋ: ରାଜକିଶୋର ମହାନ୍ତି)

**ଭୁବନେଶ୍ୱର,୨୫।୧୨**
**(ସରୋଜ ଜେନା)**

କଟକ ସ୍ଥିତ ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ରେ ପ୍ରଥମ ବିଜୟ ହାସଲ କରିଛି ଗୁଜରାଟ ଜାଏଣ୍ଟ୍ସ। ସୋମବାର ସନ୍ଧ୍ୟାରେ ଖେଳା ଯାଇଥିବା ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନ ୱାରିୟର୍ସକୁ ଦଳ ୪୧-୩୦ ପଏଣ୍ଟରେ ପରାସ୍ତ କରିଛି। ରାଜସ୍ଥାନର ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ପ୍ରଥମ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ନିକଟରୁ ଏହା ୩୫-୨୭ରେ ପରାଜିତ ହୋଇଥିଲା।

**ଅଲ୍‌ଟିମେଟ୍ ଖୋ ଖୋ**

ରାଜସ୍ଥାନର ସୌରଭ ଗଡଗେ ସର୍ବାଧିକ ୮ ପଏଣ୍ଟ ସ୍କୋର କରିଥିବା ବେଳେ ଗୁଜରାଟର ଶୁଭମ ଥୋରାଟ ୨.୨୩ ମିନିଟ ଡିଫେଣ୍ଡ କରିଥିଲେ। ସୋମବାର ସନ୍ଧ୍ୟାର ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ କ୍ୱିକ୍ ଗନ୍ସ ୩୮-୩୨ ପଏଣ୍ଟରେ ତେଲୁଗୁ ଯୋଦ୍ଧାସକୁ ପରାସ୍ତ କରିଛି। ଦ୍ୱିତୀୟ ଦିନର ଖେଳ ଶେଷ ପରେ ଗୁଜରାଟ ଜାଏଣ୍ଟ୍ସ ପ୍ରଥମ ସ୍ଥାନରେ ରହିଛି। ଓଡ଼ିଶା ଜଗରନଟ୍ସ ସମାନ ୩ ପଏଣ୍ଟ ପାଇଥିଲେ ମଧ୍ୟ ଟ୍ୟାକେଲ ବ୍ୟବଧାନରେ ଦଳ ପଛରେ ରହିଛି।

ମଙ୍ଗଳବାର ମୁମ୍ବାଇ ଖିଲାଡିଜ୍ ଓ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳାଯିବ। ସେହିପରି ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ଓ ଚେନ୍ନାଇ କ୍ୱିକ୍ ଗନ୍ସ ଦ୍ୱିତୀୟ ମ୍ୟାଚ୍‌ରେ ମୁହାଁମୁହିଁ ହେବେ।

# ଆଜି ପଞ୍ଜାବ ଏଫ୍‌ସିକୁ ଭେଟିବ ଓଏଫ୍‌ସି

**ଭୁବନେଶ୍ୱର,୨୫।୧୨**
**(ସରୋଜ ଜେନା)**

ପ୍ରଥମ ଥର ଇଣ୍ଡିଆନ୍ ସୁପର ଲିଗ୍ ଖେଳୁଥିବା ପଞ୍ଜାବ ଏଫ୍‌ସିକୁ ମଙ୍ଗଳବାର ଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଭେଟିବ ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ପଞ୍ଜାବ ନିଜର ଅନ୍ତିମ ମ୍ୟାଚ୍‌ରେ ଚେନ୍ନାଇନ୍ ଏଫ୍‌ସିକୁ ପରାସ୍ତ କରିଥିବା ବେଳେ ଏହା ବେଶ୍ ଆତ୍ମବିଶ୍ୱାସରେ ନଜର ଆସିବ। ଓଏଫ୍‌ସି ନିଜର ଅନ୍ତିମ ମ୍ୟାଚ୍‌ରେ ଇଷ୍ଟବେଙ୍ଗଲ ସହିତ ପଏଣ୍ଟ ବାଣ୍ଟିଥିଲା। ନିଖିଲ ପ୍ରଭୁଙ୍କ ପ୍ରତ୍ୟାବର୍ତ୍ତନ ସହିତ ପଞ୍ଜାବର ଡିଫେନ୍ସ ଅଧିକ ଶକ୍ତିଶାଳୀ ହୋଇଛି। ଓଏଫ୍‌ସିର ଆକ୍ରମଣ ବେଶ୍ ଶକ୍ତିଶାଳୀ ରହିଥିବା ବେଳେ ମଙ୍ଗଳବାର ଏକ ରୋମାଞ୍ଚକ ମ୍ୟାଚ୍ ଆଶା କରାଯାଏ। ଓଏଫ୍‌ସି କ୍ରମାଗତ ୯ଟି ମ୍ୟାଚ୍ ଧରି ଅପରାଜେୟ ରହିଛି। ଦଳ ନିଜର ଅପରାଜେୟ ଧାରା ବଜାୟ ରଖିବାକୁ ପ୍ରୟାସ କରିବ। ୧୦ ମ୍ୟାଚ୍ ଖେଳି ଓଏଫ୍‌ସି ୧୮ ପଏଣ୍ଟ ସହିତ ପଞ୍ଚମ ସ୍ଥାନରେ ରହିଛି।

ଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ସାହିଲ ପନୱର ଯୋଗ ଦେଇଥିଲେ। ସମସ୍ତ ଖେଳାଳିଙ୍କ ପ୍ରଦର୍ଶନକୁ ନେଇ ମୁଖ୍ୟ କୋଚ୍ ଲୋବେରା ସନ୍ତୋଷ ପ୍ରକାଶ କରିଥିଲେ। ଉନ୍ନତ ମାନର ଫୁଟବଲ ଖେଳିବା ଉପରେ ସମସ୍ତ ଖେଳାଳି ଗୁରୁତ୍ୱ ଦେଉଥିବା ବେଳେ ଏହା ତାଙ୍କୁ ଖୁସି ଦେଉଛି ବୋଲି କହିଥିଲେ ଲୋବେରା। ଅନ୍ୟପକ୍ଷରେ ପଞ୍ଜାବ ଏଫ୍‌ସିର ଏହା ପ୍ରଥମ ବର୍ଷ ଅଟେ। ପ୍ରଥମ ବର୍ଷ ଟୁର୍ନାମେଣ୍ଟରେ ସର୍ବଦା କଷ୍ଟସାଧ୍ୟ ରହିଥାଏ। ଏହି ମ୍ୟାଚ୍‌ରୁ ୩ ପଏଣ୍ଟ ନେବାକୁ ଚେଷ୍ଟା କରିବୁ ବୋଲି ଲୋବେରା ଦୃଢୋକ୍ତି ପ୍ରକାଶ କରିଥିଲେ।

## ବ୍ରାଜିଲକୁ ବାସନ୍ଦ ଧମକ

**ରିଓ ଡି ଜେନେରୋ, ୨୫।୧୨ (ପି.ଟି.):** ବ୍ରାଜିଲକୁ ବାସନ୍ଦ କରିବାକୁ ଧମକ ଦେଇଛି ଫିଫା। ବ୍ରାଜିଲ ଫୁଟବଲ ସଂଘର ସଭାପତି ନ ଥିବାରୁ ଜାନୁୟାରୀ ସୁଦ୍ଧା ନୂତନ ନିଯୁକ୍ତି ପାଇଁ ଫିଫା ପକ୍ଷରୁ ଚିଠି ଲେଖାଯାଇଛି। ଡିସେମ୍ବର ୭ ତାରିଖରେ ସିବିଏଫ୍‌ର ସଭାପତି ଏଡଲାଣ୍ଡୋ ରୋଡ୍ରିଗୁଏଜଙ୍କୁ କୋର୍ଟ ବରଖାସ୍ତ କରିଥିଲେ। ଜାନୁୟାରୀ ସୁଦ୍ଧା ନିର୍ବାଚନ କରାଇ ନୂତନ ସଭାପତି ନିଯୁକ୍ତ ନ କଲେ ବାସନ୍ଦ କରିବାକୁ ଫିଫା ଧମକ ଦେଇଛି।







Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S.K. Hero, Ph: 9289922900, Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736,
Authorized Herosure Dealers: Bhubaneshwar: Arundhati Motobikes, Ph: 7682841658, Rourkela: Dua Motors, Ph: 6372753989.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ